ବର୍ଷ-୫୫ : ସଂଖ୍ୟା-୨ ଫେବ୍ରୁଆରୀ, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଫେବ୍ରୁଆରୀ, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ଅଗ୍ରଗତିର ଆନନ୍ଦ | ··· | ଶ୍ରୀମା | ··· | ୮ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ନବମ ପରିଚ୍ଛେଦ) ସଭ୍ୟତା ଓ ସଂସ୍କୃତି | ··· | ଶେଖ ଅବଦୁଲ କାଶମ | ··· | ୯ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୭) | ··· | ··· | ··· | ୧୪ |
| କେତେକ ପ୍ରଶ୍ନର ଉତ୍ତରରେ | ··· | ରାମକୃଷ୍ଣ ଦାସ | ··· | ୧୮ |
| ପ୍ରପତ୍ତି : ଏକ ମିତ୍ର ଓ ନେତା | ··· | ଛୋଟେ ନାରାୟଣ ଶର୍ମା | ··· | ୨୦ |
| ଶିବ (କବିତା) | ··· | ଶ୍ରୀଅରବିନ୍ଦ | ··· | ୨୩ |
| ଅବତାର (କବିତା) | ··· | ସନ୍ତୋଷ ରଥ | ··· | ୨୪ |
| ପୂର୍ଣ୍ଣାଙ୍ଗ ଶିକ୍ଷାର ଚତୁର୍ବିଧ ଅଙ୍ଗ | ··· | ପ୍ରପତ୍ତି | ··· | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୮୨) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୩୦ |
| ଦ୍ୱୀପାନ୍ତରର କଥା (ଷଷ୍ଠ ପରିଚ୍ଛେଦ) ଉପେନ୍‌ର କଥା – ଧର୍ମଘଟ (୩) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୩୪ |
| ନୂତନ ଶିକ୍ଷାର ଆହ୍ୱାନ (୫) | ··· | ଗୟାଧର ଦାଶ | ··· | ୩୬ |
| ବିଶାଳର କରାମତି | ··· | ମନୋଜ ଦାସ | ··· | ୩୯ |
| ସୁନିଲ-ଦା' (୯) | ··· | ··· | ··· | ୪୧ |
| ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଉ କୋଚିଂ | ··· | ପ୍ରସାଦ ତ୍ରିପାଠୀ | ··· | ୪୫ |
| କହ ମୋତେ ଥରେ (କବିତା) | ··· | ନିମାଇଁ ପଟ୍ଟନାୟକ | ··· | ୪୭ |
| ଜାହାଜ-ଡୁବି | ··· | ମନୋଜ ଦାସ | ··· | ୪୮ |
| ବୃକ୍ଷ ଅନ୍ତରର ଭାଷା | ··· | ବନମାଳୀ ଆଚାର୍ଯ୍ୟ | ··· | ୫୧ |
| ରାମରାଜ୍ୟର ମୋତି | ··· | ରମଣଲାଲ ସୋନି | ··· | ୫୪ |
| ଜନ୍ମାନ୍ତର ପ୍ରହେଳିକା (ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ··· | ··· | ··· | ୫୭ |



❖

# ପ୍ରାର୍ଥନା

ହେ ପ୍ରଭୁ, ତୁମେହିଁ ମୋର ଆଶ୍ରୟ ଏବଂ ମୋ ପାଇଁ ଆଶୀର୍ବାଦ, ମୋର ବଳ, ମୋର ସ୍ୱାସ୍ଥ୍ୟ, ମୋର ଆଶା ଏବଂ ମୋର ସାହସ । ତୁମେହିଁ ଅଟ ପରମ **ଶାନ୍ତି**, ଅବିମିଶ୍ର **ଆନନ୍ଦ**, ପରିପୂର୍ଣ୍ଣ **ସ୍ଥୈର୍ଯ୍ୟ** । ଏକ ଅପରିମେୟ କୃତଜ୍ଞତା ଏବଂ ଅବିଚ୍ଛିନ୍ନ ଆରାଧନା ଯୋଗେ ମୋର ସମଗ୍ର ସତ୍ତା ତୁମ ଆଗରେ ପ୍ରଣତ; ଏବଂ ସେ ଆରାଧନା ଭାରତବର୍ଷର ଧୂପ-ମହକ ନିଃସୃତ ନିର୍ମଳ ଧୂମ ଭଳି ମୋ ହୃଦୟ ଓ ମନରୁ ତୁମ ଅଭିମୁଖେ ହୁଏ ଊର୍ଦ୍ଧ୍ୱାୟିତ ।

ମାନବସମୂହ ଭିତରେ ମୋତେ ହେବାକୁ ଦିଅ ତୁମ ବାର୍ତ୍ତାବହ, ଯାହା ଫଳରେ ଯେଉଁମାନେ ପ୍ରସ୍ତୁତ ସେମାନେ ତୁମ ଅସୀମ କରୁଣାରୁ ତୁମେ ମୋତେ ପ୍ରଦାନ କରିଥିବା ଦିବ୍ୟ ସୁଖ ଆସ୍ୱାଦନ କରିପାରିବେ, ଏବଂ ପୃଥିବୀରେ ତୁମ ଶାନ୍ତି ରାଜୁତି କରିବାକୁ ଦେବେ ।

ଫେବ୍ରୁଆରୀ ୮, ୧୯୧୩ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

The Mother is the consciousness and force of the Divine – or it may be said, she is the Divine in its consciousness-force. The Iswara as Lord of the cosmos does come out of the Mother who takes her place beside him as the cosmic Shakti – the cosmic Iswara is one aspect of the Divine.

(SABCL, Vol. 25, p. 65) – Sri Aurobindo

ମା' ହେଉଛନ୍ତି ଭଗବାନଙ୍କ ଚେତନା ଓ ଶକ୍ତି – ଅଥବା କୁହାଯାଇପାରେ, ମା ହେଉଛନ୍ତି ଚିତ୍‌ଶକ୍ତି ସ୍ୱରୂପରେ ସ୍ୱୟଂ ଭଗବାନ୍ । ବିଶ୍ୱର ଅଧୀଶ୍ୱର ରୂପେ ଈଶ୍ୱର ମା'ଙ୍କ ଠାରୁହିଁ ଆସିଥା'ନ୍ତି, ଯିଏକି (ମା) ବିଶ୍ୱ **ଶକ୍ତି** ରୂପେ ଈଶ୍ୱରଙ୍କ ପାର୍ଶ୍ୱରେ ନିଜର ଆସନ ଗ୍ରହଣ କରିଥା'ନ୍ତି – ବିଶ୍ୱଗତ **ଈଶ୍ୱର** ହେଉଛନ୍ତି ଭଗବାନଙ୍କର ଏକ ବିଭାବ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

**(୨)**

**ଶ୍ରୀଅରବିନ୍ଦ**

On peaks imagination cannot tread,
In the horizons of a tireless sight,
Under a blue veil of eternity
The splendours of ideal Mind were seen
Outstretched across the boundaries
of things known.

କଳ୍ପନାର ଅପହଞ୍ଚ ଶିଖରାବଳୀରେ, ଏକ କ୍ଳାନ୍ତିହୀନ ଦୃଷ୍ଟିର ଦିଗ୍‌ବଳୟଗୁଡ଼ିକରେ, ଶାଶ୍ୱତର ସୁନୀଳ ଅବଗୁଣ୍ଠନ ତଳେ ଆଦର୍ଶ ମାନସର ଐଶ୍ୱର୍ଯ୍ୟରାଶି ଜ୍ଞାତ ବସ୍ତୁମାନଙ୍କର ସୀମାନ୍ତ ସେପାରିରେ ବିସ୍ତୃତ ହୋଇ ରହିଥିବାର ଦେଖାଗଲା ।

Origin of the little that we are,
Instinct with the endless more that we must be,
A prop of all that human strength enacts,
Creator of hopes by earth unrealised,
It spreads beyond the expanding universe;
It wings beyond the boundaries of Dream,
It overtops the ceiling of life's soar.

ଆମେ ସ୍ୱଳ୍ପ ଯାହାକିଛି ଅଟୁ, ତାହାର ଉତ୍ସ ସିଏ, ଯେତେସବୁ ଅନ୍ତହୀନ ଅଧିକ ଆମେ ଯାହା ଅବଶ୍ୟ ହୋଇଉଠିବା, ତହିଁରେ ସେ ପରିପ୍ଳୁତ, ମାନବୀୟ ସାମର୍ଥ୍ୟ ଯେଉଁସବୁ କର୍ମ ସମ୍ପାଦନ କରେ, ତାହାର ସେ ଅବଲମ୍ବନ, ପୃଥିବୀର ଅନୁପଲବ୍ଧ ଆଶାଚୟର ସେ ସ୍ରଷ୍ଟା, ବିସ୍ତାରଶୀଳ ବିଶ୍ୱକୁ ଅତିକ୍ରମ କରି ତାହା ପ୍ରସରି ଯାଉଥାଏ; ସ୍ୱପ୍ନର ସୀମାରେଖାଗୁଡ଼ିକୁ ଡେଇଁ ସେ ଉଡ଼ିଯାଏ, ଜୀବନର ଊର୍ଦ୍ଧ୍ୱାୟନର ତୁଙ୍ଗ ଶୀର୍ଷ ଟପି ସେ ଚାଲିଯାଏ ।

Awake in a luminous sphere unbound by Thought,
Exposed to omniscient immensities,
It casts on our world its great crowned
influences,
Its speed that outstrips
the ambling of the hours,
Its force that strides invincibly through Time,
Its mights that bridge the gulf
twixt man and God,
Its lights that combat Ignorance and Death.

ଭାବନାରେ ଅନାବଦ୍ଧ ଏକ ଜ୍ୟୋତିର୍ମୟ ମଣ୍ଡଳରେ ଜାଗରିତ ସେ, ସର୍ବଜ୍ଞାନମୟ ବିପୁଳତା ସକଳ ପ୍ରତି ଉନ୍ମୁକ୍ତ, ଆମର ଜଗତ୍ ଉପରେ ସେ ବିକୀର୍ଣ୍ଣ କରୁଥାଏ ମହିମାମଣ୍ଡିତ ତା'ର ପ୍ରଭାବରାଶି, ତାହାର ବେଗ ଯାହା ମୁହୂର୍ତ୍ତମାନଙ୍କର ଧୀରମନ୍ଥର ଗତିକୁ ଲଂଘି ଚାଲିଥାଏ, ତାହାର ଶୌର୍ଯ୍ୟ ଯାହା ଅପରାଜେୟ ଭାବରେ କାଳ ଭିତର ଦେଇ ଦୀର୍ଘ ପଦକ୍ଷେପ ପକାଇ ଗତି କରୁଥାଏ, ତାହାର ବିକ୍ରମ ରାଜି ଯାହା ମନୁଷ୍ୟ ଓ ଈଶ୍ୱରଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ସେତୁବଦ୍ଧ କରେ, ତାହାର ଆଲୋକମାଳା ଯାହା ଅଜ୍ଞାନତା ଓ ମୃତ୍ୟୁ ସହିତ ଥାଏ ସଂଗ୍ରାମରତ ।

In its vast ambit of ideal Space
Where beauty and mightiness
walk hand in hand,
The Spirit's truths take form as living Gods
And each can build a world in its own right.

ତା'ର ଆଦର୍ଶ ମହାବ୍ୟୋମର ବିଶାଳ ପରିସର ଭିତରେ ଯେଉଁଠି ସୁଷମା ଓ ପରାକ୍ରମ ପରସ୍ପର ହାତ ଧରି ଚାଲୁଥା'ନ୍ତି, ଚିନ୍ମୟଙ୍କର ସତ୍ୟସକଳ ସେଠାରେ ପରିଗ୍ରହଣ କରନ୍ତି ଜୀବନ୍ତ ଦେବତାଙ୍କର ରୂପ ଏବଂ ପ୍ରତ୍ୟେକ ନିଜସ୍ୱ ଅଧିକାର ବଳରେ ଗଢ଼ି ତୋଳି ପାରନ୍ତି ଗୋଟିଏ ଗୋଟିଏ ଜଗତ୍ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଅଗ୍ରଗତିର ଆନନ୍ଦ

## ଶ୍ରୀମା

### ଅଗ୍ରଗତିର ଆନନ୍ଦ

ଅଗ୍ରଗତି ପାଇଁ ସଂକଳ୍ପ ଏବଂ ଆତ୍ମ-ଶୁଦ୍ଧୀକରଣହିଁ ଅଗ୍ନି ପ୍ରଜ୍ୱଳନ କରେ । ଅଗ୍ରଗତି ପାଇଁ ସଂକଳ୍ପ । ଯେଉଁମାନଙ୍କର ଥାଏ ଏକ ଦୃଢ଼ ସଂକଳ୍ପ, ଯେତେବେଳେ ସେମାନେ ଏହାକୁ ଆଧ୍ୟାତ୍ମିକ ଅଗ୍ରଗତି ଏବଂ ଶୁଦ୍ଧୀକରଣ ଦିଗରେ ମୁହାଁଇ ଦିଅନ୍ତି, ସେତେବେଳେ ସ୍ୱତଃ ସେମାନଙ୍କ ଅନ୍ତରାଗ୍ନି ପ୍ରଜ୍ୱଳିତ ହୁଏ ।

ସେତେବେଳେ ତୁମ ପ୍ରକୃତିର ଯେକୌଣସି ତ୍ରୁଟିକୁ ଯଦି ତୁମେ ସଂଶୋଧନ କରିବାକୁ ଚାହଁ, କିଂବା ତୁମେ ଯଦି ପ୍ରତି ପଦକ୍ଷେପରେ ଯେଉଁସବୁ ଅଗ୍ରଗତି କରିବାକୁ ଚାହଁ — ସେସବୁକୁ ଯଦି ତୁମର ସେହି ଅନ୍ତରାଗ୍ନିରେ ନିକ୍ଷେପ କର, ତେବେ ତାହା ଏକ ନୂତନ ତେଜଃରେ ଜଳି ଉଠେ । ଏବଂ ମୁଁ ଏହାକୁ ଏକ ଉପମା ଦେଲା ଭଳି କହୁ ନାହିଁ, ଏହା ସୂକ୍ଷ୍ମ ଜଡ଼ ସ୍ତରରେ ଏକ ବାସ୍ତବତା ବୋଲି ଜାଣିବ । ଜଣେ ଏହି ଅଗ୍ନିର ଉତ୍ତାପକୁ ମଧ୍ୟ ଅନୁଭବ କରି ପାରିବ, ଜଣେ ତା'ର ସୂକ୍ଷ୍ମଶରୀରରେ ଏହି ଅଗ୍ନିର ଆଲୋକକୁ ମଧ୍ୟ ଦେଖି ପାରିବ । ଏବଂ ଯଦି ପ୍ରକୃତି ଭିତରେ ଏପରି କିଛି ଥାଏ ଯାହା ତୁମ ଅଗ୍ରଗତିରେ ବାଧା ଦେଉଥାଏ, ଏବଂ ସେହି ତ୍ରୁଟି-ବିଚ୍ୟୁତିଗୁଡ଼ିକୁ ଯଦି ତୁମେ ସେଇ ଅଗ୍ନିରେ ନିକ୍ଷେପ କରିଛ, ତେବେ ଦେଖିବ ଏହା ମଧ୍ୟ ଜଳିବାକୁ ଆରମ୍ଭ କରିଛି ଏବଂ ସେ ଅଗ୍ନିର ଶିଖା ଆହୁରି ପ୍ରଜ୍ୱଳିତ ହୋଇ ଉଠିଛି ।

... ଯେତେବେଳେ ଅସୁବିଧାଟି ତୁମ ଅହଂକାରଗତ କିଂବା ବ୍ୟକ୍ତିଗତ ହୋଇଥାଏ, ଯଦି ତୁମେ ତାକୁ ତାଙ୍କ ପାଇଁ ଏକ ଆହୁତିରେ ପରିଣତ କର ଏବଂ ଏହି ପାବନକାରୀ ଅଗ୍ନିରେ ତାକୁ ନିକ୍ଷେପ କର, ସେତେବେଳେ ତୁମେ ସଙ୍ଗେ ସଙ୍ଗେ ଅଗ୍ରଗତିର ଆନନ୍ଦ ମଧ୍ୟ ଅନୁଭବ କରିବ । ଯଦି ଜଣେ ଏହା ନିଷ୍ଠାର ସହିତ କରେ, ସେତେବେଳେ ସଙ୍ଗେ ସଙ୍ଗେ ତା' ଭିତରେ ଏକ ଆନନ୍ଦ ଉଲ୍ଲାସର ଉତ୍ସ ଖୋଲିଯାଏ ।

### ଅଧୈର୍ଯ୍ୟ ନ ହୋଇ ଆସ୍ପୃହା କର

ଖୁବ୍ ନିବିଡ଼ ଭାବେ ଆସ୍ପୃହାକର, କିନ୍ତୁ ଅଧୈର୍ଯ୍ୟ ହୁଅନା । ଏଇଟାହିଁ କଥା । ଜଣେ ସେହି ଅବସ୍ଥାରେ ରହିବା ଉଚିତ ।

ଏବଂ ବହୁକାଳ ପର୍ଯ୍ୟନ୍ତ, ଦୀର୍ଘ କାଳ ପର୍ଯ୍ୟନ୍ତ ଜଣକୁ ତା'ର ଅନ୍ତରର ଫଳାଫଳକୁ ନେଇ ସନ୍ତୁଷ୍ଟ ରହିବାକୁ ପଡ଼ିବ, ଅର୍ଥାତ୍, ତୁମର ବ୍ୟକ୍ତିଗତ ଓ ନିଜସ୍ୱ ପ୍ରତିକ୍ରିୟାର ଫଳାଫଳରେ, ବାହ୍ୟ ଜଗତ୍ ସହିତ ତୁମର ଆନ୍ତର ସଂସର୍ଗରେ — ତୁମେ ଆଦୌ ଆଗତୁରା କିଛି ଗୋଟାଏ ଭଲ ପରିବର୍ତ୍ତନ ଶୀଘ୍ର ଘଟିଯାଉ ବୋଲି ପ୍ରତ୍ୟାଶା କରି ବସିବ ନାହିଁ । କାରଣ ଆମର ଏହି ତ୍ୱରାନ୍ୱିତ ପ୍ରତ୍ୟାଶା ସବୁକିଛିକୁ ପୁଣି ବିଳମ୍ବ କରିଦିଏ ।

ଯଦି କଥାଟି ଏପରି ହୋଇଥାଏ, ତେବେ ତାହା ଏହିପରିହିଁ ହେବ ।

ଆମେମାନେ — ଅର୍ଥାତ୍ ମଣିଷମାନେ — ବଡ଼ ନିଗୃହୀତ ଭାବେ ବଞ୍ଚୁଥା'ନ୍ତି । ଏହା ସେମାନଙ୍କ ଜୀବନର କ୍ଷଣସ୍ଥାୟିତ୍ୱ ସମ୍ବନ୍ଧେ ଏକ ଅର୍ଦ୍ଧ-ଜାଗୃତି ଭଳି; ସେମାନେ ଏ ବିଷୟରେ ଚିନ୍ତା କରନ୍ତି ନାହିଁ, କିନ୍ତୁ ଅର୍ଦ୍ଧ-ଚେତନାବସ୍ଥାରେ ସେମାନେ ଏହା ଅନୁଭବ କରୁଥା'ନ୍ତି । ଏବଂ ସେଥିଯୋଗୁଁ ସେମାନେ ସବୁବେଳେ ଚାହୁଁଥା'ନ୍ତି — ଶୀଘ୍ର, ଶୀଘ୍ର — ଗୋଟିଏ କଥାରୁ ଆଉ ଗୋଟିଏ କଥା ଆଡ଼କୁ ଦଉଡ଼ି ଯାଉଥା'ନ୍ତି, ସେମାନେ ପ୍ରତ୍ୟେକ କଥାକୁ ତା'ର ଶାଶ୍ୱତ ସ୍ଥିତିରେ ବଞ୍ଚିବାକୁ ଦେବା ପରିବର୍ତ୍ତେ, ଗୋଟିଏ କାମକୁ ଚଟାପଟ୍ ସାରି ଦେଇ ଆଉ ଗୋଟିଏ କାମରେ ଲାଗି ପଡୁଥା'ନ୍ତି । ସେମାନେ ସର୍ବଦା ଚାହୁଁଥା'ନ୍ତି : (ଅସ୍ଥିର ଉଦ୍‌ବେଗରେ) — ଆଗକୁ ଚାଲ, ଆଗକୁ, ଆଗକୁ ... ଆଉ କାର୍ଯ୍ୟଟି ବିଗିଡ଼ି ଯାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ନବମ ପରିଚ୍ଛେଦ)

## ସଭ୍ୟତା ଓ ସଂସ୍କୃତି

**ଶେଖ ଅବଦୁଲ କାଶମ**

ବିବର୍ତ୍ତନ ଶକ୍ତିର ଚାପ ଫଳରେ ନିଶ୍ଚେତନା ଗର୍ଭରୁ ଜଡ଼ର ଉଦ୍ଭବ ହୋଇଛି । ଜଡ଼ ଭିତରେ ପ୍ରାଣ ସଂବୃତ ହୋଇ ରହିଥିବାରୁ ବିଶ୍ୱପ୍ରକୃତି ଜଡ଼ ମଧ୍ୟରୁ ପ୍ରାଣର ବିକାଶ ଘଟାଇଛି । ସେହିପରି ପ୍ରାଣ ମଧ୍ୟ ତା' ଭିତରେ ସଂବୃତ ଥିବା ମନକୁ ବିକଶିତ କରିଛି । ମନ ପ୍ରାଥମିକ ଅବସ୍ଥାରେ ଅଳ୍ପ ବିକଶିତ ଓ ଅଶୋଧିତ ହୋଇ ରହିଥିଲା । ତାହା ଅଧିକ ବିକଶିତ ହେବା ପରେ ନିଜ ସାମର୍ଥ୍ୟ ଅନୁଯାୟୀ ଜଡ଼ ଓ ପ୍ରାଣ ସମ୍ପର୍କରେ ଯଥାସମ୍ଭବ ଜ୍ଞାନ ଲାଭ କଲା । ମନର ଅଧିକ ବିକଶିତ ଭାଗ ହେଉଛି ବୁଦ୍ଧିଯୁକ୍ତ ଇଚ୍ଛାଶକ୍ତି (intelligent will) । ଏହି ବୁଦ୍ଧିଯୁକ୍ତ ଇଚ୍ଛାଶକ୍ତି ଜଡ଼, ପ୍ରାଣ ଓ ମନ ଭିତରେ କେଉଁ ଶକ୍ତି, ସାମର୍ଥ୍ୟ ଓ ସମ୍ଭାବନା ରହିଛି, ସେଗୁଡ଼ିକ କେଉଁ ସ୍ୱଭାବ ଓ ବିଧାନ ଅନୁସାରେ କାର୍ଯ୍ୟ କରନ୍ତି ତାହା ଜାଣିବାକୁ ପ୍ରୟାସ କରେ । ଏହା ଫଳରେ ସେଗୁଡ଼ିକୁ ଅଧିକ ଫଳପ୍ରଦ ଓ ସୁସଂହତ ଭାବରେ ଉପଯୋଗ କରାଯାଇ ପାରେ । ପୃଥିବୀରେ ସକଳ ପ୍ରାଣୀଙ୍କ ମଧ୍ୟରେ ମନୁଷ୍ୟହିଁ ଏହି ବୁଦ୍ଧିଯୁକ୍ତ ଇଚ୍ଛାଶକ୍ତିର ଅଧିକାରୀ । ଏହାର କ୍ରିୟା ଦ୍ୱାରା ମନ, ପ୍ରାଣ ଓ ଜଡ଼ ସେମାନଙ୍କର ଉଚ୍ଚତମ ସମ୍ଭାବନାକୁ ସିଦ୍ଧ କରିବା ପାଇଁ ସମର୍ଥ ହୋଇ ପାରିବେ । ଏହି ଚତୁର୍ଥ ପର୍ଯ୍ୟାୟ(ବୁଦ୍ଧିଯୁକ୍ତ ଇଚ୍ଛା)ରେହିଁ ପ୍ରକୃତି ମାନବ ସ୍ତରରେ ଆସି ଉପନୀତ ହୁଏ । ଯାହା ଜଡ଼ବସ୍ତୁ, ଉଦ୍ଭିଦ ଓ ଇତରପ୍ରାଣୀ କରିପାରନ୍ତି ନାହିଁ, ତାହା ମନୁଷ୍ୟ ବା ମନୋମୟ ସତ୍ତା ସାଧ କରିପାରେ । ଅର୍ଥାତ୍, ଜଡ଼, ପ୍ରାଣ ଓ ମନ ଉପରେ ନିୟନ୍ତ୍ରଣ ରଖିବା, ସେଗୁଡ଼ିକୁ ସୁସଂଗଠିତ କରିବା ଏବଂ ଆତ୍ମଜ୍ଞାନ ସାହାଯ୍ୟରେ ସେଗୁଡ଼ିକର ଯଥାର୍ଥ ଉପଯୋଗ କରିବା, ଏହା ମନୁଷ୍ୟ ପକ୍ଷରେହିଁ ସମ୍ଭବ ।

ସଭ୍ୟତାର ପ୍ରାଥମିକ ପର୍ଯ୍ୟାୟରେ ଯେତେବେଳେ ବୁଦ୍ଧିର ବକାଶ ଘଟି ନଥାଏ ସେତେବେଳେ ମନୁଷ୍ୟ ତା'ର ଶରୀର ଓ ପ୍ରାଣ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଅନୁଲିପ୍ତ ହୋଇ ଜୀବନ ବଞ୍ଚିଥାଏ । ତା'ର ବୁଦ୍ଧି ଓ ମାନସ ଶକ୍ତି ଯେତିକି ଯେତିକି ବୃଦ୍ଧି ଲାଭ କରେ ସେ ତଦନୁସାରେ ସେଇ ଲିପ୍ତତାରୁ ନିଜକୁ ମୁକ୍ତ କରିପାରେ, ମାତ୍ର ସେ ଯେତେ ଉଚ୍ଚତର ମାନସିକ ଓ ଆଧ୍ୟାତ୍ମିକ ଲକ୍ଷ୍ୟ ଆଡ଼କୁ ଯିବାକୁ ସମର୍ଥ ହେଲେ ମଧ୍ୟ ତାକୁ ପୁନର୍ବାର ସେଇ ପ୍ରାଣ ଓ ଜଡ଼ଗତ ମୂଳ ଆଡ଼କୁ ଫେରି ଆସିବାକୁ ହୋଇଥାଏ । ଏହି ପ୍ରତ୍ୟାବର୍ତ୍ତନ ମନୁଷ୍ୟର ଅଗ୍ରଗତି ଓ ଆତ୍ମ-ପରିପୂର୍ଣ୍ଣତାର ପ୍ରୟାସକୁ ଉତ୍ପ୍ରେରିତ କରିଥାଏ ।

ମନୁଷ୍ୟ ଏକ ମନୋମୟ ସତ୍ତା ହୋଇଥିବାରୁ ତା'ର ପ୍ରଥମ ଲକ୍ଷ୍ୟ ହେବା ଉଚିତ ମାନସିକ ବୃତ୍ତିସକଳର ବିକାଶ ସାଧନ । ମାନସିକ ଜୀବନର ସମୃଦ୍ଧି ନିମନ୍ତେ ସେ ତା'ର ସମସ୍ତ ସମୟ ଓ ଶକ୍ତି ବିନିଯୋଗ କରିବା ଉଚିତ । ଜ୍ଞାନ, ବିଜ୍ଞାନ, କଳା, ସାହିତ୍ୟ, ଦର୍ଶନ, ନୀତିଶାସ୍ତ୍ର, ଧର୍ମ ଇତ୍ୟାଦି କ୍ଷେତ୍ରରେ ସେ ତା'ର ମାନସିକ ବୃତ୍ତି ଓ ସାମର୍ଥ୍ୟକୁ ଉପଯୋଗ କରିବା ଆବଶ୍ୟକ । ଜୀବନ ଧାରଣ କହିଲେ କେବଳ ଜନ୍ମ ହେବା, ବଢ଼ିବା, ବିବାହ କରିବା, ଜୀବିକାର୍ଜନ କରିବା, ପରିବାର ପୋଷଣ କରିବା ଏବଂ ପରିଶେଷରେ ମୃତ୍ୟୁବରଣ କରିବାକୁ ବୁଝାଏ ନାହିଁ । କେବଳ ପଶୁସ୍ତରୀୟ ଜୀବନର ପୁନରାବୃତ୍ତି କରିବାକୁ ମନୁଷ୍ୟ ଜୀବନ ଉଦ୍ଦିଷ୍ଟ ନୁହେଁ । ମନୁଷ୍ୟ ନିଜ ଭିତରେ ଥିବା ଜ୍ଞାନ ଓ ମାନସିକ ସାମର୍ଥ୍ୟକୁ ନିଜ ଜୀବନର ସର୍ବାଙ୍ଗୀଣ ସମୃଦ୍ଧି ସହିତ ସମାଜର ଉନ୍ନତି ଦିଗରେ ମଧ୍ୟ ଉପଯୋଗ କରିବ । ଏଥିରେହିଁ ତା'ର ମନୁଷ୍ୟତ୍ୱ ନିହିତ ।

ପରମା ପ୍ରକୃତି ମନୁଷ୍ୟ ମଧ୍ୟଦେଇ ଦୁଇଟି ଉଦ୍ଦେଶ୍ୟ ସାଧନ କରିବାକୁ ଚାହେଁ । ପ୍ରଥମତଃ, ମନୁଷ୍ୟ ପ୍ରକୃତି ପାଖରୁ ନିୟନ୍ତ୍ରଣ କରିବାର ଓ ସୃଷ୍ଟି କରିବାର ଶିକ୍ଷା ଗ୍ରହଣ କରୁ । ସେ ତା'ର ମନୋଗତ ଅସ୍ତିତ୍ୱକୁ ନୂତନ ରୂପରେ ଓ ଅଧିକ ଭଲ ଭାବରେ ସୃଷ୍ଟି କରୁ । ଦ୍ୱିତୀୟତଃ, ସେ ତା'ର ପରିବେଶଟିକୁ ମଧ୍ୟ ଆପଣା ନିୟନ୍ତ୍ରଣରେ ରଖୁ ଏବଂ ତାକୁ ନୂତନ ରୂପରେ ସୃଷ୍ଟି କରୁ । ମନୁଷ୍ୟ ଆପଣାର ମନୋଗତ ଅସ୍ତିତ୍ୱର ବିକାଶ ସାଧନ କରିବା ସଙ୍ଗେ ସଙ୍ଗେ ଶରୀର ଓ ପ୍ରାଣର ମଧ୍ୟ ବିକାଶ ସାଧନ ଲାଗି ଉଦ୍‌ଯୋଗୀ ହେବା ଉଚିତ ।

ମନୁଷ୍ୟ ତା'ର ମନୋଗତ ସମ୍ପଦକୁ ନେଇ ଚିରଦିନ

ସନ୍ତୁଷ୍ଟ ହୋଇ ରହିପାରିବ ନାହିଁ । ସେ ନିଜର ମନୋମୟ ସୀମାଟିକୁ ପାର ହୋଇ ଏକ ଊର୍ଦ୍ଧ୍ୱତର ଚେତନା ମଧ୍ୟରେ ବି ପ୍ରବେଶ କରିପାରିବ । ଏହା ହୁଏତ ତା' ପକ୍ଷରେ ସହଜ ହେବ ନାହିଁ । ମାତ୍ର ସେ ତା'ର ମନକୁ ମନାତୀତ ଏକ ବୃହତ୍ତର ଆୟତନ ମଧ୍ୟକୁ ଉନ୍ମୋଚିତ କରି ରଖିବାକୁ ଚେଷ୍ଟା କରିପାରିବ । ପ୍ରତ୍ୟେକ ମନୁଷ୍ୟ ଭିତରେ ତଥା ଏହି ଜଗତ୍ ମଧ୍ୟରେ ଯେ ମୂଳତଃ ଦିବ୍ୟସତ୍ତାହିଁ ଅବସ୍ଥାନ କରୁଛନ୍ତି, ଏ ବିଷୟରେ ମନୁଷ୍ୟ ସଚେତନ ଅଟେ । ଏହାହିଁ ମନୁଷ୍ୟ ଜୀବନର ସର୍ବବୃହତ୍ ସତ୍ୟ ବୋଲି ଆମେ କହିପାରିବା । ଏହି ସତ୍ୟଟିକୁ ନେଇ ଜୀବନ ଧାରଣ କଲେ ମନୁଷ୍ୟର ଜୀବନ ପରିପୂର୍ଣ୍ଣତା ଲାଭ କରିବ । ଏହାହିଁ ମନୁଷ୍ୟର ସର୍ବପ୍ରଧାନ ଉଦ୍ଦେଶ୍ୟ । ମନୁଷ୍ୟ ଆଗରେ ଏହି ସମ୍ଭାବନାଟି ସ୍ପଷ୍ଟଭାବେ ଦୃଷ୍ଟିଗୋଚର ହେଉଛି ଯେ ସେ ତା'ର ମନୁଷ୍ୟତାକୁ ସମ୍ପୂର୍ଣ୍ଣତା ଓ ସର୍ବୋଚ୍ଚ ସ୍ଥିତିରେ ନେଇ ପହଞ୍ଚାଇ ପାରିବ ତଥା ଏକ ଦିବ୍ୟ ମାନବଗୋଷ୍ଠୀର ଆବିର୍ଭାବ ଲାଗି ପଥ ଉନ୍ମୁକ୍ତ କରିପାରିବ ।

ମାନସିକ ଶକ୍ତିର କର୍ଷଣକୁ ସଂସ୍କୃତି ବୋଲି କୁହାଯାଇଥାଏ । ଆମର ମନୋମୟ ଜୀବନର ନିମ୍ନରେ ରହିଛି ଇନ୍ଦ୍ରିୟଗତ ଓ ସଂବେଗଗତ କ୍ଷେତ୍ର ଯାହାକୁ ସଂଯମିତ ଓ ଶୁଦ୍ଧ କରିବା ନିମନ୍ତେ ନୈତିକତାବୋଧର ସାହାଯ୍ୟ ନେବାକୁ ହୋଇଥାଏ । ମନୋମୟ ଜୀବନର ଉଚ୍ଚ ସୋପାନରେ କର୍ମ ଓ ଆଚରଣଗୁଡ଼ିକ ସହିତ ସଂପୃକ୍ତ ହେଲା ବେଳେ ସୌନ୍ଦର୍ଯ୍ୟବୋଧର ଆବଶ୍ୟକତା ରହିଥାଏ । ଏହି ଦୁଇ କ୍ଷେତ୍ରରେ ବୁଦ୍ଧି ନେତୃତ୍ୱ ନେଇପାରେ, ସହାୟତା ପ୍ରଦାନ କରିପାରେ । ବୁଦ୍ଧିଗତ ବିବେକ ମନୋମୟ ଜୀବନକୁ ଶୃଙ୍ଖଳିତ ଓ ସନ୍ତୁଳିତ କରି ରଖିପାରେ । ସୁତରାଂ ବୁଦ୍ଧିହିଁ ମନୁଷ୍ୟର ରଥଟିରେ ଚାଳକ ହୋଇ ରହିଛି ବୋଲି କୁହାଯାଇ ପାରିବ । ବୁଦ୍ଧିର ସର୍ବୋତ୍ତମ ଉପଯୋଗ ଦ୍ୱାରା ବ୍ୟାବହାରିକ ଜୀବନରେ ଶୃଙ୍ଖଳା ଓ ସୌନ୍ଦର୍ଯ୍ୟ ପ୍ରତିଷ୍ଠା କରାଯାଇପାରେ ।

ମନୁଷ୍ୟର ବୁଦ୍ଧି (intelligence) କେବଳ ମସ୍ତିଷ୍କପ୍ରେରିତ ବୌଦ୍ଧିକତା (rational intellect) ଅଥବା ମସ୍ତିଷ୍କପ୍ରେରିତ ଇଚ୍ଛା (rational will) ଦ୍ୱାରା ଗଠିତ ହୋଇ ନଥାଏ । ଏଥିରେ ଗୋଟିଏ ସମ୍ବୋଧି (intuitive light), ଏକ ଆଲୋକମୟତା ବା ଏକ ବୃହତ୍ତର ସାମର୍ଥ୍ୟ ଆସି ଯୁକ୍ତ ହୋଇପାରେ । ବୁଦ୍ଧି ଭଳି ଏହି ସଂବୋଧି ଆମ ଭିତରେ ଅଧିକ ବିକଶିତ ହୋଇ ନାହିଁ । ଏହା ଏକ ତଡ଼ିତ୍ ଆଲୋକ ରୂପେ ବା ଊର୍ଦ୍ଧ୍ୱମଣ୍ଡଳର ଏକ ଚମତ୍କାରିତା ରୂପେ ଆମ ଭିତରେ ପ୍ରକାଶିତ ହୋଇଥାଏ । ଏହାକୁ ଆମେ କ୍ୱଚିତ୍ ନିଜ ଭିତରେ ଧାରଣ କରି ରଖିପାରୁ । ଏହି ଆଲୋକ ଏକ ଝଲକ ରୂପେ ଆସି ବୁଦ୍ଧି ଓ ହୃଦୟକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଏହା ଆମର ବୁଦ୍ଧି ଓ ଇନ୍ଦ୍ରିୟସକଳକୁ ଉଦ୍ଭାସିତ କରିବା ସଙ୍ଗେ ସଙ୍ଗେ ଆମର ନୈତିକ ଓ ସୌନ୍ଦର୍ଯ୍ୟବୋଧଗତ ସତ୍ତାକୁ ମଧ୍ୟ ଉଦ୍ଭାସିତ କରିପାରେ । ବୁଦ୍ଧି ଓ ବିଜ୍ଞାନ ଯେଉଁ ସତ୍ୟକୁ ଆମ ଆଗରେ ଆଣି ପରଷି ଦେଉଛି ତା'ଠାରୁ ଅଧିକ ବୃହତ୍ ଓ ଅଧିକ ଯଥାର୍ଥ ସତ୍ୟକୁ ଏହି ସଂବୋଧିସମ୍ପନ୍ନ ଆଲୋକ ଆମକୁ ଦେଇପାରେ । କଳା ଯେଉଁ ସୌନ୍ଦର୍ଯ୍ୟର ବୋଧ ଆମକୁ ଦେଇଥାଏ ସେହି ସମ୍ବୋଧିସମ୍ପନ୍ନ ଆଲୋକ ତା'ଠାରୁ ଅଧିକ ଗଭୀର ସୌନ୍ଦର୍ଯ୍ୟର ଅନୁଭବ ଆମକୁ ଦେଇପାରେ । ଏହା ନୈତିକତା ଦେଉଥିବା ଔଚିତ୍ୟବୋଧ ଅପେକ୍ଷା ବୃହତ୍ତର ଔଚିତ୍ୟବୋଧ ଆମକୁ ଦେଇଥାଏ । ମନୁଷ୍ୟର ଯାବତୀୟ ଧର୍ମଭାବ ତଥା ଆଧ୍ୟାତ୍ମିକତା ଏହି ଆଲୋକର ସନ୍ଧାନରେ ବ୍ରତୀ ହୋଇଥା'ନ୍ତି ।

ମନୁଷ୍ୟର ମନ ଅତି ଜଟିଳ । ଏହା ପରସ୍ପରଠାରୁ ଭିନ୍ନ ଅନେକ ତତ୍ତ୍ୱ ଭିତରେ ନିଜକୁ ଜଡ଼ିତ କରି ରଖିଥାଏ । ବୁଦ୍ଧି ଓ ବୁଦ୍ଧିଗତ ଇଚ୍ଛାଶକ୍ତି ମଧ୍ୟ ଅନିଶ୍ଚୟତା ଭିତରେ ରହିଥାଏ । ମନ ପାଖରେ ଏକ ନିଶ୍ଚିତ ମାର୍ଗଦର୍ଶକ ଆଲୋକ ନ ଥିବାରୁ ମନୁଷ୍ୟ ବିଭ୍ରାନ୍ତ ଓ ବିମୂଢ଼ ହୋଇପଡ଼େ । ବୁଦ୍ଧିପ୍ରଦତ୍ତ ପରସ୍ପର ବିରୋଧୀ ସିଦ୍ଧାନ୍ତ ଓ ରାୟଗୁଡ଼ିକ ମନୁଷ୍ୟକୁ ଭାରି ଅଡୁଆରେ ପକାଏ । ବୁଦ୍ଧିଗତ ଇଚ୍ଛା ମଧ୍ୟ ନାନା ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ଏସବୁ ସତ୍ତ୍ୱେ ମନୁଷ୍ୟ ସଂସ୍କୃତି ଓ ମାନସିକ ଜୀବନ ବିଷୟରେ କେତେକ ଧାରଣା ପୋଷଣ କରିଥାଏ । ମତ ଓ ଧାରଣାର ବିଭିନ୍ନ ଗୁଳା ମଧ୍ୟରେ ପଶି ଓ ସେଠାରୁ ନାନା ଅଭିଜ୍ଞତା ସାଉଁଟି ନେବା ପରେ ପରିଶେଷରେ ସେ ସମଗ୍ର ସମନ୍ୱିତତା (integral harmony)ରେ ପହଞ୍ଚିବା ଲାଗି ଅବଶ୍ୟ ପ୍ରୟାସ କରିବ ।

କୌଣସି ସମାଜରେ ଯଦି ନାଗରିକ ବ୍ୟବସ୍ଥା, ଶାସନ ବ୍ୟବସ୍ଥା, ନିୟନ୍ତ୍ରଣ ବ୍ୟବସ୍ଥା ତଥା ସଂଗଠନ ଓ ଶିକ୍ଷାର ବ୍ୟବସ୍ଥା ରହିଥାଏ, ସାଧାରଣତଃ ତାହାକୁହିଁ ସଭ୍ୟତା ବୋଲି କୁହାଯାଏ; ତାହାହିଁ ସଭ୍ୟ ସମାଜ ରୂପେ ପରିଚିତ ହୋଇଥାଏ । ଏପରି ସମାଜ ପାଖରେ କେତେକ ଜ୍ଞାନ ଥାଏ ଯାହାକୁ ପ୍ରୟୋଗ କରି ଲୋକମାନଙ୍କର ଉନ୍ନତି ବିଧାନ କରାଯାଏ । ଅନ୍ୟ ପକ୍ଷରେ ଯଦି ସମାଜରେ ଏସବୁ ସୁଯୋଗ ରହି ନଥାଏ ତାହାକୁ ବର୍ବର ସମାଜ ବା ବର୍ବରତା ବୋଲି କୁହାଯାଏ । ''ସଭ୍ୟତା'' ଶବ୍ଦଟି

ବିଭିନ୍ନ ଯୁଗରେ ବିଭିନ୍ନ ଅର୍ଥରେ ବ୍ୟବହୃତ ହୋଇଛି । ତା'ର ସାମୟିକ ବା ଆକସ୍ମିକ ଅର୍ଥ ରହିଛି, ତାହାକୁ କ୍ୱଚିତ୍ ଏକ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହାର କରାଯାଇଛି । ଆମକୁ ସଭ୍ୟତା ଓ ବର୍ବରତାର ପ୍ରକୃତ ଅର୍ଥ ଜାଣିବାକୁ ହେବ । ଯଦି ସମାଜରେ ମନୁଷ୍ୟମାନେ ସମ୍ପୂର୍ଣ୍ଣ ଭାବରେ ଆପଣାର ଶରୀର ଓ ପ୍ରାଣକୁ ନେଇ ଜୀବନ ବଞ୍ଚୁଥିବେ, ଯଦି କେବଳ ଭୌତିକ ଓ ଅର୍ଥଗତ ଜୀବନକୁହିଁ ସମଗ୍ର ଜୀବନ ବୋଲି ସେମାନେ ଭାବୁଥିବେ ଏବଂ ଯଦି ମାନସିକ ଉନ୍ନତି ବିଧାନ ଏବଂ ବୃହତ୍ତର ଲକ୍ଷ୍ୟସାଧନ ପାଇଁ ସେମାନଙ୍କର କୌଣସି ପ୍ରବୃତ୍ତି ନଥିବ, ତାହାହେଲେ ତାହାକୁ ଆମେ ବର୍ବରତା ବୋଲି କହିବା । ଅନ୍ୟ ପକ୍ଷରେ ସଭ୍ୟତା କହିଲେ ଆମେ ସମାଜର ଏକ ଅଧିକ ବିକଶିତ ଅବସ୍ଥାକୁ ବୁଝିବା ଯେଉଁଥିରେ କି ପ୍ରୟୋଜନୀୟ ଯଥେଷ୍ଟ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ରହିଥିବ ଏବଂ ଅଧିକାଂଶ ବ୍ୟକ୍ତି ବୌଦ୍ଧିକ ଉନ୍ନତି ଲାଗି ଚେଷ୍ଟିତ ଥିବେ ତଥା ମାନସିକ ଜୀବନରେ ସକ୍ରିୟ ହୋଇ ରହିଥିବେ । ତେବେ ଏକ ବର୍ବର ସମାଜରେ ମଧ୍ୟ ସଭ୍ୟତାର ପ୍ରାଥମିକ ଲକ୍ଷଣ ଦୃଷ୍ଟିଗୋଚର ହୋଇପାରେ ଏବଂ ଏକ ସଭ୍ୟ ସମାଜରେ ମଧ୍ୟ ବର୍ବରତାର ଏକ ବୃହତ୍ ଅଂଶ ଅବଶିଷ୍ଟ ରହିଥାଇ ପାରେ । ସୁତରାଂ ସବୁ ସମାଜକୁ କେବଳ ଅର୍ଦ୍ଧ ସଭ୍ୟ ସମାଜ ବୋଲି କୁହାଯାଇ ପାରିବ ।

ଜଣେ ଆଂଶିକ ଅଶୋଧିତ ସଭ୍ୟ ମଣିଷ ଏବଂ ଜଣେ ସୁସଂସ୍କୃତ ସଭ୍ୟ ମଣିଷ ଭିତରେ ଆମେ ଏକ ନିର୍ଦ୍ଦିଷ୍ଟ ପ୍ରଭେଦ ଦେଖିପାରିବା । କୌଣସି ସଭ୍ୟତାର ସାଧାରଣ ସୁବିଧା-ସୁଯୋଗଗୁଡ଼ିକରେ କେବଳ ଅଂଶ ଗ୍ରହଣ କରିନେଲେ ତାହା ଜଣେ ବ୍ୟକ୍ତିକୁ ଯଥାର୍ଥ ମାନସିକ ସ୍ତରକୁ ଉନ୍ନୀତ କରିନିଏ ନାହିଁ । ଜଣେ ଆପଣାର ଚେଷ୍ଟା ବଳରେ ମାନସିକ କ୍ଷେତ୍ରରେ ଯଥେଷ୍ଟ ବିକାଶ ଲାଭ କରି ନଥିଲେ ଆମେ ତାହାକୁ ପ୍ରକୃତରେ ସଭ୍ୟ ମନୁଷ୍ୟ ବୋଲି କହିପାରିବା ନାହିଁ । ସମାଜରେ ଏପରି ଅନେକ ବ୍ୟକ୍ତି ଥାଆନ୍ତି ଯେଉଁମାନେ ସଭ୍ୟ ଜୀବନକୁ କେବଳ ବାହ୍ୟ ଦୃଷ୍ଟିରୁ ବଞ୍ଚିଥା'ନ୍ତି । ସଭ୍ୟତା ପରିବେଷଣ କରିଥିବା ମତ, ବଦ୍ଧମୂଳ ଧାରଣା, ପରମ୍ପରା ତଥା ଭାବରାଜିକୁ ସେମାନେ ଉପରଠାଉରିଆ ଭାବେ ଆୟତ୍ତ କରିଥା'ନ୍ତି, ମାତ୍ର କୌଣସି ବିଷୟରେ ସେମାନେ ନିଜସ୍ୱ ବୁଦ୍ଧିର ଉପଯୋଗ କରନ୍ତି ନାହିଁ । ସେମାନଙ୍କ ଜୀବନ ଅନ୍ତଃସାରଶୂନ୍ୟ ହୋଇଥାଏ, ଛଳନା ଉପରେ ପର୍ଯ୍ୟବସିତ ହୋଇଥାଏ । ଧର୍ମ, ନୈତିକତା, ସାହିତ୍ୟ ତଥା ଜୀବନକୁ ସେମାନେ ବିକୃତ କରି ପକାନ୍ତି । ଏପରି ମନୁଷ୍ୟମାନଙ୍କୁ ସଭ୍ୟତାଭୋଗୀ (philistine) ବୋଲି କୁହାଯାଇପାରେ । ଏମାନେ ସୁସଂସ୍କୃତ ବ୍ୟକ୍ତି (cultured man) ନୁହଁନ୍ତି । ସଭ୍ୟତାଭୋଗୀକୁ ଆଧୁନିକ ଯୁଗର ସଭ୍ୟ ବର୍ବର ବୋଲି କହିବା ଯୁକ୍ତିଯୁକ୍ତ ହେବ । ଏପରି ବ୍ୟକ୍ତି ଦେହଗତ ଜୀବନ ଭିତରେହିଁ ନିଜକୁ ସୀମିତ କରି ରଖିଥାଏ । ପ୍ରାଣଗତ ଆବଶ୍ୟକତା ଓ ପ୍ରାଣଗତ ପ୍ରବୃତ୍ତିଗୁଡ଼ିକ ପ୍ରତି ସେ ଆସକ୍ତ ହୋଇ ରହିଥାଏ । କେବଳ ଏକ ଗୃହସର୍ବସ୍ୱ ଓ ଅର୍ଥନୀତିଗତ ମନୁଷ୍ୟପ୍ରାଣୀ (a domestic and economic human animal)ର ଆଦର୍ଶ ପ୍ରତି ସେ ଅନୁଗତ ହୋଇଥାଏ । ଏଣୁ ଏପରି ବ୍ୟକ୍ତିକୁ ଅନେକ ସମୟରେ ଅର୍ଦ୍ଧ ସଭ୍ୟ ଭୌତିକ ତଥା ପ୍ରାଣସ୍ତରର ବର୍ବର (half-civilised physical and vital barbarian) ବୋଲି ଆମେ କହିପାରିବା ।

ମନସ୍ତରର ଜୀବ ହୋଇ ମଧ୍ୟ ଏକ ଯଥାର୍ଥ ମାନସିକ ଜୀବନ ବଞ୍ଚୁ ନ ଥିବାରୁ ସଭ୍ୟତାଭୋଗୀ ମନୁଷ୍ୟକୁ ଏକ ମନୋଗତ ସ୍ତରର ବର୍ବର ବୋଲି କୁହାଯାଇ ପାରିବ । ସାମ୍ପ୍ରତିକ କାଳରେ ଏପରି ବ୍ୟକ୍ତିକୁ ଇନ୍ଦ୍ରିୟଗତ ଭୋଗବିଳାସ ଭିତରେ ଏକାନ୍ତ ମଜ୍ଜି ରହୁଥିବା ମନୁଷ୍ୟ (sensational man) ବୋଲି ଆମେ ଚିହ୍ନି ରଖିବା । ମନୋମୟ ସତ୍ତାର ପ୍ରଥମ ସ୍ତରରେ ମନୁଷ୍ୟ କେବଳ ଇନ୍ଦ୍ରିୟଗତ କ୍ରିୟାକଳାପ, ଇନ୍ଦ୍ରିୟାନୁଭୂତି ଓ ଭାବସଂବେଗଗୁଡ଼ିକୁ ନେଇ ଜୀବନ ବଞ୍ଚିଥାଏ । ବ୍ୟାବହାରିକ ଆଚରଣ ତା' ପକ୍ଷରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏକ ନିମ୍ନସ୍ତରର ମାନସିକତା ତାକୁ ଜାବୁଡ଼ି ଧରିଥାଏ । ମାନସିକ କ୍ରିୟାକଳାପ କ୍ଷେତ୍ରରେ ସେ ଖୁବ୍ ସକ୍ରିୟ ଜଣାପଡ଼େ, ମାତ୍ର ସେହି କ୍ରିୟାକଳାପ ଉଚ୍ଚତର ଆଲୋକ ଦ୍ୱାରା ଆଦୌ ପରିଚାଳିତ ହୋଇ ନଥାଏ । ସେ ତା'ର ଉଚ୍ଚତର ବୃତ୍ତି ଓ ଆକାଙ୍କ୍ଷାଗୁଡ଼ିକୁ ଇନ୍ଦ୍ରିୟଗୁଡ଼ିକର ସ୍ତରକୁ ତଥା ଅଶୋଧିତ ଆବେଗଗୁଡ଼ିକର ସ୍ତରକୁ ଟାଣି ଆଣିବାକୁ ଚେଷ୍ଟା କରିଥାଏ ।

ସଭ୍ୟତାଭୋଗୀ ଓ ଇନ୍ଦ୍ରିୟସର୍ବସ୍ୱ ମନୁଷ୍ୟ ମଧ୍ୟରେ ସୌନ୍ଦର୍ଯ୍ୟବୋଧ ବିକଶିତ ହୋଇ ନଥାଏ । ସୌନ୍ଦର୍ଯ୍ୟ ବିଷୟରେ ତା'ର ରୁଚି ଅଶୋଧିତ ଓ ନିମ୍ନସ୍ତରର ହୋଇଥାଏ । ସୌନ୍ଦର୍ଯ୍ୟ ସୃଷ୍ଟି ବିଷୟରେ ରହିଥିବା ସାଧାରଣ ସ୍ୱୀକୃତ ମାନକୁ ବିକୃତ କରିବାରେ ସେ ସାହାଯ୍ୟ କରେ । ନୈତିକତାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ ବୋଲି ସେ କହୁଥାଏ, ମାତ୍ର ନୈତିକତା ବିଷୟରେ ତା'ର ବିଚାରଗୁଡ଼ିକ ଅଶୋଧିତ ଓ

ତ୍ରୁଟିଯୁକ୍ତ ହୋଇଥାଏ । ତା'ର ନୈତିକତାଟି ସାମାଜିକ ପରମ୍ପରା, ବ୍ୟକ୍ତିଗତ ରୁଚି, ବଦ୍ଧମୂଳ ବିଶ୍ୱାସ ଓ ଇନ୍ଦ୍ରିୟଗତ ବୋଧ ଉପରେହିଁ ମୁଖ୍ୟତଃ ନିର୍ଭର କରିଥାଏ । ସେଥିରେ ଯଥାର୍ଥ ଭାବନା ବା ବୁଦ୍ଧିମତ୍ତାସମ୍ପନ୍ନ ସଙ୍କଳ୍ପ କାର୍ଯ୍ୟ କରୁ ନଥାଏ । ସେ କେତେକ ଅଭ୍ୟାସର ବଶବର୍ତ୍ତୀ ହୋଇ ବା ପରିବେଶ ଦ୍ୱାରା ପ୍ରଭାବିତ ହୋଇ ନୀତିଗତ ସିଦ୍ଧାନ୍ତ ନେଇଥାଏ । ସେଥିରେ ତା'ର ନିଜସ୍ୱ ବୁଦ୍ଧି ବିବେକର କୌଣସି ଭୂମିକା ନଥାଏ । ଏ ପ୍ରକାର ନୈତିକତାର ଆଚରଣ ଦ୍ୱାରା ଏକ ଉନ୍ନତତର ମନୋମୟ ସତ୍ତା ରୂପେ ବିକଶିତ ହେବାରେ କୌଣସି ସାହାଯ୍ୟ ମିଳେ ନାହିଁ । ମାନସିକ ଦୃଷ୍ଟିରୁ କେବଳ କେତେକ ପ୍ରତିକ୍ରିୟା ପ୍ରକାଶ କରୁଥିଲେ ତାହାକୁ ସଭ୍ୟତା ବା ସଂସ୍କୃତିର ଲକ୍ଷଣ ବୋଲି କୁହାଯିବ ନାହିଁ । ମାନସ କ୍ଷେତ୍ରରେ ସକ୍ରିୟତାକୁହିଁ ସଭ୍ୟତାର ଏକ ନିଦର୍ଶନ ରୂପେ ଗ୍ରହଣ କରାଯାଇ ପାରିବ ।

ସାଂପ୍ରତିକ ସମାଜରେ ସଭ୍ୟତାଭୋଗୀମାନଙ୍କର ସଂଖ୍ୟା ବହୁତ ଅଧିକ । ମାତ୍ର ସେମାନେ କୌଣସି କ୍ଷେତ୍ରରେ ନିଜର ଆଧିପତ୍ୟ ଜମାଇ ପାରନ୍ତି ନାହିଁ । ବିଜୟ ଲାଭ କରିବାର ସାମର୍ଥ୍ୟ ସେମାନଙ୍କର ନଥାଏ । ଗୋଟିଏ ପରେ ଗୋଟିଏ ରାକ୍ଷସୀ ଶକ୍ତି ଦ୍ୱାରା ସେମାନେ ପରିଚାଳିତ ହୋଇଥା'ନ୍ତି । ଇନ୍ଦ୍ରିୟବୋଧକୁ ସର୍ବସ୍ୱ କରି ଜୀବନ ବଞ୍ଚୁଥିବା ମନୁଷ୍ୟ (sensational man) କେବେ ଯଦି ମନୋଗତ କ୍ଷେତ୍ରରେ କିଛି ପରିମାଣରେ ସକ୍ରିୟ ହେବାର ଚେଷ୍ଟା କରୁଛି ତାହା ତା'ର ନିଜସ୍ୱ ସଂକଳ୍ପ ଦ୍ୱାରା କରୁ ନାହିଁ, ଅନ୍ୟମାନଙ୍କ ଦ୍ୱାରା ବା ପରିବେଶ ଦ୍ୱାରା ବାଧ୍ୟ ହୋଇ ସେପରି କରୁଛି । ସେ ନୂତନ ଜ୍ଞାନ, ତଥ୍ୟ ଓ ନୂତନ ବିଚାରଗୁଡ଼ିକୁ ନିଜ ଭିତରେ ପ୍ରବେଶ କରିବାକୁ ଦେଉଛି, ମାତ୍ର ସେଗୁଡ଼ିକୁ ପ୍ରୟୋଗ କରିବା ଲାଗି ତା'ର ଦକ୍ଷତା ନାହିଁ । ସେ ଆଦର୍ଶଗୁଡ଼ିକୁ ଭୁଲ୍ ଭାବରେ ବୁଝୁଛି ଏବଂ ବାହାରୁ ଦେଖିଲେ ମନେ ହେଉଛି ସତେ ଯେପରି ସେଗୁଡ଼ିକୁ ବାସ୍ତବରେ ପରିଣତ କରିବା ପାଇଁ ସେ ପ୍ରାଣ ବିସର୍ଜନ କରିବାକୁ ମଧ୍ୟ ପ୍ରସ୍ତୁତ । ନୈତିକ, ସାମାଜିକ, ବୈଜ୍ଞାନିକ ଓ ଧର୍ମଗତ ସମସ୍ୟାଗୁଡ଼ିକ ବିଷୟରେ ଚିନ୍ତା କରିବା ଆବଶ୍ୟକ ବୋଲି ସେ ଜାଣିଛି । ମାତ୍ର ସେସବୁର ସମାଧାନ ତା' ପାଖରେ ନାହିଁ । ସେ ଦିଗରେ ସେ ନିଷ୍ଠାପର ଉଦ୍ୟମ କରୁଛି ବୋଲି ମନେ ହୁଏ ନାହିଁ । ରାଜନୈତିକ ପରିବର୍ତ୍ତନ ଏବଂ ଜଗତରେ ନୂତନ ବିଚାର ଓ ନୂତନ ଗତିପ୍ରବାହଗୁଡ଼ିକ ପ୍ରତି ସେ ଉନ୍ମୁକ୍ତ ରହିଛି, ମାତ୍ର ସେବିଷୟରେ ତା'ର ଭୂମିକା କ'ଣ ସେ ଜାଣିପାରୁ ନାହିଁ ଅଥବା ସେବିଷୟରେ ସକ୍ରିୟଭାବେ ସେ କିଛି କରୁ ନାହିଁ । ସେ 'ସବ୍‌ଜାନତା' (ସବୁ ଜାଣିଥିବା) ମନୁଷ୍ୟ ରୂପେ ନିଜକୁ ପ୍ରଦର୍ଶନ କରିବାକୁ ଚାହେଁ ।

ଇନ୍ଦ୍ରିୟବୋଧକୁହିଁ ଜୀବନର ସାର ବୋଲି ମଣୁଥିବା ଆଧୁନିକ ମନୁଷ୍ୟ କାବ୍ୟକବିତା, ଉପନ୍ୟାସ ଓ ସାମୟିକ ସାହିତ୍ୟ ପଠନ କରିବାରେ ପ୍ରବଳ ଆଗ୍ରହ ଦେଖାଉଛି । କିନ୍ତୁ ତାହା ତା'ର ମନରେ କୌଣସି ଗୁଣାତ୍ମକ ପ୍ରଭାବ ପକାଉ ନାହିଁ । କଳା ଜୀବନର ମହତ୍ତ୍ୱପୂର୍ଣ୍ଣ ଦିଗ ବୋଲି ସେ ବୁଝିଛି, ମାତ୍ର ସୌନ୍ଦର୍ଯ୍ୟବୋଧ ସମ୍ପର୍କରେ ତା'ର କୌଣସି ସ୍ୱଷ୍ଟ ଧାରଣା ନାହିଁ । ନିଜକୁ ସମସ୍ତ କ୍ଷେତ୍ରରେ ଜ୍ଞାନୀ, ପାରଦର୍ଶୀ ଓ ପରାକ୍ରମଶାଳୀ ବୋଲି ପ୍ରଦର୍ଶନ କରିବାର ପ୍ରବୃତ୍ତି ଆଜିକାଲି ସର୍ବତ୍ର ଦେଖିବାକୁ ମିଳୁଛି । ସମାଜରେ ବିରାଟ ପାଠକ-ଗୋଷ୍ଠୀ ରହିଛନ୍ତି ଯେଉଁମାନଙ୍କ ପାଖରେ ସମ୍ବାଦପତ୍ର, ସାପ୍ତାହିକ ଓ ମାସିକ ପତ୍ରିକା, ଉପନ୍ୟାସ ଓ କବିତା ପୁସ୍ତକ ଆଦିର ବିପୁଳ ଲୋଭନୀୟ ସମ୍ପତ୍ତି ଠୁଳ ହୋଇ ରହିଛି । ନାଟକ, ସିନେମା, ରେଡ଼ିଓ ଓ କଳାକୃତି ସେମାନଙ୍କର ମନୋରଞ୍ଜନ ଲାଗି ତତ୍‌କ୍ଷଣାତ୍ ଉପଲବ୍ଧ ରହିଛି । ଏସବୁ ସେମାନଙ୍କ ମନକୁ ସାମୟିକ ଖୋରାକ ଯୋଗାଉଛି ସିନା, ଏତତ୍ ଦ୍ୱାରା ସେମାନଙ୍କ ମନର କେତେଦୂର କୃଷ୍ଟିସାଧନ ହେଉଛି, ସେମାନେ କେତେ ପରିମାଣରେ ସଂସ୍କୃତିସମ୍ପନ୍ନ ହୋଇ ପାରୁଛନ୍ତି, ଏହା ଏକ ପ୍ରଶ୍ନବାଚୀ ।

ବିଜ୍ଞାନର ନୂତନ ଆବିଷ୍କାରଗୁଡ଼ିକ ଏହି ସଭ୍ୟତାଭୋଗୀ ମନୁଷ୍ୟମାନଙ୍କ ପାଖରେ ସହଜଲଭ୍ୟ ହୋଇଥାଏ । ସେମାନଙ୍କର ଜୀବନ ବୈଜ୍ଞାନିକ କଳ କୌଶଳ (machinery) ଦ୍ୱାରା ପୂର୍ଣ୍ଣଭାବେ ସଜ୍ଜିତ ହୋଇଥାଏ । କିନ୍ତୁ ବୈଜ୍ଞାନିକ ମନୋଭାବ, ପରୀକ୍ଷା-ନିରୀକ୍ଷାରେ ସକ୍ରିୟତା ଏବଂ ସତ୍ୟାନୁସନ୍ଧାନର ପ୍ରବୃତ୍ତି ସେମାନଙ୍କଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ଏହି ପ୍ରକାର ମନୁଷ୍ୟମାନେ ପ୍ରଥମେ ନାରୀମାନଙ୍କୁ ଭୋଟ ଦେବାର ଅଧିକାର ବିଷୟରେ ବିରୋଧ କରନ୍ତି ଏବଂ ପୁଣି ପରେ ତାହାର ସମର୍ଥନ ବି କରନ୍ତି । ସେମାନଙ୍କର ରାଜନୈତିକ ବିଚାରଗୁଡ଼ିକରେ କୌଣସି ସ୍ୱଷ୍ଟତା ଓ ସଂଗତି ନଥାଏ ।

ଜୀବନରେ ରୋମାଞ୍ଚ ଓ ତ୍ୱରିତ ପରିବର୍ତ୍ତନ ଚାହୁଁଥିବା ଏହି ଇନ୍ଦ୍ରିୟାସକ୍ତ ମନୁଷ୍ୟମାନେହିଁ ଗୋଷ୍ଠୀବାଦ (syndicalism), ଅରାଜକତାବାଦ (anarchism), ଶ୍ରେଣୀସଂଘର୍ଷ, ଶ୍ରମିକ-ଜାଗରଣ ଓ ଶ୍ରମିକ-ବିପ୍ଳବ ଭଳି

ବିଷୟଗୁଡ଼ିକୁ ପ୍ରବର୍ତ୍ତନ କରନ୍ତି । ଏଥିରୁହିଁ ଜନ୍ମ ନିଏ ବିଚାରଗୁଡ଼ିକର ସଂଘର୍ଷ ଓ ସଂସ୍କୃତିଗୁଡ଼ିକ ମଧ୍ୟରେ ସଂଘାତ ଯାହା ସେମାନଙ୍କୁ ବେଶ୍ ଉଦ୍ଦୀପନା ଯୋଗାଇଥାଏ । ଏହି ନୂତନ ବର୍ବରତାର ଆଦର୍ଶକୁ ଯେଉଁମାନେ ଗ୍ରହଣ କରନ୍ତି ସେମାନେ ସଂଘାତ ଓ ଦ୍ୱନ୍ଦ୍ୱରୁ ଏକ ବିକୃତ ପ୍ରକାରର ତୃପ୍ତି ଓ ଆମୋଦ ଲାଭ କରନ୍ତି । ସେହି ଆଦର୍ଶହିଁ ରୁଷ୍ ବିପ୍ଳବକୁ ଅଳ୍ପ କେଇ ଦିନରେ ଘଟାଇ ଦେଇଥିଲା । ଲେନିନ୍, ମୁସୋଲିନି ଓ ହିଟ୍ଲର ଅତି ଶୀଘ୍ରତା ସହ ଯେଉଁ ସାଫଲ୍ୟ ଅର୍ଜନ କରିଥିଲେ ତାହା ସେହି ଆଦର୍ଶ ଦ୍ୱାରାହିଁ ପ୍ରେରିତ ହୋଇଥିଲା ।

ବର୍ତ୍ତମାନ ଏହି ପୃଥିବୀ ଶ୍ରେଷ୍ଠ ମନୀଷୀ ଓ ଚିନ୍ତାନାୟକମାନଙ୍କ ବୁଦ୍ଧିଗତ ବିବେକ ଦ୍ୱାରା ପରିଚାଳିତ ହେଉ ନାହିଁ । ଅଧିକାଂଶ ବ୍ୟକ୍ତି କୌଣସି ପ୍ରକାରେ ପ୍ରଚୁର ଅର୍ଥ ଉପାର୍ଜନ କରି ଠୁଳ କରିବା ଉଦ୍ଦେଶ୍ୟରେ ବ୍ୟସ୍ତ ରହିଛନ୍ତି । ଧନସମ୍ପତ୍ତିହିଁ ଇନ୍ଦ୍ରିୟଗତ ଓ ଅନ୍ୟସବୁ ପ୍ରକାର ସୁଖ ସମ୍ଭୋଗ ଆଣିଦେବ ଏବଂ ତାଙ୍କ ଜୀବନର ଲକ୍ଷ୍ୟ ପୂର୍ଣ୍ଣ କରିବ ବୋଲି ସେମାନଙ୍କର ବଦ୍ଧମୂଳ ଧାରଣା । ସାମାଜିକ ସମ୍ପର୍କଗୁଡ଼ିକରେ ତଥା ପାରସ୍ପରିକ ବ୍ୟବହାର ପ୍ରଦର୍ଶନ କ୍ଷେତ୍ରରେ ଆର୍ଥିକ ଅଭିପ୍ରାୟହିଁ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି । ଶ୍ରୀଅରବିନ୍ଦ କହନ୍ତି – "Commercialism is still the heart of modern civilisation; a sensational activism is still its driving force."

(The Human Cycle, p. 90)

ଅର୍ଥାତ୍, ''ବାଣିଜ୍ୟିକତା ଏବେ ମଧ୍ୟ ଆଧୁନିକ ସଭ୍ୟତାର ହୃଦୟ ହୋଇ ରହିଛି ଏବଂ ଇନ୍ଦ୍ରିୟାନୁଭବକୁ ସାର କରି ଧରିଥିବା ଏକ କର୍ମତତ୍ପରତା ଏବେ ମଧ୍ୟ ଏହାର ପ୍ରେରକ ଶକ୍ତି ହୋଇ ରହିଛି ।''

ଆଧୁନିକ ଶିକ୍ଷା ଇନ୍ଦ୍ରିୟବୋଧ ସର୍ବସ୍ୱ ମନୁଷ୍ୟକୁ ଅଜ୍ଞାନ ଓ ନାନାବିଧ ଦାସତ୍ୱରୁ ମୁକ୍ତ କରିପାରୁ ନାହିଁ । ଏହି ଶିକ୍ଷା ମନୁଷ୍ୟର ଦୈହିକ ଓ ପ୍ରାଣଗତ ଆବଶ୍ୟକତାଗୁଡ଼ିକୁ ବଢ଼ାଇ ଚାଲିଛି, ତା'ର ବାସନାଗୁଡ଼ିକୁ ଉଦ୍ଦୀପିତ କରି ଚାଲିଛି, ମନୁଷ୍ୟ ଆଗ ଅପେକ୍ଷା ଏବେ ମାନସିକ କାର୍ଯ୍ୟରେ ଅଧିକ ତତ୍ପର ହୋଇ ରହୁଛି । ଲେଖକମାନଙ୍କର ଏକ ବାହିନୀ ତାକୁ ସର୍ବଦା ମାନସିକ ଖାଦ୍ୟ ଯୋଗାଇ ଦେଉଥାଉ ବୋଲି ସେ ଆଶା କରି ରହିଛି । ଜ୍ଞାନଗତ ତଥ୍ୟ ଆହରଣ ପାଇଁ ସେ ଅଭିଳାଷ ରଖିଛି, ମାତ୍ର ଜ୍ଞାନକୁ ଜୀବନରେ ପ୍ରୟୋଗ କରିବା ଲାଗି ତା'ର କୌଣସି ପ୍ରବୃତ୍ତି ନାହିଁ । ମାନସିକ କ୍ଷେତ୍ରରେ ସେ ନାନା ପ୍ରକାରର ଚମକପ୍ରଦ ଓ ଉତ୍ତେଜନାତ୍ମକ ଅନୁଭବ ପାଇବାକୁ ଚାହେଁ । ତା'ର ମାନସିକ ସତ୍ତା ଏବେ ମଧ୍ୟ ଅଶୋଧିତ ଅବସ୍ଥାରେ ରହିଛି । ଇନ୍ଦ୍ରିୟାନୁଭବକୁ ନେଇ କର୍ମତତ୍ପର ରହିବାକୁ ସେ ଅଭ୍ୟସ୍ତ ହୋଇ ଯାଇଛି । ତାକୁ ଯଦି କୌଣସି ପ୍ରକାରେ ଆମୋଦିତ କରି ରଖାଯାଏ ତାହାହେଲେ ଯାଇ ସେ ସଂସ୍କୃତିସମ୍ପନ୍ନ ବ୍ୟକ୍ତିମାନଙ୍କର କଥାକୁ ଧ୍ୟାନ ଦେଇ ଶୁଣୁଛି, ସେମାନଙ୍କ ବିଚାରଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାକୁ ଆଗେଇ ଆସୁଛି । ଏହାର ଫଳସ୍ୱରୂପ ଏବେ ବିଚାର ଶସ୍ତା ହୋଇ ଯାଇଛି, କଳା ଓ ସାହିତ୍ୟ ଶସ୍ତା ହୋଇ ଯାଇଛି, ପ୍ରତିଭା ଓ ମନୀଷାକୁ ସାଧାରଣ ସ୍ତରର ବିଷୟ ବୋଲି ଧରି ନିଆଯାଇଛି ଏବଂ ତାକୁ ଅନାଦୃତ କରି ରଖିଦିଆଯାଉଛି ।

ଉଚ୍ଚତର ମନୋଗତ ଜୀବନ ବର୍ତ୍ତମାନ ସର୍ବଜନସ୍ତରକୁ ଖସି ଆସିଛି । ଏହା ଇନ୍ଦ୍ରିୟବୋଧ ସହିତ ଜଡ଼ିତ ହୋଇଯାଇଛି ଏବଂ ତାକୁ କେନ୍ଦ୍ର କରି କ୍ରିୟାଶୀଳ ହୋଇ ରହିଛି । ଏହା ଉଭୟ ଭଲ ଓ ମନ୍ଦ ପରିଣାମ ଆଣିଦେଇଛି । ଏସବୁ ସତ୍ତ୍ୱେ ବିଶ୍ୱାସର ସହିତ କୁହାଯାଇ ପାରିବ ଯେ ପୃଥିବୀରେ ଏକ ବିରାଟ ପରିବର୍ତ୍ତନ ଆରମ୍ଭ ହୋଇଗଲାଣି । ସମସ୍ତେ ବିଚାର ଓ ଜ୍ଞାନ ଆଡ଼କୁ ଅଧିକରୁ ଅଧିକ ଆକର୍ଷିତ ହେଉଛନ୍ତି । ଜ୍ଞାନକୁ ଆଦର କରୁଥିବା ଓ ଜ୍ଞାନ ଲାଭ ପାଇଁ ଅଭୀପ୍ସୁ ଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ଖୁବ୍ ଅଧିକ ବଢ଼ିବାରେ ଲାଗିଛି । ମନୁଷ୍ୟମାନେ ବର୍ତ୍ତମାନ ଅନ୍ୟର ଭାବନା ଉପରେ ନିର୍ଭର ନକରି ନିଜେ ଚିନ୍ତା କରିବାକୁ ଶିଖୁଛନ୍ତି । ଅଧିକ ସଂଖ୍ୟକ ବ୍ୟକ୍ତି ସଂସ୍କୃତିସମ୍ପନ୍ନ ହେବା ପାଇଁ ଉଦ୍ୟମ କରୁଛନ୍ତି । ଇନ୍ଦ୍ରିୟଗତ ବୋଧକୁହିଁ ମୁଖ୍ୟ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ଭିତରେ ମଧ୍ୟ ରୂପାନ୍ତରର ଏକ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଶିକ୍ଷାକ୍ଷେତ୍ରରେ କେତେକ ନୂତନ ପଦ୍ଧତିର ଆବିର୍ଭାବ ଫଳରେ ନୂତନ ଆଶାର ସଞ୍ଚାର ଘଟିଛି । ସମାଜ ବିଷୟରେ ମଧ୍ୟ କେତେକ ନୂତନ ତତ୍ତ୍ୱ ଓ ବିଚାର ଜନସାଧାରଣଙ୍କ ଆଦର ଲାଭ କରୁଛି । ସୁତରାଂ ଆମେ ଆଶା କରିପାରିବା ଯେ ମନୁଷ୍ୟମାନଙ୍କର ଏପରି ଏକ ଜାତି ସୃଷ୍ଟି ହେବାକୁ ଯାଉଛି ଯେଉଁମାନେ ଆପଣାର ମନୋଗତ ସତ୍ତାକୁ ଉପଲବ୍ଧି କରିଥିବେ ଏବଂ ଯେଉଁମାନଙ୍କର ଯଥେଷ୍ଟ ମାନସିକ ବିକାଶ ଘଟିଥିବ, ସେମାନେ ଏକ ସଂସ୍କୃତିସମ୍ପନ୍ନ ମନୁଷ୍ୟଗୋଷ୍ଠୀ (cultured humanity) ରୂପେ ପରିଚିତ ହେବେ ।

❑❑❑

### ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୭)

### ସାଧକମାନଙ୍କର ଆଶ୍ରମ ଛାଡ଼ି ଚାଲିଯିବା ସମ୍ପର୍କରେ :

ଶ୍ରୀଅରବିନ୍ଦଙ୍କ ନିକଟକୁ ଚମ୍ପକଲାଲଙ୍କର ଲିଖିତ ଏକ ପତ୍ର :

''ପରମ ପୂଜ୍ୟ ପିତୃଦେବ,

କାଲି ସକାଳେ ଚାରିଟା ବେଳେ ଯେତେବେଳେ ମା' ତାଙ୍କ କକ୍ଷକୁ ମୋର ପ୍ରବେଶ କରିବା ନିମିତ୍ତ ଦରଜା ଖୋଲିଲେ ଏବଂ ମୁଁ ତାଙ୍କୁ ଅନାଇଲି, ମୋର ଅନୁଭବ ହେଲା ଯେ ସେ ଯେମିତି ମୋ ଉପରେ ଅସନ୍ତୁଷ୍ଟ ଅଛନ୍ତି । ପୁନଶ୍ଚ, ମୁଁ ଯେତେବେଳେ 'ଦର୍ଶନ' ନିମିତ୍ତ ଗଲି ଏବଂ ତାଙ୍କୁ ପ୍ରଣାମ ଜଣାଇଲି, ମୁଁ ସମାନ କଥା ଅନୁଭବ କଲି । ଏହା ମୋ ଭିତରେ ପ୍ରଚଣ୍ଡ ପ୍ରତିକ୍ରିୟା ସୃଷ୍ଟି କରିଛି । ତାଙ୍କର ମୋ ଉପରେ ଏପରି ଅସନ୍ତୁଷ୍ଟ ହେବାର କାରଣ ଜାଣିବା ସକାଶେ ମୁଁ ବେଶ୍ ଚେଷ୍ଟା କଲି; କିନ୍ତୁ ସଫଳ ହେଲି ନାହିଁ । ଦୟାପୂର୍ବକ ଆପଣ ମୋତେ ଏହାର କାରଣଟି ସମ୍ବନ୍ଧେ କହିବେ କି ? ଆଜି ସକାଳେ, ମା' ଯେତେବେଳେ ଦରଜା ଖୋଲିଲେ, ଆଉ ମୁଁ ତାଙ୍କୁ ଅନାଇଲି, ଏଥର ସେ ମୋତେ ଏପରିକି ଅନାଇଲେ ବି ନାହିଁ । ଏହା ମୋତେ ବିବ୍ରତ କରି ପକାଇଲା । ମୁଁ ଯେତେବେଳେ 'ଦର୍ଶନ' ସମୟରେ ଆପଣଙ୍କ ପାଖକୁ ଆସି ଆପଣଙ୍କ ପାଦପଦ୍ମରେ ପ୍ରଣତ ହେଲି, ଆପଣ ଆପଣଙ୍କର ବରଦହସ୍ତ ବାର ବାର ମୋ ମଥାରେ ସ୍ପର୍ଶ କରି ମୋ ଉପରେ ଆପଣଙ୍କର ଦିବ୍ୟ କରୁଣା-ବାରି ଝରାଇ ଦେଲେ । ମୁଁ ଆନନ୍ଦରେ ଭରିଉଠିଲି ଏବଂ ତୀବ୍ର ଭାବରେ ଅନୁଭବ କଲି ଆପଣଙ୍କର ଅସୀମ ସହାନୁଭୂତି ଓ କରୁଣା । ମୁଁ କିନ୍ତୁ ଏହି ଅବସ୍ଥାକୁ ବେଶୀ କ୍ଷଣ ଧରିରଖି ପାରିଲି ନାହିଁ, ଏହାର ଏକମାତ୍ର କାରଣ ହେଉଛି ମା'ଙ୍କର ମୋ ଉପରେ ଅସନ୍ତୁଷ୍ଟ ହେବା କଥାଟା ସ୍ମରଣରେ ଉଦ୍ରେକ ହେବା ମାତ୍ରେ ମୁଁ ଅସମ୍ଭବ ଭାବରେ ଦୁଃଖିତ ଓ ମର୍ମାହତ ହୋଇ ପଡୁଛି ।

୨୧.୦୨.୧୯୨୯ — ଚମ୍ପକଲାଲ''

ଶ୍ରୀଅରବିନ୍ଦଙ୍କ ଉତ୍ତର :

''ଏଇ ଧରଣର ଘଟଣାସବୁରେ ମା'ଙ୍କର ତୁମ ପ୍ରତି ଆଦୌ ସାମାନ୍ୟତମ ଅସନ୍ତୋଷ, ଅସମ୍ମତି ବା ସମଜାତୀୟ କୌଣସି ମନୋଭାବ ନଥିଲା । ଏଇସବୁ ପରାମର୍ଶର ବିରୋଧରେ ତୁମକୁ ସଦା ସତର୍କ ରହିବାକୁ ହେବ, କାରଣ ଏସବୁ ପରାମର୍ଶକୁ ଯଦି ଗ୍ରହଣ କରାଯାଏ ତେବେ ଚେତନାକୁ ମେଘାଚ୍ଛନ୍ନ କରିବା ଉଦ୍ଦେଶ୍ୟରେ ଏସବୁ ଖୁବ୍ ସହଜରେ ପରିଦୃଷ୍ଟ ହୋଇଥା'ନ୍ତି । ଏହା ହୋଇ ପାରିଥାଏ ଯେ ସାଧାରଣତଃ ମା' ନିଜର ଚେତନାକୁ ବହିର୍ମୁଖୀ ଭାବରେ ଯେପରି ବ୍ୟାପକ କରାଇଥା'ନ୍ତି, କେବେ କେବେ ସେପରି ନକରି ତାଙ୍କୁ ଗମ୍ଭୀର ବା ଏକାଗ୍ର ହେବାକୁ ପଡ଼ିଥାଏ । ଏହାର କାରଣ ହୁଏତ ଅତ୍ୟନ୍ତ ପରିଶ୍ରମ ଯୋଗୁଁ ସେ ବେଶ୍ କ୍ଳାନ୍ତ ହୋଇ ପଡ଼ିଛନ୍ତି ଅଥବା ସାଧାରଣ ପରିବେଶରେ କିଛି ଆକ୍ରମଣ ଘଟିଛି । ଖୁବ୍ ସମ୍ଭବତଃ, ଏଇ ଧରଣର ପରିସ୍ଥିତିରେ ସାଧକମାନେ ମା'ଙ୍କର ଗାମ୍ଭୀର୍ଯ୍ୟ ବା ଅନ୍ତର୍ମୁଖୀ ହୋଇ ରହିଥିବାର ସ୍ଥିତିକୁ ସେମାନଙ୍କ ପ୍ରତି ମା'ଙ୍କର ବ୍ୟକ୍ତିଗତ ଅସନ୍ତୁଷ୍ଟ ହୋଇଥିବାର ଧାରଣା ପୋଷଣ କରିଥା'ନ୍ତି; କିନ୍ତୁ ଏହା ଏକ ବିରାଟ ଭୁଲ୍ । ଏଇ ଧରଣର ଯାବତୀୟ ଧାରଣା ନିଜ ମଧ୍ୟରେ ଉଦ୍ରେକ ହେବା ମାତ୍ରେ ସେସବୁକୁ ତୁମକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବାକୁ ଶିକ୍ଷା କରିବାକୁ ହେବ । (୨୧.୦୨.୧୯୨୯)''

ପୁନଶ୍ଚ କିଛିଦିନ ପରେ, ୦୧.୦୫.୧୯୨୯ରେ ଚମ୍ପକଲାଲ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କରିଛନ୍ତି : ମୁଁ ପୂର୍ବଭଳି ମା'ଙ୍କର କୃପା ଅନୁଭବ କରି ପାରୁ ନାହିଁ । ସମୟେ ସମୟେ ଏଠାରୁ ଚାଲିଯିବା ସକାଶେ ବିଭିନ୍ନ ପରାମର୍ଶ ଆସୁଛି; ଏପରିକି ଏମିତି ସବୁ ପରାମର୍ଶ ଆସୁଛି ଯେ ମୁଁ ମା'ଙ୍କ ସେବା ନିମିତ୍ତ ଉପଯୁକ୍ତ ନୁହେଁ, ଯୋଗ-ସାଧନା କରିବା ନିମିତ୍ତ ମଧ୍ୟ ଉପଯୁକ୍ତ ନୁହେଁ ।

ଶ୍ରୀଅରବିନ୍ଦ : କ'ଣ ପାଇଁ ଏଇସବୁ ଅବାନ୍ତର ଓ ନିରର୍ଥକ ଧାରଣା ? ମା'ଙ୍କର ଦିବ୍ୟ କରୁଣା କସ୍ମିନ୍‌କାଳେ ନିଜକୁ ଅପସରାଇ ନିଏ ନାହିଁ; ଏଥିପ୍ରତି ନିଜକୁ ଉନ୍ମୁକ୍ତ କରି ରଖ ଏବଂ ତୁମେ ନିଶ୍ଚିତ ରୂପେ ଏହା ଅନୁଭବ କରିବ ।

('Champaklal Speaks' : pp. 361- 62)

୧୫.୧୨.୧୯୨୯ରେ ଚମ୍ପକଲାଲ ଶ୍ରୀମା'ଙ୍କୁ କହିଛନ୍ତି : ମା, ମୁଁ ଏଠାରୁ ଚାଲିଯିବା ଲାଗି ଅନୁଭବ କରୁଛି ।

ମା'ଙ୍କ ଉତ୍ତର : ଓଃ, ମୋ ଦ୍ୱାରା ତାଲିମପ୍ରାପ୍ତ ହେବା ପରେ ମଧ୍ୟ ? (ତତ୍ରୈବ : ପୃ. ୮୨)

ପାଞ୍ଚ ବର୍ଷ ପରେ ୦୮.୦୯.୧୯୩୪ରେ ଚମ୍ପକଲାଲ ଶ୍ରୀଅରବିନ୍ଦଙ୍କୁ ପଚାରିଛନ୍ତି : କେତେକ ସାଧକଙ୍କୁ ଏଠାରେ ରହିବାକୁ ଅନୁମତି ଦିଆଯାଇଛି ଏବଂ ଉତ୍ସାହିତ ବି କରାଯାଇଛି; କିନ୍ତୁ ସେମାନେ ଏଠାରେ ରହିବାକୁ ଅସମର୍ଥ ହୋଇଛନ୍ତି ଏବଂ ଏଠାରୁ ଚାଲି ଯାଇଛନ୍ତି । କେତେକେ ଏଠାରୁ ଚାଲିଯିବାକୁ ଚାହୁଁଥିଲେ ମଧ୍ୟ ଯିବାକୁ ସକ୍ଷମ ହୋଇପାରି ନାହାନ୍ତି । ଏପରି କାହିଁକି ଘଟେ ?

ଶ୍ରୀଅରବିନ୍ଦ : ସାଧାରଣ ଭାବରେ ଏହାର ଉତ୍ତର ଦେବା ଅସମ୍ଭବ, କାରଣ ପ୍ରତ୍ୟେକଙ୍କ ଅବସ୍ଥା ସ୍ୱତନ୍ତ୍ର ଏବଂ ପ୍ରତ୍ୟେକଟି ନିଜର ସ୍ୱତନ୍ତ୍ର ଉତ୍ତର ଆବଶ୍ୟକ କରେ ।

(ତତ୍ରୈବ : ପୃ. ୩୯୧)

କିଛି ଦିନ ପରେ ଚମ୍ପକଲାଲ ଶ୍ରୀଅରବିନ୍ଦଙ୍କୁ ଲେଖିଛନ୍ତି : ମୁଁ ଜାଣିବାକୁ ପାଇଲି ଯେ 'ହ' ଆଶ୍ରମ ଛାଡ଼ି ଚାଲି ଯାଇଛନ୍ତି । ତାଙ୍କର ତ ମା'ଙ୍କ ପ୍ରତି ଓ ଶ୍ରୀଅରବିନ୍ଦଙ୍କ ପ୍ରତି ଗଭୀର ପ୍ରେମ ଥିଲା ଏବଂ ତାଙ୍କର ବହୁତ ଚିତ୍ତାକର୍ଷକ ଅନୁଭୂତି ମଧ୍ୟ ହୋଇଥିଲା । ଏସବୁ ଥିବା ସତ୍ତ୍ୱେ ସେ କାହିଁକି ତାଙ୍କର ବାଧାବିପତ୍ତିର ସମ୍ମୁଖୀନ ହୋଇ ପାରିଲେ ନାହିଁ ?

ଶ୍ରୀଅରବିନ୍ଦ : ତାଙ୍କର ଏହି ଗଭୀର ପ୍ରେମକୁ ସେ କିପରି ପ୍ରକାଶ କରିଥିଲେ ? କ'ଣ, ତାଙ୍କର କବିତା ମାଧ୍ୟମରେ ? ଜଣେ ମଣିଷକୁ ଜଣେ ଯଥାର୍ଥ ମଣିଷ ହିସାବରେ ବିଚାର କରିବା ଉଚିତ, ପରନ୍ତୁ ଜଣେ ସାଧକକୁ ସେ କ'ଣ କବିତା ଲେଖୁଛି, ସେଇଥିରୁ ବିଚାର କରାଯିବା ଉଚିତ ନୁହେଁ, କିନ୍ତୁ ସେ ଯଥାର୍ଥରେ କିଏ ଏବଂ ତାଙ୍କର କ୍ରିୟାକଳାପରୁହିଁ ବିଚାର କରାଯିବା ଉଚିତ ।

*ଚମ୍ପକ : ଯଦି ଜଣେ ଆଗୁଆ ସାଧକଙ୍କୁ ଯିବାକୁ ପଡ଼ିଲା, ତେବେ ମୋ ନିଜ କ୍ଷେତ୍ରରେ କ'ଣ ଘଟିବ ?*

ଶ୍ରୀଅରବିନ୍ଦ : ତୁମେ କ'ଣ ତାଙ୍କରି ଭଳିଆ ଲୋକ ? ତାଙ୍କର ଯେଉଁସବୁ ବାଧାବିପତ୍ତି ଥିଲା, ତୁମର ସେସବୁ ରହିଛି କି ? ଆଉ ତୁମେ କ'ଣ ସେ ସମ୍ବନ୍ଧେ କିଛି ଜାଣ କି ? ତା'ହେଲେ ତାଙ୍କର ଏଠାରୁ ଚାଲିଯିବାର କାରଣକୁ ତୁମ ନିଜ ଉପରେ ନେଉଛ କାହିଁକି ?

*ଚମ୍ପକ : ଲୋକଙ୍କ ମୁହଁରୁ ମୁଁ ଏକଥା ବି ଶୁଣିଛି ଯେ ଆଶ୍ରମରେ ଶେଷକୁ କୁଆଡ଼େ କେବଳ ଅଳ୍ପ କେତେକ ସାଧକ ତିଷ୍ଠି ରହିବେ । ଏକଥାଟି ବି ମୋତେ ସତ୍ୟ ବୋଲି ବୋଧ ହେଉଛି; ଏହା କ'ଣ ସତ୍ୟ ?*

ଶ୍ରୀଅରବିନ୍ଦ : କାହାଠାରୁ ଶୁଣିଲ ? ଆଉ ଏହା କାହିଁକି ସତ୍ୟ ହେବା ଉଚିତ ? (ତତ୍ରୈବ : ପୃ. ୪୦୩-୪)

*ଚମ୍ପକ : 'ନ' ଜଣେ ଆଗୁଆ ସାଧକ ବୋଲି ଅନେକେ କହିଥା'ନ୍ତି । ଆଶ୍ରମରେ ତାଙ୍କର କ୍ରିୟାକଳାପ ଉପଯୁକ୍ତ କି ? ଏହିସବୁ ଘଟଣାର ପଶ୍ଚାତରେ କ'ଣ କାରଣ ରହିଛି ?*

ଶ୍ରୀଅରବିନ୍ଦ : ମା' କେବେହେଲେ ଆଗୁଆ ସାଧକମାନଙ୍କ କଥା କହି ନାହାନ୍ତି — ସାଧକମାନେହିଁ ନିଜେ ନିଜେ ଏହି ବିଶେଷ ଶବ୍ଦଟିର ଉଦ୍ଭାବନ କରିଛନ୍ତି । ସେମାନେ ଯେତେବେଳେ ମୋ ପାଖକୁ ଲିଖିତ ସେମାନଙ୍କର ପତ୍ରରେ ଏହି ବିଶେଷ ଶବ୍ଦଟିର ବ୍ୟବହାର କରିଥା'ନ୍ତି, ମୁଁ ସର୍ବଦା ଏହାକୁ ବିଦ୍ରୂପ କରି ଉଡ଼ାଇ ଦେଇଥାଏ ଏବଂ କହିଥାଏ ଯେ ଆଶ୍ରମରେ ଆଗୁଆ, ପଛୁଆ — ଏହି ଦୁଇ ଶ୍ରେଣୀର ସାଧକ ରହିଥିବା ସମ୍ବନ୍ଧେ ମୋର କୌଣସି ଜ୍ଞାନ ନାହିଁ । ତେଣୁ 'ନ' ସମ୍ବନ୍ଧେ ଏହି ଧରଣର ପ୍ରଶ୍ନ ଆଦୌ ଉଠୁ ନାହିଁ । ଜଣେ ସାଧକ, ସିଏ ଯିଏ ବି ହୋଇଥାଉ ନା କାହିଁକି, ଯଦି ସେ କ୍ରୋଧ, ରାଜସିକ ଉତ୍ତେଜନା ବା ଅନ୍ୟ କୌଣସି ଯୋଗ-ବିରୋଧ ପ୍ରବୃତ୍ତିର ବଶ ହୋଇ କିଛି କହେ ବା କରେ, ତେବେ ତା'ର କଥା ଓ କର୍ମ ସାଧନା ମନୋବୃତ୍ତିର ବିରୋଧୀ ହୋଇଥାଏ ।

(ତତ୍ରୈବ : ପୃ. ୩୬୩)

୧୯.୦୪.୧୯୪୦ରେ ଚମ୍ପକଲାଲ ମା'ଙ୍କୁ ଏକ ପତ୍ର ଲେଖିଥିଲେ :

*''ମା,*

*ଗତ କିଛି ମାସ ଧରି ମୋ ଭିତରେ ଏଠାରୁ ଚାଲିଯିବାର ଭାବନା ଆସୁଛି । ଏହି ଭାବନାଟି କ'ଣ ତୁମ ଠାରୁ ? ଯଦି ଏହା ମା'ଙ୍କର ଇଚ୍ଛା ହୋଇଥାଏ ତେବେ ମୁଁ ଯାଇପାରେ ।*

*ତୁମର ଅଜ୍ଞାନ ସନ୍ତାନ,*
*ପ୍ରଣାମ ସହ, ଚମ୍ପକ''*

ଶ୍ରୀମା'ଙ୍କ ଉତ୍ତର : ''ନା, ଏହା ଏକ ବିରୋଧୀ ପରାମର୍ଶ ଯାହାକି ତୁମକୁ ଏଠାରୁ ତଡ଼ି ଦେବାକୁ ଚେଷ୍ଟା କରୁଛି

କାରଣ ସିଏ ଭଲ ଭାବରେ ଜାଣିଛି ଏଠାରେ ତୁମର ଉପସ୍ଥିତି ସବୁଠାରୁ ଅଧିକ ସହାୟକ ଏବଂ ଆବଶ୍ୟକ ।

ମୁଁ ଆଶା କରୁଛି ତୁମେ ଏହି ମିଥ୍ୟା ପରାମର୍ଶକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବ ଏବଂ ଏ ବିଷୟରେ ଆଦୌ ଚିନ୍ତା କରିବ ନାହିଁ । ତୁମର ସ୍ଥାନ ଆମର (ମୋର ତଥା ଶ୍ରୀଅରବିନ୍ଦଙ୍କର) ନିକଟ ସାନ୍ନିଧ୍ୟରେ । ତୁମକୁ ନିଶ୍ଚିତ ରୂପେ ଏହିଠାରେହିଁ ରହିବାକୁ ହେବ ।

*ଆମର ପ୍ରେମ ଓ ଆଶୀର୍ବାଦ ସହ*

ଶ୍ରୀମା''

(ତତ୍ରୈବ : ପୃ. ୪୧୦)

*

ନୀରଦବରଣଙ୍କୁ ୧୯୩୦ର ପ୍ରାରମ୍ଭରେ ଶ୍ରୀଅରବିନ୍ଦ ଏହି ମର୍ମରେ ଏକ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଯେତେବେଳେ ଆମମାନଙ୍କର ସାଧନା ଅବଚେତନା ସ୍ତରକୁ ଅବତରି ଆସିବ ସେତେବେଳେ କେଉଁଠି କାହା ମଧ୍ୟରେ କି ଧରଣର ବ୍ୟତିକ୍ରମ ଘଟିବ କହିବା କଠିନ । ଏ ସମ୍ବନ୍ଧେ ଆମେ ମର୍ମେ ମର୍ମେ ହୃଦୟଙ୍ଗମ କରିଛୁ ଏବଂ ଏବେ ବି ସେଇ ସାଧନା ଶେଷ ହୋଇନି । ('ରଚନା ବିଚିତ୍ରା', ପୃ. ୧୦୮)

ଚମ୍ପକଲାଲ ସେଥିରୁ ତ୍ରାହି ପାଇ ନଥିଲେ କିନ୍ତୁ ପ୍ରତି ପଦକ୍ଷେପରେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ସବୁ କଥା ସରଳ ଭାବରେ ଜଣାଇ ଦୁହିଁଙ୍କର ଅହେତୁକୀ କୃପା ବଳରେ ଆଶ୍ରମରୁ କେବେ ବି ବାହାରକୁ ଯାଇ ନଥିଲେ । ଏମିତି ଅନେକ ସାଧକ ଶ୍ରୀମାଶ୍ରୀଅରବିନ୍ଦଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ ରଖି ଏହି ବିଷମ ପରିସ୍ଥିତିରୁ ଉଦ୍ଧାର ପାଇଛନ୍ତି । ଚମ୍ପକଲାଲଙ୍କ ସମ୍ବନ୍ଧେ ଉଲ୍ଲେଖ କରି ଏହି ଧରଣର ପରିସ୍ଥିତିର ଏକ ନମୁନା ଦେଇଛୁ ମାତ୍ର ।

ସେଇ ପ୍ରଥମ ପିଢ଼ିର ନୈଷ୍ଠିକ କତିପୟ ସାଧକ (ଆଶ୍ରମରେ ଓ ଆଶ୍ରମର ବାହାରେ)ଙ୍କୁ ପଥଚ୍ୟୁତ କରିବା ଉଦ୍ଦେଶ୍ୟରେ କେବେ କେବେ ସଇତାନ ଗ୍ରାସ କରୁଥିଲା । ସେହି ମୁହୂର୍ତ୍ତରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଦିବ୍ୟ ସାହାଯ୍ୟ ଓ କରୁଣାସିକ୍ତ ଅମୃତ ପତ୍ରାବଳି ପ୍ରଭୂତ ମାତ୍ରାରେ ସାହାଯ୍ୟ କରି ସେମାନଙ୍କୁ ନବଜୀବନ ପ୍ରଦାନ କରିଛି । କହିବା ବାହୁଲ୍ୟ ସେହି ଶତାଧିକ ପତ୍ରାବଳି ପରବର୍ତ୍ତୀ ପିଢ଼ିର ସାଧକମାନଙ୍କ ସକାଶେ କାଣ୍ଡାରି ସଦୃଶ ହୋଇ ସେମାନଙ୍କୁ ସେହି ଧରଣର ବାଧାବିପତ୍ତିସବୁର ଘନକୃଷ୍ଣ ରାତ୍ରିରେ ଜୀବନ-ତରୀ ବାହିବାରେ ସାହାଯ୍ୟ କରି ଆସିଛି ଏବଂ ଏବେ ବି ଶତାଧିକ ନବାଗତଙ୍କୁ ଯଥାର୍ଥ ପଥ ଦେଖାଇ ଚାଲିଛି ।

ପରିଶେଷରେ ଏ ଆଶ୍ରମରୁ ଯେଉଁମାନେ ଚାଲି ଯାଇଛନ୍ତି ସେମାନଙ୍କ ସମ୍ବନ୍ଧେ ଉଲ୍ଲେଖ କରି ଜନୈକ ସାଧକ ଶ୍ରୀଅରବିନ୍ଦଙ୍କୁ କେତୋଟି ପ୍ରଶ୍ନ ପଚାରିଥିଲେ । ନିମ୍ନରେ ସେହିସବୁ ପ୍ରଶ୍ନ ଓ ଶ୍ରୀଅରବିନ୍ଦଙ୍କ ଉତ୍ତର ଉଲ୍ଲେଖ କରୁଛୁ :

*ପ୍ରଶ୍ନ : ଯେଉଁ କେତେକ ବ୍ୟକ୍ତି ନିଜର ସ୍ପଷ୍ଟ ଅଭୀପ୍ସା ଓ ଡାକରା ନେଇ ମା'ଙ୍କ ନିକଟକୁ ଆସିଥା'ନ୍ତି ଏବଂ କିଛିଦିନ ପରେ ମା'ଙ୍କ ନିକଟରୁ ଦୂରେଇ ଚାଲିଯା'ନ୍ତି — ଏହା କିପରି ସମ୍ଭବ ହୁଏ ବା ଏପରି କାହିଁକି ହୁଏ ? ତାଙ୍କୁ ଏଠାରୁ ନେଇଯିବା ପଛରେ କ'ଣ ଥାଏ ?*

ଶ୍ରୀଅରବିନ୍ଦ : ବିରୋଧିଶକ୍ତିର ପରାମର୍ଶଗୁଡ଼ିକ ଯୋଗୁଁ ଏବଂ ଗର୍ବ, ଅହଂଭାବ, ଉଚ୍ଚାକାଂକ୍ଷା, କାମ-ବାସନା, ଦମ୍ଭ, ଲୋଭ ବା ବିରୋଧିଶକ୍ତି ଦ୍ୱାରା ସୃଷ୍ଟ ଅନ୍ୟାନ୍ୟ ପ୍ରାଣିକ ଆବେଗ ଯୋଗୁଁ ସେମାନେ ଏଠାରୁ ଚାଲିଯା'ନ୍ତି ।

*ପ୍ରଶ୍ନ : ପ୍ରାଣିକ ଶକ୍ତିସବୁ କ'ଣ ଏତେ ଶକ୍ତିଶାଳୀ ଯେ ବ୍ୟକ୍ତି ମଧ୍ୟରେ ସ୍ପଷ୍ଟ ଅଭୀପ୍ସା ଓ ଭଗବତ୍ ଡାକରା ସତ୍ତ୍ୱେ ମଧ୍ୟ ତାକୁ ସେମାନେ ମା'ଙ୍କ ନିକଟରୁ ଟାଣି ନେଇଯାଇ ପାରିବେ ?*

ଶ୍ରୀଅରବିନ୍ଦ : ଭଗବାନଙ୍କ ଡାକରାକୁ ଗ୍ରହଣ କରିବା ପାଇଁ ବା ନ କରିବା ପାଇଁ, ନିମ୍ନ ପ୍ରକୃତିର ଅନୁସରଣ କରିବା ବା ଆତ୍ମାର ଅନୁସରଣ କରିବାର ସ୍ୱାଧୀନତା ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟେକ ମୁହୂର୍ତ୍ତରେ ରହିଛି ।

*ପ୍ରଶ୍ନ : ଯେଉଁମାନେ ଏହି ଯୋଗପଥ ଛାଡ଼ିଗଲେ, ଏହାର ଅର୍ଥ କ'ଣ ଏପରି ହୋଇପାରେ ଯେ ଭଗବାନଙ୍କ ପାଇଁ ତାଙ୍କର ଡାକରା କେତେଦୂର ସତ୍ୟ ତାହା ଜ୍ଞାନ ଦ୍ୱାରା ବିଚାର କରିବା ପାଇଁ ସେମାନେ ଅସମର୍ଥ ହେଲେ ?*

ଶ୍ରୀଅରବିନ୍ଦ : ବିଚାର ସଂପର୍କରେ ଏପରି ସବୁ କଥା ଉଠାଇବା ନିରର୍ଥକ । ତୁମେ ଭଗବାନଙ୍କ ଡାକରାକୁ ଅନୁଭବ କରିଛ ବା କରି ନାହଁ ଏବଂ ଯଦି କରିଛ ତେବେ ତୁମେ ସେସମ୍ପର୍କରେ କୌଣସି ହିସାବ-କିତାବ ନକରି ବା କୌଣସି ଆଶଙ୍କାକୁ ଗଣନା ନକରି ବା ତୁମେ ଯୋଗ୍ୟ କି ନୁହେଁ ତାହା ବିଚାର ନକରିହିଁ ତାକୁ ଅନୁସରଣ କର ।

*ପ୍ରଶ୍ନ : ଯେତେବେଳେ ଲୋକେ ସାଧନା ଛାଡ଼ିଦେବା*

*ପାଇଁ ଓ ମା'ଙ୍କ ନିକଟରୁ ଦୂରକୁ ଚାଲିଯିବା ପାଇଁ ଅତ୍ୟନ୍ତ ପ୍ରବଳ ଭାବରେ ଅନୁଭବ କରନ୍ତି ସେତେବେଳେ ଏହି ଅନୁଭବକୁ ପ୍ରତିହତ କରିବା ପାଇଁ ଓ ମା'ଙ୍କ ନିକଟରେ ରହିବା ପାଇଁ ସର୍ବୋତ୍ତମ ଉପାୟ କ'ଣ ?*

ଶ୍ରୀଅରବିନ୍ଦ : ଏତିକି ବୁଝିବା ଆବଶ୍ୟକ ଯେ ତାଙ୍କୁ ସଇତାନହିଁ ଏଥିପାଇଁ ପ୍ରଲୋଭିତ କରୁଛି ଓ ସେହି ସଇତାନର କଥା କଦାପି ନ ଶୁଣିବା ଉଚିତ ।

*ପ୍ରଶ୍ନ : ଯେଉଁ ସାଧକମାନେ ଆଶ୍ରମରେ ବହୁବର୍ଷ ରହିଛନ୍ତି, ସେମାନେ କ'ଣ ଆଶ୍ରମ ଛାଡ଼ିଯିବା ପରେ ମା'ଙ୍କ କୃପାକୁ ସଂପୂର୍ଣ୍ଣ ଭୁଲିଯାଇ ପାରନ୍ତି ?*

ଶ୍ରୀଅରବିନ୍ଦ : ସେମାନଙ୍କ ମଧ୍ୟରୁ କେତେକେ ସେପରି ଭୁଲିଯାଇଥିବା ପରି ଜଣାଯାଏ ।

*ପ୍ରଶ୍ନ : ସେମାନେ ପୁଣି ଫେରିଆସି ମା'ଙ୍କ ନିକଟରେ ସାଧନା କରିବାର କୌଣସି ସମ୍ଭାବନା ଅଛି କି ?*

ଶ୍ରୀଅରବିନ୍ଦ : ଏହା ସେହି ବ୍ୟକ୍ତି ଉପରେହିଁ ନିର୍ଭର କରେ । (୦୬-୦୯-୧୯୩୩)

*

ଶ୍ରୀଅରବିନ୍ଦ : ଯେତେବେଳେ ଚୈତ୍ୟସତ୍ତା ଥରେ ସଂପୂର୍ଣ୍ଣ ଜାଗ୍ରତ ହୋଇଥାଏ, ସେତେବେଳେ ସେହି ସାଧକ ପକ୍ଷରେ କୌଣସି ବିଦ୍ରୋହ କରି ଏଠାରୁ ଚାଲିଯିବା ସମ୍ଭବ ନୁହେଁ । କାରଣ ଯଦି ସେ ସେପରି କରେ ତେବେ ତାହାର ଆତ୍ମାକୁ ସେ ମା'ଙ୍କ ନିକଟରେ ଛାଡ଼ିଯାଏ ଏବଂ କେବଳ ବାହ୍ୟ ସତ୍ତା ମାତ୍ର ଅନ୍ୟ କେଉଁଠାରେ କିଛି ସମୟ ପାଇଁ ରହିଥାଏ, କିନ୍ତୁ ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଅବସ୍ଥା; ତେଣୁ ହୁଏତ ତାକୁ ଫେରି ଆସିବାକୁ ହୁଏ କିଂବା ଜୀବନଟା ବଞ୍ଚି ରହିବା ପାଇଁ ଅତ୍ୟନ୍ତ ଦୁର୍ବିଷହ ହୋଇପଡ଼େ ।

(୨୦-୧୧-୧୯୩୫)

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ', ପୃଷ୍ଠା : ୪୩୧-୪୩୩)

*

*ଥରେ ଜଣେ ସାଧକ (୧୯୫୭ରେ) ଶ୍ରୀମା'ଙ୍କୁ ପ୍ରଶ୍ନ ପଚାରିଥିଲେ : ''ମା, ଆପଣଙ୍କର ଉକ୍ତି 'I am with you.'ର ଯଥାର୍ଥ ଅର୍ଥ କ'ଣ ?*

ଶ୍ରୀମା'ଙ୍କର ଉତ୍ତର ଥିଲା ଦୀର୍ଘ । ତହିଁରୁ କିୟଦଂଶ : ''ମୁଁ ତୁମମାନଙ୍କ ସହିତ ରହିଛି, କାରଣ ମୁଁ ହେଉଛି ତୁମେ ବା ତୁମେ ହେଉଛ ମୁଁ । (I am with you because I am you or you are me.) ... ...

''ଆଜିକୁ ବହୁ ବର୍ଷ ପୂର୍ବରୁ (୧୯୨୮ରେ) ଶ୍ରୀଅରବିନ୍ଦ ସର୍ବତ୍ର (ଆଶ୍ରମର ପ୍ରତ୍ୟେକଟି ବିଭାଗରେ) ଏହି ସ୍ମାରକ ବାଣୀ (reminder) ଲଗାଇ ଦେଇଥିବା କଥା ତୁମେ ଜାଣିଛ : ''Always behave as if the Mother was looking at you, because she is, indeed, always present.''

''ଏହା କେବଳ ଏକ ସାଧାରଣ ଖଣ୍ଡବାକ୍ୟ ନୁହେଁ, କେବଳ କେତୋଟି ଶବ୍ଦାବଳି ନୁହେଁ, ଏହା ଏକ ଖାଣ୍ଟି ସତ୍ୟ । ମୁଁ ତୁମମାନଙ୍କ ସହିତ ଏକ ଅତ୍ୟନ୍ତ ବାସ୍ତବ ଭାବରେ ରହିଥାଏ ଏବଂ ଯେଉଁମାନଙ୍କର ସୂକ୍ଷ୍ମ ଦୃଷ୍ଟି ରହିଛି, ସେମାନେ ମୋତେ ଦେଖି ପାରିବେ । ... ...

''ଅଧିକନ୍ତୁ ତୁମମାନଙ୍କ ସହିତ ମୋର ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି, ଯେଉଁମାନେ ଶ୍ରୀଅରବିନ୍ଦଙ୍କର ଓ ମୋର ଯୋଗମାର୍ଗରେ ବ୍ରତୀ ଅଛନ୍ତି; ଏବଂ ଏହା ବେଶ୍ ବୋଧଗମ୍ୟ ଯେ ଏ କ୍ଷେତ୍ରରେ ଦୂରତ୍ୱର କୌଣସି ପ୍ରଶ୍ନ ଉଠୁ ନାହିଁ । ତୁମେମାନେ ଫ୍ରାନ୍ସରେ ରହିଥାଇ ପାର, ତୁମେ ପୃଥିବୀର ଅନ୍ୟ ପ୍ରାନ୍ତରେ ରହି ଥାଇପାର ବା ଏହି ପଣ୍ଡିଚେରୀରେ ରହିଥାଅ – ଏହି ସ୍ୱତନ୍ତ୍ର ସମ୍ପର୍କ ସର୍ବଦା ସତ୍ୟ ଓ ଜୀବନ୍ତ ରହିଥାଏ । ... ...

''ମୋ ସହିତ ତୁମମାନଙ୍କର ଏହି ସମ୍ପର୍କର ଡୋରି କେବେ ବି ଛିନ୍ନ ହୋଇଯାଏ ନାହିଁ । ବହୁ ବର୍ଷ ପୂର୍ବରୁ ଅନେକ ସାଧକ ସେମାନଙ୍କ ଚେତନାରେ ଉପୁଜିଥିବା ବିଦ୍ରୋହାତ୍ମକ ସ୍ଥିତିରେ ଆଶ୍ରମ ଛାଡ଼ି ଚାଲି ଯାଇଛନ୍ତି, ଏବଂ ତଥାପି ମୁଁ ସେମାନଙ୍କର ଖବର ରଖିଥାଏ ଏବଂ ସେମାନଙ୍କ ପାଖେ ପାଖେ ରହିଥାଏ । ତୁମେମାନେ କସ୍ମିନ୍‌କାଳେ ପରିତ୍ୟକ୍ତ ନୁହଁ (You are never abandoned) ।''

(CWM, Vol. 13, pp. 75 - 77)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# କେତେକ ପ୍ରଶ୍ନର ଉତ୍ତରରେ

## ରାମକୃଷ୍ଣ ଦାସ

**ପ୍ରଶ୍ନ** : *'The Mother' ବହିରେ ଯେଉଁ ଭାଗବତୀ ଶକ୍ତିଙ୍କୁ ସମର୍ପଣ କରିବାକୁ କୁହାହୋଇଛି ସେହି ଭାଗବତୀ ଶକ୍ତିଙ୍କ ଅବତାର କ'ଣ ଆଶ୍ରମର ଏହି ମା ? – ଜନୈକ ସାଧକର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ, 'ହଁ' । ଏତତ୍ ବ୍ୟତୀତ ଶ୍ରୀଅରବିନ୍ଦ ଏହି ଆଶ୍ରମର ମା'ଙ୍କୁ ଆଦ୍ୟା ଭାଗବତୀ ଶକ୍ତି ବୋଲି କହିଛନ୍ତି । ଶ୍ରୀଅରବିନ୍ଦଙ୍କ କହିବା ନିରାଟ ସତ୍ୟ । ତେବେ ମା ଭାଗବତୀ ଶକ୍ତିଙ୍କ ଅବତାର ହୋଇ ରୂପାନ୍ତର ସକାଶେ ନାମଜପ ଅନିବାର୍ଯ୍ୟ ବୋଲି ପୂର୍ବରୁ କିପରି ଜାଣିପାରିଲେ ନାହିଁ ? ଶରୀର-ରୂପାନ୍ତର ବହୁତ ଅଗ୍ରସର ହେବା ପରେ ଜାଣିପାରିଲେ । ଏହା ବୁଝିବାରେ ବହୁତ ଅସୁବିଧା ହେଉଛି ।*

**ଉତ୍ତର** : ଆମେ ତ ମନୁଷ୍ୟ, ଆମକୁ ବୁଝିବାରେ ତ ଅସୁବିଧା ହେବା ସ୍ୱାଭାବିକ । କିନ୍ତୁ ସ୍ୱୟଂ ପାର୍ବତୀଙ୍କୁ ବି ବୁଝିବାରେ ଅସୁବିଧା ହୋଇଥିଲା । ସୀତାଙ୍କ ବିୟୋଗରେ ଶ୍ରୀରାମ ଶୋକରେ ବିହ୍ୱଳ ହୋଇ ଯେତେବେଳେ ସୀତାଙ୍କ ସନ୍ଧାନ ଗଛଲତା, ପଶୁପକ୍ଷୀଙ୍କୁ ପଚାରି ବୁଲୁଥିଲେ, ସେହି ସମୟରେ ଶିବ ପାର୍ବତୀ ଶ୍ରୀରାମଙ୍କୁ ଦେଖିଲେ । ଶଙ୍କର ବୃଷଭରୁ ଓହ୍ଲାଇ 'ଜୟ ସଚ୍ଚିଦାନନ୍ଦ ଜଗଦୀଶ' କହି ପ୍ରଣାମ କଲେ । ଏଥିରେ ପାର୍ବତୀଙ୍କୁ ବହୁତ ସନ୍ଦେହ ହେଲା । ସେ ଭାବିଲେ, ''ଶଙ୍କରଙ୍କ କଥା ସର୍ବଦା ସତ୍ୟ ଓ ଯଥାର୍ଥ । କିନ୍ତୁ ରାମ ଯଦି ସଚ୍ଚିଦାନନ୍ଦଙ୍କ ଅବତାର ହୋଇଥା'ନ୍ତେ ତେବେ ସାଧାରଣ ବିଷୟୀ ବ୍ୟକ୍ତି ସଦୃଶ ଶୋକରେ ଜ୍ଞାନଶୂନ୍ୟ ହୋଇ ଗଛଲତା, ପଶୁପକ୍ଷୀଙ୍କୁ ସୀତାଙ୍କ ସନ୍ଧାନ ପଚାରନ୍ତେ କିପରି ?'' ଏହି ମୋହ ହେବାରୁ ଶଙ୍କରଙ୍କୁ ପାର୍ବତୀ ପ୍ରଶ୍ନ କଲେ । ଶଙ୍କର ଉତ୍ତରରେ କହିଲେ, ''ତୁମେ ଯାଇ ପରୀକ୍ଷା କର ।'' ପାର୍ବତୀ ସୀତାଙ୍କ ରୂପ ଧାରଣ କରି ଶ୍ରୀରାମଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ପାର୍ବତୀଙ୍କୁ ସୀତାଙ୍କ ରୂପରେ ଦେଖି ଶ୍ରୀରାମ ପ୍ରଣାମ କରି କହିଲେ, ''ଶଙ୍କର ତ ନାହାନ୍ତି, ଆପଣ ଏକା ଆସିଲେ କିପରି ?''

ଭଗବାନଙ୍କ ଅବତାରଙ୍କର ଭାଗବତ ଚେତନା ଏବଂ ଶକ୍ତି ତଥା ମାନୁଷୀ ଚେତନା ଉଭୟ ଥାଏ । ସେ ମନୁଷ୍ୟର ପ୍ରତିନିଧି ହୋଇଥିବାରୁ ମନୁଷ୍ୟ ଚେତନାରେ ରହି କାର୍ଯ୍ୟ କରନ୍ତି । ଚାହିଁବା ମାତ୍ରେ ଭଗବତ୍ ଚେତନାରେ କାର୍ଯ୍ୟ କରିପାରନ୍ତି । ଶ୍ରୀଅରବିନ୍ଦଙ୍କ ସକାଶେ ମଧ ଏହିପରି ଉଦାହରଣ ଦିଆହୋଇଛି । ବହୁତ ଅନିବାର୍ଯ୍ୟ ନ ହେଲେ ଅବତାରମାନେ ଐଶ୍ୱର୍ଯ୍ୟ ପ୍ରୟୋଗ କରନ୍ତି ନାହିଁ । ଠିକ୍ ମନୁଷ୍ୟ ସଦୃଶ ବ୍ୟବହାର କରନ୍ତି ଯେପରି ତାଙ୍କ ଭଗବତ୍ତାକୁ ମନୁଷ୍ୟ ବୁଝି ନ ପାରେ । କାରଣ ସେ ମନୁଷ୍ୟ-ଚେତନାରେ ରହି କର୍ମ କଲେ ତାଙ୍କ ଆଦର୍ଶକୁ ମନୁଷ୍ୟ ଗ୍ରହଣ କରିପାରିବ । ସେହି ସକାଶେ ମନୁଷ୍ୟ ସଦୃଶ ଶ୍ରୀମାଶ୍ରୀଅରବିନ୍ଦ ସାଧନା କରିଛନ୍ତି, ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ପ୍ରଥମ ସାଧନାରେ ଜପର ବିଶେଷ ଆବଶ୍ୟକତା ନ ଥିଲା । ଶରୀର-ରୂପାନ୍ତର ସମୟରେ ଜପ ଆବଶ୍ୟକ ହେବାରୁ ଶ୍ରୀମା ନିଜେ ଉପଲବ୍ଧି କରିଥିବା କଥା ଲେଖିଛନ୍ତି ।

ମହାଭାରତ ଯୁଦ୍ଧ ସମୟରେ ଯେବେ ଯେବେ ଭବିଷ୍ୟ ଜାଣିବାକୁ କିଂବା କୌଣସି ଗୁପ୍ତ ବସ୍ତୁ ଜାଣିବାକୁ ଆବଶ୍ୟକ ହେଉଥିଲା ଶ୍ରୀକୃଷ୍ଣ ସହଦେବଙ୍କୁ ପଚାରୁଥିଲେ । ଅବତାରଙ୍କ ଚରିତ୍ର ବୁଦ୍ଧିରେ ବୁଝିବା ବହୁତ କଠିନ ।

**ପ୍ରଶ୍ନ** : *ତୁଳସୀ ଦାସ କହିଛନ୍ତି, ''ଓଲଟା 'ମରା' ନାମ ଜପି ବାଲ୍ମୀକି ମହାଋଷି ହୋଇ ପାରିଥିଲେ, ସିଧା ନାମ ଜପିଲେ, କ'ଣ ପଦ ନମିଳିବ ?'' କିନ୍ତୁ ତୁଳସୀ ଦାସ ତ ରାମ ନାମ ଜପ କରୁଥିଲେ, ସେ ବାଲ୍ମୀକିଙ୍କ ପରି ମହାଋଷି ହୋଇପାରିଲେ ନାହିଁ କାହିଁକି ? ଏଥିରୁ ଜଣାପଡ଼େ ସବୁ ହୁଏ ଈଶ୍ୱରଙ୍କ ଇଚ୍ଛାରେ । ଏଥିରେ କାହାର କିଛି କରିବା ବା କହିବାର ନାହିଁ । ''କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ (ଭାଗବତ) ।'' ଭଗବାନ୍ ଯେବେ ସବୁ କରାଉଛନ୍ତି ଓ କରୁଛନ୍ତି ତେବେ ଆମ୍ଭମାନଙ୍କର କିଛି କରିବା ଆବଶ୍ୟକ କ'ଣ ? ସେ ତ ସବୁ କରିଦେବେ ।*

**ଉତ୍ତର** : ...ତୁଳସୀ ଦାସ ବାଲ୍ମୀକିଙ୍କ ପରି ମହାପୁରୁଷ

ହେବେ କାହିଁକି ? ପୂର୍ବେ କହିଛି – ଯାହାର ଯେତେ ଶ୍ରଦ୍ଧା ଓ ବିଶ୍ୱାସ ଅଧିକ ହେବ, ସେ ରାମନାମର ମହତ୍ତ୍ୱ ସେତେ ଜାଣିବ, ତେତେ ଅଧିକ ଫଳ ପାଇବ । ପ୍ରତ୍ୟେକ ବ୍ୟକ୍ତିଙ୍କର ଆଧାର ଭିନ୍ନ ଭିନ୍ନ । ତେଣୁ ଭିନ୍ନ ଭିନ୍ନ ରୂପେ ଫଳ ପାଆନ୍ତି । ଗୋସ୍ୱାମୀ ତୁଳସୀ ଦାସଙ୍କର ସମ୍ବନ୍ଧେ ବୋଧହୁଏ ଆପଣ ବିଶେଷ କିଛି ଜାଣନ୍ତି ନାହିଁ କିଂବା ତାଙ୍କ ରଚିତ ରାମାୟଣ ପଢ଼ି ନାହାନ୍ତି; ସେଥିପାଇଁ ଏପରି କହୁଛନ୍ତି । ଅଯୋଧ୍ୟା, କାଶୀ ଇତ୍ୟାଦି ସ୍ଥାନରେ ତୁଳସୀ ଦାସଙ୍କୁ ବାଲ୍ମୀକିଙ୍କ ଅବତାର ବୋଲି ସନ୍ଥମାନେ ସ୍ୱୀକାର କରନ୍ତି । ତାଙ୍କ ରାମାୟଣର ଆଦର ବାଲ୍ମୀକି ରାମାୟଣଠାରୁ କମ୍ ନୁହେଁ ।

''ସବୁ ହୁଏ ଭଗବାନଙ୍କ ଇଚ୍ଛାରେ'', ''କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ'', ''ଭଗବାନ୍ ସ୍ୱୟଂ କରନ୍ତି ଏବଂ କରାନ୍ତି''– ଏହାହିଁ ବିଚାର କରିବାର ବିଷୟ । ଭଗବାନଙ୍କ ବିଦ୍ୟା ଓ ଅବିଦ୍ୟା – ଏ ଦୁଇଟି ମାୟା । ବିଦ୍ୟା-ମାୟା ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ସେହିମାନଙ୍କୁ ପରିଚାଳନା କରନ୍ତି, ଯେଉଁମାନେ ଅବିଦ୍ୟା ମାୟାଠାରୁ ମୁକ୍ତ ହୋଇ ଯାଇଛନ୍ତି । ଯେଉଁମାନେ ଭଗବାନଙ୍କୁ ସମସ୍ତ କିଛି ସମର୍ପଣ କରି ଭଗବାନଙ୍କ ଚେତନା ସହିତ ନିଜ ଚେତନାକୁ ଏକ କରି ଦେଇଛନ୍ତି, ସେହିମାନେହିଁ ପ୍ରକୃତରେ ଭଗବାନଙ୍କ ଦ୍ୱାରା ଚାଳିତ ହୁଅନ୍ତି ଏବଂ ପ୍ରତ୍ୟକ୍ଷ ଅନୁଭବ କରନ୍ତି ଯେ ତାଙ୍କ ଦ୍ୱାରା ଯାହା କିଛି ହେଉଅଛି, ସବୁ କରାଉଛନ୍ତି ଭଗବାନ୍ । ତେଣୁ ଜଗନ୍ନାଥ ଦାସ ସ୍ୱ-ରଚିତ ଭାଗବତରେ କହିଛନ୍ତି, ''କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ ।'' ଅବିଦ୍ୟା-ମାୟା ମଧ୍ୟ ଭଗବାନଙ୍କ ଶକ୍ତି । ଏ ଶକ୍ତି ସ୍ୱତନ୍ତ୍ର ରୂପେ ଶାସନ କରୁଥାଏ । ଏଥିରେ ଭଗବାନ୍ ସାଧାରଣ ତଥା ପ୍ରତ୍ୟକ୍ଷ ରୂପେ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ, କିନ୍ତୁ ଏହାକୁ ଧାରଣ କରିଥାଆନ୍ତି ଏବଂ ପଶ୍ଚାତରେ ରହି ଏହାର କାର୍ଯ୍ୟରେ ସମ୍ମତି ଦେଉଥା'ନ୍ତି । କିନ୍ତୁ ଏହି ଅବିଦ୍ୟା-ମାୟା କବଳରେ ପଡ଼ିଥିବା ଅଜ୍ଞାନୀ ଲୋକେ ''ଭଗବାନ୍ ସବୁ କରୁଛନ୍ତି'', ''କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ'', ଏହା ଭୁଲି ଯାଆନ୍ତି ଏବଂ ମନେ କରନ୍ତି, ''ସବୁକିଛି 'ମୁଁ' କରୁଛି '' । ସେହି କାରଣରୁ ସେମାନଙ୍କ ଦ୍ୱାରା ଯେଉଁସବୁ ଶୁଭ ଅଶୁଭ ହୁଏ ତା'ର ଫଳ – ଦୁଃଖ, ସୁଖ ସେମାନେ ଭୋଗ କରନ୍ତି । ଏହି ଅବିଦ୍ୟା-ମାୟା କବଳରୁ ମୁକ୍ତ ହେବା ସକାଶେ ଜ୍ଞାନ, ଭକ୍ତି ଇତ୍ୟାଦି ନାନାବିଧ ସାଧନାର ପ୍ରଣାଳୀ ମୁନି, ଋଷି ଓ ବେଦ, ଶାସ୍ତ୍ର ଦ୍ୱାରା ନିର୍ଦ୍ଧାରିତ ହୋଇଅଛି । ସାଧନା ଦ୍ୱାରା ମନ, ପ୍ରାଣ ଶୁଦ୍ଧ ହୋଇ ଜ୍ଞାନ, ଭକ୍ତି ପ୍ରାପ୍ତ ହେଲେ ମନୁଷ୍ୟ ଉପଲବ୍ଧି କରେ ଯେ ସବୁକିଛି ଭଗବାନ୍ କରାଉ ଅଛନ୍ତି । ସେହି ସମୟରେ ତାହାର ବ୍ୟକ୍ତିଗତ ଅହଂ ଅଥବା 'ମୁଁ' ସ୍ଥାନରେ ଆସନ୍ତି 'ଭଗବାନ୍' । ତାହାର ସମସ୍ତ କର୍ମ ହୁଏ ଭଗବାନଙ୍କ ପରିଚାଳନାରେ । ସେ ହୁଏ ଭଗବାନଙ୍କ ଯନ୍ତ୍ର । ତା'ର ଯଦି ଲକ୍ଷ୍ୟ ଥାଏ ଭଗବାନଙ୍କ ଚେତନା ସଙ୍ଗେ ନିଜ ମନ, ପ୍ରାଣ ଓ ଶରୀର ଚେତନାକୁ ପୂର୍ଣ୍ଣ ରୂପେ ଏକ କରିବାକୁ, ତେବେ ଦିବ୍ୟ-ଭଗବତ୍ ଶକ୍ତି ଦ୍ୱାରା,– ମନ, ପ୍ରାଣ, ଶରୀର ପୂର୍ଣ୍ଣରୂପେ ରୂପାନ୍ତରିତ ହୋଇ ଭଗବତ୍-ସାଧର୍ମ୍ୟ ଅର୍ଥାତ୍ ଦିବ୍ୟ ମାନବତ୍ୱକୁ ପ୍ରାପ୍ତ ହୁଏ । ''ଭଗବାନ୍ ସବୁ କରାଉ ଅଛନ୍ତି'' ଏ ଅନୁଭବ ଯେପର୍ଯ୍ୟନ୍ତ ନଆସିଛି, ସେପର୍ଯ୍ୟନ୍ତ ପ୍ରଯତ୍ନ ଦ୍ୱାରା ସାଧନା କରିବାକୁ ହେବ । ''ଭଗବାନ୍ ସବୁ କରାଉ ଅଛନ୍ତି,'' ଏହା କେବଳ କଥାରେ କହିଲେ ଚଳିବ ନାହିଁ । ଏହାକୁ ଚେତନାରେ ଉତାରି ଆଣିବାକୁ ହେବ, ଅର୍ଥାତ୍ ଉପଲବ୍ଧି କରିବାକୁ ହେବ ।

ସାଧନା ସମୟରେ ନିରନ୍ତର ସ୍ମରଣ ରଖିବାକୁ ହେବ, ଭଗବାନ୍ ସବୁକିଛି କରାଉ ଅଛନ୍ତି । ଏପରିକି ସାଧନାରେ ଯେଉଁ ପ୍ରୟାସ କରିବାକୁ ହେଉଛି, ତାହାର ପ୍ରେରକ ମଧ୍ୟ ଭଗବାନ୍ । ଏହି ଧାରଣା ରଖି ସମସ୍ତ କର୍ମ, ସାଧାରଣରୁ ସାଧାରଣ ସ୍ନାନ, ଭୋଜନ ଇତ୍ୟାଦି କର୍ମକୁ ଭଗବାନଙ୍କୁ ଅର୍ପଣ କରିବାକୁ ହେବ । ଏହା ଫଳରେ କ୍ରମଶଃ ଅନୁଭୂତ ହେବ ଯେ ଭଗବତ୍ ଶକ୍ତି ସର୍ବଦା ପରିଚାଳନା କରୁଅଛନ୍ତି । ଏହା ସଙ୍ଗେ ସଙ୍ଗେ ନିରନ୍ତର ଅଶୁଦ୍ଧ କାର୍ଯ୍ୟକୁ ତ୍ୟାଗ କରିବାକୁ ହେବ । ଏହି ତ୍ୟାଗରେ ସାହାଯ୍ୟ ସକାଶେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ହେବ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା ୫୬୨-୫୬୩
ଓ ବିଭିନ୍ନ ସମୟର ପ୍ରଶ୍ନୋତ୍ତରରୁ ।) ❑

''ନାମଜପରେ ଏକ ମହାନ୍ ଶକ୍ତି ରହିଛି ।''
– ଶ୍ରୀଅରବିନ୍ଦ

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ପ୍ରପତ୍ତି : ଏକ ମିତ୍ର ଓ ନେତା

## ଛୋଟେ ନାରାୟଣ ଶର୍ମା

ଯେପରି ସମୁଦ୍ରପୃଷ୍ଠସ୍ଥ ତରଙ୍ଗର ବିବରଣକୁ ଆମେ ସମୁଦ୍ରର ଇତିହାସ ବୋଲି କହିପାରିବା ନାହିଁ; ଠିକ୍ ସେହିପରି ବ୍ୟକ୍ତିର ବାହ୍ୟ ଜୀବନକୁ ତାହାର ସର୍ବାଙ୍ଗ ସତ୍ୟ ବୋଲି କୁହାଯାଇ ପାରିବ ନାହିଁ । ଜୀବନର ବାହ୍ୟ ଘଟଣା-ଜାଲରୁ କୌଣସି ଏକ ବ୍ୟକ୍ତିତ୍ୱର କିଛି ଆଭାସ ମାତ୍ର ମିଳିପାରେ, କିନ୍ତୁ ତାହାର ସମ୍ପୂର୍ଣ୍ଣ ସତ୍ୟର ରହସ୍ୟକୁ ତହିଁରୁ ନିର୍ଦ୍ଧାରଣ କରାଯାଇ ପାରେ ନାହିଁ । ପ୍ରପତ୍ତି ଆଶ୍ରମକୁ ଆସିବା ପୂର୍ବରୁ ଓଡ଼ିଶାରେ ଦର୍ଶନଶାସ୍ତ୍ରର ଅଧ୍ୟାପକ ଥିଲେ । ସେ ଅଧ୍ୟାପକ ପତି(ଶ୍ରୀଯୁକ୍ତ କାଙ୍ଗାଳୀ ଚରଣ ପତି) ନାମରେ ପରିଚିତ ଥିଲେ । ଆଶ୍ରମକୁ ଆସିବା ପରେ ତାଙ୍କର ନାମ ହେଲା 'ପ୍ରପତ୍ତି' । 'ପତି' ଶବ୍ଦର ଅର୍ଥ ହେଉଛି ସ୍ୱାମୀ ବା ମାଲିକ; 'ପ୍ରପତ୍ତି' ଶବ୍ଦର ଅର୍ଥ ହେଉଛି ସର୍ବାଙ୍ଗ ରୂପେ ସମର୍ପିତ, ପରିପୂର୍ଣ୍ଣ ଆନୁଗତ୍ୟ । ମାତ୍ର ଏହାକୁ ସାଧାରଣ ଦୃଷ୍ଟିରୁ ଅଗ୍ରଗତି ବୋଲି କୁହାଯାଏ ନାହିଁ । ତେବେ ଅଧ୍ୟାପକ ପତି କି ସନ୍ଧାନରେ ଏଠାକୁ ଆସିଥିଲେ ? ଏହା ଯଦି ଅଗ୍ରଗତି ହୋଇ ନଥା'ନ୍ତା ତେବେ ଦର୍ଶନଶାସ୍ତ୍ରରେ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ଜୀବନର ଦ୍ୱାର ଦେଶରେ ଏହାକୁ କାହିଁକି ଗ୍ରହଣ କରିନେଲେ ? ସେହି ସମୟରେ ସେ ତାଙ୍କ ପରିବାରର ଧ୍ରୁବତାରା ଥିଲେ; ଆଶାର କେନ୍ଦ୍ର ଥିଲେ । ଶ୍ରୀଅରବିନ୍ଦ ଆଶ୍ରମକୁ ସେ ଚାଲି ଆସିବାର ଅର୍ଥ ହେଲା ତାଙ୍କ ପରିବାରର ଧ୍ରୁବତାରା ଅସ୍ତ ହେବା । କୁହାଯାଇପାରେ ଯେ ଏହି ପରିବାରର ଦିଗ ନିର୍ଦ୍ଦେଶକର ଅସ୍ତ ହୋଇଗଲା । କିନ୍ତୁ ଏହା ଥିଲା ଏକ ବିନିମୟ । ସ୍ୱୟଂ ପ୍ରପତ୍ତି ଏହାକୁ ଜାଣିପାରିଥିଲେ । ଆପଣା ଧ୍ରୁବତାରାକୁ ଦେଇ ସେହି ପରିବାରର ସ୍ୱୟଂ ସୂର୍ଯ୍ୟକୁ କିଣି ନେଇଥିଲେ । ପ୍ରପତ୍ତି ସୂର୍ଯ୍ୟଙ୍କର କିରଣର ବାହକ ହୋଇ ଯାଇଥିଲେ : ଆପଣା ପରିବାର ତଥା ସମଗ୍ର ପ୍ରଦେଶ ପାଇଁ ।

ଆଶ୍ରମକୁ ଆସିବା ସମୟରେ ଅଧ୍ୟାପକ ପ୍ରପତ୍ତି ଏକେବାରେ ଯୁବକ ଥିଲେ । ସୁଦୃଢ଼ ଶରୀର ଓ ବିଦ୍ୟାବିନୟସମ୍ପନ୍ନ ମନୋଭାବ ନେଇ ସେ ଆଶ୍ରମକୁ ଆସିଥିଲେ । ଏଠାରେ ପ୍ରଥମେ ପ୍ରଥମେ ଆଶ୍ରମର ଭୋଜନାଳୟରେ ଏବଂ ପରେ ଆଶ୍ରମର ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ସେ କାର୍ଯ୍ୟ କରିଥିଲେ । ଶରୀରଚର୍ଯ୍ୟାର ଅଭ୍ୟାସ ମଧ୍ୟ ସେ ବଜାୟ ରଖିଥିଲେ । ସମ୍ପୂର୍ଣ୍ଣରୂପେ ଅନୁଗତ ପ୍ରପତ୍ତି ବର୍ତ୍ତମାନ ନିଜକୁ ଆଶ୍ରମ ଜୀବନର ବସୁଧାରା ସକାଶେ ସମର୍ପିତ କରି ଦେଇଥିଲେ । ତାଙ୍କର ନିଜ ଅର୍ଘ୍ୟଦାନକୁ ସ୍ୱୟଂ ଜଗନ୍ମାତା ସ୍ୱୀକାର କରି ନେଇଥିଲେ ଏବଂ ଶ୍ରୀମା'ଙ୍କ ପ୍ରଦତ୍ତ 'ପ୍ରପତ୍ତି' ନାମ ଯଥାର୍ଥରେ ସାର୍ଥକ ହୋଇଥିଲା ।

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ ଜାଣନ୍ତି, ସେମାନେ ବୁଝନ୍ତି ଯେ ଆଶ୍ରମ ହେଉଛି ଏପରି ଏକ ଗୋଷ୍ଠୀ ବା ସଂଘ ଯେଉଁଠାରେ ଜଗତର ସକଳ କର୍ମ ପ୍ରତିବିମ୍ବିତ ହେବାର ଦେଖାଯାଇଥାଏ । ଏହା ସହିତ ଆଶ୍ରମ ଜୀବନରେ ପ୍ରତିବିମ୍ବିତ ହୋଇଥାଏ ଏକ ଦିବ୍ୟ ରାସାୟନିକ କ୍ରିୟା । ସ୍ୱୟଂ ବ୍ୟକ୍ତି ହେଉଛି ଏହି ପ୍ରୟୋଗଶାଳାର ଏକ ଜୀବନ୍ତ ଉପାଦାନ । ଯାହା ଏଠାରେ ଗଢ଼ାଯାଏ ତାହା ହେଲା ଏକ ନୂତନ ମାନବ । ଏହି ନୂତନ ମାନବ ହେଉଛି ଭବିଷ୍ୟତର ସେହି ଦିବ୍ୟପୁରୁଷ ଯେ ହେବ ବିଶ୍ୱ-ପ୍ରକୃତିର ସାର୍ଥକ ରୂପାୟନ । ଆଶ୍ରମ ହେଉଛି ଏକ ରସାୟନ-ସିଦ୍ଧିର ବେଦିକା; କିନ୍ତୁ ଏହାର କ୍ଷେତ୍ର ହେଉଛି ସମଗ୍ର ବିଶ୍ୱ । ଏହା ଏକ ବିଶ୍ୱଯଜ୍ଞ, ସ୍ୱୟଂ ବିଶ୍ୱକର୍ମାଙ୍କର ବିଶ୍ୱକର୍ମ । ଯେଉଁ ବ୍ୟକ୍ତିସକଳ ଏଠାରେ ଅଛନ୍ତି, ସେମାନେ ହେଉଛନ୍ତି ଏକ ଏକ ମନୋଭାବର ପ୍ରତୀକ ଓ ପ୍ରତିନିଧି । ଏଠାରେ ଚାଲୁଥିବା ପରିବର୍ତ୍ତନର ଅର୍ଥ ହେଉଛି ସେହି ଭବିଷ୍ୟତ୍ ସିଦ୍ଧି ଯାହା ସର୍ବାଙ୍ଗୀଣ ଓ ନିତ୍ୟ ନବୀନ ।

ପ୍ରପତ୍ତି ଆଶ୍ରମରେ ଯୋଗ ଦେବା ପୂର୍ବରୁ ଶ୍ରୀଅରବିନ୍ଦ ନିଜ ପାର୍ଥିବ ଶରୀର ତ୍ୟାଗ କରିଥିଲେ । ଶ୍ରୀମା ସେହି ଶରୀରର ଅଭ୍ୟର୍ଥନା କରିବା ବେଳେ ଯେଉଁସବୁ ବାଣୀ ଦେଇଥିଲେ ତହିଁ ମଧ୍ୟରେ କହିଥିଲେ ଯେ ଶ୍ରୀଅରବିନ୍ଦ ଯାହାକିଛି କରିବାକୁ ଚାହିଁଥିଲେ ସ୍ୱୟଂ ଜୀବନକାଳରେ ସେସବୁ ସାଧନା କରି ଯାଇଥିଲେ । ଏଥି ସହିତ ସେ ଏହି ଆଶ୍ୱାସନା ବାଣୀ ଦେଇ ଯାଇଥିଲେ ଯେ ପ୍ରଭୁ କେବେ ହେଲେ ପାର୍ଥିବ ବାତାବରଣ ତ୍ୟାଗ କରିବେ ନାହିଁ; ଯେପର୍ଯ୍ୟନ୍ତ ରୂପାନ୍ତର କାର୍ଯ୍ୟ ସର୍ବତଃ ସିଦ୍ଧ ନ ହୋଇଛି । ଏହି ରୂପାନ୍ତର କେବଳ କୌଣସି ବ୍ୟକ୍ତିର

ନୁହେଁ, ସମଗ୍ର ବିଶ୍ୱଜଗତର । ଯେଉଁ ସାଧନା ଆଶ୍ରମରେ ଚାଲୁଥିଲା, ବାହ୍ୟ ଜଗତରେ ମଧ୍ୟ ତାହାର ପ୍ରସାରଣର ଆବଶ୍ୟକତା ଥିଲା; ବ୍ୟକ୍ତି ସହିତ ସମାଜର ଦୀକ୍ଷା ମଧ୍ୟ ଆବଶ୍ୟକ ଥିଲା । ସେହି ମୁହୂର୍ତ୍ତ ଆସି ଯାଇଥିଲା । ଶ୍ରୀଅରବିନ୍ଦ ତାଙ୍କର ଶରୀର ତ୍ୟାଗ ପର୍ଯ୍ୟନ୍ତ ଏକହିଁ କକ୍ଷ ଓ ଶରୀର ମଧ୍ୟରେ ଆବଦ୍ଧ ଥିଲେ; ଶରୀର ତ୍ୟାଗ ପରେ ଏହି ଉଭୟ ମଧ୍ୟରୁ ସେ ବାହାରକୁ ଆସିଯାଇଥିଲେ । ସମଗ୍ର ସଂସାରରେ ତାଙ୍କର କର୍ମଧାରା ଓ ଯୋଗଧାରାର ବ୍ୟାପକ ପ୍ରବାହକୁ ଗ୍ରହଣ କରିବାର ସମୟ ଆସିଯାଇଥିଲା । ଅତିମାନସର ଅବତରଣ ହୋଇ ସାରିଥିଲା ଏବଂ ଯଦ୍ୟପି ଲୋକମାନଙ୍କ ସ୍ଥୂଳଦୃଷ୍ଟି ସକାଶେ ଆଜି ମଧ୍ୟ ଏହା ଅଗୋଚର, ତଥାପି ତାଙ୍କ ପଦଭାରର ରହସ୍ୟପୂର୍ଣ୍ଣ ସଙ୍କେତ ଲୋକମାନେ ପାଇପାରୁ ଥିଲେ । ଅଘଟଣ ଘଟଣାସବୁ ଘଟିବାକୁ ଆରମ୍ଭ କରିଥିଲା ଏବଂ ଯେ ଇତିହାସର ସବୁଠାରୁ ଶକ୍ତିଶାଳୀ ମନୁଷ୍ୟଜାତି ଥିଲା, ସେ ମଧ୍ୟ ଆପଣାର ରକ୍ଷା ନିମିତ୍ତ ଏତେ ଉଦାସୀନ, ଅଯୋଗ୍ୟ ଓ ଅସମର୍ଥ ହୋଇ ଯାଇଥିଲା ଯେ ତାହାର ଭବିଷ୍ୟତ୍ ତା' ନିକଟରେ ଅନ୍ଧକାରାବୃତ ହେବାକୁ ଲାଗିଲା । ପରନ୍ତୁ ଏହା ଥିଲା ବିଶ୍ୱ ଯବନିକାର ଏକ ପକ୍ଷ ମାତ୍ର ।

ଅତିମାନସ ଅବତରଣ ସହିତ ଯୋଗଶକ୍ତି ଅନ୍ୟ ଏକ ସ୍ତରକୁ ପ୍ରବିଷ୍ଟ ହୋଇଥିଲା । ଶ୍ରୀଅରବିନ୍ଦଙ୍କର ଦେହାଂଶ ସର୍ବପ୍ରଥମେ ଶ୍ରୀମାଙ୍କ ନିର୍ଦ୍ଦେଶାନୁସାରେ ଭାରତର ରାଜଧାନୀ ଦିଲ୍ଲୀରେ ସ୍ଥାପିତ ହୋଇଥିଲା । ସାଧାରଣ ଦୃଷ୍ଟିରେ ଯାହା ଅତି ସାମାନ୍ୟ ଘଟଣା ଥିଲା, ତାହାର ଗୂଢ଼ାର୍ଥ ହେଲା ସେହି ଭୂମିରେ ଦିବ୍ୟଶକ୍ତିର ପଦାର୍ପଣ ଓ ପ୍ରବେଶ – ଯାହା ଥିଲା ଜୀବନର ସର୍ବୋଚ୍ଚ କାର୍ଯ୍ୟାଳୟ, ରାଷ୍ଟ୍ରୀୟ କ୍ରିୟାଶକ୍ତିର ଘନୀଭୂତ ସ୍ତୂପ ଓ ପ୍ରବୃତ୍ତି ସକଳର ନିଜ ରଙ୍ଗମଞ୍ଚ । ଶ୍ରୀଅରବିନ୍ଦଙ୍କ ଦେହାଂଶର ସ୍ଥାପନା ସହିତ ସେଠାରେ ଶ୍ରୀଅରବିନ୍ଦଙ୍କ ସ୍ଥୂଳ ଉପସ୍ଥିତିର ଅନୁଭୂତି ସମ୍ଭବ ହୋଇ ପାରିଥିଲା । ଯେଉଁସବୁ ଦର୍ଶନାର୍ଥୀ ଦିଲ୍ଲୀକୁ ଆସୁଥିଲେ ସେମାନେ ସେଠାରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ମଧ୍ୟରେ ଭାରତର ଭବିଷ୍ୟତକୁ ଦେଖୁଥିଲେ ଏବଂ ତହିଁରେ ଦେଖୁଥିଲେ ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ ସ୍ୱପ୍ନ – ଯାହା ଥିଲା ସମଗ୍ର ଜଗତର ଭବିଷ୍ୟତ୍ । ଯେଉଁ ବିଦେଶୀମାନେ ଦିଲ୍ଲୀ ଆସୁଥିଲେ, ସେମାନେ ଆଶ୍ରମର ସେହି ଏକମାତ୍ର ଦିଲ୍ଲୀସ୍ଥ ଶାଖାରେ ଶ୍ରୀଅରବିନ୍ଦଙ୍କ ସ୍ଥୂଳ ଅନୁଭୂତି ଅନୁଭବ କରି ତାଙ୍କର ସ୍ଥୂଳ ସଂସ୍ପର୍ଶରେ ଆସୁଥିଲେ ।

କିନ୍ତୁ ଦିଲ୍ଲୀ ନୁହେଁ, ବହିର୍ଭୂତ ଯୋଗଶକ୍ତିର ସର୍ବାଧିକ ପ୍ରସାର ହେଲା ଓଡ଼ିଶାରେ । ଶ୍ରୀକୃଷ୍ଣ ଦୂତ ରୂପେ ରାଜା ଧୃତରାଷ୍ଟ୍ରଙ୍କ ନିକଟକୁ ଯାଇଥିଲେ । ସେ ସେହି ରାଜଦରବାରର ଅତିଥି ଥିଲେ, କିନ୍ତୁ ଯେତେବେଳେ ସେ ବିଦୁରଙ୍କ ଘରକୁ ଯାଇଥିଲେ, ସେତେବେଳେ ସେ ଥିଲେ ତାଙ୍କର ଇଷ୍ଟଦେବତା, ପୂଜା ଓ ପ୍ରେମର ଏକମାତ୍ର ଆଶ୍ରୟ । ଦୁର୍ଯ୍ୟୋଧନଙ୍କ ପାଖରେ ରାଜସମ୍ଭାର ଥିଲା, କିନ୍ତୁ ବିଦୁରଙ୍କ ପାଖରେ ଥିଲା ହୃଦୟ । ବିଦୁରଙ୍କର ପତ୍ନୀ ଯେଉଁ ଶାଗ ଭଜାକୁ ପରଷି ଦେଇଥିଲେ ତାହାର ସ୍ୱାଦ ଥିଲା ସବୁଠାରୁ ମଧୁର । ଓଡ଼ିଶାର ଲୋକମାନେ ଯୋଗଶକ୍ତିକୁ ସ୍ୱାଗତ କଲେ । ଭଗବାନ୍ ସେଠାରେ ସିଂହାସନ ଉପରେ ନୁହେଁ, ହୃଦୟର ଆସନରେ ବସିଲେ । ଶ୍ରୀ ରାମକୃଷ୍ଣ ଦାସ ଯେ ପ୍ରଥମେ ଆସି ଆଶ୍ରମରେ ରହୁଥିଲେ, ଯାହାଙ୍କୁ ସମସ୍ତେ 'ବାବାଜୀ' ବୋଲି ଡାକୁଥିଲେ – ସେ ମଧ୍ୟ ଓଡ଼ିଆ ଥିଲେ । ତାଙ୍କର ବ୍ୟକ୍ତିଗତ ସାଧନା ବୈଷ୍ଣବ ପରମ୍ପରାର ସାଧନା ଥିଲା । କିନ୍ତୁ ସେସମୟରେ ସେ ଆଶ୍ରମରେ ଥିଲେ ଏବଂ ସେ ଶ୍ରୀଅରବିନ୍ଦଙ୍କ ଯୋଗକୁ ସବୁ ଆଧ୍ୟାତ୍ମିକ ପରମ୍ପରାର ଶେଷ ପର୍ବର ଚରମ ପ୍ରତିଫଳନ ଭାବରେ ମାନୁଥିଲେ । ଓଡ଼ିଶା ସକାଶେ ସେ ଅଭ୍ୟର୍ଥନାର ଆଳତି ସଜାଇ ପ୍ରପତ୍ତିଙ୍କ ହାତରେ ଥାଳିଟିକୁ ଧରାଇ ଦେଇଥିଲେ । ପ୍ରପତ୍ତି ଅଗ୍ରଣୀ ହେଲେ । ଯଦି ବାବାଜୀ ଥିଲେ ଏହି ବିଚିତ୍ର ଅଭ୍ୟର୍ଥନାର ଉଦ୍ୟୋକ୍ତା ତେବେ ପ୍ରପତ୍ତି ଥିଲେ ଏହି ପ୍ରେରଣାର ମୂର୍ତ୍ତିମାନ୍ ବାହକ । ଇନ୍ଦ୍ରଧନୁ ସଦୃଶ ଏକ ସେତୁ ବର୍ତ୍ତମାନ ଓଡ଼ିଶାକୁ ଶ୍ରୀମା'ଙ୍କ ଚରଣ ସହିତ ସଂଯୁକ୍ତ କରିଦେଲା ।

ଶ୍ରୀଅରବିନ୍ଦଙ୍କ କର୍ମ-ପ୍ରବାହର ଯେଉଁ ଗଙ୍ଗା ଓଡ଼ିଶାରେ ପ୍ରବାହିତ ହେଲା ତାହାର ଏକ ଅନ୍ୟ ସ୍ତର ବା ଅର୍ଥ ଥିଲା । କାରଣ ଯେଉଁ ପ୍ରଦେଶଗୁଡ଼ିକର ନାମକରଣ ବିହାର, ବଙ୍ଗଳା, ଓଡ଼ିଶା ଓ ଆନ୍ଧ୍ର ଆଦି ଭୂଗୋଳରେ ଅଙ୍କିତ, ତାହା ମନୁଷ୍ୟର ରଚନା । ବସ୍ତୁତଃ ଏହି ଗଙ୍ଗା ଆଶ୍ରମ ଜୀବନର ଉଚ୍ଚସ୍ତରରୁ ଯାଇ ଲୋକ-ଜୀବନରେ ଅବତରଣ କଲା । ଯଦି ଆଶ୍ରମକୁ ହିମଗିରି କୁହାଯାଏ, ତେବେ ଓଡ଼ିଶା ହେଉଛି ହରିଦ୍ୱାର । ଏଠାରେ ଯୋଗଶକ୍ତି ବସ୍ତୁତଃ ସାଧାରଣ ଜୀବନରେ ଅବତରଣ କଲା ଏବଂ ଏହାର ମହତ୍ତ୍ୱ ମଧ୍ୟ ସାର୍ବଜନୀନ ଥିଲା । ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଉତାରି ନେଇ ଆସିଥିଲେ । ଶ୍ରୀମା ରୂପାନ୍ତର-ସାଧନାରେ ତଲ୍ଲୀନ ଥିଲେ । ଯଦି କୁହାଯାଏ ଯେ ପୃଥିବୀର ଅଭୀପ୍ସାର ଧାରକ ସ୍ୱର୍ଣ୍ଣପାତ୍ର ଥିଲା ଶ୍ରୀମାଙ୍କ ପାର୍ଥିବ

ରୂପ; ତେବେ ବିଶ୍ୱଜନନୀ ରୂପେ ତାଙ୍କ ନିଜର ସ୍ୱରୂପ ଥିଲା ପରାପ୍ରକୃତିଙ୍କ ଦିବ୍ୟ ବରଦାନ । ସେ ସ୍ୱୟଂ ଥିଲେ ଦ୍ୱିବିଧ ଶକ୍ତିର ସଂଗମ — ପାର୍ଥିବ ଅଭୀପ୍ସାର ପ୍ରତିନିଧି ଓ ଭାଗବତ କରୁଣାର ପ୍ରତ୍ୟୁତ୍ତର । ସେ ଥିଲେ ସ୍ୱୟଂ ସାଧିକା, ସାଧନା ଓ ସାଧ୍ୟ ।

ଓଡ଼ିଶାର ମଗ୍ନଚେତନା (Subliminal) ଅନାବୃତ ଭାବରେ ଏହି ଭାଗବତ ବିଧାନ ପ୍ରତି ଉନ୍ମୁକ୍ତ ଥିଲା । ଶୀଘ୍ରହିଁ ସେଠାକାର ଲୋକ-ଜୀବନରେ ଯୋଗଶକ୍ତିର ଗଙ୍ଗା ପ୍ରବାହିତ ହୋଇ ଚାଲିଲା । ଏକ ଜୀବନ୍ତ ଶ୍ରଦ୍ଧା ଓ ବିଶ୍ୱାସ ସହ ଲୋକମାନେ ଏହି ପୁଣ୍ୟ ପ୍ରବାହର ସ୍ୱାଗତ କରିଥିଲେ । ପ୍ରପତ୍ତି ଏହି ଯଜ୍ଞର ମୁଖପାତ୍ର ହୋଇଥିଲେ ।

ପ୍ରଥମେ ଓଡ଼ିଶାର ସବୁ ସ୍ତରରେ — ବାଳ, ବୃଦ୍ଧ ଓ ଯୁବକ, ଯୁବତୀ ଏହା ଜାଣିବାକୁ ଉତ୍ସୁକ ହୋଇ ଉଠିଲେ ଯେ ସାଧନାର ଏହି ନୂଆ ଧାରାର ଉଦ୍ଦେଶ୍ୟ କ'ଣ, ଏହାର ରହସ୍ୟ ଓ ଅର୍ଥ କ'ଣ ଥିଲା । ପ୍ରପତ୍ତି ଲୋକଙ୍କର ମନୋଭାବକୁ ବୁଝୁଥିଲେ, ସେମାନଙ୍କର ଭାଷାକୁ ମଧ୍ୟ ଜାଣୁଥିଲେ । ବାବାଜୀଙ୍କ ପାଖରେ ରହସ୍ୟାର୍ଥ ଓ ସାଧନ-ସମ୍ପଦ ରହିଥିଲା । ଉଭୟେ ମିଳି ଏକ ନୂଆ ଦରଜା ଖୋଲି ଦେଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟାଖ୍ୟା ସେହି ଭାଷାରେ ଆରମ୍ଭ ହେଲା ଯାହା ପ୍ରାଚୀନ ପରମ୍ପରାର ସନ୍ଦର୍ଭର ଭାଷା ଥିଲା, ଯାହାକୁ ଲୋକେ ଜାଣୁଥିଲେ ଓ ବୁଝୁଥିଲେ । ଲୋକ-ସାହିତ୍ୟର ସୃଜନ ହେଲା, ପତ୍ର-ପତ୍ରିକାର ପ୍ରକାଶନ ହେଲା, ନବଜ୍ୟୋତି ନାମକ ସଂସ୍ଥା ଦଣ୍ଡାୟମାନ ହେଲା ଏବଂ ସ୍ୱୟଂ ଶ୍ରୀମା ଏହି କ୍ରମବର୍ଦ୍ଧମାନ ଆୟୋଜନକୁ ସ୍ୱୀକାର କରିନେଲେ ଓ ଏହାକୁ ଆଶୀର୍ବାଦ ପ୍ରଦାନ କଲେ । ପ୍ରପତ୍ତି ସ୍ୱୟଂ ଏହି ସୁନାର ଶୃଙ୍ଖଳ ଥିଲେ ଯହିଁରେ ସେ ଓଡ଼ିଶାର ଜନଜୀବନକୁ ଶ୍ରୀମା'ଙ୍କ ଚରଣ କମଳ ସହିତ ବାନ୍ଧି ଦେଲେ । ପାଠଚକ୍ର ସହିତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲିଲା, ହସ୍ତକର୍ମର ଉଦ୍ୟୋଗ ଆରମ୍ଭ ହେଲା, ଶ୍ରୀଅରବିନ୍ଦଙ୍କ ଦେହାଂଶ ସ୍ଥାପିତ ହେଲା । ଏଣୁ ଏସବୁ ସମ୍ବନ୍ଧେ କ୍ରମଶଃ ସରକାରୀ ଲୋକେ ଆଗ୍ରହୀ ହେଲେ ଏବଂ ଯେଉଁ ଓଡ଼ିଶା ରାଜନୈତିକ ଓ ଆର୍ଥିକ ଦୃଷ୍ଟିରେ ପଛୁଆ ବୋଲି ମନେ ହେଉଥିଲା ତାହା ଆଧ୍ୟାତ୍ମିକ ପ୍ରୟୋଜନର ସର୍ବପ୍ରଥମ ପଂକ୍ତିରେ ଦଣ୍ଡାୟମାନ ହେଲା । ମନେ ହେଲା ଓଡ଼ିଶାର ସେହି ଭୂମିରେ, ପୁରୁଷୋତ୍ତମ କ୍ଷେତ୍ରର ସେହି ପୂଜାସ୍ଥଳରେ ଭାରତର ଅନ୍ତରାତ୍ମା ଜାଗିଉଠିଲା; ମାନବଜାତିର ସତ୍‌ସଂକଳ୍ପ ଜାଗି ଉଠିଲା । ପଢ଼ାଲେଖା ଲୋକ, ଅପାଠୁଆ, ଅନାଡ଼ି, ଗାଉଁଲି ତଥା ସହରୀ — ସମସ୍ତଙ୍କ ଭିତରେ ସେହି ଭବିଷ୍ୟତ୍ ଜାଗ୍ରତ୍ ହେଲା ଯାହା ବିଶ୍ୱ-ଜୀବନର ତଥାକଥିତ ପୁରୋହିତମାନଙ୍କ ସକାଶେ ବର୍ତ୍ତମାନ ମଧ୍ୟ ସୁଦୂରର ହୋଇ ରହିଛି । ଯେଉଁଠାରେ ନିଜର କଲ୍ୟାଣ ଖୋଜୁଥିବା ସାରା ସମାଜ ଓ ସାରା ଦେଶର ଜନଗଣ ରାଜନୀତି ରଙ୍ଗମଞ୍ଚ ଉପରେ ଚିତ୍କାର କରୁଥିଲେ, ଭେଜାଲ ଓ ଚୋରାବଜାରର ଧନ୍ଦାରେ ବ୍ୟସ୍ତ ଥିଲେ, ସେଠାରେ ସେହି ସୂର୍ଯ୍ୟୋଦୟକୁ ଓଡ଼ିଶାବାସୀ ଅର୍ଘ୍ୟ ଦେଇଥିଲେ । ପ୍ରପତ୍ତି ଏହି ସମ୍ପୂର୍ଣ୍ଣ ଆୟୋଜନର ଅଗ୍ରଣୀ ତପସ୍ୱୀ ଥିଲେ ।

ହଁ, 'ତପସ୍ୱୀ' କହିବା ଦ୍ୱାରାହିଁ ତାଙ୍କର ସବୁଠାରୁ ଉପଯୁକ୍ତତାକୁ ବିବରଣ ଦିଆଯାଇପାରେ । ସେ ତପସ୍ୟାର ପ୍ରଦୀପ୍ତ ଅଗ୍ନିଶିଖା ଥିଲେ; କିନ୍ତୁ ତପସ୍ୟାର ଅଗ୍ନିଶିଖା ଉଭୟ ଆଲୋକ ଓ ଉତ୍ତାପ ମଧ୍ୟ ଦେଉଥିଲା । ଏଠାରେ ମୁଁ ପାଠକମାନଙ୍କୁ ଏକ ଭିନ୍ନ ଦିଗରେ ନେଇଯାଉଛି ।

ମୋର ଏକ ମିତ୍ର ଥିଲେ । ଦିନେ ସେ ରାତିରେ ସ୍ୱପ୍ନ ଦେଖିଲେ ଯେ ଶ୍ରୀମା ତାଙ୍କୁ ପଚାରୁଛନ୍ତି —''ତୁମେ କ'ଣ ମୋ ସକାଶେ କିଛି କଷ୍ଟ ସହନ କରିପାରିବ ?'' ମିତ୍ର କହିଲେ, ''କାହିଁକି ନୁହେଁ ?'' ତା' ପରଦିନ ସେ ଦେଖିଲେ ଯେ ତାଙ୍କ ପାଦରେ ଯେଉଁ ଛୋଟ ବଥ ଥିଲା, ତାହା ବଢ଼ିବାକୁ ଲାଗିଲା । ବିଚିତ୍ର ପୀଡ଼ା ସାରା ଶରୀରରେ ପ୍ରବାହିତ ହେବାକୁ ଲାଗିଲା । ଯାହା ଲଘୁ ଥିଲା, ତାହା ସମଗ୍ର ଶରୀରରେ ବ୍ୟାପ୍ତ ହୋଇଗଲା । ତାଙ୍କୁ ଡାକ୍ତରଖାନାକୁ ଯିବାକୁ ହେଲା । ତାଙ୍କର ଛୋଟ ଘା' ଏକ ବଡ଼ ପଚନଶୀଳ ଘା' (gangrene)ରେ ପରିଣତ ହେଲା । ତା'ର ନିରାମୟ ନିମିତ୍ତ ଡାକ୍ତରମାନେ ଏହା ନିଶ୍ଚିତ କଲେ ଯେ ତାଙ୍କର ସେହି ପାଦକୁ କାଟିଦେବାକୁ ହେବ; ତେବେହିଁ ତାଙ୍କର ପ୍ରାଣ ରକ୍ଷା ହୋଇପାରିବ । ଏହା ପରେ ଅତ୍ୟନ୍ତ ଚମତ୍କାରୀ ଢଙ୍ଗରେ ଏପରି କିଛି ଘଟିଲା ଯେ ତାଙ୍କର ପାଦଟିକୁ କାଟିବାକୁ ପଡ଼ିଲା ନାହିଁ । କିନ୍ତୁ ସ୍ୱୟଂ ତାଙ୍କୁ କେତେ ବର୍ଷ ପର୍ଯ୍ୟନ୍ତ ଶରୀରର ରୋମାଞ୍ଚକ ପୀଡ଼ାରେ ଜଳିବାକୁ ହୋଇଥିଲା । କିନ୍ତୁ ସେହି ପରିସ୍ଥିତିରେ ମଧ୍ୟ ସେ ବିଶ୍ୱାସ ଓ ସାହସର ସୁଦୃଢ଼ ସ୍ତମ୍ଭ ରୂପେ ପ୍ରତୀୟମାନ ହେଉଥିଲେ ଏବଂ ତାଙ୍କ ପାଖକୁ ଗଲେ ଲୋକେ ତାଙ୍କ ପୀଡ଼ାରେ ଦୁଃଖୀ ହେବା ଦୂରେ ଥାଉ, ତାଙ୍କ ସାହସ ଓ ବିଶ୍ୱାସରେ ଅଧିକ ଅନୁପ୍ରାଣିତ ହୋଇ ଉଠୁଥିଲେ । ମନେ ହେଉଥିଲା ଯେପରି ଶ୍ରୀମା'ଙ୍କ ବିଶ୍ୱଯଜ୍ଞର ବେଦିରୁ ଉଠୁଥିବା ଜ୍ୱାଳାର ଆମନ୍ତ୍ରଣକୁ ସେ ସ୍ୱୀକାର କରି ନେଇଥିଲେ ଏବଂ ଯଜ୍ଞାହୂତି ରୂପେ ସେହି ଜ୍ୱାଳାକୁ ସମର୍ପଣ

କରିଦେଲେ । ଆମେ ତାହା ଦେଖି ଆଶ୍ଚର୍ଯ୍ୟ ହେଉଥିଲୁ ଏବଂ ବୁଝିପାରୁ ନଥିଲୁ ଯେ ସେ ତିଳ ତିଳ କରି ଭସ୍ମ ହେଉଥିଲେ ନା ତପସ୍ୟାର ତରଳୀଭୂତ ଅଗ୍ନିର ସୁଧାପାନ କରୁଥିଲେ । ଶ୍ରୀଅରବିନ୍ଦ ଯାହାକୁ ମଧୁରାଗ୍ନି (fire sweet) ବୋଲି କହିଥିଲେ, ତହିଁରେ ଜଳିବାରେ କ'ଣ ମଧୁର ରସ ପାନ କରାଯାଏ ନାହିଁ ! କିଏ ଜାଣେ ବିଶ୍ୱସୃଷ୍ଟିର ଅବିଦ୍ୟାମୂଳକ ଆଧାର ଯେପର୍ଯ୍ୟନ୍ତ ରୂପାନ୍ତରକାରୀ ଜ୍ୱାଳାରେ ଜଳି ଆପଣାର ପ୍ରଦୀପ୍ତ ତେଜୋମୟ ସ୍ୱରୂପ-ସତ୍ୟରେ ବଦଳି ନ ଯାଇଛି, ସେପର୍ଯ୍ୟନ୍ତ ନବସୃଷ୍ଟି ସକାଶେ ଆବଶ୍ୟକ ରୂପଧାତୁ (substance)ର ତପସ୍ୟା ତ' ଚାଲିଥିବ । ଶ୍ରୀମା ଥିଲେ ବେଦିକା, ସେହିଁ ଥିଲେ ପ୍ରଜ୍ୱଳିତ ଯଜ୍ଞାଗ୍ନି ଏବଂ ସ୍ୱୟଂ ନିଜେ ଥିଲେ ସ୍ଥୂଳ ଦ୍ରବ୍ୟାହୁତି । ପ୍ରପତ୍ତି ଶ୍ରୀମା'ଙ୍କର ବହୁତ ନିକଟରେ ଥିଲେ — ତାଙ୍କର ଅନ୍ତରଙ୍ଗ କର୍ମୀ ଭାବରେ । ସେ ମଧ୍ୟ ସେହି ଅଗ୍ନିରେ ସ୍ୱୟଂ ସମର୍ପିତ ହୋଇ ଯାଇଥିଲେ । ଯଥାର୍ଥରେ ଶ୍ରୀମା'ଙ୍କର ପାର୍ଥିବ ଶରୀର ପ୍ରସାରିତ ଜଗତର ମୂଳ ବେଦିକା ଥିଲା । ଶ୍ରୀଅରବିନ୍ଦ ପୁରୁଷଯଜ୍ଞ କରିଥିଲେ ନିଜ ଶରୀରକୁ ଆହୁତି ଦେଇ । ନିଜ ଯଜ୍ଞ ବିଖଣ୍ଡିତ ବିଗ୍ରହ (Martyred body)କୁ ଦେଇ ସେ ରୁଦ୍ରଙ୍କର ଋଣ ପରିଶୋଧ କରିଥିଲେ, ମହାରୁଦ୍ରଙ୍କ ଜଗତ୍‌ବ୍ୟାପୀ ପିପାସାକୁ ତୃପ୍ତ କରିଥିଲେ । ଶ୍ରୀମା'ଙ୍କ ଆତ୍ମ-ସ୍ୱାହାକାର (holocaust) ଥିଲା ଏହି କର୍ମର ଅନ୍ୟ ପକ୍ଷ । ସତୀଙ୍କ ଆତ୍ମ-ସ୍ୱାହାକାର ପରେହିଁ ବହୁ ଶୋଭମାନା ହୈମବତୀ ଉମାଙ୍କର ଜନ୍ମ ହୋଇଥିଲା । ଜଡ଼ୀଭୂତ ସୃଷ୍ଟିର ଗର୍ଭରେହିଁ ପାଳିତ ପୋଷିତ ହେଉଥାଏ ଚିନ୍ମୟ ବିଶ୍ୱର ଭ୍ରୂଣ । ତରଳାୟିତ ଅବିଦ୍ୟାହିଁ ହେଉଛି ବିଦ୍ୟା, ଠିକ୍ ସେହିପରି ଅବିଦ୍ୟାର ସଘନ ମୂର୍ତ୍ତି ସତୀଙ୍କରହିଁ ରୂପାନ୍ତରିତ ସ୍ୱରୂପ ହେଉଛନ୍ତି ଉମା — ଚିନ୍ମୟୀ ମହାବିଦ୍ୟାର ଦିବ୍ୟ ରୂପାୟଣ ।

ଶ୍ରୀମା'ଙ୍କର ଏହି ଆତ୍ମ-ସ୍ୱାହାକାର ଦ୍ରବ୍ୟତତ୍ତ୍ୱ ହେଉଛନ୍ତି ସେହିସବୁ ବ୍ୟକ୍ତି ଯେଉଁମାନେ ତାଙ୍କ ସହ ସଂପୃକ୍ତ ଏବଂ ତାଙ୍କର ଏହି ଆୟୋଜନରେ ପ୍ରକଟତତ୍ତ୍ୱ । ବ୍ୟକ୍ତିଗତ ତପସ୍ୟା ହେଉଛି ସମଷ୍ଟିଗତ ତପସ୍ୟାର ଅଙ୍ଗ । ପ୍ରପତ୍ତିଙ୍କର ଜୀବନର ଶେଷ କେତେ ବର୍ଷ ଏହି ତପସ୍ୟା ନିମିତ୍ତ ନିବେଦିତ ହୋଇଥିଲା । କିଏ ଜାଣେ, ଆପଣା ଶରୀର-ତପସ୍ୟାର ଜ୍ୱାଳାରେ ସେ ଆମ୍ଭମାନଙ୍କର ଜଡ଼ତାକୁ କେତେ ପରିମାଣରେ ଜଳାଉ ଥିଲେ ? ବିଶ୍ୱକର୍ମରେ ସେ ଆମର ନେତା ଥିଲେ । ବିଶ୍ୱଯଜ୍ଞରେ ମଧ୍ୟ ସେ ଆମର ଅମର ଅଗ୍ରଣୀ ହୋଇ ଚାଲୁଥିଲେ । ଆମେ ତାଙ୍କୁ ନମସ୍କାର କରୁଛୁ ।

[ମୂଳ ହିନ୍ଦୀ ଲେଖାରୁ ଅନୂଦିତ,
ଅନୁବାଦ : ଶ୍ରୀପତି ଦାସ]
(୨୮ ଜୁନ୍ ୧୯୯୦ରେ ମାତୃଭବନ ଦ୍ୱାରା
ପ୍ରକାଶିତ "A Flame of Gratitude"
ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

# ଶିବ

## ଶ୍ରୀଅରବିନ୍ଦ

ଶାଶ୍ୱତର ଶୁଭ୍ର ଶିଖର ପରେ
ନିଃସଙ୍ଗ ଅସୀମ ମୁକ୍ତ ପରମାତ୍ମା
ପ୍ରଶାନ୍ତିର ବହ୍ନିପ୍ରଭ ଆବରଣ ତଳେ
ରକ୍ଷାରତ ସ୍ୱରୂପର ଅନାବୃତ ନିଗୂଢ଼ ଆନନ୍ଦ ।

କିନ୍ତୁ, ଲଭି ବିପୁଳ ରଭସ ସ୍ପର୍ଶ
ଅତଳ ଗର୍ଭକୁ କଲେ ଦୃଷ୍ଟିପାତ
ସେ ଅଜ୍ଞାନ ନୀରବତା ମଧ୍ୟେ, ଧ୍ୟାନରତା
ଶକ୍ତିମୟୀ ଜଗନ୍ମାତା ନିଃଶବ୍ଦ ଆନନ୍ଦେ ।

ସେ କଟାକ୍ଷେ ଅର୍ଦ୍ଧଜାଗରିତା ଦେବୀ;
ଆରୋହିଲେ ବୃତ୍ତାକାରେ ସ୍ୱୀୟ ହୃଦୟ ଇଙ୍ଗିତେ,
ଛନ୍ଦମୟ ଜଗତରେ ସେ ଆନନ୍ଦ ନର୍ତ୍ତନ ବର୍ତ୍ତିତ ।

ତାଙ୍କ ମଧ୍ୟେ ହେଲା ମନ, ପ୍ରାଣର ସ୍ଫୁରଣ;
ଊର୍ଦ୍ଧ୍ୱମୁଖୀ ଗତି କଲେ ପରମାତ୍ମା ସନ୍ନିକଟେ
ସେ ଦୁଇ ଅଭିନ୍ନ ଆତ୍ମା
ବଦ୍ଧ ହେଲେ ପରସ୍ପର ଆଲିଙ୍ଗନେ ।•

[ଶ୍ରୀଅରବିନ୍ଦଙ୍କ ରଚିତ **"Shiva"** କବିତାର ଭାଷାନ୍ତର]
ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

ସିନ୍ଧୁରୁ ବିନ୍ଦୁଏ :

# ଅବତାର

## ସନ୍ତୋଷ ରଥ

The chief purpose of the "avatar" is to give to man a concrete proof that the Divine can manifest upon earth.

(CWM, Vol. 15, p. 18) – The Mother

'ଅବତାର'ଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମନୁଷ୍ୟକୁ ଏକ ସାକାର ପ୍ରମାଣ ଦେବା ଯେ ଭଗବାନ୍ ଏଇ ପୃଥିବୀପୃଷ୍ଠରେ ନିଜକୁ ଅଭିବ୍ୟକ୍ତ କରିପାରନ୍ତି ।

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଅବତାର**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଏ ସାରା ଜଗତ ନୁହଁଇ ସମ୍ପାତ
ନୁହେଁ ଆକସ୍ମିକ ଯାଦୁକ୍ରିୟା
ପ୍ରତିଟି ଘଟଣ ହୁଅଇ ନିଖୁଣ
ସେତୁ ସରଜନ୍ତି ଯୋଗମାୟା । (୧)

ତୁମ ସ୍ରଷ୍ଟା ପଣ ହୁଏ ଆଭୂଷଣ
ସୃଜନ ସଂହାର କ୍ରମ ଯତି
ନୁହଁଇ ଅଶ୍ରୁତ ଅବତାର ତତ୍ତ୍ୱ
ଅନୁପମ ତୁମ ଉପସ୍ଥିତି । (୨)

ପହିଲି ଚରଣ ହୁଅଇ କାରଣ
ଚରାଚର ଯେବେ ଜଳମୟ
ପଞ୍ଚ ଉପାଦାନ କରି ଏକତାନ
ବିରଚିଲ ପ୍ରାଣ କେତେ କାୟ । (୩)

କେ ଅଟଇ ଖର୍ବ ଗତିରେ କେ ଅର୍ବ
ବିବର୍ତ୍ତନ ପଥ ଅନୁସରି
ମନର କୋରକ ହେଲା ପରିପକ୍ୱ
ଅବଚେତନାର ବୁକୁ ଚିରି । (୪)

ତୁମରି ଇସାରା ନୁହଁଇ ବେସୁରା
ତୁମେ ଚିତ୍ରକର, ଚିତ୍ରାଙ୍କନ
କେହି ଭ୍ରଷ୍ଟ ମତି ରୋଧିଲେ ପ୍ରଗତି
ଅବତରି କର ସଂଶୋଧନ । (୫)

ହାତର କୋଦଣ୍ଡ ଦିଏ କା'ରେ ଦଣ୍ଡ
ପାଦଧୂଳି ତୁମ ସଞ୍ଜୀବନ
ବାହୁଡ଼ାଇ ବଂଶୀ ନ ହୋଇଣ ଅସି
ଯୁଦ୍ଧ ସମାପିଲା ସୁଦର୍ଶନ । (୬)

ଭାଙ୍ଗି ଉପଚାର ଲଙ୍ଘି ଧର୍ମ ଦ୍ୱାର
ଏକାକାର କଲ ପଥ ମତ
କଲ ଆବିଷ୍କାର ଊଷା କଳେବର
ରୂପାନ୍ତର ଯୋଗ ଗୂଢ଼ ତତ୍ତ୍ୱ । (୭)

ନାହିଁ ମନେ ଖେଦ ଅବା ଦ୍ୱିଧା ବୋଧ
ତୁମେ ଅବତାର ଅବତାରି
ଯୁଗ ଧର୍ମ ଘଟ ରହିଛି ଅତୁଟ
ତୁମେ ସର୍ବସୂତ୍ର ଅଧିକାରୀ । (୮)

❑❑❑

# ପୂର୍ଣ୍ଣାଙ୍ଗ ଶିକ୍ଷାର ଚତୁର୍ବିଧ ଅଙ୍ଗ

## ପ୍ରପତ୍ତି

ବହୁ ବର୍ଷ ପୂର୍ବେ ଶ୍ରୀଅରବିନ୍ଦ ଲେଖିଥିଲେ, "For the work of the present, and still more, for the work of the future, it is imperatively necessary to create a centre of thought and knowledge which will revolutionise the brain of the nation. ...

(CWSA, Vol. 1, p. 367)

"A new centre of thought implies a new centre of education."

(CWSA, Vol. 1, p. 368)

ଅର୍ଥାତ୍, ''ବର୍ତ୍ତମାନର କାର୍ଯ୍ୟ, ଅଧିକନ୍ତୁ ଭବିଷ୍ୟତର କାର୍ଯ୍ୟ ନିମିତ୍ତ ଏହା ଅନିବାର୍ଯ୍ୟ, ଏପରି ଚିନ୍ତାଧାରା ଓ ଏପରି ଜ୍ଞାନ ସୃଷ୍ଟି କରିବାକୁ ପଡ଼ିବ ଯାହାକି ଜାତୀୟ ମସ୍ତିଷ୍କକୁ ସମ୍ପୂର୍ଣ୍ଣ ରୂପେ ବିପ୍ଲବମୟ କରି ଦେବ।...''

କିନ୍ତୁ ଏହି ନୂତନ ଚିନ୍ତାଧାରାର ବିକାଶର ଅର୍ଥହିଁ ହେଲା ଏକ ନୂତନ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା।''

ବିପ୍ଳବୀ ଗୁରୁ ଶ୍ରୀଅରବିନ୍ଦଙ୍କର ଏହି ଦିବ୍ୟବାଣୀ ଆଜି ତାଙ୍କ ନାମରେ ପ୍ରତିଷ୍ଠିତ ପଣ୍ଡିଚେରୀର ଶିକ୍ଷାକେନ୍ଦ୍ରରେ ଯଥାର୍ଥରେ ପ୍ରତିଫଳିତ ହୋଇ ସଫଳ ହେବାକୁ ଯାଉଛି। ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ମାନବ ଜୀବନ, ଜାତୀୟ ଜୀବନ ତଥା ସମଗ୍ର ଜଗତର ଏକ ଅତି ବିପ୍ଳବାତ୍ମକ ମହାନ୍ ପରିଣାମର ସୂଚନା ଦେଉଛି। କେବଳ ନୂତନ ଭାବଧାରା, ନୂତନ ଜ୍ଞାନ ବିତରଣ ସକାଶେ ଏହି ମହାନ୍ ବିଦ୍ୟାପୀଠ ପ୍ରତିଷ୍ଠିତ ହୋଇ ନାହିଁ, ବରଂ ଏକ ନୂତନ ମାନବ ସମାଜ, ନୂତନ ମାନବ ଜାତିର ଭିତ୍ତିସ୍ଥାପନ ଓ ପରିପୂର୍ଣ୍ଣ ବିକାଶହିଁ ଏହାର ପୂର୍ଣ୍ଣତମ ଲକ୍ଷ୍ୟ ଓ ଆଦର୍ଶ। ବର୍ତ୍ତମାନ ଜୀବନ ଓ ବର୍ତ୍ତମାନ ସମାଜ ଆମ୍ଭମାନଙ୍କର ଶେଷ ପରିଣତି ନୁହେଁ। ଜୀବନର କ୍ରମୋନ୍ନତ ରୂପାନ୍ତର ଆବଶ୍ୟକ, ସମାଜର ସୁସଂହତ ଗୋଷ୍ଠୀବଦ୍ଧ ଜୀବନ ଆବଶ୍ୟକ। ଚାରୋଟି ମହାସମସ୍ୟା ଘେନି ସମଗ୍ର ମାନବଜାତି ଯେପରି ଆଜି ଉଦ୍‌ବିଗ୍ନ ହୋଇ ଉଠିଛି : (୧) ସମଗ୍ର ମାନବ ସମାଜରେ ଐକ୍ୟ ଓ ସମନ୍ୱୟ ସ୍ଥାପନ, (୨) ଜୀବନ ଓ ଜଗତରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା, (୩) ବ୍ୟକ୍ତିଗତ ଜୀବନର ଏକ ଗଭୀର ସୁଦୃଢ଼ ଭୂମି ବା ଅନ୍ତରାତ୍ମାର ଆବିଷ୍କାର, (୪) ପୂର୍ଣ୍ଣାଙ୍ଗ ଜୀବନର ସନ୍ଧାନ। କିନ୍ତୁ ଏହିସବୁ ମହାନ୍ ସତ୍ୟର ଆବିଷ୍କାର ନିମିତ୍ତ ଏକ ସମୁନ୍ନତ ପୂର୍ଣ୍ଣାଙ୍ଗ ଶିକ୍ଷା ପଦ୍ଧତିହିଁ ଆବଶ୍ୟକ। ସେଥିପାଇଁ ପ୍ରତ୍ୟେକ ଦେଶରେ ଶିକ୍ଷା ସମସ୍ୟା ଏକ ମୁଖ୍ୟ ସମସ୍ୟା ରୂପେ ଦେଖା ଦେଇଛି।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ଓ ଆଦର୍ଶ ସମ୍ବନ୍ଧେ ଆମ୍ଭେମାନେ ପୂର୍ବ ପ୍ରବନ୍ଧରେ ଆଲୋଚନା କରିଛୁ। ଏହି ଅନୁଷ୍ଠାନରେ ପ୍ରବର୍ତ୍ତିତ ଓ ଅନୁସୃତ ଚତୁର୍ବିଧ ଶିକ୍ଷା ପ୍ରଣାଳୀର ଆଜି ଏହି ପ୍ରବନ୍ଧରେ ସମ୍ୟକ୍ ଆଲୋଚନା କରିବା।

ବ୍ୟକ୍ତିତ୍ୱର ପ୍ରତ୍ୟେକ ଅଙ୍ଗ ସକାଶେ ଗୋଟିଏ ଗୋଟିଏ ବିଧିବଦ୍ଧ ଶିକ୍ଷା ପ୍ରଣାଳୀର ଅନୁଶୀଳନ କରିବାକୁ ପଡ଼ିବ। ଶରୀର କ୍ଷେତ୍ରରେ ଯେପରି ଶାରୀରିକ ଶିକ୍ଷାର ଆବଶ୍ୟକତା ଅଛି, ସେହିପରି ପ୍ରାଣ ଓ ମନର କ୍ଷେତ୍ରରେ ପ୍ରାଣିକ ଓ ମାନସିକ ଶିକ୍ଷାର ଏକ ଯଥାର୍ଥ ଓ ସୁସ୍ପଷ୍ଟ ଶିକ୍ଷା-ପ୍ରଦ୍ଧତି ଗ୍ରହଣ କରିବାକୁ ପଡ଼ିବ। ଏସବୁ ଛଡ଼ା ବ୍ୟକ୍ତିତ୍ୱର ଚରମ ଉନ୍ନୟନ ଓ ପୂର୍ଣ୍ଣ ବିକାଶ ନିମିତ୍ତ ଗୋଟିଏ ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷାର ମଧ୍ୟ ପ୍ରୟୋଜନ ରହିଛି। ଏହି ଶାରୀରିକ (Physical), ପ୍ରାଣିକ (Vital), ମାନସିକ (Mental), ଚୈତ୍ୟ ଓ ଆଧ୍ୟାତ୍ମିକ (Psychic and Spiritual) ଶିକ୍ଷା ବିଷୟରେ ଶ୍ରୀମା ତାଙ୍କ ରଚିତ ''ଶିକ୍ଷା'' (On Education) ପୁସ୍ତକରେ ବିସ୍ତୃତ ଭାବରେ ଆଲୋଚନା କରି ଅଛନ୍ତି। ସେହି ପୁସ୍ତକର ଅନୁସରଣରେ କେତେକ ବିଷୟ ଏଠାରେ ଉଲ୍ଲେଖ କରିବା।

### (୧) ଶାରୀରିକ ଶିକ୍ଷା

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଶାରୀରିକ ଶିକ୍ଷାର ସୁଦୃଢ଼ ଭିତ୍ତିହିଁ ହେଲା ଶରୀରକୁ ଦିବ୍ୟଜୀବନ ପ୍ରକାଶର ଏକ ଯଥାର୍ଥ ଯନ୍ତ୍ର ବୋଲି ଗ୍ରହଣ କରି ତାହାର ରୂପାନ୍ତର ସାଧନା କରିବା। ଯେଉଁ ଶାରୀରିକ ଶିକ୍ଷାର ପ୍ରଣାଳୀ ଏଠାରେ ଅନୁସୃତ ହୁଏ ତାହା କେତେ ମାସ ବା କେତେ ବର୍ଷର ଗୋଟିଏ ମାମୁଲି ଶିକ୍ଷା ନୁହେଁ, ବରଂ ସମଗ୍ର ଜୀବନବ୍ୟାପୀ ଏକ ଗଭୀର ତପସ୍ୟା।

ଶାରୀରିକ ଶିକ୍ଷାକୁ ଫଳପ୍ରଦ କରିବାକୁ ହେଲେ ବହୁତ ପରିଶ୍ରମ କରିବାକୁ ହୁଏ ଏବଂ ବହୁତ ଦୂରଦୃଷ୍ଟି ରଖି କାର୍ଯ୍ୟ କରିବାକୁ ହୁଏ । ଚେତନାର ଯେତେ ସ୍ତର ଅଛି ତା' ଭିତରେ ଶାରୀରିକ ସ୍ତରହିଁ ପରିପୂର୍ଣ୍ଣ ଭାବରେ ବିଧିବଦ୍ଧ ଉପାୟ, ନିୟମ, ଶୃଙ୍ଖଳା ଓ ପ୍ରଣାଳୀ ଦ୍ୱାରା ନିୟନ୍ତ୍ରିତ ହୁଏ । ଶରୀର ଅଭ୍ୟାସରାଜିରେ ଗଠିତ ଗୋଟିଏ ସତ୍ତା, ତାକୁ ଯଥାସମ୍ଭବ ନମନୀୟ ରଖି ସୁପରିଚାଳିତ ଓ ସୁନିୟନ୍ତ୍ରିତ କରିବାକୁ ହେବ । ଏହି ଶିକ୍ଷାର ପ୍ରଧାନତଃ ତିନୋଟି ଦିଗ ଅଛି :

୧. ଶରୀରର ପ୍ରତ୍ୟେକ ଯନ୍ତ୍ର ଉପରେ କର୍ତ୍ତୃତ୍ୱ ସ୍ଥାପନ ଏବଂ ତାହାର ସୁନିୟନ୍ତ୍ରଣ ।
୨. ଶରୀରର ପ୍ରତ୍ୟେକ ଅଂଶ ଏବଂ ସେସବୁର ଗତିବିଧିର ଗୋଟିଏ ପରିପୂର୍ଣ୍ଣ ନିୟମାନୁଗତ, ସାମଞ୍ଜସ୍ୟପୂର୍ଣ୍ଣ ପୁଷ୍ଟିସାଧନ ।
୩. ଶରୀରର ଯଦି କୌଣସି ତ୍ରୁଟି, ଖୁଣ ବା ବିକୃତି ଥାଏ ତାହାର ସଂଶୋଧନ ।

ଶାରୀରିକ ଶିକ୍ଷା ଜନ୍ମଠାରୁ ଆରମ୍ଭ ହୋଇ ସମସ୍ତ ଜୀବନ ଧରି ଚାଲିବା ଉଚିତ । ଜନ୍ମର ପ୍ରଥମ କେତେ ଦିନରୁ ଦେଖିବାକୁ ହେବ ଶିଶୁର ଆହାର, ନିଦ୍ରା, ମଳମୂତ୍ର ତ୍ୟାଗ ଇତ୍ୟାଦି ଯେପରି ଯଥାଯଥ ଭାବରେ ହୁଏ । ଏହି ତିନୋଟି ବିଷୟ ପ୍ରତି ଦୃଷ୍ଟି ଦେଲେ ପରେ ଅନେକ ଦୁଃଖ ଭୋଗରୁ ରକ୍ଷା ମିଳେ । ଆରମ୍ଭରୁ ଯଦି ଶିଶୁ ଭଲ ଅଭ୍ୟାସଗୁଡ଼ିକୁ ଆୟତ୍ତ କରିନିଏ, ତେବେ ତା'ର ସମସ୍ତ ଜୀବନ ସୁଖମୟ ହୁଏ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଶାରୀରିକ ଶିକ୍ଷା ଯେପରି ଜ୍ଞାନାଲୋକିତ, ଯୁକ୍ତିଯୁକ୍ତ ଓ ଯଥାର୍ଥ ହୁଏ ତାହା ପ୍ରତି ଦୃଷ୍ଟି ଦେବାକୁ ହେବ । ବସିବା, ଛିଡ଼ା ହେବା, ଅଙ୍ଗଭଙ୍ଗୀ କରିବା, ଚାଲିବା, ବୁଲିବାର ନାନା ବିକୃତ ଅଭ୍ୟାସ ଶିଶୁ ଅବସ୍ଥାରୁ ଆସିଯାଏ । ପରେ ସମସ୍ତ ଜୀବନ ଉପରେ ଏହାର ପ୍ରଭାବ ପଡ଼େ । ସୁତରାଂ ବାଲ୍ୟକାଳରୁ ଶରୀରର ଗତିବୃତ୍ତି ଉପରେ ତୁଲ୍ୟ ଦୃଷ୍ଟି ଦେଇ ତାହାର ସୌନ୍ଦର୍ଯ୍ୟ ଯେପରି ବିକଶିତ ହୁଏ ତାହା ଦେଖିବାକୁ ହେବ । ଏହାଛଡ଼ା ଶାରୀରିକ ବ୍ୟାୟାମ ଓ ବିଭିନ୍ନ ଧରଣର ଶାରୀରିକ ଚର୍ଚ୍ଚା ଶରୀରର ବଳ, ସାମର୍ଥ୍ୟ ଓ ଶକ୍ତିବୃଦ୍ଧି ନିମିତ୍ତ ଉପଯୁକ୍ତ ଶିକ୍ଷକଙ୍କ ପରିଚାଳନାରେ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ । ଆଜିକାଲି ସାଧାରଣ ଶିକ୍ଷାରେ ମଧ୍ୟ ଶରୀର ଚର୍ଚ୍ଚା ଉପରେ ଖୁବ୍ ଜୋର୍ ଦିଆଯାଉଛି, ସୁତରାଂ ଛାତ୍ରଛାତ୍ରୀମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଦିଗରେ ଯତ୍ନଶୀଳ ହେଲେ ଏ ସମ୍ବନ୍ଧରେ ବହୁ ସାହାଯ୍ୟ ବହୁ କ୍ଷେତ୍ରରୁ ପାଇ ପାରିବେ ।

ଏତତ୍ ବ୍ୟତୀତ ଶାରୀରିକ ଶିକ୍ଷାର ଅନ୍ୟ ତିନୋଟି ଅତ୍ୟାବଶ୍ୟକୀୟ ଓ ଅପରିହାର୍ଯ୍ୟ ଅଙ୍ଗ ହେଲା ଖାଦ୍ୟ, ନିଦ୍ରା ଓ ବିଶ୍ରାମ । ପ୍ରତ୍ୟେକର ଖାଦ୍ୟ, ବିଶେଷତଃ ଶିଶୁର ଖାଦ୍ୟ ହେବା ଚାହି ସରଳ, ସୁସ୍ୱାଦୁ, ପୁଷ୍ଟିକର ଓ ମନୋରମ । କିନ୍ତୁ ଶିଶୁ ଯେଉଁ ଖାଦ୍ୟ ଖାଇବାକୁ ଚାହେଁ ନାହିଁ, ତାହା ଜୋର୍ କରି ତାକୁ ଖୁଆଇବା ଭଲ ନୁହେଁ । ଦେହର ସର୍ବଦା ଗୋଟିଏ ସହଜ ସୂକ୍ଷ୍ମବୋଧ ଥାଏ ଯାହା ଫଳରେ ଶିଶୁ ବୁଝିପାରେ କ'ଣ ଖାଇଲେ ଭଲ ହେବ । ଶରୀରର ଏହି ସୂକ୍ଷ୍ମବୋଧକୁ କେବେ ବି ନଷ୍ଟ ହେବାକୁ ଦେବା ଉଚିତ ନୁହେଁ । ପୁନଶ୍ଚ ଯେଉଁ ଖାଦ୍ୟ ଶରୀରକୁ ଅତିରିକ୍ତ ବୋଝ ଦିଏ, ଅଥବା ଭାରି କରେ ତାହା ସର୍ବଦା ବର୍ଜନ କରିବା ଉଚିତ । ଆହାର ସର୍ବଦା କ୍ଷୁଧାନୁଯାୟୀ ଗ୍ରହଣ କରିବାକୁ ହେବ, ନିଜର କାମନା ଓ ଲାଳସାର ତୃପ୍ତି ପାଇଁ ନୁହେଁ । ପୁନଶ୍ଚ ଭଲ ଖାଦ୍ୟର ଲୋଭ କେବେ ବି ଶିଶୁ ମନରେ ଜାଗ୍ରତ୍ କରାଇବାକୁ ଦେବ ନାହିଁ । ''ତୁ ଯଦି ଭଲ ପିଲା ପରି ବ୍ୟବହାର ନକରୁ ତେବେ ତୋତେ ମିଠାଇ ଦିଆଯିବ ନାହିଁ ।'' – ଏପରି ଭୟ ଓ ଲୋଭ ଦେଖାଇ କେବେ ବି ଶିଶୁକୁ କହିବା ଉଚିତ ନୁହେଁ । ଖାଦ୍ୟର ଯଥାର୍ଥ ବ୍ୟବସ୍ଥା ସଙ୍ଗେ ନିଦ୍ରା ଓ ବିଶ୍ରାମ ପ୍ରତି ଧ୍ୟାନ ଦେବାକୁ ହେବ । ଶରୀରକୁ ଆବଶ୍ୟକୀୟ ନିଦ୍ରା ଓ ବିଶ୍ରାମ ସର୍ବଦାହିଁ ଦେବାକୁ ହେବ । ଏ କ୍ଷେତ୍ରରେ ମଧ୍ୟ ଶରୀରକୁ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବାକୁ ଦେବା ଉଚିତ । ଅତ୍ୟଧିକ କାର୍ଯ୍ୟ କରିବା ଫଳରେ ଶରୀରର ବିଶ୍ରାମ ଅଭାବରେ ତାହା ଯେପରି ଦୁର୍ବଳ ହୁଏ, ସେହିପରି ଅତି ତାମସିକତା ଓ ଆଳସ୍ୟ ଫଳରେ ମନୁଷ୍ୟ ପଶୁଧର୍ମୀ ହୋଇଯାଏ । ଏସବୁ ସହିତ ପରିଷ୍କାର ପରିଚ୍ଛନ୍ନତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର ଅଭ୍ୟାସ ଓ ସୁନ୍ଦର ସୁଗଠିତ ସ୍ୱାସ୍ଥ୍ୟବାନ୍ ମନୁଷ୍ୟ ପ୍ରତି ଶିଶୁର ସର୍ବଦା ଦୃଷ୍ଟି ଆକର୍ଷଣ କରିବାକୁ ହେବ ।

ଆଉ ଗୋଟିଏ ପ୍ରଚଳିତ ବିଶ୍ୱାସ ଅଛି ଯେ ଯାହାର ବୁଦ୍ଧି ଯେତେ ବେଶୀ ତୀକ୍ଷ୍ଣ, ତାହାର ଶରୀର ତେତେ ବେଶୀ ଦୁର୍ବଳ । କିନ୍ତୁ ଏହି ଧାରଣା ଏକେବାରେ ଭ୍ରାନ୍ତ ଏବଂ ଏହାର ମୂଳରେ କୌଣସି ସତ୍ୟ ନାହିଁ । ଏପରି ଧାରଣାକୁ ମନରୁ ସର୍ବଦା ଦୂର କରିବା ଉଚିତ । ଆଉ ଗୋଟିଏ ଗଭୀର ବିଷୟ ପ୍ରତି ଶ୍ରୀମା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଶିଶୁମାନଙ୍କର ସାଧାରଣ ଶିକ୍ଷା ନିର୍ଘଣ୍ଟରେ ବ୍ୟାୟାମ ଓ ଖୋଲା ପବନରେ

ଖେଳାଖେଳିର ସ୍ଥାନ ରଖିବା ନିତାନ୍ତ ଆବଶ୍ୟକ । ସ୍ୱାସ୍ଥ୍ୟରକ୍ଷା ସକାଶେ ଏହା ପୃଥିବୀର ସମସ୍ତ ଔଷଧ ଅପେକ୍ଷା ବିଶେଷ ଉପକାରୀ । ଦୁର୍ବଳତା ବା ରକ୍ତହୀନତା ଦୂର କରିବା ସକାଶେ ଏକ ଘଣ୍ଟା ଖରାରେ ବୁଲିବା ଗୋଟାଏ ଘର ଭର୍ତ୍ତି ବଳକାରକ ଔଷଧଠାରୁ ବେଶୀ ଉପକାରୀ । ଏକଥା ବରାବର ମନେ ରଖିବା ଉଚିତ ଯେ ''ଏକେବାରେ ଅସମ୍ଭବ ନହୋଇ ପଡ଼ିଲେ'' ଔଷଧ ବ୍ୟବହାର କରିବା ଉଚିତ ନୁହେଁ । ... ...

## (୨) ପ୍ରାଣର ଶିକ୍ଷା

ପ୍ରାଣର କ୍ଷେତ୍ର ହେଲା ଶକ୍ତି, ସାମର୍ଥ୍ୟ, ତେଜ, ବଳ, ଉତ୍ସାହ, କାମନା-ବାସନା ପ୍ରବୃତ୍ତି ଓ ପ୍ରେରଣାର କ୍ଷେତ୍ର । ପ୍ରାଣ ସ୍ୱଭାବତଃ ସ୍ୱେଚ୍ଛାଚାରୀ, ଅହଂକାରୀ, କ୍ଷମତାପ୍ରିୟ ଓ ଦୁର୍ଦାନ୍ତ । ଏହାକୁ ଶାସନ କରି ଯଥାଯଥ ଭାବରେ ଚାଳନା କରିବା ଖୁବ୍ କଠିନ । ସବୁ ପ୍ରକାର ଶିକ୍ଷା ମଧ୍ୟରେ ପ୍ରାଣର ଶିକ୍ଷାହିଁ ଚରିତ୍ର ଗଠନ ଦିଗରୁ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ । ପ୍ରାଣର ଯଥାଯଥ ସୁନିୟନ୍ତ୍ରଣ, ପରିଚାଳନା ଉପରେ ଜୀବନର ଶୃଙ୍ଖଳା ନିର୍ଭର କରେ । ବହୁ ଶିକ୍ଷିତ ବୁଦ୍ଧିଜୀବୀଙ୍କର ପ୍ରାଣଶକ୍ତିର ଏକ ବ୍ୟଭିଚାରପୂର୍ଣ୍ଣ କ୍ରିୟା ଦେଖିବାକୁ ମିଳେ । ପ୍ରାଣ-ଶକ୍ତି ସମୂହ ଉପରେ ଯଦି କର୍ତ୍ତୃତ୍ୱ ନରହେ, ତେବେ ଜୀବନ ବାୟୁରେ ଚାଳିତ କନ୍ଦୁକ ତୁଲ୍ୟ ହୋଇ ପଡ଼େ । ବର୍ତ୍ତମାନ ଜଗତର ଦୁଇଟି ପ୍ରଚଳିତ ଧାରଣା ପ୍ରାଣର ଆଧିପତ୍ୟକୁ ଦୁର୍ଦମନୀୟ ହେବାକୁ ବିଶେଷ ସାହାଯ୍ୟ କରିଛି । ପ୍ରଥମତଃ, ଜୀବନର ଲକ୍ଷ୍ୟ ହେଲା ସୁଖୀ ହେବା । ଦ୍ୱିତୀୟତଃ, ମନୁଷ୍ୟ ସ୍ୱଭାବର ପରିବର୍ତ୍ତନ ଏକେବାରେ ଅସମ୍ଭବ । ପ୍ରଥମ ଲକ୍ଷ୍ୟକୁ ଅନୁସରଣ କରି ମନୁଷ୍ୟ ଯେକୌଣସି ଉପାୟରେ ସୁଖୀ ହେବାକୁ ଚେଷ୍ଟା କରେ । ଏହାର ପରିଣାମରେ ଆସେ ବହୁ ସଂଘର୍ଷ, ନିରାଶା, ହତାଶା ଓ ତା'ପରେ ଗୋଟିଏ ଚୂଡ଼ାନ୍ତ ବିପର୍ଯ୍ୟୟ ।

ପ୍ରାଣ ଶିକ୍ଷାର ପ୍ରଧାନତଃ ଦୁଇଟି ଦିଗ ଅଛି : ପ୍ରଥମତଃ, ଇନ୍ଦ୍ରିୟ ସମୂହର ଯଥାଯଥ ଅନୁଶୀଳନ, ନିୟନ୍ତ୍ରଣ, ସଙ୍ଗଠନ ଓ ପ୍ରୟୋଗ; ଦ୍ୱିତୀୟତଃ, ଆତ୍ମ-ଚେତନାର ଉନ୍ମେଷ ଓ ବିଶ୍ଳେଷଣ ଦ୍ୱାରା ଚରିତ୍ର ଓ ବ୍ୟବହାର ଉପରେ କର୍ତ୍ତୃତ୍ୱ ସ୍ଥାପନ ଓ ପରିଶେଷରେ ଭାଗବତ ଜ୍ୟୋତିଃ ବଳରେ ଏହାର ରୂପାନ୍ତର ସାଧନ । ଇନ୍ଦ୍ରିୟର ଯଥାଯଥ ପରିଚାଳନା ଫଳରେ ଯଦି ଯଥାର୍ଥ ସୌନ୍ଦର୍ଯ୍ୟ ଓ ରୁଚି ପ୍ରତି ଦୃଷ୍ଟି ଖୋଲି ଯାଇପାରେ, ତେବେ ବହୁତ ବର୍ବର, ପାଶବିକ ଓ କଦର୍ଯ୍ୟବୃତ୍ତିର ହାତରୁ ମନୁଷ୍ୟ ରକ୍ଷା ପାଇପାରେ । ତୃତୀୟତଃ, ବ୍ୟକ୍ତି ମଧ୍ୟସ୍ଥ ସୁପ୍ତ ଆତ୍ମ-ଚେତନାର ଜାଗରଣ ଦ୍ୱାରା ପ୍ରାଣର ବିକେନ୍ଦ୍ରିତ ଶକ୍ତି ଉପରେ କର୍ତ୍ତୃତ୍ୱ ଆସେ ଏବଂ ଏହା ଦ୍ୱାରା ଏହାର ଅସଂଯତ ଜୀବନକୁ ସଂଯତ କରାଯାଏ ।

ସାଧାରଣତଃ ପ୍ରାଣର ଶିକ୍ଷା, ତାହାର ଶୁଦ୍ଧି ଓ ତାହା ଉପରେ କର୍ତ୍ତୃତ୍ୱ ସ୍ଥାପନ ନିମିତ୍ତ ନିଗ୍ରହ, ଦମନ, କୃଚ୍ଛ୍ରତା ଏବଂ ତପସ୍ୟା ଇତ୍ୟାଦି ଉପାୟ ଅବଲମ୍ବନ କରାଯାଏ । ଏ ପଥ ଅବଶ୍ୟ ବେଶୀ ସହଜ ଏବଂ ଆଶୁ ଫଳପ୍ରଦ କିନ୍ତୁ ଏହାର ପ୍ରଭାବ ଅଳ୍ପ କ୍ଷଣସ୍ଥାୟୀ । ଏହା ଦ୍ୱାରା ପ୍ରାଣର ସହଯୋଗ ବୃତ୍ତିକୁ ମାରି ଦିଆ ହୁଏ । କିନ୍ତୁ ପ୍ରାଣର କ୍ଷେତ୍ରଟି ଶକ୍ତିର ଭୂମି, ତାହାର ଶକ୍ତିକୁ ନଷ୍ଟ ନକରି ଯଥାର୍ଥ ଭାବରେ ବ୍ୟବହାର କରିବାକୁ ହେବ । ପ୍ରାଣ ଉପରେ କର୍ତ୍ତୃତ୍ୱ ଆଣିବାର ବହୁ ଉପାୟ ଅଛି । କାହାରି ସକାଶେ ଯୁକ୍ତିସିଦ୍ଧ ତର୍କ, ଅନ୍ୟ ସକାଶେ ହୃଦୟାନୁଭବ ଓ ସଦିଚ୍ଛା, ଅନ୍ୟ କାହାରି ସକାଶେ ଆତ୍ମମର୍ଯ୍ୟାଦା, ଆତ୍ମ-ସମ୍ମାନ, ଆତ୍ମୋନ୍ନତିରେ ଦୁର୍ଦାନ୍ତ ପ୍ରାଣକୁ ଆୟତ୍ତ କରିବାରେ ସହାୟତା କରେ । କିନ୍ତୁ ସବୁଠାରୁ କାର୍ଯ୍ୟକାରୀ ଉପାୟ ହେଲା ନିରନ୍ତର ସତ୍ୟଭାବାତ୍ମକ ଦୃଷ୍ଟାନ୍ତ । ଆଉ ଯଥାର୍ଥ ଦୃଷ୍ଟାନ୍ତ ଦ୍ୱାରା ମନୁଷ୍ୟର ଯେପରି ପରିବର୍ତ୍ତନ ହୁଏ, ଅନ୍ୟ କାହାରି ଦ୍ୱାରା ନୁହେଁ ।

ମୋଟରେ କହିବାକୁ ଗଲେ ପ୍ରାଣ ଶିକ୍ଷାର ତିନୋଟି ସ୍ତର ଅଛି । ପ୍ରଥମତଃ ପ୍ରାଣର ବିଭିନ୍ନ ଗତିବୃତ୍ତି ସମ୍ବନ୍ଧରେ ସଚେତନ ହେବା, ଦ୍ୱିତୀୟତଃ ସେସବୁର ଉପରେ କର୍ତ୍ତୃତ୍ୱ ସ୍ଥାପନ କରିବା, ତୃତୀୟତଃ ଚରିତ୍ରର ପୂର୍ଣ୍ଣ ରୂପାନ୍ତର ସାଧନ ।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଏହି ପ୍ରାଣର ଶିକ୍ଷା କିପରି ସାଧିତ ହେଉଛି ତାହାର ସବିଶେଷ ବର୍ଣ୍ଣନା ପରେ କରାଯିବ । ଏହି ପରିପ୍ରେକ୍ଷୀରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏଠାରେ ଶୃଙ୍ଖଳାଜ୍ଞାନ, ସୌନ୍ଦର୍ଯ୍ୟବୋଧ, ସୂକ୍ଷ୍ମ ରୁଚିବୋଧ, ନିମ୍ନତର ବାସନା ଓ ପ୍ରବୃତ୍ତିକୁ ସ୍ୱତଃ ଅପସାରଣ; ରାଗ, ଦ୍ୱେଷ, ଅହଙ୍କାର ଓ କଦର୍ଯ୍ୟ କୁରୁଚିପୂର୍ଣ୍ଣ ଘଟଣାର ଏକାନ୍ତ ଅଭାବ ଶିଶୁ ଜୀବନକୁ ଅତି ମହତ୍ ପଥରେ ଚାଳିତ କରେ । ପ୍ରଶାନ୍ତ, ଶୁଦ୍ଧ, ପବିତ୍ର ଅଧ୍ୟାତ୍ମ ଭାବପୂର୍ଣ୍ଣ ବାୟୁମଣ୍ଡଳରେ ପ୍ରାଣର ଅପୂର୍ବ ରୂପାନ୍ତରକାରୀ ଶକ୍ତି କ୍ରିୟାଶୀଳ ହୁଏ । ଏହାଛଡ଼ା ବହୁ ତପସ୍ୱୀ, ସାଧକ ଓ ପବିତ୍ରମନା ବ୍ୟକ୍ତିଙ୍କ ଉଦାହରଣ ଓ ସଂସ୍ପର୍ଶ ସାଧାରଣ ଜୀବନରେ କି ପ୍ରଭାବ ପକାଏ ତାହା କହିବା ଅନାବଶ୍ୟକ । ସର୍ବୋପରି ନାନା ଦୁଃସମୟ ଓ ସଙ୍କଟ ମୁହୂର୍ତ୍ତରେ ରହିଛି

ଶ୍ରୀମା'ଙ୍କ ହସ୍ତର ଅଯାଚିତ କରୁଣାସ୍ପର୍ଶ । ଏହା ଦ୍ୱାରା ପ୍ରାଣର ଯଥେଷ୍ଟ ପରିବର୍ତ୍ତନ ଘଟେ ।

## (୩) ମାନସିକର ଶିକ୍ଷା

ଶିକ୍ଷା କହିଲେ ଆମ୍ଭେମାନେ ମୋଟାମୋଟି ମାନସିକ ଶିକ୍ଷାକୁ ବୁଝିଥାଉ । ଆଜିକାଲି ଶିକ୍ଷା କ୍ଷେତ୍ରରେ ମାନସିକ ଶିକ୍ଷାହିଁ ସବୁଠାରୁ ବେଶୀ ପ୍ରଚଳିତ ଓ ପରିଚିତ । ମାନସିକ ଶିକ୍ଷାର ପ୍ରଧାନ ଲକ୍ଷ୍ୟହିଁ ମନର ଶ୍ରୀବୃଦ୍ଧି ସାଧନ । ଏହି ଶିକ୍ଷାର ପ୍ରଧାନତଃ ପାଞ୍ଚୋଟି ଦିଗ ଅଛି ।

୧. ଏକାଗ୍ରତାର ଶକ୍ତି ଓ ମନ-ସଂଯୋଗର ସାମର୍ଥ୍ୟ ବୃଦ୍ଧି ।
୨. ପ୍ରସାର, ବ୍ୟାପ୍ତି, ବୈଚିତ୍ର୍ୟ, ଐଶ୍ୱର୍ଯ୍ୟଦାୟକ ବୃତ୍ତିଚୟର ଅନୁଶୀଳନ ।
୩. ଗୋଟିଏ ମୂଳ ଭାବ ବା ଉଚ୍ଚତର ଆଦର୍ଶ କିଂବା ଗୋଟିଏ ଜ୍ୟୋତିର୍ମୟ ଲକ୍ଷ୍ୟକୁ କେନ୍ଦ୍ର କରି ସମସ୍ତ ଚିନ୍ତାର ଗଠନ ।
୪. ଚିନ୍ତାର ନିୟନ୍ତ୍ରଣ ଓ ଅବାଞ୍ଛନୀୟ ଚିନ୍ତାର ବର୍ଜନ ।
୫. ମାନସିକ ନିସ୍ତବ୍ଧତା, ପୂର୍ଣ୍ଣଶାନ୍ତି, ସତ୍ତାର ଊର୍ଦ୍ଧ୍ୱଲୋକ ସମୂହରୁ ଆଗତ ପ୍ରେରଣା ଧାରଣ କରିବାରେ କ୍ରମ-ବର୍ଦ୍ଧମାନ ସାମର୍ଥ୍ୟ ।

ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଶିକ୍ଷାର ଏହି ପଞ୍ଚଧାରା କିପରି ଅନୁସରଣ କରି ଚାଲିବାକୁ ହେବ ତାହାର ବିଶଦ ବିବରଣୀ ଦେବା ସମ୍ଭବ ନୁହେଁ । ତେବେ, କେତେକ ବିଷୟ ଏଠାରେ ଉଲ୍ଲେଖ କରିବା ।

ଶିଶୁର ମାନସିକ ଉନ୍ନତିରେ ସବୁଠାରୁ ବଡ଼ ବାଧା ହେଲା ଚିନ୍ତାର ବିକ୍ଷିପ୍ତତା । ତାହାର ଚିନ୍ତା ପ୍ରଜାପତି ପରି ଉଡ଼ିବୁଲେ । ତାହାକୁ ଏକାଗ୍ର କରିବାକୁ ହେଲେ ବିପୁଳ ପ୍ରୟାସର ପ୍ରୟୋଜନ । ଶିଶୁକୁ ଶିକ୍ଷା ପ୍ରତି ଯଦି ଅନୁରାଗ ଜନ୍ମାଇ ଦିଆଯାଇପାରେ, ତେବେ ଏକାଗ୍ରତା ଲାଭ କରିବା ସହଜ ହୁଏ । ଏଥି ସହିତ ଆବଶ୍ୟକ ସମ୍ୟକ୍ ପର୍ଯ୍ୟବେକ୍ଷଣ, ଯଥାର୍ଥ ଅନୁଶୀଳନ ଓ ଅଭ୍ରାନ୍ତ ସ୍ମରଣଶକ୍ତି । ସ୍ମରଣଶକ୍ତି ଅପେକ୍ଷା ବୋଧଶକ୍ତି ଉପରେ ବେଶୀ ଜୋର୍ ଦେବାକୁ ହେବ । ଏହାଛଡ଼ା ଶିଶୁର ଜିଜ୍ଞାସାଭାବ ଯେପରି ବଢ଼ିଉଠେ ସେଥିପ୍ରତି ତୁଲ୍ୟ ଦୃଷ୍ଟି ଦେବାକୁ ହେବ । ଏହାଛଡ଼ା କୌଣସି ବସ୍ତୁ ସମ୍ବନ୍ଧରେ ଶିଶୁର 'କିପରି' ଓ 'କାହିଁକି' ପ୍ରଶ୍ନର ଉତ୍ତର ଦେବାକୁ କେବେ ଅସ୍ୱୀକାର କରିବା ଉଚିତ ନୁହେଁ । ଏହି ଉପାୟରେ ଶିଶୁ ମନରେ ଯଥାର୍ଥ ସ୍ପୃହା ଏବଂ ଜ୍ଞାନାର୍ଜନର ଅକ୍ଲାନ୍ତ ପ୍ରୟାସ ଜାଗ୍ରତ୍ କରା ଯାଇପାରିବ । ଦ୍ୱିତୀୟତଃ, ଏକହିଁ ମାନସିକ ସମସ୍ୟାର କିପରି ବିଭିନ୍ନ ଦିଗରୁ ଆଲୋଚନା କରାଯାଇପାରେ ତାହା ମଧ୍ୟ ଶିଶୁକୁ ଅତି ଯତ୍ନର ସହିତ ଶିକ୍ଷା ଦେବାକୁ ହେବ । ପକ୍ଷପାତିତ୍ୱ ଓ ଏକଦେଶଦର୍ଶିତାରୁ ମନ ଯେପରି ମୁକ୍ତ ରହେ ତାହା ବରାବର ଦେଖିବାକୁ ହେବ । ଆଉ ମଧ୍ୟ ଏହି ଉପାୟରେ ଶିଶୁ ବୁଝିପାରିବ ଯେ ଜ୍ଞାନ ସର୍ବଦାହିଁ ଆପେକ୍ଷିକ । ତୃତୀୟତଃ, ମାନସିକ ଶିକ୍ଷାରେ ଗୋଟିଏ କେନ୍ଦ୍ରୀୟ ଲକ୍ଷ୍ୟ ସଙ୍ଗତି ବା ସମନ୍ୱୟ ଆଣିବା ନିତାନ୍ତ ଆବଶ୍ୟକ । ନଚେତ୍ ଚିନ୍ତାଧାରା ଅତ୍ୟନ୍ତ ବିଶୃଙ୍ଖଳ ହୋଇଯାଏ । ଏହା (ଲକ୍ଷ୍ୟ) ଦ୍ୱାରା ଜୀବନର ଏକ ଅଟଳଭିତ୍ତି ଓ ଆଦର୍ଶର ସୂତ୍ର ଆବିଷ୍କାର କରାଯାଏ । ଏହି କେନ୍ଦ୍ରୀୟ ଲକ୍ଷ୍ୟ ଯେତେ ବ୍ୟାପକ ଓ ଉଚ୍ଚତର ହେବ, ଯେତେ ଅଧିକ ବିଶ୍ୱଜନୀନ, ଯେତେ ଦେଶ ଓ କାଳ ଅତିକ୍ରମ କରିପାରିବ ତେତେହିଁ ବହୁ ସଂଖ୍ୟକ ଜଟିଳ ଭାବନା, ଧାରଣା ଆଉ ବିଚାର ସକଳକୁ ସୁବ୍ୟବସ୍ଥିତ ଏବଂ ସୁସମଞ୍ଜସ କରିବାକୁ ସମର୍ଥ ହେବ । ମନେ ରଖିବା ଉଚିତ ଯେ ଏହି ଗଠନ କାର୍ଯ୍ୟ ଅନେକ ଦିନ ଧରି ଚାଲେ । ଚତୁର୍ଥତଃ, ମନର ଗଠନାତ୍ମକ କ୍ରିୟା ଉପରେ ବିଶେଷ ଜୋର୍ ଦେବାକୁ ହେବ । ମାନସିକ କ୍ରିୟାର ଏ ଦିଗଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ହେଲେ ସୁଦ୍ଧା କଦାଚିତ୍ ଏ ବିଷୟରେ ଗଭୀର ଧ୍ୟାନ ଦିଆ ହୁଏ । ମନରୁ ଅବାଞ୍ଛନୀୟ ଚିନ୍ତା ଦୂର କରି ତାକୁ ଯଥାର୍ଥରେ ସୃଜନକ୍ଷମ ଓ ଶକ୍ତିଶାଳୀ କରିବା ବହୁ ଦୁରୂହ ବ୍ୟାପାର । ଏଥିପାଇଁ ପ୍ରତ୍ୟହ କିଛି ସମୟ ଧ୍ୟାନସ୍ଥ ହେବା ଭଲ । ଏହା ଦ୍ୱାରା ବିଭିନ୍ନ ଚିନ୍ତାରାଶିକୁ ନିରୀକ୍ଷଣ କରାଯାଏ ଓ ତାହା ଉପରେ କର୍ତ୍ତୃତ୍ୱ ଅଣାଯାଏ । ଏହି ଏକାଗ୍ରତା ଓ ଧ୍ୟାନ ଯଦି ଆହୁରି ଗଭୀର ହୁଏ ଯେଉଁଥିରେ କୌଣସି ଚିନ୍ତା ରହେ ନାହିଁ, ତାହାହେଲେ ବ୍ୟକ୍ତି ନିଜକୁ ଧୀରେ ଧୀରେ ଊର୍ଦ୍ଧ୍ୱସ୍ଥ ଦିବ୍ୟଭୂମି ଆଡ଼କୁ ଖୋଲି ଦେଇପାରେ ଏବଂ ସେଠାରୁ ଅବ୍ୟୟ ଅଖଣ୍ଡ ସତ୍ୟର ପ୍ରେରଣା ପାଇପାରେ ।

ଆଜିକାଲି ସାଧାରଣ ଶିକ୍ଷାକ୍ଷେତ୍ରରେ ମନର ଚାଳନା ବହୁତ ବେଶୀ । ମନକୁ ଅଧିକ କ୍ରିୟାଶୀଳ କରିବାକୁ ସମସ୍ତେ ଜାଣନ୍ତି, ମାତ୍ର ବିଶ୍ରାମ ଦେବାକୁ ଖୁବ୍ କମ୍ ଲୋକ ଜାଣନ୍ତି । ଦିନବେଳେ ମନର କ୍ରିୟା ଉପରେ କିଛି ସଂଯମ ଥାଏ କିନ୍ତୁ ରାତ୍ରିରେ ଶରୀର ନିଦ୍ରିତ ହୋଇ ପଡ଼ିଲେ ତାହା ଅତ୍ୟନ୍ତ ବିକ୍ଷିପ୍ତ ହୋଇପଡ଼େ । ଏଥିପାଇଁ ମନକୁ ବିଶ୍ରାମ ଦେବାର କଳା ଶିକ୍ଷା କରିବାକୁ ହେବ ।

"The art of resting one's mind is something to be acquired. Changing one's

mental activity is certainly one way of resting; but the greatest possible rest is silence. And as far as the mental faculties are concerned a few minutes passed in the calm of silence are a more effective rest than hours of sleep."

(CWM, Vol. 12, P. 29)

ଅର୍ଥାତ୍, ''ମନକୁ ବିଶ୍ରାମ ଦେବାର କଳାକୁ ଶିକ୍ଷା କରିବାକୁ ହେବ ଏବଂ ନିଶ୍ଚିତ ଭାବେ ଏହାର ଗୋଟିଏ ଉପାୟ ହେଲା ମନର କାର୍ଯ୍ୟକୁ ବଦଳାଇବା; କିନ୍ତୁ ସବୁଠାରୁ ଭଲ ବିଶ୍ରାମ ହେଲା ନୀରବତା । ମନର ବୃତ୍ତିସମୂହ ପକ୍ଷେ ବହୁ ଘଣ୍ଟା ବ୍ୟାପୀ ନିଦ୍ରାଠାରୁ କେତେକ ମିନିଟ ନିସ୍ତବ୍ଧ ନୀରବତା ଦ୍ୱାରା ଅଧିକ ବିଶ୍ରାମ ମିଳେ ।''

ପୁନଶ୍ଚ ଶ୍ରୀମା କହୁଛନ୍ତି, ''ଯେବେ ଇଚ୍ଛାନୁସାରେ ମନକୁ ନୀରବ କରିପାର, ଗ୍ରହଣଶୀଳ ନୀରବତା ମଧ୍ୟରେ ତାକୁ ଏକାଗ୍ର କର ତେବେ ସକଳ ସମସ୍ୟାର ସମାଧାନ ହେବ ।''

ଆମ୍ଭମାନଙ୍କ ସାଧାରଣ ଶିକ୍ଷାରେ ମାନସିକ ଶିକ୍ଷାର ପ୍ରଚାର ଦିଗରେ ବ୍ୟାପକ ଚେଷ୍ଟା ଚାଲିଛି, କିନ୍ତୁ ମାନସିକ ଶିକ୍ଷାର ଏହି ପ୍ରଧାନ ଦିଗଟି ପ୍ରତି କାହାରି ଯଥେଷ୍ଟ ଦୃଷ୍ଟି ପଡ଼ି ନାହିଁ । ମାନସିକ ଶିକ୍ଷାର ଏହି ଦିଗଟି ପ୍ରତି ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ କିପରି ଦୃଷ୍ଟି ଦିଆ ହୋଇଛି ତାହା ପରେ କୁହାଯିବ ।

ଶାରୀରିକ, ପ୍ରାଣିକ ଓ ମାନସିକ ଶିକ୍ଷାର ପରେ ଆସେ ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା । ଯେହେତୁ ଏହି ବିଷୟରେ ବିସ୍ତୃତ ଆଲୋଚନା ଆବଶ୍ୟକ, ସେଥିପାଇଁ ଏହା ପରବର୍ତ୍ତୀ ପ୍ରବନ୍ଧକୁ ସ୍ଥଗିତ ରଖିଲି ।

❑❑❑


A Seer was born, a shining Guest of Time.

*(Savitri, p. 25)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : – Rs. 350**

**Ideal Child, Ideal Parent, Ideal Teacher (3in1) Booklet – Rs. 75**

**The Mother by Sri Aurobindo *with the Mother's comments* – Rs. 50**
(*Sri Aurobindo's handwriting*)

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୮୨)

ମହେନ୍ଦ୍ରନାଥ ସ୍ୱାଇଁ

**ସୁବର୍ଣ୍ଣ ଦିବସ :**

ଫେବ୍ରୁଆରୀ ୧୨, ୧୯୧୪ ପ୍ରାର୍ଥନାରେ ଶ୍ରୀମା ଲେଖନ୍ତି –

"WHEN, conscious with Thy supreme consciousness, one considers all earthly circumstances, one sees their complete relativity and says, 'To do this thing or that, after all that is not of much importance; yet a particular mode of action will be the best utilisation of a certain faculty, a certain temperament. All actions, whatever they may be, even the most contradictory in appearance, can be an expression of Thy law to the extent that they are infused with the consciousness of that law, which is not a law of practical application that can be translated into principles or rules in the ordinary human consciousness but a law of attitude, of a constant and prevailing consciousness, something that cannot be expressed in formulas but may be lived.' "

(Prayers and Meditations, Page. 72)

ଅର୍ଥାତ୍, ''ଯେତେବେଳେ ଜଣେ ତୁମର ସର୍ବୋତ୍ତମ ଚେତନା ସମ୍ପର୍କରେ ସଚେତନ ହୋଇଉଠେ, ସେତେବେଳେ ସିଏ ସକଳ ପ୍ରକାର ପାର୍ଥିବ ପରିବେଶ ଓ ପରିସ୍ଥିତିକୁ ବିଚାରର ପରିସର ଭିତରକୁ ନେଇ ଯାଇଥାଏ, ଯେଉଁମାନଙ୍କର ସେହି ପରିସ୍ଥିତିଗୁଡ଼ିକ ସହିତ ସମ୍ପର୍କ ରହିଛି ସେମାନଙ୍କୁ ସେ ଦେଖିପାରେ ଏବଂ କହେ, 'ଏହି କାମଟି କରିବାକୁ ହେଉ ବା ଅନ୍ୟ କୌଣସି କାମ କରିବାକୁ ହେଉ, ଅବଶ୍ୟ ସେଥିରେ କିଛି ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ନାହିଁ; ତଥାପି କାର୍ଯ୍ୟ କରିବାର ଏକ ନିର୍ଦ୍ଦିଷ୍ଟ ଧାରା ରହିଛି, ଯେଉଁଥିରେ ନିର୍ଦ୍ଦିଷ୍ଟ ବିଭାଗ ଏବଂ ନିର୍ଦ୍ଦିଷ୍ଟ ସ୍ୱଭାବକୁ ସର୍ବୋତ୍କୃଷ୍ଟ ଭାବରେ କାର୍ଯ୍ୟରେ ଲଗାଯାଇ ପାରିବ । ପ୍ରତ୍ୟେକ କ୍ରିୟା-ପ୍ରକ୍ରିୟା, ସେଗୁଡ଼ିକ ଯାହା ହେଉନା କାହିଁକି, ଏପରିକି ପ୍ରକାଶରେ ତାହା ସବୁଠାରୁ ଯେତେ ବେଶୀ ପରିମାଣରେ ବିରୋଧାତ୍ମକ ହୋଇ ଥାଉନା କାହିଁକି, ତାହା ସେତିକି ପରିମାଣରେ ତୁମ ଦିବ୍ୟ ବିଧାନର ଏକ ପ୍ରକାଶ ମଧ୍ୟ ହୋଇପାରେ, ଯାହାକି ସେତିକି ପରିମାଣରେ ସେହି ନିୟମକୁ ଚେତନାର ସହ ତା' ମଧ୍ୟକୁ ପ୍ରବେଶ କରାଇ ଦିଆ ଯାଇଥାଏ । ଯେଉଁ ନିୟମକୁ ପ୍ରୟୋଗାତ୍ମକ ଭାବରେ କୌଣସି କାର୍ଯ୍ୟରେ ଉପଯୋଗ କରାଯାଇ ପାରିବ ନାହିଁ, ତାହାକୁ ସାଧାରଣ ଚେତନାରେ ବ୍ୟବହାର କରିବା ପାଇଁ କୌଣସି ନିୟମ ଅଥବା ଧାରାରେ ବଦଳାଇ ଦିଆଯାଇପାରେ, କିନ୍ତୁ ଏକ ମନୋଭାବର ନୀତି, ଏକ ନିରବଚ୍ଛିନ୍ନ ଏବଂ ସର୍ବବ୍ୟାପକ ଚେତନା, ଏପରି କିଛି ଜିନିଷ ଯାହାକୁ କୌଣସି ଧରାବନ୍ଧା ନିୟମ ଦ୍ୱାରା ମଧ୍ୟ ପ୍ରକାଶିତ କରି ହେବ ନାହିଁ । କେବଳ ମାତ୍ର ତାହା ମଧ୍ୟରେ ବାସ କରାଯାଇପାରେ, ଅର୍ଥାତ୍ ଏକ କାମଚଳା ନିୟମ ହୋଇପାରେ ।' ''

"But as soon as one falls back into the ordinary consciousness, nothing should be treated lightly and with indifference, the least circumstances, the smallest acts have a great importance and should be seriously considered; for we must try at every moment to do that which will make the identification of our consciousness with the eternal consciousness easy, and avoid carefully all that could be an obstacle to this identification. It is then that the rules of conduct having as their foundation perfect personal disinterestedness should find their full value.

With peace in my heart, with light in my mind, the hope born of certitude in all my being, I greet Thee, O Lord, divine Master of eternal love.

Thou art the reason of our existence and our goal."

(Prayers and Meditations, Page. 72)

ଅର୍ଥାତ୍, ''କିନ୍ତୁ ଜଣେ ପୁନର୍ବାର ପଛକୁ ଫେରି ସାଧାରଣ ଚେତନା ଭିତରେ ପଡ଼ିଯିବା ମାତ୍ରକେ, କୌଣସି କଥାକୁ ହାଲୁକା ଭାବରେ ଏବଂ ନିର୍ବିକାର ଭାବର ସହିତ ନେବା ଉଚିତ ନୁହେଁ, ଯେତେ ଛୋଟ ପରିସ୍ଥିତି ହେଉନା କାହିଁକି, କ୍ଷୁଦ୍ର କାମଟିଏ ମଧ୍ୟ ଏକ ବୃହତ୍ତର ଗୁରୁତ୍ୱ ବହନ କରୁଥାଏ ଏବଂ ତାକୁ ଦୃଢ଼ତାର ସହ ବିଚାରକୁ ନେବା ଉଚିତ; କାରଣ ପ୍ରତି ମୁହୂର୍ତ୍ତରେ ଆମେ ନିଶ୍ଚିତ ଭାବରେ ସେହି କାର୍ଯ୍ୟ କରିବାକୁ ଚେଷ୍ଟା କରିବା ଯେପରି ତାହା ଆମ ଚେତନାକୁ ଚିରନ୍ତନ ପ୍ରଭୁଙ୍କ ଚେତନା ସହିତ ଏକାକାର କରିଦେବା ନିମନ୍ତେ ସହଜ ହୋଇଯିବ । ଏବଂ ଏହି ଏକାକାର ହେବାରେ ଯାହାସବୁ ପ୍ରତିବନ୍ଧକ ସୃଷ୍ଟି କରେ ସେଗୁଡ଼ିକୁ ସତର୍କତା ତଥା ଯତ୍ନର ସହିତ ଏଡ଼ାଇ ଦେବା ଉଚିତ । ତାହାହେଲେ ଯାଇ ଆମର ବ୍ୟାବହାରିକ ନୀତିନିୟମଗୁଡ଼ିକ ଏହାପରେ ସେମାନଙ୍କର ଭିତ୍ତିଭୂମି ପୂର୍ଣ୍ଣତା ପ୍ରାପ୍ତ କରିଥିବାରୁ ବ୍ୟକ୍ତିଗତ ନୈର୍ବ୍ୟକ୍ତିକ ଭାବଗୁଡ଼ିକ ନିଜ ନିଜର ପ୍ରକୃତ ପୂର୍ଣ୍ଣାଙ୍ଗ ମୂଲ୍ୟବୋଧକୁ ଆବିଷ୍କାର କରିପାରିବେ ।

''ମୋ ହୃଦୟରେ ପ୍ରଶାନ୍ତିର ସହିତ, ମସ୍ତିଷ୍କରେ ଆଲୋକର ସହିତ, ମୋର ସମଗ୍ର ସତ୍ତା ଭିତରେ ଜାତ ହେଉଥିବା ନିଶ୍ଚିତ ଆଶା ଭିତରେ ହେ ପ୍ରଭୁ, ଚିରନ୍ତନ ପ୍ରେମର ଦିବ୍ୟଗୁରୁ ମୁଁ ତୁମକୁ ବିନମ୍ର ଅଭିନନ୍ଦନ ଜଣାଉଛି ।

''ଆମ୍ଭମାନଙ୍କର ସ୍ଥିତି ଏବଂ ଲକ୍ଷ୍ୟସ୍ଥଳର ତୁମେହିଁ ହେଉଛ ଏକମାତ୍ର କାରଣ ।''

ଆଲୋଚ୍ୟ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଆମ୍ଭମାନଙ୍କର ପ୍ରତ୍ୟେକ କାର୍ଯ୍ୟକଳାପ ଊର୍ଦ୍ଧ୍ୱସ୍ଥିତ ଏକ ସୂକ୍ଷ୍ମ ଜଗତରେ ରହିଥିବା, ସେହି ପ୍ରକାରର ଗୁରୁତ୍ୱ ରଖିଥିବା ଏକ କାର୍ଯ୍ୟ ସହିତ ସମ୍ବନ୍ଧିତ ବୋଲି କହିଛନ୍ତି । ଊର୍ଦ୍ଧ୍ୱସ୍ଥ କାର୍ଯ୍ୟ ସହିତ ସମ୍ବନ୍ଧ ନଥିଲେ ଏଠାରେ ଆମ ଜଗତରେ କୌଣସି କର୍ମ ହୋଇପାରେ ନାହିଁ । ଆମେ ସମାଜକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେବା ନିମନ୍ତେ ଅନେକ ନିୟମକାନୁନ (Code of Conduct) ତିଆରି କରିଥାଉ, ତଦନୁସାରେ କାର୍ଯ୍ୟ ନିର୍ବାହ କରିବାକୁ ସ୍ଥିର କରିଥାଉ । ଏହି କାର୍ଯ୍ୟଟି ଭଲ ଭାବରେ ହୋଇ ପାରିବ ଯଦି ଆମେ ଦିବ୍ୟ-ଚେତନା ସହିତ ନିଜ ଚେତନାକୁ ଏକାକାର କରି ଦେଉ । ପରିଣାମରେ ଦିବ୍ୟ-ଚେତନାହିଁ ଆମକୁ ପରିଚାଳିତ କରିବ । ଏହାର ଉଦାହରଣ ହେଉଛନ୍ତି ମହାକାବ୍ୟ 'ମହାଭାରତ'ରେ ବର୍ଣ୍ଣିତ କୌରବ କୁଳର ସର୍ବକନିଷ୍ଠ ଯୁବରାଜ 'ଯୁଯୁତ୍ସୁ' – ଯେ କି କୌରବମାନଙ୍କୁ ସମର୍ଥନ କରୁ ନଥିଲେ । ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ସେ ଦୁର୍ଯ୍ୟୋଧନ ଓ ଦୁଃଶାସନଙ୍କୁ ବିରୋଧ କରିଥିଲେ । ସାଧାରଣ ଦୃଷ୍ଟିରେ ବିଚାର କଲେ ସେ ନିଜ ଭାଇମାନଙ୍କ ପକ୍ଷରେ ନରହି ଶତ୍ରୁ-ପକ୍ଷକୁ ସମର୍ଥନ କରୁଥିବାରୁ ତାଙ୍କୁ ଜଣେ ବିଶ୍ୱାସଘାତକ କୁହା-ଯାଇପାରେ । କିନ୍ତୁ ସେ ଜାଣିଥିଲେ ଯେ ସେ ଦ୍ୱାପର ଯୁଗର ଅବତାର ପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ପକ୍ଷରେ ରହିଛନ୍ତି । ତତ୍କାଳୀନ ସମାଜରେ ଶ୍ରୀକୃଷ୍ଣଙ୍କ ଚେତନା ଥିଲା ସର୍ବୋତ୍ତମ ଦିବ୍ୟ-ଚେତନା; ସୁତରାଂ ତାଙ୍କ ସତ୍ତାର ନିୟତିର ବିଧାନ ଅନୁସାରେ ସେ ଶ୍ରୀକୃଷ୍ଣଙ୍କ ପକ୍ଷକୁ ସମର୍ଥନ କରିଥିଲେ ।

ଉକ୍ତ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଆମକୁ ସତର୍କ କରାଇ ଦେଇ କହୁଛନ୍ତି ଯେ ସାଧାରଣ ଚେତନା ମଧ୍ୟକୁ ଖସି ଆସିବା ମାତ୍ରକେ ଆମେ କୌଣସି କାର୍ଯ୍ୟକୁ ହାଲୁକା ଭାବରେ ଗ୍ରହଣ କରି ଏପରି କହିବା ନାହିଁ ଯେ 'ହେଲେ କେତେ, ନହେଲେ କେତେ, ମୋର କିଛି ଯାଏ ଆସେ ନାହିଁ ।' ଏହି ପ୍ରକାର ମନୋଭାବ ପୋଷଣ କରିବା ଉଚିତ ନୁହେଁ । କେବେ କେବେ ଏପରି ଏକ ପରିସ୍ଥିତି ଉପୁଜେ ଯେତେବେଳେ ଛୋଟିଆ କାମଟିଏ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ବହନ କରି ଆମ ପାଖକୁ ଆସିଥାଏ ଏବଂ ସେତେବେଳେ ଆମେ ସେହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ, ସବୁ ଦିଗକୁ ବିଚାର କରି, କାର୍ଯ୍ୟଟିର ଗୁରୁତ୍ୱକୁ ବିଚାର କରି, ମା'ଙ୍କ ସମ୍ମୁଖରେ ଉପସ୍ଥାପନ କରି ପାରିଲେ ଯାଇ ତାହା ସର୍ବାନ୍ତଃକରଣରେ ସମ୍ପୂର୍ଣ୍ଣ ଓ ସମାପନ ହୋଇ ପାରିବ ।

ଆମ ଆଚରଣ, କାର୍ଯ୍ୟ କରିବାର ଶୈଳୀ ଏପରି ହେବା ଉଚିତ ଯାହା ଆମର ଚେତନାକୁ ଏକ ଊର୍ଦ୍ଧ୍ୱତର ଚେତନା ସହ ମିଶାଇ ଦେଉଥିବ । ଯେହେତୁ ଆମ ଭିତରୁ ଅଧିକାଂଶ ଲୋକ ଏକ ନିମ୍ନ ଚେତନାର ପରିସର ଭିତରେ ପଡ଼ି ରହିଛନ୍ତି, ଫଳ ସ୍ୱରୂପ ଆମେ ସମସ୍ତେ ସର୍ବଦା ସତର୍କ ହୋଇ ରହିବା ଏବଂ ଏକ ସର୍ବୋତ୍ତମ ଚିନ୍ତା, ଭାବନା, ମନୋଭାବ ଏବଂ ଧାରଣାସବୁକୁ

ନିଜ ଭିତରେ ଧରି ଆଗକୁ ବଢ଼ିବା । ସରଳ, ଆନନ୍ଦମୟ ଏବଂ ନୀରବତା ଭିତରେ ରହିବା, ଆମର ସର୍ବୋଚ୍ଚ ଶକ୍ତିକୁ ଲଗାଇ ଆମକୁ ନ୍ୟସ୍ତ କରାଯାଇଥିବା କର୍ମ ସମ୍ପାଦନ କରିବା ଏବଂ କର୍ମ ଆରମ୍ଭରେ ଏବଂ କର୍ମ ସମ୍ପାଦନ ହୋଇଗଲା ପରେ ମା'ଙ୍କୁ ଜଣାଇ ଦେବା । ଏହାହିଁ କର୍ମ ମାଧ୍ୟମରେ ନିମ୍ନ ଚେତନାରୁ ଉର୍ଦ୍ଧ୍ୱ ଚେତନାକୁ ଉଠି ଯିବାର ଏକ ଉପାୟ । ଏହିପରି ଏକ ଉଚ୍ଚତର ଚେତନାରେ ରହି ନିମ୍ନ ଭୂମିର କାର୍ଯ୍ୟଗୁଡ଼ିକୁ ହାତକୁ ନେଇ କରିବାକୁ ଚେଷ୍ଟା କଲେ ଏହି ଚେତନା ଦ୍ୱୟ ଭିତରେ ଏକ orientation ବା ଭାବର ଆଦାନ-ପ୍ରଦାନ ହୁଏ, ଫଳରେ ନିମ୍ନ-ଚେତନା ଉଚ୍ଚତର ଚେତନାକୁ ଉଠିଯାଏ, ସେଠାରେ ନିଜ ଘର କରି ରହେ ଏବଂ କ୍ରମଶଃ ସେଠାରୁ ଆହୁରି ଉର୍ଦ୍ଧ୍ୱକୁ ଉଠିବାକୁ ଚେଷ୍ଟା କରେ । ସେତେବେଳେ ଆମର କର୍ମ ପ୍ରଚେଷ୍ଟା ମଧ୍ୟ ଉଚ୍ଚତର ଚେତନାର ଆଲୋକରେ ଝଲସି ଉଠେ ଏବଂ ସେହି ମୁହୂର୍ତ୍ତରେ ଆମେ 'ଧ୍ୟାନ ଓ ପ୍ରାର୍ଥନା' ଭିତରେ ଦିବ୍ୟ ଜନନୀଙ୍କର ଦିବ୍ୟ ଲେଖନୀ ନିଃସୃତ ଶବ୍ଦମାନଙ୍କ ଭିତରେ ଥିବା ଚମତ୍କାର ସତ୍ୟକୁ ଅନୁଭବ କରିବାରେ ସମର୍ଥ ହୋଇ ପାରିବା ।

ଶାନ୍ତିର ବାସସ୍ଥଳୀ ହେଉଛି ହୃଦୟ, ମନ ହେଉଛି ଆଲୋକ ବା ଜ୍ଞାନର ଅଧିଷ୍ଠାନ । ସମଗ୍ର ସତ୍ତାର ଆନନ୍ଦ ଭିତରେ ଆଶା, ଆକାଂକ୍ଷା ଜନ୍ମ ଗ୍ରହଣ କରିଥାଏ । ମା ଏହି ସମସ୍ତକୁ ଧରି ପରମପ୍ରଭୁଙ୍କୁ ଆବାହନ କରି କହୁଛନ୍ତି –

''ହେ ପ୍ରଭୁ, ତୁମେ ହେଉଛ ଆମ ସ୍ଥିତିର ଏକମାତ୍ର କାରଣ, ଆଧାର ଏବଂ ଆମର ଲକ୍ଷ୍ୟସ୍ଥଳ ।''

ଏହି ପରିପ୍ରେକ୍ଷୀରେ ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ 'ଶ୍ରୀଅରବିନ୍ଦ ଆଶ୍ରମ'ର ପ୍ଲେ-ଗ୍ରାଉଣ୍ଡରେ ସନ୍ଧ୍ୟା ଧ୍ୟାନ ସମୟରେ ଯେଉଁ ଅତିଭୌତିକ ଘଟଣାଟି ଘଟିଥିଲା, ସେ ସମ୍ପର୍କରେ ଆଶ୍ରମରେ ଏବଂ ଆଶ୍ରମ ବାହାରେ ଯେଉଁ କେତେଜଣ ସାଧକ-ଭକ୍ତ ପ୍ରତୀକାତ୍ମକ ରୂପରେ ତାହା ଦର୍ଶନ କରିଥିଲେ ତଥା ସ୍ଥୂଳଭାବରେ ଏହାକୁ ଅନୁଭବ କରିଥିଲେ – ସେମାନଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି ଇନ୍ଦୁଭାଇ ପଟେଲ । ଶ୍ରୀ ପଟେଲ କହନ୍ତି –

''ମୁଁ ୧୯୫୬ ମସିହା ପ୍ରାରମ୍ଭରେ କେନିଆର 'ମୋମ୍ବାସା' ସହରରେ ଥାଏ । ଏକ ଫାର୍ମରେ ଇନ୍‌ସ୍ୟୁରାନ୍ସ ଶାଖାରେ କାମ କରୁଥାଏ । 'ମୋମ୍ବାସା' ପ୍ରାୟତଃ ବିଷୁବ ରେଖା ଉପରେ ଅବସ୍ଥିତ । ତେଣୁ ସେଠାରେ ଗ୍ରୀଷ୍ମ ଦିନରେ ଭୀଷଣ ଗରମ ଅନୁଭୂତ ହୁଏ । ମୁଁ ଡବଲ ଡେକର (ଦୁଇ ମହଲା ବିଶିଷ୍ଟ ବସ୍)ରେ ବସି ଅଫିସ ଯାଉଥାଏ । ହଠାତ୍ ମୁଁ ବସିଥିବା ସ୍ଥାନରୁ ପଡ଼ିଗଲି । ମୁଁ ଫଳିତ ଜ୍ୟୋତିଷ ଶାସ୍ତ୍ର ବିଷୟରେ ବହୁ ଆଗ୍ରହୀ ହୋଇ ସେହି ବର୍ଷ 'ରାଫେଲ'ଙ୍କର 'ଇଫେମେରିଜ୍' ପୁସ୍ତକଟିଏ କିଣି ମୋ ପକେଟରେ ରଖିଥାଏ । "Raphael's Ephemeris" ପୁସ୍ତକ ହେଉଛି ଏକ ବା ଏକାଧିକ ଟେବୁଲ ଯାହାକୁ ଜ୍ୟୋତିଷ ଶାସ୍ତ୍ରରେ ବ୍ୟବହାର କରାଯାଇଥାଏ । ଯାହା ସାହାଯ୍ୟରେ ସୂର୍ଯ୍ୟ, ଚନ୍ଦ୍ର ଏବଂ ଗ୍ରହମାନଙ୍କର ସ୍ଥିତି ଓ ଚଳନ ନିରୂପଣ କରାଯାଇଥାଏ ଏବଂ ରାଶିମାନଙ୍କ ଉପରେ ସେମାନଙ୍କର ପ୍ରଭାବ ମଧ୍ୟ ସ୍ଥିରୀକୃତ କରାଯାଇଥାଏ । ଏହି 'Ephemeris'ର ମୂଳ ଲେଖକ ହେଉଛନ୍ତି ରବର୍ଟ କ୍ରସ୍ ସ୍ମିଥ୍ (Robert Cross Smith) । ପୁନଶ୍ଚ 'Edwin Raphael' ବିଶ୍ୱବିଖ୍ୟାତ ଜ୍ୟୋତିଷ ଶାସ୍ତ୍ର ବିଶାରଦ ୧୯୦୦ ମସିହାରୁ ୨୦୫୦ ମସିହା ପର୍ଯ୍ୟନ୍ତ, ୧୫୧ ବର୍ଷ ନିମନ୍ତେ ଏକ ଗଣନା ପଞ୍ଜିକା ପ୍ରସ୍ତୁତ କରିଛନ୍ତି ଯାହା ରାଫେଲ୍‌ଙ୍କର ଇଫେମେରିଜ୍ ନାମରେ ପ୍ରସିଦ୍ଧ ।

''ରାଫେଲ୍‌ଙ୍କର ଇଫେମେରିଜ୍ ପୁସ୍ତକଟି ପକେଟରୁ ବାହାର କରି ମୁଁ କାହିଁକି ପଡ଼ିଗଲି ବୋଲି କାରଣ ଖୋଜିବାକୁ ଲାଗିଲି । ହଠାତ୍ ମୋର ମନେ ହେଲା, ମୁଁ କାହିଁକି ଶ୍ରୀଅରବିନ୍ଦଙ୍କ ଜନ୍ମ ତାରିଖରେ ଆଜି କ'ଣ ହେବାର ଅଛି ଦେଖିବି ନାହିଁ ? ଦେଖିଲି, ସେଥିରେ ଲେଖାଅଛି ଶ୍ରୀଅରବିନ୍ଦଙ୍କ ଜନ୍ମ ସ୍ଥାନରୁ 'ପ୍ଲୁଟୋ' ଗ୍ରହ (ଯାହା ବର୍ତ୍ତମାନ ବିଲୁପ୍ତ) ଘୁଞ୍ଚି ଯିବାକୁ ଲାଗିଲେଣି, ତାଙ୍କ ସ୍ଥାନ 'ବୃହସ୍ପତି' ନେବାକୁ ବସିଲେଣି । ତେଣୁ ପୃଥିବୀରେ ଏକ ବିଶେଷ ଘଟଣା ଘଟିବାକୁ ଯାଉଛି । ତା'ପରେ ମୁଁ ଭାବିଲି, ମୁଁ ମଧ୍ୟ ମୋ ନିଜ ଜାତକରେ ଥିବା କୋଷ୍ଠୀଟିକୁ ପରାମର୍ଶ କଲି; ଦେଖିଲି 'ମଙ୍ଗଳ' ଗ୍ରହଙ୍କ ସହିତ 'ପ୍ଲୁଟୋ' ସଂଯୁକ୍ତ ହୋଇ ଦଶ ଡିଗ୍ରୀ କୋଣ କରି ଠିକ୍ 'ବୃହସ୍ପତି'ଙ୍କ ସହିତ ମିଶି ତ୍ରିମୂର୍ତ୍ତି ରୂପ ଧାରଣ କରିଛନ୍ତି । ପୁନଶ୍ଚ ମୋ ଭିତରେ ଏକ ପ୍ରଶ୍ନ ଉଠିଲା, ଏହି ସ୍ଥାନରେ 'ରବି ଗ୍ରହ' କେଉଁ ତାରିଖରେ ପହଞ୍ଚିବେ ? ସେଥିପାଇଁ 'ଇଫେମେରିଜ୍'ର ପୃଷ୍ଠା ଖେଳାଇଲି; ଦେଖିଲି ସ୍ୱଷ୍ଟ ଭାବରେ ଲେଖା ହୋଇଛି, 'ଫେବ୍ରୁଆରୀ ମାସ ୨୯ ତାରିଖ ।' ଏହି ବିଷୟଟି ମୋ ଅନୁଭବ ଭିତରକୁ ଆସିବା କ୍ଷଣି ମୋ ସମ୍ମୁଖରେ ଏକ ଦିବ୍ୟ ଦୃଶ୍ୟ ଉଭା ହୋଇଗଲା । ମୁଁ ଦେଖିଲି ଏକ ଘନ ଅନ୍ଧକାର ଧୀରେ ଧୀରେ ମଉଳି ଯାଇ ଶେଷରେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ସେହି ଅସ୍ୱଷ୍ଟ ଆଲୋକ ଭିତରେ ଲେଖାଥିଲା

'୨୯ ଫେବ୍ରୁଆରୀ'। ଏହା ହଠାତ୍ ଘଟିଲା। ମୁଁ ଅନୁଭବ କଲି ଗୋଟିଏ ସୁବର୍ଣ୍ଣ-କନ୍ଦୁକ (ବଲ୍) ମୋ ହୃଦକେନ୍ଦ୍ରରୁ ମୃଦୁ ଶବ୍ଦ ସହ ନିର୍ଗତ ହେଲା। ମୁଁ ଆଶ୍ଚର୍ଯ୍ୟ ହୋଇ ସେ ବଲ୍ ଉପରେ ଦୃଷ୍ଟି ନିକ୍ଷେପ କରିଥାଏ। ସେହି ବଲ୍‌ଟିକୁ ଭଲ ଭାବରେ ଦେଖିବା ପୂର୍ବରୁ ତାହା ବିସ୍ତାରିତ ହୋଇ ଏକ ସୁବର୍ଣ୍ଣମୟ ପ୍ରଶସ୍ତ କ୍ଷେତ୍ରରେ ପରିଣତ ହେଲା ଏବଂ ସମସ୍ତ ମଳିନ ଅନ୍ଧକାରକୁ ସତେ ଅବା ଗିଳି ପକାଇଲା। ଏହି ଘଟଣାର କିଛି ଦିନ ପରେ ମୁଁ ଅତିମାନସ ଅଭିବ୍ୟକ୍ତିର ଖବର ପାଇଲି, ସେହି ତାରିଖଟି ଥିଲା '୨୯ ଫେବ୍ରୁଆରୀ, ୧୯୫୬ ମସିହା'।

('ସୁଧା ସମାଚାର' ପୁସ୍ତକର
ପୃ. ୨୬୮ - ୨୬୯ରୁ ଗୃହୀତ)

ଏହିପରି ଭାବରେ ପୃଥିବୀରେ ଅଳ୍ପ କେତେ ଜଣ ସାଧକ-ଭକ୍ତ ୨୯ ଫେବ୍ରୁଆରୀ, ୧୯୫୬ ମସିହାରେ ଅତିମାନସ ଶକ୍ତିର ଧରାବତରଣ ବିଷୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ସୂଚନା ପ୍ରାପ୍ତ ହୋଇଥିଲେ। ଏହା ଆହୁରି ସ୍ପଷ୍ଟ ହୋଇଗଲା, ଯେତେବେଳେ ଦିବ୍ୟଜନନୀ ଶ୍ରୀମା ଏହି ଘଟଣାର ଚାରି ବର୍ଷ ପରେ ୧୯୬୦ ଫେବ୍ରୁଆରୀ ୨୯ ତାରିଖରେ ପୃଥିବୀପୃଷ୍ଠରେ ଅତିମାନସ ଶକ୍ତି ଅବତରଣର ପ୍ରଥମ ବାର୍ଷିକୀରେ ପ୍ରଦତ୍ତ ବାଣୀରେ ପ୍ରକାଶ କଲେ। ତହିଁରୁ କିୟଦଂଶ :

"... and lifting with both hands a mighty golden hammer I struck one blow, one single blow on the door and the door was shattered to pieces.

"Then the supramental Light and Force and Consciousness rushed down upon earth in an uninterrupted flow."

''... ଏବଂ ଦୁଇ ହାତରେ ଏକ ଓଜନଦାର ସୁବର୍ଣ୍ଣ ହାତୁଡ଼ି ଉଠାଇ ଗୋଟିଏ ଶକ୍ତ ଆଘାତ, ଗୋଟିଏ ମାତ୍ର ଶକ୍ତ ପ୍ରହାର ସେହି ଦ୍ୱାର (ସୁବର୍ଣ୍ଣ ନିର୍ମିତ ଦରଜା) ଉପରେ ମୁଁ ପ୍ରଦାନ କଲି ଏବଂ ଦ୍ୱାରଟି ଖଣ୍ଡ ବିଖଣ୍ଡିତ ହୋଇଗଲା।

''ତତ୍ପରେ ଅତିମାନସ ଦିବ୍ୟାଲୋକ, ଶକ୍ତି ଏବଂ ଚେତନାର ସ୍ରୋତ କୌଣସି ପ୍ରକାରର ବାଧାବିଘ୍ନ ନମାନି ପୃଥିବୀପୃଷ୍ଠରେ ପ୍ରବାହିତ ହେବାକୁ ଲାଗିଲା।''

(CWM, Vol. 15, Page. 94)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) Musing on the Mother's Prayers and Meditations, Vol. 1, Shyam Kumari

ଯେତେବେଳେ ଜଣେ ସଂସାରରେ ବାସ କରୁଥାଏ, ସେ ଆଶ୍ରମରେ ରହିବା ଭଳି ଆଚରଣ କରିପାରିବ ନାହିଁ – ତାହାକୁ ଅନ୍ୟମାନଙ୍କ ସଙ୍ଗେ ମିଳାମିଶା କରିବାକୁ ପଡ଼ିବ ଏବଂ ବାହ୍ୟଭାବରେ ଅନ୍ତତଃ ଅନ୍ୟମାନଙ୍କ ସଙ୍ଗେ ସାଧାରଣ ସମ୍ପର୍କ ରଖିବାକୁ ପଡ଼ିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ଆନ୍ତର ଚେତନାକୁ ଭଗବାନଙ୍କ ପ୍ରତି ଉନ୍ମୋଚିତ ରଖିବା ଓ ତହିଁରେ ନିଜର ଅଭିବୃଦ୍ଧି ସାଧନ କରିବା। ଯେତେବେଳେ ଜଣେ ଏହା କରିଥାଏ, ସାଧନାର ଆନ୍ତର ତୀବ୍ରତା ଅନୁଯାୟୀ ଅନ୍ୟସବୁ ଜିନିଷ ପ୍ରତି ନିଜର ମନୋଭାବ ବଦଳିବାକୁ ଲାଗେ। ସବୁକିଛିହିଁ ଭଗବାନଙ୍କ ଭିତରେ ଦେଖାଯାଏ, ଅଧିକରୁ ଅଧିକ। ଏବଂ ଅନୁଭବ, କର୍ମ ଆଦି ଅଧିକରୁ ଅଧିକ ନିର୍ଦ୍ଧାରିତ ହୁଏ ପୁରୁଣା ବାହ୍ୟ ପ୍ରତିକ୍ରିୟା ଦ୍ୱାରା ନୁହେଁ, କିନ୍ତୁ ତୁମ ଭିତରେ ବଢ଼ି ଉଠୁଥିବା ଚେତନା ଦ୍ୱାରା।

— ଶ୍ରୀଅରବିନ୍ଦ

# ଦ୍ୱୀପାନ୍ତରର କଥା

## (ଷଷ୍ଠ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଉପେନ୍‌ର କଥା – ଧର୍ମଘଟ
### (୩)

ନନ୍ଦଗୋପାଳ ପଞ୍ଜାବୀ କ୍ଷତ୍ରିୟ । ଦୀର୍ଘକାୟ ସୁପୁରୁଷ । ୧୨୧/କ ଧାରାରେ ଅଭିଯୁକ୍ତ ହୋଇ ଦଶ ବର୍ଷ ନିମନ୍ତେ ଦ୍ୱୀପାନ୍ତରିତ ହୁଅନ୍ତି । ସେ ଘଣା ପାଖକୁ ଯାଇ ଏକ ନୂତନ କାଣ୍ଡ କରି ବସିଲେ । ପ୍ରଥମେ କହିଲେ ''ଏତେ ଜୋରରେ ଘଣା ଘୂରାଇବା କାମ ମୋ ଦ୍ୱାରା ହେବ ନାହିଁ । ଘଣା ସାଧମତେ ଆସ୍ତେ ଆସ୍ତେ ଘୂରିବାକୁ ଲାଗିଲା, ଫଳରେ ବେଳ ଦଶଟା ମଧରେ ତେଲର ଏକ ତୃତୀୟାଂଶ ବି ପେଷା ହେଲା ନାହିଁ । ବେଳ ଦଶଟା ବେଳେ ତଳକୁ ଆସି ସାଧାରଣ କଏଦୀମାନେ ପାଞ୍ଚ ସାତ ମିନିଟ ମଧରେ ଶୀଘ୍ର ଶୀଘ୍ର ଭାତ ଖାଇ ନେଇ ପୁଣି କାମ କରିବାକୁ ଛୁଟି ଯାଆନ୍ତି । ଦଶଟାରୁ ବାରଟା ପର୍ଯ୍ୟନ୍ତ ଆଇନ ଅନୁସାରେ ଆହାର ଏବଂ ବିଶ୍ରାମ ପାଇଁ ନିର୍ଦ୍ଦିଷ୍ଟ ଥିଲେ ମଧ ହୁଏତ କାମଟା ଶେଷ ହେବନି ଏଇ ଭୟରେ ସେମାନେ ବିଶ୍ରାମ ନେବାକୁ ସାହସ କରନ୍ତି ନାହିଁ । କାମ ଶୀଘ୍ର ଶେଷ ହେଲେ ହାତ ଗୋଡ଼ ଲମ୍ବା କରି ଟିକିଏ ବସି ଯାଆନ୍ତି । ନନ୍ଦଗୋପାଳଙ୍କର ସେ ଭୟ ନାହିଁ । ପେଟି ଅଫିସର୍ ଆସି ଶୀଘ୍ର ଶୀଘ୍ର ଖାଇବା ଶେଷ କରିବା ପାଇଁ ତାଙ୍କ ଉପରେ ହୁକୁମ ଜାରି କଲେ । ନନ୍ଦଗୋପାଳ ତାକୁ ସ୍ମିତ ବଦନରେ ସ୍ୱାସ୍ଥ୍ୟନୀତି ବୁଝାଇ ଦେଇ କହିଲେ, ଶୀଘ୍ର ଶୀଘ୍ର ଖାଇଲେ ପାକସ୍ଥଳୀର ବିଶେଷ ଅନିଷ୍ଟର ସମ୍ଭାବନା ଅଛି; ପୁଣି ଦଶ ବର୍ଷ ଯେତେବେଳେ ତାଙ୍କୁ ସରକାର ବାହାଦୁରର ଅତିଥି ହୋଇ ରହିବାକୁ ହେବ ସେତେବେଳେ କୌଣସି ଏକ କାରଣରୁ ସେ ନିଜର ସ୍ୱାସ୍ଥ୍ୟ ଭଙ୍ଗ କରି ସରକାରର ବଦନାମ କରିବାକୁ ଅପାରଗ । ଜେଲର୍ ସାହେବଙ୍କ ପାଖରେ ରିପୋର୍ଟ ପହଞ୍ଚିଲା । ସେ ଆସି ଦେଖିଲେ ନନ୍ଦଗୋପାଳ ଖାଦ୍ୟର ଗୋଟିଏ ଗ୍ରାସକୁ ଧୀରେ ଧୀରେ ବତିଶ ଦାନ୍ତରେ ଚଉଷଠି ଥର ଚର୍ବଣ କରି ଧୀରେ ଧୀରେ ଗଳାଧଃକରଣ କରୁଛନ୍ତି । ଅତି ଜୋରରେ ଗର୍ଜନ ତର୍ଜନ କରି ସେ ନନ୍ଦଗୋପାଳଙ୍କୁ ବୁଝାଇ ଦେଲେ ଯେ କାମ ଯଥା ସମୟରେ ଶେଷ କରି ନପାରିଲେ ବେତ୍ରାଘାତ ଅନିବାର୍ଯ୍ୟ । ନନ୍ଦଗୋପାଳ ଅତ୍ୟନ୍ତ ଭଦ୍ରଭାବେ ସ୍ୱାସ୍ଥ୍ୟନୀତିର ପୁନରାବୃତ୍ତି କରି ଜେଲର୍ ସାହେବକୁ ମଧୁର ହାସ୍ୟରେ ଜଣାଇଲେ ଯେ ସରକାର ବାହାଦୁର ଯେତେବେଳେ ଦଶଟାରୁ ବାରଟା ପର୍ଯ୍ୟନ୍ତ ଆହାର ଏବଂ ବିଶ୍ରାମ ପାଇଁ ନିର୍ଦ୍ଦିଷ୍ଟ କରି ଦେଇଛନ୍ତି, ସେତେବେଳେ ସେ ନିଜେ ତ ଆଇନ ଭଙ୍ଗ କରିବେନି, ଅଧିକନ୍ତୁ ଜେଲର୍ ସାହେବ ଯେପରିକି ସେ ଆଇନ ଭଙ୍ଗ ନକରିବେ, ସେ ବିଷୟରେ ବି ଦୃଷ୍ଟି ରଖିବେ । କହିବା ବାହୁଲ୍ୟ ଜେଲର୍ ସାହେବର ଅଙ୍ଗ ଏକାବେଳକେ ଦ୍ରବୀଭୂତ ହୋଇଗଲା । ସେ ଗର୍ଜନ ତର୍ଜନ କରି ନିଜର ମାନ-ସମ୍ମାନ ରକ୍ଷା କରି ପ୍ରସ୍ଥାନ କଲେ । ଆହାର ଇତ୍ୟାଦି ଯଥା ସମୟରେ ଶେଷ କରି ନନ୍ଦଗୋପାଳ ତାଙ୍କ କୋଠରିରେ ଢୁକିଲେ । ବିବ୍ରତ ପେଟି ଅଫିସର୍ ଭାବିଲେ ଏଥରକ ହୁଏତ କାର୍ଯ୍ୟ ଆରମ୍ଭ ହେବ । ନନ୍ଦଗୋପାଳ କିନ୍ତୁ ଖଣ୍ଡେ କମ୍ବଳ ନେଇ ଧୀରେ ବିଛଣା ପକାଇ ଶୋଇଗଲେ । ଅଜସ୍ର ଗାଳି ଗୁଲଜରେ ବି ତାଙ୍କର ବିଶ୍ରାମରେ ଆଘାତ ଘଟିଲା ନାହିଁ । Passive Resistanceର ନିରୁପଦ୍ରବ ପ୍ରତିରୋଧରେ ସେ ମହାତ୍ମା ଗାନ୍ଧୀଙ୍କର ଗୁରୁ । ବାରଟା ବେଳେ ଉଠି ନନ୍ଦଗୋପାଳ ପୁଣି ଏକ ଘଣ୍ଟା ଘଣା ଘୂରାଇଲେ । ଯେତେବେଳେ ଦେଖିଲେ ଯେ ବାଲ୍‌ଟିରେ ପ୍ରାୟ ପନ୍ଦର ପାଉଣ୍ଡ ତେଲ ହୋଇ ଯାଇଛି ସେତେବେଳେ ଅବଶିଷ୍ଟ ନଡ଼ିଆକୁ ବସ୍ତାରେ ବନ୍ଦ କରି ଚୁପ୍‌ଚାପ୍ ବସି ରହିଲେ । କାର୍ଯ୍ୟର ଅର୍ଦ୍ଧେକ କାମ ମାତ୍ର ହୋଇଛି, ବାକି ଅର୍ଦ୍ଧେକକୁ ବର୍ତ୍ତମାନ କିଏ କରିବ ? ନନ୍ଦଗୋପାଳ କହିଲେ, ''ଯାହାର ଖୁସି, ସେ କରିବ । ମୁଁ ତ ଆଉ ସତକୁ ସତ ଘଣାର ବଳଦ ନୁହେଁ ଯେ ସମସ୍ତ ଦିନଟାହିଁ କେବଳ ତେଲ ପେଷିବି । ଛଅ ପଇସାର ଖୋରାକ ଦିନେ ବି ତ ପାଉ ନାହିଁ, ତେଣୁ ତିରିଶ ପାଉଣ୍ଡ ତେଲ ପେଷିବି କିପରି ?''

କର୍ତ୍ତୃପକ୍ଷ ମହଲରେ ଏକ ପ୍ରକାର ହୁଲସ୍ଥୂଳ ପଡ଼ିଗଲା । ଗର୍ଜନ ତର୍ଜନ ଅନେକ ହେଲା; କିନ୍ତୁ ନନ୍ଦଗୋପାଳ ନିର୍ବିକାର ପରମ ପୁରୁଷ ପରି ନିଷ୍ପନ୍ଦ ଏବଂ ସଦା ସ୍ମିତବଦନ ।

ନନ୍ଦଗୋପାଳ ପାଖରୁ ତିରିଶ ପାଉଣ୍ଡ ତେଲ ବାହାର ହେବାର କୌଣସି ଆଶା ନଦେଖି ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବ ତାଙ୍କ ପାଦରେ ବେଡ଼ି ଦେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ (till further order) କୋଠରିରେ ବନ୍ଦ ରଖିବାକୁ ଆଜ୍ଞା ଦେଲେ ।

ଏପଟେ ବଡ଼ ଘଣାଟିକୁ ଘୂରାଇ ଘୂରାଇ ଅବିନାଶର ଶରୀର ଭାଙ୍ଗି ପଡ଼ିଲା । ବେଳ ଦଶଟା ପରେ ତା'ର ଆଉ କାମ କରିବାର ସାମର୍ଥ୍ୟହିଁ ରହୁ ନଥାଏ । ଇନ୍ଦୁ ଆମ ଭିତରୁ ସର୍ବାପେକ୍ଷା ସବଳ; କଏଦୀମାନଙ୍କ ସହ ପରାମର୍ଶ କରି ଅବିନାଶର ବାକି କାମଟିକୁ କରିଦେଇ ସେ କୌଣସି ପ୍ରକାରେ ତା'ର ଏଇ ସମସ୍ୟାଟିରୁ ପାପକ୍ଷୟ କରାଇ ଦେଲା ।

ଏହିପରି ଆହୁରି ଏକ ମାସ କଟିଗଲା । ଇତି ମଧ୍ୟରେ ଜେଲର୍ ସାହେବ ନନ୍ଦଗୋପାଳ ସହ ଏକ ରଫା ପ୍ରସ୍ତୁତ କରି ନେଲେ । ସେ କହିଲେ, ଚାରିଦିନ ପୂରା କାମ କଲେ ସେ ଭବିଷ୍ୟତରେ ତାଙ୍କୁ ଘଣା ଘୂରାଇବା କାର୍ଯ୍ୟରୁ ଅବ୍ୟାହତି ଦେବେ । ନନ୍ଦଗୋପାଳ ମଧ୍ୟ ରାଜି ହୋଇ ଅଳ୍ପାଧିକ ପରିମାଣରେ ଅନ୍ୟର ସାହାଯ୍ୟରେ ଚାରିଦିନ ପୂରା କାମ ଦାଖଲ କରାଇ ସେଥରକ ପାଇଁ ସେ ସଙ୍କଟରୁ ନିଷ୍କୃତି ପାଇଲେ ।

ଏ ନିଷ୍କୃତିର ଆନନ୍ଦ କିନ୍ତୁ ଅଧିକ ଦିନ ସ୍ଥାୟୀ ହେଲା ନାହିଁ । ଅଳ୍ପଦିନ ପରେହିଁ ପୁନର୍ବାର ତାଙ୍କୁ ବଡ଼ ଘଣା ପେଷିବାକୁ ଦେବାରୁ ସେ ସେହି କାର୍ଯ୍ୟ କରିବାକୁ ଅସ୍ୱୀକୃତ ହୁଅନ୍ତି । ଫଳ ହେଲା – ବେଡ଼ି ଆଉ କୋଠରି ବନ୍ଦ ବ୍ୟବସ୍ଥା । ହୁକୁମ ହେଲା ସମସ୍ତଙ୍କୁ ପୁନରାୟ ତିନିଦିନ ପାଇଁ ଘଣା ଘୂରାଇବାକୁ ପଡ଼ିବ । ପ୍ରଥମତଃ ଆମେ ସମସ୍ତେ ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ଜେଲରେ ଆବଦ୍ଧ, ତା' ଉପରେ ପ୍ରତ୍ୟହ ଏଇ ଘଣାର ବିଭୀଷିକା । ସମସ୍ତେ ବୁଝିଲେ ଯେ କାମଦାମ ବିଷୟରେ ଗୋଟିଏ ସୁବିଧାଜନକ ପକ୍କା ବନ୍ଦୋବସ୍ତ କରିନେଇ ନପାରିଲେ ଏଇ ପୋର୍ଟ ବ୍ଲେୟାରରେହିଁ ଭବଲୀଳାରେ ପୂର୍ଣ୍ଣଚ୍ଛେଦ ହେବ । ଶାସ୍ତି ତ ଅଛି, ତେବେ ପୁଣି ନିଜ ହାତରେ ନିଜକୁ ଶାସ୍ତି ଦେବା କାହିଁକି ? ଏଇ ଥର ଅନେକେ ଘଣା ପେଲିବାର କାର୍ଯ୍ୟ କରିବାକୁ ଅସ୍ୱୀକାର କଲେ । ଧର୍ମଘଟ ଆରମ୍ଭ ହେଲା ।

କର୍ତ୍ତୃପକ୍ଷ ମଧ୍ୟ ରୁଦ୍ର ମୂର୍ତ୍ତି ଧରିଲେ । ସମଗ୍ର ଜେଲଖାନାରେ ଯେପରି ଏକ ଆନନ୍ଦ ଉତ୍ସବ ଚାଲିଲା । ଶାସ୍ତି ଉପରେ ଶାସ୍ତି ଦେବାର କାର୍ଯ୍ୟ ଲାଗି ରହିଲା । ଚାରିଦିନ କାଞ୍ଜିଭକ୍ଷଣ ଏବଂ ସାତଦିନ ଠିଆ ହୋଇ ହାତକଡ଼ିରେ ରହିବା, ଏହାହିଁ ସାଧାରଣତଃ ଶାସ୍ତିର ପ୍ରଥମ କିସ୍ତି । ଚୁନା ଚାଉଳଗୁଣ୍ଡ ଫୁଟନ୍ତା ପାଣିରେ ଢାଳି ଦେଲେ ଯେଉଁ ସୁଖାଦ୍ୟ ପ୍ରସ୍ତୁତ ହୁଏ, ତାହାହିଁ ଆମମାନଙ୍କର 'କାଞ୍ଜି' । ତାକୁ ମାପି ଗୋଟିଏ ପାଉଣ୍ଡ ଲେଖା ଦିନକୁ ଦୁଇଥର ଦିଆଯାଏ, ଏବଂ କଏଦୀମାନେ ଯେପରି କୌଣସି ଉପାୟରେ ଆଉ କିଛି ସଂଗ୍ରହ କରି ଖାଇବାକୁ ନପାଆନ୍ତି, ସେ ବିଷୟରେ କଡ଼ା ପହରା ଥାଏ । ଜେଲର ଶାସ୍ତ୍ର ଅନୁସାରେ ଚାରିଦିନରୁ ଅଧିକ ଏହି କାଞ୍ଜି (penal diet) ଖାଇବାକୁ ଦେବାର ନିୟମ ନାହିଁ; କିନ୍ତୁ କର୍ତ୍ତୃପକ୍ଷମାନଙ୍କର ଆମ ଉପରେ ଦୟାର ଆଧିକ୍ୟବଶତଃ ହେଉ ଅବା ଆଉ କେଉଁ କାରଣରୁ ହେଉ, ଆମ ଭିତରୁ ଉଲ୍ଲାସ କର, ନନ୍ଦଗୋପାଳ ଏବଂ ହୋତିଲାଲକୁ ବାର, ତେର ଦିନ ଏଇ କାଞ୍ଜି ଖୁଆଇ ରଖା ହୁଏ । ୧୯୧୩ ସାଲରେ ଯେତେବେଳେ ଶ୍ରୀଯୁକ୍ତ ରେଜିନାଲଡ୍ କ୍ରାଡ଼କ୍ ପୋର୍ଟ ବ୍ଲେୟାରକୁ ପରିଦର୍ଶନ କରିବାକୁ ଯାଆନ୍ତି, ସେତେବେଳେ ନନ୍ଦଗୋପାଳ ତାଙ୍କ ନିକଟରେ ଏଇ ସମ୍ବନ୍ଧରେ ଅଭିଯୋଗ କରନ୍ତି; କିନ୍ତୁ ଶାସ୍ତି ଦେଲେ ବି ଜେଲର କର୍ତ୍ତୃପକ୍ଷଗଣ କଏଦୀର ପରିଚୟ ପତ୍ରରେ ଏ ସମ୍ବନ୍ଧେ କୌଣସି କଥା ଉଲ୍ଲେଖ କରି ନାହାନ୍ତି । ଜେଲର୍ ସାହେବ ମଧ୍ୟ ଅମ୍ଳାନ ବଦନରେ କହିଲେ ଯେ, ଅଭିଯୋଗ ମିଥ୍ୟା । ସୁତରାଂ ଫଳ କିଛି ବି ହେଲା ନାହିଁ । ଜେଲର୍‌ଙ୍କ ବିରୋଧରେ କଏଦୀର କଥା ପ୍ରମାଣ ହୁଏ ନାହିଁ ।

ଶାସ୍ତି ପରେ ଶାସ୍ତି ଚାଲିବାକୁ ଲାଗିଲା; ବିଭିନ୍ନ ପ୍ରକାରର ବେଡ଼ିର ପାଳା ଶେଷ କରି ଆମମାନଙ୍କୁ କୋଠରିରେ ବନ୍ଦ କରାହେଲା । ତାହା ବି ଭିନ୍ନ ପ୍ରକାରର ଅଟେ । ସାଧାରଣ କଏଦୀମାନଙ୍କୁ କୋଠରିରେ ବନ୍ଦ କରାହେଲେ ବି ସେମାନେ ତଳକୁ ଆସି ସ୍ନାନାହାର କରି ପାରନ୍ତି; ଅନ୍ୟ କଏଦୀମାନଙ୍କ ସହ କଥାବାର୍ତ୍ତା କରିବାରେ ତାଙ୍କର ବାଧା ନାହିଁ । ବର୍ତ୍ତମାନ ନୂତନ ନିୟମ ପ୍ରଚଳିତ ହେଲା – ଆମ ସହ କେହି କଥା କହିଲେ ସେ ଦଣ୍ଡିତ ହେବ । ସୁତରାଂ ନାମକୁ ମାତ୍ର ପୃଥକ୍ କାରାବାସ (separate confinement) ହେଲେ ବି କାର୍ଯ୍ୟତଃ ଆମ ପକ୍ଷରେ ତାହା ନିର୍ଜନ କାରାବାସ (solitary confinement) ହୋଇ ଉଠିଲା । ଅନେକଙ୍କୁ ତିନିମାସ ଅବା ତତୋଽଧିକ କାଳ ଏହି ରୂପେ କୋଠରି-ବନ୍ଦ ଅବସ୍ଥାରେ କଟାଇବାକୁ ପଡ଼ିଲା ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ନୂତନ ଶିକ୍ଷାର ଆହ୍ୱାନ

## (୫)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ପୂର୍ଣ୍ଣାଙ୍ଗ ଶିକ୍ଷାର ପୃଷ୍ଠଭୂମି :

ଶିକ୍ଷା ଏକ ଜୀବନବ୍ୟାପୀ ସାଧନା । ସମଗ୍ର ଜୀବନହିଁ ଶିକ୍ଷା ହୋଇଥିବାରୁ ଆମର ଜୀବନ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ପୂର୍ଣ୍ଣତାର ଅନନ୍ତ ଦିଗ ରହିଛି । ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାର ଅନନ୍ତ ଦିଗ ବା ସମ୍ଭାବନା ରହିଛି । ପ୍ରତ୍ୟେକ ଶିକ୍ଷାକେନ୍ଦ୍ର ସ୍ୱତନ୍ତ୍ର । ପ୍ରତ୍ୟେକ ଶିକ୍ଷାକେନ୍ଦ୍ର ତା'ର ନିଜସ୍ୱ ଧାରାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ସମ୍ଭାବନାଗୁଡ଼ିକ ଉନ୍ମୋଚିତ କରିବ । ଜୀବନ-ବିଦ୍ୟାଳୟର ପ୍ରକୃତ ଶିକ୍ଷକ ହେଉଛି ବ୍ୟକ୍ତିର ଅନ୍ତରାତ୍ମା । ଏହି ଅନ୍ତରାତ୍ମା ହେଉଛି ଦିବ୍ୟ ସମ୍ଭାବନା, ଦିବ୍ୟ ଅଭିବ୍ୟକ୍ତି, ସତ୍ୟ ବା ଶାଶ୍ୱତ ପ୍ରତିଭା । ଏହି ଦିବ୍ୟ ପ୍ରତିଭାଟିର ପ୍ରସ୍ଫୁଟନରେ ଜୀବନରେ ପୂର୍ଣ୍ଣତା ଆସେ । ସେ ହେଉଛନ୍ତି ଆମ ଯାତ୍ରାର ନେତା ବା ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନର କାଣ୍ଡାରି । ସେ ଯଦି ଆଗକୁ ଆସି ଶିକ୍ଷାର ଭାର ଗ୍ରହଣ କରନ୍ତି ଏବଂ ଆମର ମନ, ପ୍ରାଣ ଓ ଶରୀରକୁ ତାଙ୍କର ଧର୍ମରେ ଦୀକ୍ଷିତ କରି ଆମର ବ୍ୟକ୍ତିତ୍ୱକୁ ସୁସଂଗଠିତ ଓ ନିୟନ୍ତ୍ରିତ କରିବା ସଙ୍ଗେ ସଙ୍ଗେ ଦିବ୍ୟତ୍ୱ ପ୍ରଦାନ କରନ୍ତି ତେବେ ଜୀବନ-ବିଦ୍ୟାଳୟର ଅନେକ ସମସ୍ୟାର ସମାଧାନ ହୋଇପାରିବ । ସେଥିପାଇଁ ଶ୍ରୀଅରବିନ୍ଦ କହନ୍ତି – "... the evocation of this real man within is the right object of education ..." (The Human Cycle, p.33) । ଅନ୍ତର ମଧ୍ୟରେ ଥିବା ସେହି ପ୍ରକୃତ ମଣିଷର ଆବିଷ୍କାରହିଁ ଶିକ୍ଷାର ଯଥାର୍ଥ ଲକ୍ଷ୍ୟ । ସେଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାହିଁ ଆତ୍ମଶିକ୍ଷା ବା ସର୍ବୋତ୍ତମ ଶିକ୍ଷା । ଏହି ଶିକ୍ଷା ବାହ୍ୟ ଜଗତ୍ ଓ ଅନ୍ତର୍ଜଗତ୍‌କୁ ଯୋଡ଼ିଦିଏ । ଅନ୍ତରର ସେହି ଶାଶ୍ୱତ ପ୍ରତିଭାକୁ ବାହ୍ୟ ପ୍ରତିଭା ସହ ମିଶାଇ ଦିଆଗଲେ ଆମର ପ୍ରଗତିଟି ତ୍ୱରାନ୍ୱିତ ହେବ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାର ରଥଟି ଆଗକୁ ଗଡ଼ିଚାଲିବ । ସେହି ଶାଶ୍ୱତ ପ୍ରତିଭା ବା ଆତ୍ମଜ୍ଞାନ ଶିଶୁଟି ବାହାରକୁ ଆସିବାକୁ ଚାହେଁ । ସେଥିପାଇଁ ଆମର ପୂର୍ଣ୍ଣସମ୍ମତି ଆବଶ୍ୟକ । ମନୁଷ୍ୟ ଯଦି ଜୀବନ ଓ ଶିକ୍ଷା ପ୍ରତି ଶ୍ରଦ୍ଧା ରଖି, ସତ୍ୟ ପ୍ରତି ଅନୁରାଗ ରଖି ଜୀବନକୁ ପରିବର୍ତ୍ତନ କରିବା ସକାଶେ ସମ୍ମତି ପ୍ରଦାନ କରେ, ଆଧ୍ୟାତ୍ମିକତାକୁ ଆଦରି ନିଏ, ଆତ୍ମାକୁ ଆଗୁସାର କରି ଜୀବନଯାପନ କରେ ତେବେ ଶ୍ରୀଅରବିନ୍ଦଙ୍କର ସ୍ୱପ୍ନ ବାସ୍ତବ ରୂପ ନେବାର ଅବଧିଟି କ୍ଷୀଣରୁ କ୍ଷୀଣତର ହେବା ସହ ଦିବ୍ୟ ସମାଜ ଗଠନ ହୋଇପାରିବ ।

ଋଷି ଦଧୀଚି ଯେପରି ଦେବତାମାନଙ୍କର ମଙ୍ଗଳ ନିମନ୍ତେ ବୃତ୍ରାସୁରକୁ ବଧ କରିବା ପାଇଁ ନିଜର ଅସ୍ଥି ଦାନ କରି ଆତ୍ମବଳି ଦେଇଥିଲେ; ମହାଯୋଗୀ ଶ୍ରୀଅରବିନ୍ଦ ସେହିପରି ସମଗ୍ର ମାନବସମାଜର କଲ୍ୟାଣ ନିମିତ୍ତ, ପାର୍ଥିବ ପ୍ରକୃତିକୁ ଦିବ୍ୟ ପ୍ରକୃତିରେ ରୂପାନ୍ତର କରି ଜଗତରେ ସତ୍ୟର ରାଜ୍ୟ ପ୍ରତିଷ୍ଠା କରିବା ପାଇଁ ରୂପାନ୍ତରକାରୀ ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠକୁ ଅବତରଣ କରାଇ ଆତ୍ମବଳି ଦେଇଥିଲେ । ସେହି ଯୁଗାବତାର ଶ୍ରୀଅରବିନ୍ଦଙ୍କ ଦିବ୍ୟ ଚେତନାର ପ୍ରସୂତି ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ଏହି ଶିକ୍ଷା ଦିବ୍ୟଜନନୀଙ୍କର ଦିବ୍ୟାସ୍ତ୍ର, ଯାହା ସମାଜକୁ ନୂତନ ରୂପ ଦେବା ସହ ଅନେକ ନୂତନ ସମ୍ଭାବନାକୁ ପ୍ରକାଶିତ କରିବାର ଶକ୍ତି ଓ ସାମର୍ଥ୍ୟ ବହନ କରିଛି । ଏହା ହେଉଛି ଆତ୍ମଶକ୍ତି । ଏହି ଆତ୍ମଶକ୍ତିକୁ ଜାଗ୍ରତ୍ କରି ନୂତନ ଜଗତର ନବଜନ୍ମକୁ ସାର୍ଥକ କରିବା ହେଉଛି ମାନବ ସମାଜ ପାଇଁ ଏକ ଆହ୍ୱାନ । ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ସୂର୍ଯ୍ୟଦୀପ୍ତ ପଥ । ଏହି ପଥର ଯାତ୍ରୀହିଁ ଆଲୋକ ସେନା ରୂପେ ପରିଚିତ । ପୂର୍ଣ୍ଣାଙ୍ଗ ଶିକ୍ଷା ଏହି ଆଲୋକ ସେନାମାନଙ୍କର ଦିବ୍ୟାସ୍ତ୍ର । ଏହି ଦିବ୍ୟାସ୍ତ୍ରକୁ ପ୍ରୟୋଗ କରିବାର କୌଶଳଟି କେବଳ ଅନ୍ତରାତ୍ମା ପାଖରେ ରହିଛି । ସେଥିପାଇଁ ଆତ୍ମଶିକ୍ଷା ବା ଚୈତ୍ୟ ଶିକ୍ଷାହିଁ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରୟୋଗର ପ୍ରାରମ୍ଭିକ ପଦକ୍ଷେପ ବା ପ୍ରଥମ ପାଠ । ଯେଉଁ ଶିକ୍ଷାରେ ଏହି ପ୍ରଥମ ପାଠଟି ନଥାଏ ତାହା ଅନ୍ତଃସାରଶୂନ୍ୟ ହୋଇଥାଏ । ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ମହାନ୍ ଭିତ୍ତିଭୂମି ରହିଛି । ଏହି ଶିକ୍ଷାର ଅନ୍ତର୍ନିହିତ ସତ୍ୟକୁ ଅନୁଭବ କରିବା, ତା'ର ଯଥାର୍ଥ ପ୍ରୟୋଗ କରିବାର କଳାକୁ ଜାଣି 'ଆତ୍ମାନଂ ବିଦ୍ଧି'ର ଅବଲମ୍ବନରେ ବାହାରେ, ଭିତରେ ଓ

ଜୀବନର ସବୁ କ୍ଷେତ୍ରରେ ପ୍ରୟୋଗ କଲେ ଭବିଷ୍ୟତର ନୂତନ ସୌଧଟି ଗଢ଼ିଉଠିବ ଏବଂ ଏହି ନୂତନ ଶିକ୍ଷାଟି ଏକ ଦିବ୍ୟ ପ୍ରଭାବ ରୂପେ ନୂତନ ମାନବଜାତି ଓ ନୂତନ ସମାଜ ଗଠନରେ ଦିଗ୍‌ଦର୍ଶନ ଦେଇପାରିବ ।

ପୁନଶ୍ଚ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଚେତନାର ଶିକ୍ଷା । ଏହାର ଲକ୍ଷ୍ୟ ହେଉଛି ବ୍ୟକ୍ତି ଓ ସମାଜର ପୂର୍ଣ୍ଣତା । "Perfection is all that we want to become in our highest aspiration. (MCW Vol. 15. p -79)" ଅର୍ଥାତ୍, ''ଆମେ ଆମର ସର୍ବୋତ୍ତମ ଅଭୀପ୍‌ସାରେ ଯାହା ହେବାକୁ ଚାହୁଁଛୁ ତାହାହିଁ ପୂର୍ଣ୍ଣତା ।'' ଆମର ସର୍ବୋତ୍ତମ ଅଭୀପ୍‌ସା ହେଲା ଚେତନାର ସମ୍ପୂର୍ଣ୍ଣ ପରିବର୍ତ୍ତନ । ଚେତନାର ସମ୍ପୂର୍ଣ୍ଣ ପରିବର୍ତ୍ତନ ତିନୋଟି ସ୍ତରରେ ହୋଇଥାଏ । ଯଥା – ଚୈତ୍ୟିକରଣ, ଅଧ୍ୟାତ୍ମିକରଣ ଓ ଅତିମାନସକରଣ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଶାରୀରିକ ପୂର୍ଣ୍ଣତା, ପ୍ରାଣିକ ପୂର୍ଣ୍ଣତା, ମାନସିକ ପୂର୍ଣ୍ଣତା, ଚୈତ୍ୟିକ ପୂର୍ଣ୍ଣତା, ଆଧ୍ୟାତ୍ମିକ ପୂର୍ଣ୍ଣତା ଓ ଅତିମାନସିକ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷାର ସର୍ବୋତ୍ତମ ଲକ୍ଷ୍ୟ ହେଲା ଏହି ଅତିମାନସ ପୂର୍ଣ୍ଣତା । ଏହି ପୂର୍ଣ୍ଣତାରେ ମାନବ ଅତିମାନବ, ସମାଜ ଦିବ୍ୟ ସମାଜ, ପ୍ରକୃତି ଦିବ୍ୟ ପ୍ରକୃତିରେ ପରିଣତ ହୁଏ । ଜୀବନ ଓ ଜଗତରେ ସତ୍-ଚିତ୍-ଆନନ୍ଦଙ୍କର ପୂର୍ଣ୍ଣ ଅଭିବ୍ୟକ୍ତିହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଅନ୍ତିମ ଲକ୍ଷ୍ୟ । ସୁତରାଂ ସକଳ ଶିକ୍ଷା ପରି ପୂର୍ଣ୍ଣାଙ୍ଗ ଶିକ୍ଷାର ପୃଷ୍ଠଭୂମିରେ ଏକ ମହାନ୍ ଦାର୍ଶନିକ ଓ ମନସ୍ତାତ୍ତ୍ୱିକ ଆଦର୍ଶ ରହିଛି । ବାସ୍ତବବାଦ (Realism), ଆଦର୍ଶବାଦ (Idealism), ଉପଯୋଗିତାବାଦ (Utilitarianism), ବ୍ୟାବହାରିକତାବାଦ (Pragmatism), ଅସ୍ତିତ୍ୱବାଦ (Existentialism), ତାର୍କିକ ପ୍ରତ୍ୟକ୍ଷବାଦ (Logical Positivism), କଠୋରତାବାଦ (Regorism), ସମାଜବାଦ (Socialism), ନୀତିବାଦ (Moralism) ଧର୍ମବାଦ (Religionism) ଆଦି ସକଳ ମତବାଦଗୁଡ଼ିକ ମନୁଷ୍ୟର ବ୍ୟକ୍ତିତ୍ୱକୁ ଅପୂର୍ଣ୍ଣଭାବେ ଚିତ୍ରଣ କରିଛନ୍ତି । ଏପରିକି ପୂର୍ଣ୍ଣତାବାଦ (Perfectionism) ଓ ଆଧ୍ୟାତ୍ମିକବାଦ (Spiritualism) ଚିନ୍ତାଧାରାରେ ମନୁଷ୍ୟର ବ୍ୟକ୍ତିତ୍ୱକୁ ସାମଗ୍ରିକ ଓ ଏକକ ଭାବରେ ଚିତ୍ରଣ କରାଯାଇ ନାହିଁ । ଶରୀର, ପ୍ରାଣ, ମନ, ଚୈତ୍ୟ ଓ ଆତ୍ମାର ମିଶ୍ରଣରେ ବ୍ୟକ୍ତିତ୍ୱର ଗଠନ ବୋଲି କହିବା ଯୁକ୍ତିଯୁକ୍ତ ନୁହେଁ । ପୂର୍ଣ୍ଣ ବ୍ୟକ୍ତିତ୍ୱଟି ଅଖଣ୍ଡ ବା ଏକକ ବୋଲି ଧରାଯାଏ । କୌଣସି ସତ୍ତା କାହାଠାରୁ ପୃଥକ୍ ନୁହନ୍ତି, ଯଦିଓ ସେମାନଙ୍କର ଗତିବୃତ୍ତି ପରସ୍ପରଠାରୁ ପୃଥକ୍ ବୋଲି ପ୍ରତୀୟମାନ ହୁଅନ୍ତି । ଅତିମାନସ ଚେତନାର ଅଭିବ୍ୟକ୍ତିରେ ବ୍ୟକ୍ତିତ୍ୱର ଅଖଣ୍ଡତା ବା ପୂର୍ଣ୍ଣତା ରହିଛି । ପୂର୍ଣ୍ଣାଙ୍ଗ ଶିକ୍ଷା ଏପରି ଏକ ଅଖଣ୍ଡ ଓ ପୂର୍ଣ୍ଣ ବ୍ୟକ୍ତିତ୍ୱର କଥା କହେ ।

ଶିକ୍ଷାର ବିକାଶ ଧାରାରେ ଅନେକ ବିପ୍ଳବ ଦେଖା ଦେଇଛି । Ivan Illich ଙ୍କ Deschooling Society, E Reimer ଙ୍କ The School is dead, Paul Friere ଙ୍କ Pedagogy of oppressed, Peter Backman ଙ୍କ Education without school, ଏବଂ Open home, Education of wholeman, Education of complete man, Education of perfect man, Learning to be ଆଦି ବିକଳ୍ପଧାରାଗୁଡ଼ିକରେ ମନୁଷ୍ୟର ବ୍ୟକ୍ତିତ୍ୱକୁ ପୂର୍ଣ୍ଣଭାବେ ବ୍ୟକ୍ତ କରାଯାଇ ପାରି ନାହିଁ । ଏପରିକି ଭାରତର ବୈଦିକ ଓ ଉପନିଷଦୀୟ ଚିନ୍ତାଧାରାରେ ମନୁଷ୍ୟକୁ ଏକ ଆତ୍ମା ରୂପେ ସ୍ୱୀକାର କରାଯାଇଥିଲେ ବି ଅତିମାନସ ପୂର୍ଣ୍ଣତା ବିଷୟରେ ସ୍ପଷ୍ଟ ଧାରଣା ନାହିଁ । ପୂର୍ଣ୍ଣାଙ୍ଗ ଶିକ୍ଷା ସକଳ ଶିକ୍ଷାଠାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ ନୁହେଁ । ପ୍ରତ୍ୟେକ ବିକଳ୍ପ ବା ବିକାଶଧାରା ପୂର୍ଣ୍ଣାଙ୍ଗ ଶିକ୍ଷାର ବା ପୂର୍ଣ୍ଣତାର ଏକ ଅଭିବ୍ୟକ୍ତି । ପ୍ରତ୍ୟେକ ଶିକ୍ଷାରେ ଯେଉଁ ଅନ୍ତର୍ନିହିତ ସତ୍ୟ ରହିଛି ତାହା ଅତିମାନସ ସତ୍ୟର ପ୍ରକାଶ । ଅତିମାନସ ସତ୍ୟର ଅନନ୍ତ ଦିଗ ରହିଛି । ପୂର୍ଣ୍ଣାଙ୍ଗ ଶିକ୍ଷା ସକଳ ଶିକ୍ଷାର ଅନ୍ତର୍ନିହିତ ସତ୍ୟକୁ ବହନ କରିଛି ଏବଂ ସକଳ ଶିକ୍ଷାକୁ ଏକ ବୃହତ୍ତର ସତ୍ୟର ଆଦର୍ଶରେ ସମନ୍ୱିତ କରିଛି । ତେଣୁ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ସମନ୍ୱୟ ଶିକ୍ଷା ଏବଂ ସକଳ ଶିକ୍ଷାର ଜନନୀ । ସନାତନ ଧର୍ମ ଯେପରି ସକଳ ଧର୍ମର ଜନନୀ ଅଟେ, ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷା ସକଳ ଶିକ୍ଷାର ଆଧାରଭୂତ ଶିଳା ଅଟେ । ଏହା ସକଳ ଶିକ୍ଷାର ଧାରାକୁ କୋଳାଗ୍ରତ କରିଛି; କିନ୍ତୁ ବିବର୍ତ୍ତନ ଧାରାରେ ପାର୍ଥିବ ପ୍ରକୃତିର ସମ୍ପୂର୍ଣ୍ଣ ରୂପାନ୍ତର ସକାଶେ ତଥା ପୂର୍ଣ୍ଣ ବ୍ୟକ୍ତିତ୍ୱର ଅଭିବ୍ୟକ୍ତି ସକାଶେ ସ୍ୱୟଂ ମାଆଙ୍କୁ ଧରାପୃଷ୍ଠରେ ଅବତୀର୍ଣ୍ଣ ହେବାକୁ ପଡ଼ିଛି । ସକଳ ଶିକ୍ଷାଧାରାକୁ ସଂଗଠିତ କରି ଏକ ପୂର୍ଣ୍ଣାଙ୍ଗ ରୂପ ଦେବାର ଶକ୍ତି କେବଳ ମାଆଙ୍କ ପାଖରେ ଅଛି । ପୂର୍ଣ୍ଣାଙ୍ଗ ଶିକ୍ଷା ଆତ୍ମ-ଅଭିବ୍ୟକ୍ତି, ଆତ୍ମ-ପ୍ରକାଶ, ଆତ୍ମ-ଆବିଷ୍କାର, ଆତ୍ମ-ଉପଲବ୍ଧି ଓ ଆତ୍ମ-ପରିପୂର୍ଣ୍ଣତାର ଶିକ୍ଷା ହୋଇଥିବାରୁ ଏହା ପ୍ରାଚ୍ୟ ଓ ପାଶ୍ଚାତ୍ୟର

ସକଳ ଶିକ୍ଷାଧାରାକୁ ଅତିମାନସ ଆଲୋକର ଦିବ୍ୟ ତତ୍ତ୍ୱରେ ସମନ୍ୱିତ କରି ଶିକ୍ଷାକୁ ପୂର୍ଣ୍ଣାଙ୍ଗ ରୂପ ଦେବାର ସାମର୍ଥ୍ୟ ବହନ କରିବା ସହ ଏକ ନୂତନ ଶିକ୍ଷା ବା ନୂତନ ଆଦର୍ଶ ବା ନୂତନ ଆହ୍ୱାନ ରୂପେ ସମ୍ଭୃତ ହୋଇଛି । ଏହି ଶିକ୍ଷାର ସ୍ୱୀକୃତିରେ ଚେତନାର ନବଜନ୍ମ ଘଟେ ଏବଂ ଅତିମାନସ ଶକ୍ତିର କ୍ରିୟା ଫଳରେ ବ୍ୟକ୍ତି ଓ ସମାଜରେ ଦିବ୍ୟତା ପରିପ୍ରକାଶ ହୁଏ । ସେଥିପାଇଁ ମାଆ କହନ୍ତି :

"The aim of education is not to prepare a man to succeed in life and society, but to increase his perfectibility to its utmost."

(MCW Vol.12. p-120)

''ଜୀବନରେ ଏବଂ ସମାଜରେ ସଫଳତା ଲାଭ କରିବା ଲାଗି ଜଣେ ବ୍ୟକ୍ତିକୁ ପ୍ରସ୍ତୁତ କରି ଆଣିବା ଶିକ୍ଷାର ଲକ୍ଷ୍ୟ ନୁହେଁ । ପରିପୂର୍ଣ୍ଣ ହେବା ଲାଗି ତା'ର ନିହିତ ସମ୍ଭାବନାଟିର କ୍ଷେତ୍ରରେ ଯଥାସମ୍ଭବ ଅଭିବୃଦ୍ଧି ସାଧନ କରିବା ହେଉଛି ଶିକ୍ଷାର ଲକ୍ଷ୍ୟ ।''

ପୂର୍ଣ୍ଣାଙ୍ଗ ଶିକ୍ଷା ଭବିଷ୍ୟତର ଶିକ୍ଷା ଏବଂ ଏଥିରେ ଭବିଷ୍ୟତର ପଦଧ୍ୱନି ପ୍ରତି ମୁହୂର୍ତ୍ତରେ ଶୁଣାଯାଏ । ଏପରିକି ଏହି ପଦଧ୍ୱନିର ଝଙ୍କାର ଭାରତର ଶିକ୍ଷାନୀତି (New Education Policy, 2020)ରେ କିଛି ମାତ୍ରାରେ ଝଙ୍କୃତ ହୋଇଛି, କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାର ଅନ୍ତର୍ନିହିତ ସତ୍ୟଟି ପୂର୍ଣ୍ଣଭାବେ ପ୍ରକାଶିତ ହୋଇ ନାହିଁ । ତଥାପି ଶିକ୍ଷାର ଏହି ବିକାଶଧାରା ତା'ର ମାଆକୁ ଖୋଜି ଖୋଜି ଚାଲିଛି । ଭବିଷ୍ୟତରେ ମାଆ ସହିତ ମିଳିତ ହେବାର ସ୍ୱପ୍ନଟି ମଧ୍ୟ ସାକାର ହେବ ।

ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରକୃତ ନେତା ବା ଶିକ୍ଷକ ହେଲେ ଅନ୍ତରାତ୍ମା । ଆମେ ସମସ୍ତେ ଜଣେ ଜଣେ ଶିକ୍ଷାର୍ଥୀ । ଆମକୁ 'ଆତ୍ମଦୀପୋ ଭବ'ର ଅଗ୍ନିକୁ ପ୍ରଜ୍ଜ୍ୱଳିତ କରିବାକୁ ହେବ ଏବଂ ତତ୍ ସହିତ ଶିଶୁର ଅନ୍ତରସ୍ଥ ଶକ୍ତିରାଜି ବା ଦିବ୍ୟ ସମ୍ଭାବନାର ବହିଷ୍କରଣରେ ଶ୍ରଦ୍ଧା ଓ ବିଶ୍ୱାସର ହାତ ବଢ଼ାଇ ଦେବାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ନୂତନତାଗୁଡ଼ିକ ବାସ୍ତବ ରୂପ ନେଇପାରିବ ଏବଂ ଆମର ଜୀବନ-ବିଦ୍ୟାଳୟଟି ହସି ଉଠିବ ।

(କ୍ରମଶଃ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ବିଶାଳର କରାମତି

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ବିଶାଳର କରାମତି**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଚଉଠ ଶତାବ୍ଦୀ ବା ଆହୁରି କିଞ୍ଚିତ୍ ଅଧିକ କାଳ ତଳର କଥା । ସେତେବେଳେ ଆଜି ଭଳି ଏତେ ଗୁଡ଼ିଏ ଘରୋଇ ବିମାନ ସଂସ୍ଥା ଭାରତରେ ସମ୍ଭବପର ହୋଇ ନଥିଲା । ବିମାନ ଯାତାୟତ ବ୍ୟବସ୍ଥା ଉପରେ ଭାରତ ସରକାରଙ୍କର ଏକଚାଟିଆ ମାଲିକାନା ବଳବତ୍ତର ଥିଲା ।

ପ୍ରତିଯୋଗିତା ନଥିବା ଫଳରେ ଇଣ୍ଡିଆନ୍ ଏଆର୍‌ଲାଇନ୍‌ସର କର୍ମଚାରୀବୃନ୍ଦ ଆଶାୟୀ ଯାତ୍ରୀମାନଙ୍କୁ ସେମାନଙ୍କ ପ୍ରଜା ଭଳି ବ୍ୟବହାର କରିବା ଅସ୍ୱାଭାବିକ ନଥିଲା ।

ଦିନେ ଏ ଲେଖକ ମୁମ୍ବାଇ (ସେତେବେଳେ ବମ୍ବେ) ବିମାନ ବନ୍ଦରରେ ତା' ବିମାନ ପ୍ରତୀକ୍ଷାରେ ବସିଥାଏ । ଏ ଲେଖକକୁ ବିଦାୟ ଦେବାକୁ ଆସିଥା'ନ୍ତି ଦୁଇ ତିନି ଜଣ ବନ୍ଧୁ ।

ଅଦୂର ଏନ୍‌କ୍ୱାରି କାଉଣ୍ଟର ଆଗରେ ଜଣେ କ୍ଷୀଣକାୟ ଭଦ୍ରଲୋକ ବେଶ୍ କିଛି ସମୟ ଠିଆ ହୋଇ ଲୁହା ଜାଲି ସେପଟେ ବସିଥିବା କର୍ମଚାରୀଙ୍କଠାରୁ କିଛି ଖବର ସଂଗ୍ରହ କରିବାର ଚେଷ୍ଟା କରୁଥା'ନ୍ତି । କର୍ମଚାରୀ ଜଣକ କିନ୍ତୁ ତାଙ୍କର ଜଣେ ସହକର୍ମିଣୀଙ୍କ ସହ ଖୁସି ଗପରେ ଏମିତି ମଜ୍ଜି ରହିଥା'ନ୍ତି ଯେ କ୍ଷୀଣକାୟ ଭଦ୍ରଲୋକ ଜଣକ ତାଙ୍କଠାରୁ ଆବଶ୍ୟକ ସାହାଯ୍ୟ ପାଇଲେ ନାହିଁ ବୋଲି ବୁଝି ହେଉଥାଏ । ହତାଶ ହୋଇ ସେ ଆସି ଆମମାନଙ୍କ ସାମନା ସୋଫାରେ ବସି ପଡ଼ିଲେ । ସେତେବେଳେ ବୁଝିଲି, ସେ ମୋତେ ଚିହ୍ନିଛନ୍ତି । ପୂର୍ବ ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟରେ ଏ ଲେଖକର ବକ୍ତୃତା ଥିଲା ଏବଂ ସେ ତହିଁ ଉପସ୍ଥିତ ଥିଲେ । ସେ ଜଣେ ଅଧ୍ୟାପକ ।

''ଆପଣ କାଉଣ୍ଟରରେ କିଛି ସନ୍ଧାନ ନେଉଥିଲେ; ପାଇଲେ ତ ?'' ପଚାରିଲି ।

''ନା । ବରୋଦା (ବର୍ତ୍ତମାନ ଭଦୋଦରା) ଉଦ୍ଦେଶ୍ୟରେ ଯାଉଥିବା ବିମାନ ବିଳମ୍ବିତ । ମୁଁ ସେହି ସମ୍ପର୍କରେ ବାରଂବାର ପ୍ରଶ୍ନ କରି ଯେତିକି ଉତ୍ତର ପାଇଲି ସେତକ ନପାଇ ଥିଲେ କୌଣସି ହାନି ହୋଇ ନଥା'ନ୍ତା ।'' ଏହି ମର୍ମରେ ଅଧ୍ୟାପକ ତାଙ୍କ ବେଦନା ଜଣାଇଲେ ।

ମୋ ପାଖରେ ବସିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ଜଣେ ଆଙ୍ଗ୍ଲୋ-ଇଣ୍ଡିଆନ୍ ସାମ୍ବାଦିକ । ସଦ୍ୟ ପରିଚିତ, କିନ୍ତୁ ଅତ୍ୟନ୍ତ ମେଳାପୀ ଏବଂ ସହୃଦୟ । ମୁଁ ତାଙ୍କୁ ଦାୟିତ୍ୱ ଦେଲି – ଅଧ୍ୟାପକଙ୍କ ଆବଶ୍ୟକ ସମ୍ବାଦ ସେ ସଂଗ୍ରହ କରି ଆଣନ୍ତୁ । ମୋ ଉଦ୍ଦେଶ୍ୟ ଅନ୍ଦାଜ କରି ସେ ହସି ଦେଇ ଉଠିଗଲେ ।

ସାମ୍ବାଦିକ ବନ୍ଧୁ ଯାଇ କାଉଣ୍ଟର ପାଖରେ ଠିଆହେବା ମାତ୍ରେ କର୍ମଚାରୀ ଜଣକ ତାଙ୍କୁ ସସ୍ମିତ ସ୍ୱାଗତ ଜଣାଇଲେ । ତାଙ୍କ ବାନ୍ଧବୀ ଅନ୍ତର୍ହିତା ହୋଇ ଗଲେ । ସାମ୍ବାଦିକଙ୍କ ଯାହା ଜିଜ୍ଞାସା, ତା'ର ଯଥାଯଥ ଉତ୍ତର ଦେବା ସଙ୍ଗେ ସଙ୍ଗେ କର୍ମଚାରୀ 'ଉପୁରି' ଭାବେ ଆହୁରି କିଛି ଅଧିକ ଖବର ଦେଇ ପକାଇଲେ ।

ରହସ୍ୟ ହେଲା, ସାମ୍ବାଦିକ ବନ୍ଧୁଜଣକ ଦେଖିବାକୁ ବିଶାଳ – ତାଙ୍କ ପ୍ରସାରିତ, ସୁକର୍ତ୍ତିତ କଳି ପ୍ରାନ୍ତକୁ ସ୍ପର୍ଶ କରିଛି ତାଙ୍କର ଯେଉଁ ବଳିଷ୍ଠ ନିଶ ହଳକ, ତାହା ଯେପରି ଯୋଡ଼ିଏ ଭୟାବହ ବିଷଧର ପ୍ରାଣୀ, ତୁମ ଉପରକୁ ଡେଇଁ ପଡ଼ିବେ । ସେ ଫେରି ଆସି ଅଧ୍ୟାପକଙ୍କୁ ତାଙ୍କ ସଂଗୃହୀତ ବିବରଣୀ ପ୍ରଦାନ କଲେ ।

ବିଶାଳ ଆକୃତି ପ୍ରତି ଭୟ ଏକ ପ୍ରାଗୈତିହାସିକ ଦୁର୍ବଳତା । ଦୈତ୍ୟ-ସୁଲଭ ଆକାର ବିଶେଷ ବଳର ସାକ୍ଷ୍ୟ ବହନ କରେ । ଦିନ ଥିଲା ଯେତେବେଳେ ବଳହିଁ ଥିଲା ଜୀବନ-ସଂଗ୍ରାମରେ ଜଣକର ମୁଖ୍ୟ ମୂଳଧନ । ପୂର୍ବଜମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସବଳ ପ୍ରତି ସମ୍ଭ୍ରମଭାବ ପ୍ରଦର୍ଶନ କରୁଥିଲେ ।

ଅଦ୍ୟାବଧି ଆମ ଅବଚେତନାରେ ସେ ସ୍ମୃତି ଜୀବନ୍ତ ରହିଛି । ଆକାର, ଆଡ଼ମ୍ବର ଏସବୁ ସାଧାରଣ ମଣିଷକୁ ପ୍ରଭାବିତ କରେ । ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଗଭର୍ଣ୍ଣର ଜେନେରାଲ ୱାରେନ୍ ହେଷ୍ଟିଂସ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲେଖିଥିବା ଏକ ଚିଠି ଏ ଲେଖକ ବ୍ରିଟିଶ ସଂଗ୍ରହାଳୟରେ ପଢ଼ିଥିଲା । ସେ ଲେଖିଥିଲେ, ମୁଖ୍ୟ ଶାସକଙ୍କ ଅଟ୍ଟାଳିକା ଏଡ଼େ ପ୍ରକାଣ୍ଡ ହେବା ଲୋଡ଼ା, ଯାହା ଫଳରେ ସାଧାରଣ ଲୋକେ ତାକୁ ଦେଖି ଧରି ନେବେ ତହିଁର ବାସିନ୍ଦା ଜଣେ ଅସାଧାରଣ ବ୍ୟକ୍ତି । ଯିଏ ଶାସନ କରିବ, ସିଏ ଅସାଧାରଣ ନ ହେଲେ ଚଳିବ କି ?

ଏହି ଭଳି ନେତିବାଚକ ଅବଚେତନରୁ ଉତ୍ତୀର୍ଣ୍ଣ ହେବା ଆମ ବ୍ୟକ୍ତିତ୍ୱ ବିକାଶର ଅନ୍ୟତମ ଶୃଙ୍ଖଳା ରୂପେ ବିବେଚିତ ହେବା ଆବଶ୍ୟକ । ଜନ୍ମଗତ ସଂସ୍କାର ଓ ଦୁର୍ବଳତା ସମ୍ପର୍କରେ ସଚେତନ ହେବାହିଁ ତହିଁ ଉପରେ ବିଜୟ ହାସଲ ଦିଗରେ ପ୍ରଥମ ପଦକ୍ଷେପ ।

ଧଳା କଳାର ପ୍ରଚ୍ଛନ୍ନ ଅବଚେତନ ପ୍ରଭାବ ଆମ ବୁଦ୍ଧି ବିବେକର ଆଉ ଏକ ପ୍ରତିବନ୍ଧକ । ସେ ସମ୍ପର୍କରେ ପରେ ... ।

('ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃ. ୫୮-୬୧) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ସୁନିଲ-ଦା’

## (୯)

ଶ୍ରୀମା ୨୯.୧୨.୧୯୬୪ରେ ସୁନିଲଙ୍କର ରଚିତ ଏକ ସଙ୍ଗୀତ ଶ୍ରବଣ କରିବା ପରେ ତାଙ୍କୁ ଲେଖିଥିଲେ :

‘‘ସୁନିଲ, ଏହା ଅସାଧାରଣ ସୃଜନୀ ! ଏହା ଏକ ଗଭୀର, ଯଥାର୍ଥ ଓ ସ୍ୱତଃପ୍ରବୃତ୍ତ ଆବେଗରେ ଅତି ଚମତ୍କାର । ମୋତେ ଏହିଟି ବେଶ୍ ସନ୍ତୁଷ୍ଟ କରାଇଛି ।

ମୋର ଆଶୀର୍ବାଦ ସହ ।’’

*

ଶ୍ରୀମା ୧୩.୦୬.୧୯୬୫ରେ ସୁନିଲଙ୍କୁ ଲେଖିଥିଲେ :

‘‘ସୁନିଲ, ମୋର ପ୍ରିୟ ସନ୍ତାନ,

‘‘ପହିଲା ଡିସେମ୍ବର ୧୯୬୫ରେ ପରିଦର୍ଶନ ହେବାକୁ ଯାଉଥିବା ଅନୁର ନୃତ୍ୟ-ନାଟିକା ସକାଶେ ସଙ୍ଗୀତ ରଚନା କରି ଦେଲେ ମୁଁ ଅତ୍ୟନ୍ତ ଖୁସୀ ହେବି । କାରଣ ଯଥାର୍ଥରେ ଏହା ଯେଉଁ ରୀତିରେ ପରିବେଷଣ ହେବା ଉଚିତ, **କେବଳ ତୁମେହିଁ**, ସେମିତି ସୃଜନ କରି ପାରିବ ।

‘‘ତୁମର ସଙ୍ଗୀତ ହେଉଛି, ମୋ ମତରେ ଭବିଷ୍ୟତର ସଙ୍ଗୀତ ଏବଂ ଏହା ନୂତନ ଜଗତରେ ପ୍ରବେଶ କରିବାର ଦ୍ୱାରସବୁକୁ ଉନ୍ମୁକ୍ତ କରିଦେଇ ଥାଏ । ଆଶୀର୍ବାଦ ।’’

ପୁନଶ୍ଚ ପରେ ଶ୍ରୀମା ସୁନିଲଙ୍କୁ ଲେଖିଥିଲେ :

‘‘ମୋର ସନ୍ତାନ,

‘‘କାଲି ବାରଟା ପନ୍ଦର ମିନିଟରେ ଏବଂ ପୁଣି ଆଜି ସେହି ସମାନ ସମୟରେ ମୁଁ ତୁମର ସଙ୍ଗୀତକୁ ଗଭୀର ଆବେଗର ସହିତ ଶ୍ରବଣ କଲି ଏବଂ ମୁଁ ତୁମକୁ ଏହା କହିପାରେ ଯେ ମୁଁ ଇତିପୂର୍ବରୁ କେବେହେଲେ ଏହି ଧରଣର ଆସ୍ପୃହା ଓ ଆଧ୍ୟାତ୍ମିକ ଆରାଧନାରେ ସୃଜିତ ଅତି ସନ୍ତୋଷଜନକ ସଙ୍ଗୀତ ଶ୍ରବଣ କରି ନଥିଲି ।’’

*

ପୁନଶ୍ଚ ଏହି ସମୟକାଳରେ ସୁନିଲଙ୍କର ଅନ୍ୟ ଏକ ସଙ୍ଗୀତ ରଚନା ଶ୍ରବଣ କରି ଶ୍ରୀମା’ଙ୍କର ସୁନିଲଙ୍କୁ ଲିଖିତ ଏକ ପତ୍ର :

‘‘ମୁଁ (ତୁମର) ସଙ୍ଗୀତଟିକୁ ଶ୍ରବଣ କଲି – ଏହା ଅତି ପ୍ରଶଂସନୀୟ ! ସଙ୍ଗୀତଟି ସ୍ୱୟଂ ବିଶୁଦ୍ଧ, ଉନ୍ନତ ଏବଂ ତୀବ୍ର – ଏହା ସୁଖପ୍ରଦ ଏବଂ ଏହିଟିକୁ ଶ୍ରବଣ କରିବା ପରେ ଶ୍ରୋତାକୁ ଅଧିକ ଶୁଣିବା ସକାଶେ ପ୍ରତୀକ୍ଷା କରାଏ ଏବଂ ତୃପ୍ତିର ଅଭାବବୋଧର ଅନୁଭୂତି ଆଣିଦେଇଥାଏ । ...’’

*

ପହିଲା ଡିସେମ୍ବର ୧୯୬୧ର କାର୍ଯ୍ୟକ୍ରମ ସକାଶେ ସୁନିଲଙ୍କର ରଚିତ ସଙ୍ଗୀତ ଶ୍ରବଣ କରିବା ପରେ ଶ୍ରୀମା ସୁନିଲଙ୍କୁ ଲେଖିଥିଲେ :

‘‘... ଅସାଧାରଣ ଭାବରେ ସୁନ୍ଦର ହୋଇଥିବା ତୁମର ଏହି ସଙ୍ଗୀତଟିକୁ ମୁଁ ଗଭୀର ଆବେଗର ସହ ଶ୍ରବଣ କଲି । ... ଏଠାରେ ମୁଁ ପୁଣି ତୁମକୁ କହିବାକୁ ଚାହୁଁଛି ଯେ ତୁମର ଏଇ ଧରଣର ସଙ୍ଗୀତ ଭବିଷ୍ୟତ୍ ଜଗତର ପ୍ରବେଶ ଦ୍ୱାରସବୁକୁ ଉନ୍ମୁକ୍ତ କରାଇ ଦିଏ ଏବଂ ଊର୍ଦ୍ଧ୍ୱତର ସଙ୍ଗୀତର ସ୍ତରସବୁର ସୁମଧୁର ସ୍ପନ୍ଦନ ପ୍ରତି ଚମତ୍କାର ଭାବରେ ଉନ୍ମୋଚିତ କରାଏ ।’’

*

ଶ୍ରୀମା ୦୮.୧୨.୧୯୬୫ରେ ସୁନିଲଙ୍କ ଦ୍ୱାରା ସୃଜିତ ‘ଶକ୍ତି’ ଉପରେ ଆଧାରିତ ଏକ ସଙ୍ଗୀତ ଶ୍ରବଣ କରିବା ପରେ ତାଙ୍କୁ ନିମ୍ନ ପତ୍ରଟି ଲେଖିଥିଲେ :

‘‘ସୁନିଲ, ମୋର ପ୍ରିୟ ସନ୍ତାନ,

‘‘ରେକର୍ଡ଼ କରାଯାଇଥିବା ସଙ୍ଗୀତଟିକୁ ମୁଁ ଏବେ ଶ୍ରବଣ କଲି । ଏହା ଚମତ୍କାର, ଅତ୍ୟନ୍ତ ଚମତ୍କାର ! ସଙ୍ଗୀତ ମାଧ୍ୟମରେ ଯଥାର୍ଥ ଶକ୍ତି, ମହାକାଳୀଙ୍କର ଶକ୍ତି, ମହାଶକ୍ତିଙ୍କର ଶକ୍ତିକୁ ସୁସ୍ପଷ୍ଟ ଭାବରେ ପ୍ରକାଶ କରିଥିବାର ମୁଁ ପ୍ରଥମ କରି ଶ୍ରବଣ କଲି । ଏହା ଦୁର୍ଜୟ ଏବଂ ଯୁଗପତ୍ ଅତ୍ୟନ୍ତ ଗଭୀର ଭାବରେ ମଧୁର । ...

‘‘ଏବଂ ବିଶେଷତଃ, ଏହିଟିକୁ ଶ୍ରବଣ କରୁଥିବା ଅବସ୍ଥାରେ ମୋର ହୃଦୟଗ୍ରାହୀ ଅନୁଭୂତି ହେଲା ଯେମିତି ଏକ ଆହୁରି ଅଧିକ ଚମତ୍କାର ଭବିଷ୍ୟତର ସ୍ପଷ୍ଟ ଉପଲବ୍ଧିର ଦ୍ୱାର ଉନ୍ମୋଚିତ ହୋଇଉଠିଲା ।’’

*

ଶ୍ରୀମା ୩୦.୧୨.୧୯୬୫ରେ ସୁନିଲଙ୍କୁ ଲେଖିଲେ :

''ସୁନିଲ, ମୋର ପ୍ରିୟ ସନ୍ତାନ,

ତୁମର ସଙ୍ଗୀତଟିକୁ ଶ୍ରବଣ କରିବା ସକାଶେ ମୁଁ ବ୍ୟଗ୍ର ଭାବରେ ଅପେକ୍ଷା କରିଥିଲି ଏବଂ ଆଜି ସେଇଟିକୁ ଶ୍ରବଣ କରି ଅତ୍ୟନ୍ତ ଆନନ୍ଦ ଅନୁଭବ କଲି । ... ଏହା ଚମତ୍କାର, ମୁଁ ଅତ୍ୟନ୍ତ ପ୍ରୀତ ।

ଆଶୀର୍ବାଦ ।''

*

ବର୍ତ୍ତମାନ ସୁନିଲ-ଦା'ଙ୍କର ୧୯୭୨ ମସିହାର, ଶ୍ରୀଅରବିନ୍ଦଙ୍କର ଜନ୍ମ ଶତବାର୍ଷିକୀର ନବବର୍ଷ ସଙ୍ଗୀତ ରଚନା ସମ୍ବନ୍ଧେ କିଛି ସୂଚନା ଦେବୁ ।

ସୁନିଲ-ଦା' ୧୯୭୨ର ନବବର୍ଷ ସଙ୍ଗୀତ ରଚନା କରି ଶ୍ରୀମା'ଙ୍କ ନିକଟକୁ ପଠାଇ ତାଙ୍କର ସ୍ୱୀକୃତି ଲାଭ ସକାଶେ ପ୍ରାର୍ଥନା ଜଣାଇଥିଲେ । ଶ୍ରୀମା ସେହି ସଙ୍ଗୀତଟିକୁ ଶ୍ରବଣ କରି ସୁନିଲଙ୍କୁ କହିଥିଲେ : ''It is magnificent. Magnificent.'' ଅଳ୍ପ କ୍ଷଣ ପରେ ଶ୍ରୀମା କହିଲେ, ''I thank you.''– ଅଳ୍ପ କ୍ଷଣ ପରେ ସେ ପୁଣି କହିଲେ, ''I thank you.''– ପୁଣି ସେ କହିଲେ, ''I thank you.'' ତାଙ୍କର ମୁଖ ନିଃସୃତ ଏହି ''I thank you.'' କଥାଟିକୁ ସେ ନଅ ଥର ପୁନରାବୃତ୍ତି କରିଥିଲେ ।

*

ଏବେ ଆମେ 'ସାବିତ୍ରୀ' ପ୍ରସଙ୍ଗକୁ ଆସୁଛୁ । ୮ ଫେବ୍ରୁଆରୀ, ୧୯୬୬ରେ ଶ୍ରୀମା ସୁନିଲ-ଦା'ଙ୍କୁ ଲେଖିଲେ :
''ସୁନିଲ, ମୋର ପ୍ରିୟ ସନ୍ତାନ,

'Meditations on Savitri' ଗ୍ରନ୍ଥରେ 'ସାବିତ୍ରୀ'ରୁ ନିର୍ବାଚିତ ମୋର ଆବୃତ୍ତି ପଂକ୍ତିସବୁ ଉପରେ ତୈଳଚିତ୍ର ସାହାଯ୍ୟରେ ସୁସ୍ପଷ୍ଟ ଭାବରେ ବୋଧଗମ୍ୟ ହେବା ସକାଶେ ପ୍ରୟାସ କରାଯାଇଛି । ମୋର 'ଆବୃତ୍ତି' ସହିତ ସଙ୍ଗୀତର ସଂଯୋଜନପୂର୍ବକ ଉପସ୍ଥାପନ କରିବାର ପ୍ରୟୋଜନ ବୋଧ କରୁଛି । କେବଳ ତୁମେହିଁ ଯଥୋଚିତ ଧାରାରେ ଏହା ରଚନା କରିପାରିବ । ତୁମେ ଏହି କର୍ମରେ ଆଗ୍ରହାନ୍ୱିତ ହେବ କି ? ଏହା ମୋତେ ଅତ୍ୟନ୍ତ ଆନନ୍ଦ ଦେବ ।''

[ଏଠାରେ ପ୍ରକାଶ ଥାଉ କି 'ସାବିତ୍ରୀ'ରୁ ଶ୍ରୀମା'ଙ୍କ ଦ୍ୱାରା ନିର୍ବାଚିତ ପ୍ରତ୍ୟେକଟି ପଂକ୍ତି ଉପରେ ଶ୍ରୀମା ନିଜ କକ୍ଷରେ ହୁତାଙ୍କ ସହ ଏକାଗ୍ର ହେଉଥିଲେ । ଏକାଗ୍ରତା ପରେ ଶ୍ରୀମା ଏଥି ନିମିତ୍ତ ତୈଳଚିତ୍ର ସକାଶେ ସ୍ୱ-ହସ୍ତରେ ରେଖାଚିତ୍ର ଅଙ୍କନ କରୁଥିଲେ । ଏହି ରେଖାଚିତ୍ରକୁ ନେଇ ହୁତା ନିଜ ଷ୍ଟୁଡ଼ିଓକୁ ଯାଇ ତୈଳଚିତ୍ରଟିକୁ ପ୍ରସ୍ତୁତ କରି ଶ୍ରୀମା'ଙ୍କର ଅନୁମୋଦନ ପ୍ରାପ୍ତ ହେଉଥିଲେ । – ଏହି ରୂପେ 'ସାବିତ୍ରୀ'ର ପ୍ରତ୍ୟେକଟି ତୈଳଚିତ୍ର ନିର୍ମିତ ହୋଇ 'Meditations on Savitri'ନାମରେ ପାଞ୍ଚ ଖଣ୍ଡ ଗ୍ରନ୍ଥ ପ୍ରକାଶିତ ହୋଇଛି ।]

ଆମର ଦୃଢ଼ ବିଶ୍ୱାସ ଏହା ଶ୍ରୀମା'ଙ୍କର ସୁନିଲ-ଦା'ଙ୍କ ପ୍ରତି ଅନ୍ୟ ଏକ ଅହେତୁକୀ କୃପା । ଏହି କାର୍ଯ୍ୟଟିକୁ ସୁନିଲ-ଦା' ତାଙ୍କ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲୁ ରଖିଥିଲେ । ସେ 'ସାବିତ୍ରୀ'ର ଦଶମ ସର୍ଗର ଶେଷ ପର୍ବ ଏବଂ ଏକାଦଶ ସର୍ଗର କିଛି ଅଂଶ ସେଇ ମାତ୍ର ଶେଷ କରିଥା'ନ୍ତି; କିନ୍ତୁ ଏହି ଦୁଇଟିରେ ତାଙ୍କର ଚୂଡ଼ାନ୍ତ ପ୍ରୟାସର ରେକର୍ଡ଼ କରାଯାଇ ନଥିଲା; କାରଣ ତାଙ୍କର ଶାରୀରିକ ଅସୁସ୍ଥତାହିଁ ଏଥିରେ ବାଧା ସୃଷ୍ଟି କରିଥିଲା । ...

ସୁନିଲ-ଦା' ତାଙ୍କର କତିପୟ ଶ୍ରଦ୍ଧାବାନ୍ ଛାତ୍ରଙ୍କ ଗହଣରେ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ କଥା ପ୍ରସଙ୍ଗରେ ନିମ୍ନୋକ୍ତ ଘଟଣାଟି ଏହି ମର୍ମରେ ବର୍ଣ୍ଣନା କରିଥିଲେ :

''୧୯୬୭ ମସିହା । ଶ୍ରୀମା'ଙ୍କୁ ଶୁଣାଇବା ସକାଶେ ମୋର ରଚିତ ଏକ ସଙ୍ଗୀତକୁ ରେକର୍ଡ଼ିଂ କଲି । କିନ୍ତୁ ଏହି ସଙ୍ଗୀତଟିରେ ଆତ୍ମସନ୍ତୋଷ ଲାଭ କରି ନଥିଲି । ସଙ୍ଗୀତଟିକୁ ରେକର୍ଡ଼ କରାଯିବା ପରେ ଅବିଳମ୍ବେ ଶ୍ରୀମା'ଙ୍କ ପାଖକୁ ନେଇଯିବାକୁ ହୋଇଥିଲା; ସୁତରାଂ ରେକର୍ଡ଼ ସଙ୍ଗୀତଟିକୁ ମୁଁ ତାଙ୍କ ପାଖକୁ ନେବା ପୂର୍ବରୁ ନିଜେ ଶୁଣି ନଥିଲି; ଫଳତଃ ମୁଁ ଭାବିଥିଲି, ଶ୍ରୀମା ଶୁଣି ସାରିବା ପରେ ମୁଁ ସଙ୍ଗୀତଟିକୁ ପୁନଃ-ରଚନା କରି ତାଙ୍କୁ ଶୁଣାଇବି । ନିର୍ଦ୍ଧାରିତ ସମୟରେ ଶ୍ରୀମା'ଙ୍କ କକ୍ଷରେ ତାଙ୍କରି ଉପସ୍ଥିତିରେ ରେକର୍ଡ଼ ସଙ୍ଗୀତକୁ ବଜାଇଲି । ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ମୁଁ ନିଜେ ସେଇ ସଙ୍ଗୀତକୁ ପସନ୍ଦ କରିବାକୁ ଆରମ୍ଭ କଲି ! ଶ୍ରୀମା ରେକର୍ଡ଼ଟିକୁ ଶୁଣିବା ସମୟରେ ତାଙ୍କର ଚକ୍ଷୁ ମୁଦ୍ରିତ ଥିଲା ଏବଂ ସେ ସମାଧିସ୍ଥ ଅବସ୍ଥାରେ ଥିଲେ । ସଙ୍ଗୀତ ଶେଷ ହେଲା; ଶ୍ରୀମା'ଙ୍କର ଚକ୍ଷୁ ସେମିତି ମୁଦ୍ରିତାବସ୍ଥାରେ ମୁଁ ଲକ୍ଷ୍ୟ କଲି ତାଙ୍କର ଓଷ୍ଠାଧାରରେ ମୃଦୁ କମ୍ପନ; ମନେ ହେଉଥିଲା ସେ କିଛି କହିବାକୁ ଚାହୁଁଛନ୍ତି, ଅଥଚ ଶବ୍ଦରେ ପ୍ରକାଶ କରିପାରୁ ନାହାନ୍ତି । କିୟତ୍ କ୍ଷଣ ପରେ ସେ ଆନନ୍ଦାତିଶଯ୍ୟରେ କହି ଉଠିଲେ, 'ଏହା ଚମତ୍କାର ! ପ୍ରଥମ ଥର ସକାଶେ (ରଚୟିତାର) ମନ ଓ ପ୍ରାଣର ପ୍ରଭାବରୁ ସମ୍ପୂର୍ଣ୍ଣ

ମୁକ୍ତ ରହି ପ୍ରତ୍ୟକ୍ଷ ଭାବରେ ସଙ୍ଗତିର ଲୋକରୁ ନିମ୍ନକୁ ଝରି ଆସିଥିବା ସଙ୍ଗୀତଟିଏ ଶୁଣିଲି ।' ତା'ପରେ ମୁଁ ଶ୍ରୀମା'ଙ୍କର ନିକଟ ସାନ୍ନିଧରେ ଉପବିଷ୍ଟ ହେବା ମାତ୍ରେ ସେ ମୋତେ ପଚାରିଲେ, 'ସଙ୍ଗୀତଟି କେମିତି ଲାଗିଲା ।' ମୁଁ ବିନୀତ ଭାବରେ ମଥା ହଲାଇଲି । କୌତୁକ ଛଳରେ ମନ୍ଦହାସ୍ୟରେ ଶ୍ରୀମା ତତ୍‌କ୍ଷଣାତ୍ କହି ଉଠିଲେ, 'କଣ ! ଏହା ତୁମର ପସନ୍ଦଯୋଗ୍ୟ ନୁହେଁ ! ଓ, ତୁମେ ଚାହଁ ଯେ ନୂତନ କିଛିର ସୃଜନ ହେବା ଉଚିତ ?' ''

*

ସୁନିଲ-ଦା'ଙ୍କୁ ଶ୍ରୀମା ୧୧.୦୨.୧୯୬୬ରେ ଲେଖିଥିଲେ : ''ସୁନିଲ, ମୋର ପ୍ରିୟ ସନ୍ତାନ, ଯଥାର୍ଥରେ ଯୋଗ୍ୟ ବ୍ୟକ୍ତିଗଣ ସର୍ବଦା ବିନୀତ ହୋଇଥା'ନ୍ତି ।''

*

୧୯୭୩ରେ ସୁନିଲ-ଦା' ତାଙ୍କର ଜନୈକ ବନ୍ଧୁଙ୍କୁ ଏହି ମର୍ମରେ ଲେଖିଥିଲେ : ''୧୯୬୬ରେ ଶ୍ରୀମା ତାଙ୍କର 'ସାବିତ୍ରୀ' ଆବୃତ୍ତିରେ ସଙ୍ଗୀତ ରଚନା କରିବାକୁ ମୋତେ କହିଲେ । ମୁଁ ଆଜି ପର୍ଯ୍ୟନ୍ତ ପ୍ରାୟ ନଅ ଘଣ୍ଟାର 'ସାବିତ୍ରୀ' ସଙ୍ଗୀତ କରି ଶ୍ରୀମା'ଙ୍କର ସ୍ୱୀକୃତି ଲାଭ କରିଛି ତଥାପି ଏହି କାର୍ଯ୍ୟର ଅଧାଅଧି ସମ୍ପନ୍ନ କରି ପାରି ନାହିଁ ।''

*

୧୦ ଫେବୃଆରୀ ୧୯୬୭ରେ ଆଶ୍ରମର 'Exhibition Hall'ରେ ଶ୍ରୀମା'ଙ୍କ ଦ୍ୱାରା 'ସାବିତ୍ରୀ'ରୁ ନିର୍ବାଚିତ ପଂକ୍ତିସବୁକୁ ନେଇ ହୁତାଙ୍କର ତୈଳଚିତ୍ର ପ୍ରଦର୍ଶନୀର ଉଦ୍‌ଘାଟନ କରାଯାଇଥିଲା । ଏଥି ନିମିତ୍ତ ଶ୍ରୀମା'ଙ୍କର ସ୍ୱହସ୍ତ ଲିଖିତ ନିମ୍ନୋକ୍ତ ବାଣୀଟି ଆଶ୍ରମର 'ନୋଟିସ୍ ବୋର୍ଡ଼'ରେ ସ୍ଥାନିତ ହୋଇଥିଲା :

Here is

**Savitri**

The importance of Savitri is immense.
Its subject is universal.
Its revelation is prophetic.
The time spent in its atmosphere is not wasted.
Take all the time necessary
to see the exhibition.
It will be a happy compensation for the feverish haste men put now in all they do.

10 February 1967

ଫେବୃଆରୀ ୧୯୬୮ରେ ଶ୍ରୀମା'ଙ୍କର ନବତିତମ ଜନ୍ମୋତ୍ସବ ପାଳନ ଉପଲକ୍ଷେ ଆଶ୍ରମ ଥିଏଟର ହଲ୍‌ରେ 'ସାବିତ୍ରୀ' ଉପରେ ଶ୍ରୀମା'ଙ୍କର ଆବୃତ୍ତି ଓ ତତ୍ ସହିତ ସୁନିଲ-ଦା'ଙ୍କର ସଙ୍ଗୀତ ସଂଯୋଜନ ଏବଂ ହୁତାଙ୍କର ତୈଳଚିତ୍ରର ସ୍ଲାଇଡ୍ ପ୍ରୋଜେକ୍‌ସନ (audio visual)ର କାର୍ଯ୍ୟକ୍ରମ ରଖାଯାଇଥିଲା । ଏଥିନିମିତ୍ତ ଶ୍ରୀମା'ଙ୍କର ଅନୁମତି କ୍ରମେ ଉପରୋକ୍ତ ନୋଟିସ୍‌ଟିକୁ ପୁନର୍ବାର ଆଶ୍ରମ ନୋଟିସ୍ ବୋର୍ଡ଼ରେ ଉପସ୍ଥାପନ କରାଯାଇଥିଲା ।

*

କଥା ପ୍ରସଙ୍ଗରେ ୨୮ ଡିସେମ୍ବର ୧୯୬୮ରେ ଶ୍ରୀମା ଜନୈକ ସାଧକଙ୍କୁ ସୁନିଲ ଦା'ଙ୍କ ସଙ୍ଗୀତ ଉପରେ ମନ୍ତବ୍ୟ ଦେବାକୁ ଯାଇ ଏହି ମର୍ମରେ କହିଥିଲେ :

''ଏହା ଅତ୍ୟନ୍ତ ବିମୋହିତକର, ଅତ୍ୟନ୍ତ ପ୍ରଭାବଶାଳୀ ।

''...ଏବଂ ଏହା ଏକ ବାତାବରଣ ସୃଷ୍ଟି କରିଥାଏ ।

''(ନବବର୍ଷ ସକାଶେ) ସାଧାରଣତଃ ମୁଁ ତା' ପାଇଁ ସୂତ୍ରାକାରରେ କିଛି ସଙ୍ଗୀତ ବଜାଇ ଦେଇଥାଏ, ଏବଂ ମୋର ସେଇ ସଙ୍ଗୀତ ଆଧାରରେ ସେ ତା'ର ସଙ୍ଗୀତ ରଚନା କରିଥାଏ; ... ମୋର ସେଇ ସଙ୍ଗୀତଟିକୁ ବ୍ୟବହାର କରି ତା'ର ସୃଜନରେ ସେ ମୋ ସହିତ ସଂଯୋଗ ସ୍ଥାପନ କରିଥାଏ ଏବଂ ଏହି ସଂଯୋଗ-ସ୍ଥିତିରେ ସେ ତା'ର ସଙ୍ଗୀତ ରଚନା କରିଥାଏ ।

''କିଛି ଦିନ ପୂର୍ବରୁ ଜଣେ ଆମେରିକାନ୍ ସଙ୍ଗୀତକାର (ପିଆନିଷ୍ଟ୍) ଆଶ୍ରମକୁ ଆସିଥିଲେ । ମୁଁ ତାଙ୍କୁ ସୁନିଲ ନିକଟକୁ ପଠାଇଥିଲି । ତା'ପରେ ସେ ଆସି ମୋତେ କହିଲେ ଯେ ଆମେରିକାରେ ସୁନିଲର କେତୋଟି ସଙ୍ଗୀତ ସେମାନେ ଶ୍ରବଣ କରିଥିଲେ, ଏବଂ ସେଠାରେ କେତେକେ ତାଙ୍କ ସଙ୍ଗୀତ ଶ୍ରବଣ କରି ପ୍ରଥମେ ପ୍ରଥମେ ପ୍ରାୟ ବୀତସ୍ପୃହ ବୋଧ କରୁଥିଲେ, କିନ୍ତୁ ସେଇ ସଙ୍ଗୀତକୁ ସେମାନେ ଏକାଧିକ ବାର ଶ୍ରବଣ କରିବା ପରେ ଅତ୍ୟନ୍ତ ଉତ୍ସାହୀ ହୋଇ ଉଠିଥିଲେ ।

''ମୋ ସକାଶେ, ସୁନିଲର ସଙ୍ଗୀତ ଏକ ବାତାବରଣ

ସୃଷ୍ଟି କରିଥାଏ : ଏହା ଏକ **ଉଚ୍ଚତର** ବାତାବରଣର **ଅବତରଣ ଘଟାଇଥାଏ ।**

''ଏବଂ ତା' ସଙ୍ଗୀତରେ ସଂଯୋଜିତ ଆବୃତ୍ତି କରିଥିବା ବ୍ୟକ୍ତିଙ୍କର କଣ୍ଠସ୍ୱରଟି ମଧ୍ୟ ବେଶ୍ ଲାଳିତ୍ୟଭରା, ଯାହାକି ଅତ୍ୟନ୍ତ ସନ୍ତୋଷଜନକ ରୂପେ ସଙ୍ଗୀତଟି ସହିତ ଉପଯୁକ୍ତ ଭାବରେ ମିଶି ଯାଇଛି ।''

*

ସୁନିଲ-ଦା'ଙ୍କ ସ୍ୱଭାବରେ ଏପରି ସବୁ ସଦ୍‌ଗୁଣର ମୂର୍ତ୍ତିମନ୍ତ ସମାହାର ଥିଲା ଯାହାକି ଶ୍ରୀମାଶ୍ରୀଅରବିନ୍ଦଙ୍କର ଯୋଗମାର୍ଗ ଅନୁସରଣରେ ଅତ୍ୟାବଶ୍ୟକ ଥିବା ସତ୍ତ୍ୱେ ସାଧକମାନଙ୍କ କ୍ଷେତ୍ରରେ କ୍ୱଚିତ୍ ପରିଦୃଷ୍ଟ । – ସେଇଟି ଥିଲା ନମ୍ରତା ଏବଂ କୃତଜ୍ଞତା । ସୁନିଲ-ଦା' ସର୍ବଦା ଥିଲେ ବିନୀତ, ଯଥାର୍ଥରେ କହିବାକୁ ଗଲେ ଲଜ୍ଜାଶୀଳ । ଶ୍ରୀମା ପ୍ରଭୂତ ମାତ୍ରାରେ ତାଙ୍କର ଗୁଣକୀର୍ତ୍ତନ କରିଛନ୍ତି ଏବଂ ସେ ଶ୍ରୀମା'ଙ୍କ ପ୍ରଦତ୍ତ ସମସ୍ତ କର୍ମକୁ ନୀରବରେ, ଶିଷ୍ଟ ଭାବରେ, ସମ୍ପୂର୍ଣ୍ଣ ଅକପଟତା ସହ କ୍ରମାଗତ ସମ୍ପାଦନ କରିଯାଇଛନ୍ତି ।

୩୦ ଏପ୍ରିଲ ୧୯୯୮ର ମଧ୍ୟାହ୍ନ ଗୋଟାଏ ବେଳେ ସେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ – ଯେମିତି ତାଙ୍କର ଥିଲା ନୀରବ ଜୀବନଶୈଳୀ, ସେମିତି ନୀରବରେ ସେ ଶ୍ରୀମା'ଙ୍କ କୋଳରେ ଆଶ୍ରୟ ନେଲେ ।

*

**ପରିଶିଷ୍ଟ**

ବିକାଶ ସେନ୍‌ଙ୍କ ଦ୍ୱାରା ସଙ୍କଳିତ ଏବଂ ପ୍ରକାଶିତ ପୁସ୍ତକ ''Mantras in Sunil's Music''ର ଭୂମିକାରେ ସେ ଏହି ମର୍ମରେ ଉଲ୍ଲେଖ କରିଛନ୍ତି :

''ସୁନିଲ 'ସାବିତ୍ରୀ' ଓ ନବବର୍ଷ ସକାଶେ ତାଙ୍କର ସଙ୍ଗୀତ ରଚନାରେ ଆବଶ୍ୟକ ସ୍ଥଳେ ଏକକ କଣ୍ଠରେ ତଥା ସମବେତ କଣ୍ଠରେ ବିଭିନ୍ନ ବେଦ, ଉପନିଷଦ୍ ଏବଂ ବିଭିନ୍ନ ସ୍ତବ ଓ ସ୍ତୋତ୍ରସବୁର ମନ୍ତ୍ରକୁ ଆବୃତ୍ତି କରି ସେଥିରେ ଅନ୍ତର୍ଭୁକ୍ତ କରିଛନ୍ତି । ଏହିସବୁ ମନ୍ତ୍ର ମୂଳତଃ ଭାରତର ବିଭିନ୍ନ ଦେବଦେବୀଙ୍କୁ ଆରାଧନାପୂର୍ବକ ରଚିତ ହୋଇଛି । ତାଙ୍କର ଅନ୍ତଃକରଣରେ ଶ୍ରୀମାଶ୍ରୀଅରବିନ୍ଦ ପରମେଶ୍ୱରୀ ଓ ପରମେଶ୍ୱର ବୋଲି ଦୃଢ଼ପ୍ରତ୍ୟୟ ହୋଇଥିଲେ ମଧ୍ୟ ସେ ଦୁହେଁ ହେଉଛନ୍ତି ଭାରତୀୟ ପୁରାଣ ବର୍ଣ୍ଣିତ ସମସ୍ତ ଦେବଦେବୀ । ପରିଣାମତଃ ଆମେ ସୁନିଲଙ୍କର ରଚିତ ଆବୃତ୍ତିରେ ଦେଖିବାକୁ ପାଉ ମୂଳଗ୍ରନ୍ଥରେ ସୂଚିତ ବିଭିନ୍ନ ଦେବଦେବୀଙ୍କ ସ୍ଥାନରେ ସେ ଶ୍ରୀମାଶ୍ରୀଅରବିନ୍ଦଙ୍କର ନାମ ପ୍ରତିଷ୍ଠାପନ କରିଛନ୍ତି । ଆମର ଦୃଢ଼ ବିଶ୍ୱାସ ସୁନିଲ ନିମ୍ନୋକ୍ତ ମନ୍ତ୍ରଟିର ନିଗୂଢ଼ାର୍ଥର ଉପଲବ୍ଧି କରିଥିଲେ :

''ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦେବୋ ମହେଶ୍ୱରଃ ।
ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମୋଃ ॥''

(ସମାପ୍ତ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

1. Clifford Gibson : 'SUNIL (The Mother's Musician)'
2. Pravakar (Batti) : 'Sunil-da'; 'Among the Not So Great'
3. Jhumur Bhattacharya : 'Sunil-Da'; 'Mother India', June 1998

ପ୍ରଭୁଙ୍କର ସେବକ ହେବାରେ ନିଶ୍ଚୟ ଗୌରବ ରହିଛି; ପ୍ରଭୁଙ୍କର ଦାସ ହୋଇ ରହିବା ହେଉଛି ଆହୁରି ଅଧିକ ଗୌରବର ବିଷୟ ।

(Thoughts and Aphorisms) -ଶ୍ରୀଅରବିନ୍ଦ

# ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଉ କୋଚିଂ

## ପ୍ରସାଦ ତ୍ରିପାଠୀ

ଟ୍ୟୁସନ୍ ସମ୍ପର୍କରେ ଅନେକ ଆଲୋଚନା କରାଯାଇଅଛି । ଏବେ ବି ହେଉଛି । ମାତ୍ର ପୂର୍ଣ୍ଣାଙ୍ଗ ଶିକ୍ଷା ପରିପ୍ରେକ୍ଷୀରେ ତାକୁ ଆଲୋଚନା କରିବାର ଅବକାଶ ଆସିଛି । ଆମ ପିଲାବେଳେ କୁହାଯାଉଥିବା ଟ୍ୟୁସନ୍‌କୁ ଏବେ କୋଚିଂ ବୋଲି ଏକ ରୂପାନ୍ତରିତ ଶବ୍ଦ ବ୍ୟବହାର କରାଯାଇ ତାକୁ ଏକ ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟକ୍ରମ ବୋଲି ଭାବିବା ପାଇଁ ଉଦ୍ୟମ କରାଯାଉଅଛି ।

ପ୍ରଥମରୁ ଟ୍ୟୁସନ୍‌ର ବାଲ୍ୟକାଳ ବିଷୟରେ ଆଲୋଚନା କରିବା । ତା' ପୂର୍ବରୁ ଏତିକି ମୁଁ କହିବାକୁ ଚାହେଁ ଯେ ଏହା ମୋର ନିଜସ୍ୱ ମତ । ଏହାକୁ ଗ୍ରହଣ ନ କରିବା ପାଇଁ କିଂବା ବିରୋଧ କରିବା ପାଇଁ ଆପଣମାନଙ୍କର ସମସ୍ତ ଅଧିକାର ଅଛି ।

ମୋର ମନେହୁଏ, ଆମ ପିଲାଦିନ ସମୟରେ ଟ୍ୟୁସନ୍‌ର ଜନ୍ମ । ବୋଧହୁଏ ତା' ପୂର୍ବରୁ ଏପରି ଏକ ଅପରିଚ୍ଛନ୍ନିଆଁ ଶବ୍ଦ ସୃଷ୍ଟି ହୋଇ ନଥିଲା । ଆଉ ମଧ୍ୟ ସେତେବେଳେ ହାତଗଣତି ଅଳ୍ପ କେତେ ଜଣ ଶିକ୍ଷକ (କେବଳ ଶିକ୍ଷକ) ଟ୍ୟୁସନ୍ କରୁଥିଲେ ଏବଂ ସେଇ ହାତଗଣତି (କେବଳ ଥିଲାବାଲା, ପ୍ରତିଷ୍ଠିତ ପରିବାର, ମାନ୍ୟଗଣ୍ୟ ବ୍ୟକ୍ତିଙ୍କର) ପିଲାମାନେହିଁ ଟ୍ୟୁସନ୍ ହେଉଥିଲେ । ଏବଂ ପ୍ରାୟତଃ ଏହିଭଳି ପିଲାମାନଙ୍କର ଆଦୌ କୌଣସି ଟ୍ୟୁସନ୍‌ର ଆବଶ୍ୟକତା ନଥାଏ । କାରଣ ଏମାନେ ଶ୍ରେଣୀରେ ସ୍ୱାଭାବିକ ଭାବରେ ଭଲ ପଢ଼ନ୍ତି । ତଥାପି ନିଜର ପ୍ରତିଷ୍ଠାର, ଆଭିଜାତ୍ୟର ପରିଚୟ ଦେବା ପାଇଁ ଟ୍ୟୁସନ୍ ହୁଅନ୍ତି । ପୁଣି ଏପରି ଦେଖାଯାଏ ଯେ ଅଧିକ ଆଭିଜାତ୍ୟ ରକ୍ଷା କରୁଥିବା ମାଆବାପାମାନଙ୍କର ପିଲାମାନଙ୍କୁ ପଢ଼ାଇବା ପାଇଁ ସେମାନଙ୍କ ଘରକୁ ଶିକ୍ଷକମାନେ ଯାଆନ୍ତି । କାରଣ ସେ ପିଲାମାନେ ଗ୍ରୁପ୍ ଟ୍ୟୁସନ୍‌କୁ ଆସିଲେ ସେମାନଙ୍କର ସମ୍ମାନ ହାନି ହୋଇପାରେ । ଏଇ ସୁଯୋଗରେ ମଧ୍ୟ ଶିକ୍ଷକମାନେ ଅଧିକ ଅର୍ଥ ଦାବି କରନ୍ତି ଏବଂ କହିବା ବାହୁଲ୍ୟ, ଏପରି ଅର୍ଥଦାବିରେ ଆଦୌ ମୂଲଚାଲ ହୁଏ ନାହିଁ – ଶିକ୍ଷକ ଯାହା ପ୍ରସ୍ତାବ ଦିଅନ୍ତି, ଅଭିଭାବକମାନେ ତୁରନ୍ତ ରାଜି ହୋଇଯାଆନ୍ତି ।

ଏହିପରି ଅବସ୍ଥାରୁ ଟ୍ୟୁସନ୍‌ର ଆସ୍ତେ ଆସ୍ତେ କ୍ରମବିବର୍ତ୍ତନ ଆରମ୍ଭ ହେଲା । ଗୋଟିକିଆ ଟ୍ୟୁସନ୍‌ରୁ ଗୋଷ୍ଠୀ ଟ୍ୟୁସନ୍ ଏବଂ ତା'ପରେ ବିଷୟଭିତ୍ତିକ ଟ୍ୟୁସନ୍, ତାପରେ କ୍ଲାସିକାଲ୍ ବିଷୟ, ଯେପରି କେବଳ ସଂସ୍କୃତ ଟ୍ୟୁସନ୍‌ର ବ୍ୟବସ୍ଥା କରାଗଲା । ତା'ପରେ ଏହା ଆହୁରି ବ୍ୟାପକ ହେଲା । ସହରମାନଙ୍କରେ ଶିକ୍ଷକତା କରିବାକୁ ଆଗ୍ରହ କରିବା ପଛରେ କାରଣ ରହିଲା କେବଳ ଟ୍ୟୁସନ୍ ।

କାଳକ୍ରମେ ପିଲାମାନଙ୍କର ମାତାପିତାମାନେ ସ୍କୁଲ ପାଠପଢ଼ା ଅପେକ୍ଷା ଟ୍ୟୁସନ୍‌କୁ ଅଧିକ ଗୁରୁତ୍ୱ ଦେବାକୁ ଆରମ୍ଭ କଲେ । ଟ୍ୟୁସନ୍ ଏକ ସଂକ୍ରମଣର ରୂପ ନେଲା । ପ୍ରଥମେ ପ୍ରଥମେ କିଛି କିଛି ପିଲା ସ୍କୁଲମାନଙ୍କରେ ନାମ ଲେଖାଇବା ପୂର୍ବରୁ ମଧ୍ୟ ସେମାନଙ୍କର ଟ୍ୟୁସନ୍ ଶିକ୍ଷକମାନଙ୍କ ସହିତ ଯୋଗାଯୋଗ କରି ସ୍ଥାନ ନିରୂପଣ କରି ନେଉଥିଲେ । ଟ୍ୟୁସନ୍ ହେବା ଆଗେ ଗୋଟିଏ ଦୁର୍ବଳତାର ଲକ୍ଷଣ ଥିଲା, ବର୍ତ୍ତମାନ ଟ୍ୟୁସନ୍ ନହେବା ଗୋଟିଏ ଦୁର୍ବଳତାର ଚିହ୍ନ ହୋଇଗଲା । ଅର୍ଥାତ୍, ମାଆବାପାଙ୍କର ସାମର୍ଥ୍ୟ ନଥିବା ଯୋଗୁଁ ସେମାନେ ପିଲାମାନଙ୍କୁ ଟ୍ୟୁସନ୍ ପଠାଉ ନାହାନ୍ତି । ତେବେ ଯାହା କଷ୍ଟ ପଡୁ ପଛକେ ସମସ୍ତେ ନିଜ ନିଜ ପିଲାମାନଙ୍କୁ ଟ୍ୟୁସନ୍ ପଠାଇଲେ ।

ହଠାତ୍ କେବେ ଗୋଟିଏ ସମୟରେ ଏହି ଟ୍ୟୁସନ୍‌ର ନାମ ପରିବର୍ତ୍ତନ ହୋଇ କୋଚିଂ ହୋଇଗଲା ଏବଂ ତା'ର ମର୍ଯ୍ୟାଦା ବଢ଼ାଇ ଦିଆଗଲା ।

ତା'ପରେ କୋଚିଂ ବୋଲି ଏକ ନୂତନ ସଂସ୍କରଣର ପ୍ରଚଳନ କରାଗଲା । ଏପରି କୋଚିଂ ହେଲା – IAS, IPS, Bank, Military, Judiciary, Medical, Engineering Class ପ୍ରଭୃତି । ବିଭିନ୍ନ ପ୍ରକାରର ଚାକିରି ପାଇଁ ମଧ୍ୟ କୋଚିଂ ସେଣ୍ଟର୍ ଆରମ୍ଭ ହୋଇଗଲା । ନିହାତି ସତ କହିବାକୁ ଗଲେ ଯେଉଁମାନେ ଏହି ପ୍ରକାରର କୋଚିଂରେ ଭାଗ ନେଇଥା'ନ୍ତି ସେମାନେ କେବେ ହେଲେ କୋଚିଂର ଦୟାରୁ ଉକ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନଥା'ନ୍ତି । ସେମାନେ ନିଜର ପ୍ରଚେଷ୍ଟାରେ ଏବଂ ତାଙ୍କର ଆତ୍ମାର ସିଦ୍ଧାନ୍ତରେ ଏଇ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି । ମାତ୍ର ତାଙ୍କ କୋଚିଂ ସେଣ୍ଟର୍ ତରଫରୁ ପ୍ରତ୍ୟେକ ବର୍ଷ ନାମଲେଖା ଋତୁରେ ପ୍ରତ୍ୟେକ ଖବରକାଗଜର ପ୍ରଥମ

ପୃଷ୍ଠାମାନଙ୍କରେ ତାଙ୍କ କୋଚିଂରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ଶତାଧିକଙ୍କର ଫଟୋ ପ୍ରକାଶ ପାଇ ବିଜ୍ଞାପନ ଦିଆଯାଇଥାଏ । ମୋର ସନ୍ଦେହ ହୁଏ, ଯଦି ତୁମର କୋଚିଂ ସେଣ୍ଟର୍‌ଟି ସତରେ ଏତେ ଅଧିକ ଭଲ ଏବଂ କୋଚିଂର ଫଳାଫଳ ଏତେ ଉନ୍ନତ ତେବେ ବିଜ୍ଞାପନର ଆବଶ୍ୟକତା କ'ଣ ? ବୋଧହୁଏ ତାଙ୍କର କେନ୍ଦ୍ରର ଫଳାଫଳ ଉପରେ ତାଙ୍କର ସେତେ ବିଶ୍ୱାସ ନଥିବା ହେତୁ ସେମାନେ ବିଜ୍ଞାପନ ମାଧ୍ୟମରେ ନିଜର ସାମର୍ଥ୍ୟକୁ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି ।

ଆଉ ଗୋଟିଏ କଥା – ଆପଣମାନେ ବୋଧହୁଏ ଜାଣି ନଥିବେ, ଆମ ରାଜ୍ୟରେ ଡାକ୍ତରଖାନା ଯେପରି ଦିନରେ ସବୁ ସମୟରେ ଖୋଲା ରହେ, ଅର୍ଥାତ୍, ବର୍ଷସାରା ୩୬୫ ଦିନ ଖୋଲା ରହେ, ଠିକ୍ ସେମିତି କୋଚିଂ ସେଣ୍ଟର୍‌ମାନେ ମଧ୍ୟ ବର୍ଷର ସବୁଦିନ ଖୋଲା ରହୁଛି । ଏପରିକି ଗୋଟିଏ କୋଚିଂ କ୍ଲାସରେ କୋଚିଂ ରାତି ୪ଟାରୁ ଆରମ୍ଭ ହେଉଛି ଏବଂ ୫ଟା ବେଳକୁ ଆଉ ଗୋଟିଏ ଗ୍ରୁପ୍ ସାଇକେଲ ଧରି ବାହାରେ ଛିଡ଼ା ହେଉଛନ୍ତି ଏବଂ ପୂର୍ବ ବ୍ୟାଚ୍ ବାହାରିଲେ ଏମାନେ ପଶୁଛନ୍ତି । ସେମାନେ ୬ଟା ବେଳେ ବାହାରିଲେ ପୁଣି ତାଙ୍କ ସ୍ଥାନରେ ଆଉ ଗୋଟିଏ ବ୍ୟାଚ୍ ପଶୁଛନ୍ତି । ପୂରା ଗୋଟିଏ କାରଖାନା ଭଳି । ଦଳେ ଶ୍ରମିକ ବାହାରିଲେ ଯେମିତି ଆଉ ଦଳେ ଶ୍ରମିକ ପଶନ୍ତି । ତା'ସଙ୍ଗେ ଯେପରି କେବଳ Surgery ପାଇଁ ଦଳେ ଡାକ୍ତର ଏବଂ Super Specialist Surgeon ଯେପରି ଭିନ୍ନ ଭିନ୍ନ ଅଙ୍ଗ ପାଇଁ ଥାଆନ୍ତି, ଠିକ୍ ସେମିତି ଜଣେ ଭଦ୍ରଲୋକ କହିଲେ, ମୋ ପୁଅ ପାଇଁ କେବଳ ଇଂରାଜୀ ବ୍ୟାକରଣ ପଢ଼ାଇବା ସକାଶେ ଜଣେ ଟ୍ୟୁଟର୍ ଆସୁଛନ୍ତି ।

ଏବେ ଅସଲ ଆଲୋଚନାକୁ ଆସିବା । ଯଦି ଆମ ସମୟରେ ବିନା ଟ୍ୟୁସନ୍‌ରେ ପାଠପଢ଼ା ହୋଇପାରୁଥିଲା ଏବଂ ବେଶ୍ କିଛି ବିଜ୍ଞ ଏବଂ ଉଚ୍ଚକୋଟୀର ବ୍ୟକ୍ତିତ୍ୱ ବାହାରୁ ଥିଲେ, ଏବେ କ'ଣ ପାଇଁ ଏ ପ୍ରକାରର ଟ୍ୟୁସନ୍‌ର ଆବଶ୍ୟକତା ଅନୁଭବ ହେଲା ଏବଂ ଏହା ଧୀରେ ଧୀରେ କାମଳ ରୋଗ ଭଳି ଅନୁଷ୍ଠାନରୁ ଅନୁଷ୍ଠାନକୁ ଗ୍ରାସ କଲାଣି । ଆମ ଅନୁଷ୍ଠାନର ଯେଉଁଠାରେ ଆବାସିକ ବ୍ୟବସ୍ଥା ଅଛି ସେଠାରେ ମଧ୍ୟ ଛାତ୍ରାବାସରେ ପଢ଼ାଇବା ପାଇଁ ସ୍ୱତନ୍ତ୍ର ଅପା, ଭାଇ କିଛି ପାରିଶ୍ରମିକ ନେଇ ନିଯୁକ୍ତ ହେଉଛନ୍ତି କିଂବା ଅନୁଷ୍ଠାନରେ ନିଜର ଅପା, ଭାଇଙ୍କୁ ମଧ୍ୟ ସେ ଦାୟିତ୍ୱ ଦିଆଯାଉଅଛି । ଯେଉଁଠାରେ ଆବାସିକ ନୁହେଁ, ସେଠାରେ ଅପା, ଭାଇମାନେ ଅଧିକାଂଶ ସ୍ଥାନରେ ବିଶେଷ କରି ସହରାଞ୍ଚଳରେ ପ୍ରାୟ ଅଧିକାଂଶ ଘରୋଇ ପାଠପଢ଼ା ବା କୋଚିଂରେ ବ୍ୟସ୍ତ ରହିଲେଣି ।

କୋଚିଂ ବା ଟ୍ୟୁସନ୍‌ର ସତରେ କ'ଣ କୌଣସି ଆବଶ୍ୟକତା ଅଛି ? କାରଣ ଆମର ସମୟ ନିର୍ଘଣ୍ଟ ଅନୁସାରେ ଯାହାକୁ ଆମେ ସ୍କୁଲରେ ଅଧ୍ୟୟନ କରିଥାଉ ତାକୁ ଘରେ ପୁନର୍ବାର ପଢ଼ିଦେଲେ ମଧ୍ୟ ଯଥେଷ୍ଟ ।

ବର୍ତ୍ତମାନ ଯେହେତୁ ଟ୍ୟୁସନ୍‌ରେ ଏହାକୁ ପଢ଼ା ହେବ ଏବଂ ଅଳ୍ପ ପିଲାଙ୍କ ମଧ୍ୟରେ ଅନେକ ସମୟ ପାଇଁ ପଢ଼ା ହେବ ତେଣୁ ସ୍କୁଲରେ ପାଠପଢ଼ା ଉପରେ ଆଉ ପିଲାମାନେ ଗୁରୁତ୍ୱ ଦେଉ ନାହାନ୍ତି । ଏପରିକି ସ୍କୁଲ ସମୟରେ ସ୍କୁଲ ବନ୍ଦ କରି ମଧ୍ୟ ପିଲାମାନେ କୋଚିଂ ଯାଉଛନ୍ତି ।

ଆମକୁ ଏ ସଂସ୍କୃତିକୁ ବଦଳେଇବାକୁ ପଡ଼ିବ । ପରୀକ୍ଷାରେ କେବଳ ଭଲ କରିବା ପାଇଁ ପିଲାମାନେ କୋଚିଂ ଯାଉଛନ୍ତି । ତାଙ୍କୁ କୋଚିଂରେ କେବଳ କିଛି କୌଶଳ ଶିଖାଇ ଦିଆଯାଉଛି, ଯେପରି ତାଙ୍କର ନମ୍ବର ଅଧିକ ରହିବ । ମାତ୍ର ତାଙ୍କର ସାମଗ୍ରିକ ବିକାଶ ପାଇଁ କୌଣସି କୋଚିଂ ସେଣ୍ଟର୍ ଆଦୌ ଦୃଷ୍ଟି ଦେଉ ନାହାନ୍ତି । ବର୍ତ୍ତମାନ ଗୋଟିଏ କଥା ସମସ୍ତଙ୍କୁ ନିଶ୍ଚିତ ହେବାକୁ ହେବ ଯେ ପ୍ରକୃତରେ ପିଲାର ସାମଗ୍ରିକ ବିକାଶ ପାଇଁ ଯେପରି ସମସ୍ତେ ବ୍ୟାକୁଳ ହେବେ । କେବଳ ପରୀକ୍ଷାର ଫଳାଫଳ କେବେହେଲେ ଏକ ପୂର୍ଣ୍ଣ ବ୍ୟକ୍ତିତ୍ୱ ସୃଷ୍ଟି କରିପାରିବ ନାହିଁ । ଯେଉଁ ମାଆବାପା ପିଲାଟିର ପରୀକ୍ଷାର ଫଳାଫଳରେ ଖୁବ୍ ଖୁସୀ ହେଉଥିଲେ, ପରବର୍ତ୍ତୀ ଅବସ୍ଥାରେ ପିଲାଟି ଦୁର୍ନୀତିଗ୍ରସ୍ତ ହେଲେ କେତେ ଯେ ମନସ୍ତାପ କରୁଥିବେ ତାହା କାହାକୁ ଅଜଣା ନାହିଁ । ସେମାନେ ପରବର୍ତ୍ତୀ ଅବସ୍ଥାରେ ଏପରି କଷ୍ଟ ଭୋଗିବା ଅପେକ୍ଷା ଏକ ସାଧାରଣ ବ୍ୟକ୍ତି ହୋଇ ନିରାପଦ ଜୀବନଯାପନ କରିବା ଯଥେଷ୍ଟ ଶ୍ରେୟସ୍କର ।

ଆମେ ଆଧ୍ୟାତ୍ମିକ ଧାରାରେ ଚିନ୍ତା ନକରି ମଧ୍ୟ ଅତି ସାଧାରଣ ଧାରାରେ ଚିନ୍ତା କଲେ ବୁଝି ହେବ ଯେ ବର୍ତ୍ତମାନ ଅବସ୍ଥାରେ ଏକ ଅଧିକ ସାହସୀ, ଅଧିକ ଉତ୍ସାହୀ, ଅଧିକ କର୍ମଠ, ଅଧିକ ଶୃଙ୍ଖଳିତ, ଅଧିକ କର୍ତ୍ତବ୍ୟପରାୟଣ ବ୍ୟକ୍ତିର ସମାଜରେ ବହୁତ ଆବଶ୍ୟକତା ରହିଛି; ଯାହା କୌଣସି କୋଚିଂ ଦେଇପାରିବ ନାହିଁ । ଏହା କେବଳ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେହିଁ ସମ୍ଭବ ହେବ । ଆମର ଲକ୍ଷ୍ୟ ହେଲା ଏକ ନୂତନ ଭବିଷ୍ୟତ୍ ପାଇଁ ପିଲାମାନଙ୍କୁ ପ୍ରସ୍ତୁତ କରିବା ଏବଂ

ଏହି ଭବିଷ୍ୟତ୍ ପାଇଁ କେବଳ ବୀରଯୋଦ୍ଧାହିଁ ପ୍ରୟୋଜନ। ଆଉ ଏକ ଆଦର୍ଶ ଶିଶୁର ଯେଉଁ ବାରଟି ଗୁଣ କଥା ମା' ଆଲୋଚନା କରିଅଛନ୍ତି ତାହା ଆମେ ଆମ ଶିକ୍ଷାକେନ୍ଦ୍ରମାନଙ୍କରେ ଦେଇପାରିବା।

ଏବେ ଆମେ ଚିନ୍ତା କରିବା ଆମେ କୋଚିଂ ଉପରେ ନିର୍ଭର କରି ଏକ ଅତ୍ୟନ୍ତ ବିଚକ୍ଷଣ ଛାତ୍ର ଏବଂ ଭବିଷ୍ୟତରେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଚାହୁଁ ନା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଅଧ୍ୟୟନ କରାଇ ପ୍ରକୃତରେ ଭବିଷ୍ୟତକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ଏକ ବ୍ୟକ୍ତି ଚାହୁଁ ?

❑❑❑


# କହ ମୋତେ ଥରେ


## ନିମାଇଁ ପଟ୍ଟନାୟକ


କହ ମୋତେ ଥରେ
ଏ ବିଶାଳ ଚିତ୍ର
କେଉଁ ଶିଳ୍ପୀ ସରଜିଲା,
କେଉଁ ତୂଳିରେ ସେ
ଏତେ ରଙ୍ଗ ନେଇ
କଉଶଳେ ରଙ୍ଗେଇଲା ॥

ସବୁଜିମା ଭରା
ଏ ଘୋର ବନାନୀ
ଊର୍ଦ୍ଧ୍ୱରେ ଆକାଶ ନୀଳ,
କେଉଁଠି ଧୂସର
ମରୁବାଲି ପୁଣି
କେଉଁଠି ସାଗର ଜଳ ॥

ଫୁଲେ ଫୁଲେ ହସି
ଝରଣାରେ ଗାଇ
କାକଳିରେ ଚୁପି କହେ,
ଝରା ପତରରେ
ଲେଖିଦିଏ ପୁଣି
କେହି ବି ଅମର ନୁହେଁ ॥



କେଉଁଠି ଛପି ସେ
ଅତି ମଗନରେ
ବଇଁଶୀ ବଜାଏ ଧୀରେ,
ସାରା ଜଗତଟା
ଚଳୁଥାଏ ପୁଣି
ସେ ବଇଁଶୀ ସୁରେ ସୁରେ ॥

କିଏ ବା ବୁଝିବ
ଅନନ୍ତ ରହସ୍ୟ
କିଏ ବୁଝିବ ତା' ମାୟା,
ଯେଉଁଠି ଦେଖଇ
ସବୁଠି ବେଢ଼ିଛି
ତା' ସର୍ବବ୍ୟାପୀ କାୟା ॥

ଅନନ୍ତ ଅନାଦି
ହେ ଅଜଣା ଶିଳ୍ପୀ !
ତୋହରି ସମୀପେ ଆଜି,
ଜନ୍ମ ଜନ୍ମାନ୍ତର
ଜୀବନ ଜ୍ୟୋତିଃକୁ
ଦେଲି ମୁହିଁ ସମରପି ॥ ❑

କାହାଣୀ :

# ଜାହାଜ-ଡୁବି

## ମନୋଜ ଦାସ

ବହୁ ବର୍ଷ ତଳର କଥା । ଇସ୍ରାଏଲ୍ ରାଜ୍ୟରେ ଥିଲେ ଜଣେ ସୌଦାଗର । ଦେଶ-ବିଦେଶରେ ବେପାର-ବଣିଜ କରି ସେ ବହୁ ଅର୍ଥ ଉପାର୍ଜନ କରିଥା'ନ୍ତି । ତେବେ ସେ ଅତ୍ୟନ୍ତ ଦୟାଳୁ ଥିଲେ । ତାଙ୍କ ଉପାର୍ଜନର ଅଧିକାଂଶ ଅଂଶ ସେ ଗରିବ ଲୋକଙ୍କ ସେବାରେ ତଥା ଅତି ବୟସ୍କ ଏବଂ ଅକର୍ମଣ୍ୟ ଲୋକଙ୍କୁ ସାହାଯ୍ୟ କରିବାରେ ଖର୍ଚ୍ଚ କରି ଦେଉଥିଲେ । ଏହା ସତ୍ତ୍ୱେ ସେ ତାଙ୍କ ସହରର ସବୁଠାରୁ ଧନୀମାନଙ୍କ ଭିତରେ ଗଣ୍ୟ ହେଉଥିଲେ । ସେ କଦାପି ମିଛ କହୁ ନଥିଲେ ଏବଂ ଥରେ କାହାକୁ କୌଣସି ବିଷୟରେ କଥା ଦେଲେ ଯେତେ ଯାହା ଅସୁବିଧା ହେଲେ ବି ସେ ନିଜ କଥା ରଖୁଥିଲେ । ସେଥିପାଇଁ ଲୋକେ ତାଙ୍କୁ ବହୁତ ସମ୍ମାନ ଦେଉଥିଲେ ।

ତାଙ୍କୁ ବେଶୀ ବୟସ ହୋଇ ନଥିଲା । କିନ୍ତୁ ସେ ଅସୁସ୍ଥ ହୋଇପଡ଼ିଲେ । ବୈଦ୍ୟମାନଙ୍କ ଶତ ଚେଷ୍ଟା ସତ୍ତ୍ୱେ ତାଙ୍କ ମୃତ୍ୟୁ ସମୟ ପାଖେଇ ଆସୁଥିଲା ବୋଲି ଜଣାପଡ଼ିଗଲା ।

ତାଙ୍କର ଗୋଟିଏ ବୋଲି ପୁଅ । ସ୍ତ୍ରୀ ଇହଧାମରୁ ବିଦାୟ ନେଇଥିଲେ । ପୁଅଟିର ସ୍ୱଭାବ ତାଙ୍କରି ଭଳି ଉଦାର । ଦିନେ କୋଠରିରେ କେହି ନ ଥିବାବେଳେ ସେ ଯୁବକ ପୁଅକୁ ଡାକି ପାଖରେ ବସାଇ କହିଲେ, ''ବାପା, ମୁଁ ଚାଲିଲି । ବେପାର ବ୍ୟବସାୟ ରହିଲା । ସୁରୁଖୁରୁରେ ଚଳାଇପାରିବୁ ବୋଲି ଆଶା । ଗୋଟିଏ କଥା । ଥରେ ଥରେ ସୁବିଧା-ଅସୁବିଧା ବେଳେ ମୁଁ କେହି କେହି ଲୋକଙ୍କଠାରୁ ଅଳ୍ପ କିଛି କିଛି କରଜ ଆଣିଛି । ସେମାନଙ୍କ ନାମ ତୋତେ କହିଦେବି । ସବୁ ଋଣ ତୁ ପରିଶୋଧ କରିଦେବୁ । ହେଲାରେ ମୁଁ ଦେଇପାରି ନାହିଁ । ସେମାନେ ବି କେହି ମୋତେ ମାଗି ନାହାନ୍ତି ।''

ସୌଦାଗର ଯୁବକକୁ ଏକଥା କହିବାବେଳେ ଦରଜା ବାହାରେ ଠିଆ ହୋଇ ଜଣେ ଲୋକ ସେସବୁ କଥା ଶୁଣୁଥିଲା । ସେ ସୌଦାଗରଙ୍କ ପଡ଼ୋଶୀ । କିନ୍ତୁ ସେ ଭଲ ଲୋକ ନୁହେଁ ।

ପରଦିନହିଁ ସୌଦାଗରଙ୍କ ପରଲୋକ ହୋଇଗଲା । ଯେଉଁମାନଙ୍କୁ ଋଣ ପରିଶୋଧ କରିବା କଥା, ସେମାନଙ୍କ ତାଲିକା ସେ ଦେଇପାରି ନଥିଲେ ।

ପିତୃଶ୍ରାଦ୍ଧ ବିତିଯିବାର ପରେ ପରେ ଦିନେ ସେ ପଡ଼ୋଶୀ ଆସି ଯୁବକଙ୍କୁ କହିଲା କି ସୌଦାଗର ଥରେ ତା' ପାଖରୁ ଦଶ ହଜାର ଟଙ୍କା କରଜ ନେଇଥିଲେ । ଯୁବକ କାଳବିଳମ୍ବ ନ କରି ସେତକ ତାକୁ ଦେଇଦେଲେ । ସେ ଦୁଷ୍ଟ ବ୍ୟକ୍ତିର ଲୋଭ ବଢ଼ିଗଲା । ସେ ଜଣକ ପରେ ଜଣେ ଲୋକଙ୍କୁ ବୁଦ୍ଧି ଶିଖାଇଲା । ସେମାନେ ଆସି ନିଜ ନିଜ ଟଙ୍କା ମାଗିଲେ । ସେମାନେ ମିଛ କହି ଯାହା ନେଇଯା'ନ୍ତି, ସେଥିରୁ ସେ ଲୋଭୀକୁ ଅଧା ଦିଅନ୍ତି ।

ଯୁବକ କାହାକୁ ମନା କରିପାରେ ନାହିଁ । କିଏ କହିବ ଲୋକଟି ସତ କହୁ ନାହିଁ ବୋଲି । ଅବସ୍ଥା ଏପରି ହେଲା, ସେ ସର୍ବସ୍ୱାନ୍ତ ହୋଇଗଲା । ନିଜର ବିରାଟ କୋଠା ବିକ୍ରୟ କରି ଗୋଟାଏ ଛୋଟ ଭଡ଼ାଘରକୁ ଉଠିଗଲା । ସେ ବୁଝୁଥିଲା ତା' ପିତୃଭକ୍ତିର ସୁଯୋଗ ନେଇ ଅସାଧୁ ଲୋକେ ତା'ର ବିତ୍ତ ଅପହରଣ କରିଛନ୍ତି ।

କିନ୍ତୁ ସେଯାଏ ତା'ର ଜାହାଜଟି ଥାଏ । ଦିନେ ସେ ତା'ର ସ୍ତ୍ରୀ ଏବଂ ସାନ ସାନ ଦୁଇ ପୁଅଙ୍କୁ ଧରି ଯତ୍‌ସାମାନ୍ୟ ପଣ୍ୟଦ୍ରବ୍ୟ ସହ ଜଳଯାତ୍ରା କଲା । କୌଣସି ଭିନ୍ନ ଦେଶରେ ଯାଇ ସେ ସାମାନ୍ୟ ବେପାର କରି ଚଳିବ ବୋଲି ସ୍ଥିର କରିଥାଏ ।

ଥରେ ରାତିରେ ସମୁଦ୍ରରେ ହେଲା ପ୍ରଚଣ୍ଡ ଝଡ଼ । ଢେଉଗୁଡ଼ିକ ପ୍ରବଳ ହୋଇଉଠିଲେ । ତାଳ ଗଛର ଉଚ୍ଚତା ଭଳି ବିରାଟ ଢେଉଟାଏ ଜାହାଜକୁ ଉପରକୁ ନେଇଯାଇ କଚାଡ଼ି ଦେଲା । ଯୁବକ ତା' ସ୍ତ୍ରୀ ଓ ଦୁଇ ପୁଅଙ୍କଠାରୁ ଅଲଗା ହୋଇଗଲା । ଗୋଟାଏ କାଠ ପଟା ଉପରେ ଭରାଦେଇ ସେ ଭାସି ରହିଲା । ସକାଳେ ସେ ପହଞ୍ଚିଲା ଗୋଟାଏ ଦ୍ୱୀପରେ ।

ଦେହ ଅବସନ୍ନ । ମନରେ ନିଦାରୁଣ ଦୁଃଖ । ଦିନଯାକ ସେ ସମୁଦ୍ର ଆଡ଼େ ଅନାଇ ବସି ରହିଥାଏ । ବହୁ ଦୂରରେ ଗୋଟାଏ ପରେ ଗୋଟାଏ ତିନି ଚାରି ଗୋଟି ଜାହାଜ ଚାଲିଯାଉ ଥିବାର ସେ ଦେଖିଲା, କିନ୍ତୁ ସେମାନଙ୍କୁ ସେ ସଙ୍କେତ ଦେଇପାରିଲା ନାହିଁ ।

ସନ୍ଧ୍ୟା ହେଲା । ଅଦୂରରେ ଗୋଟାଏ ପାହାଡ଼ । ସେ ତା' ଚାରିପଟେ ବୁଲି, ଗୋଟାଏ ଗୁମ୍ଫାର ସନ୍ଧାନ ପାଇ ତହିଁ

ଭିତରେ ଆଶ୍ରୟ ନେଲା । ରାତିରେ ଦେଖିଲା ଏକ ବିଚିତ୍ର ସ୍ୱପ୍ନ । ଦଳେ ଡାକୁ ଆଠ ଦଶ ବସ୍ତା ଭର୍ତ୍ତି ସୁନାଚେକାମାନ ଆଣି ଗୋଟାଏ ସୁଡ଼ଙ୍ଗରେ ରଖିଦେଇ ନିଜ ଜାହାଜକୁ ଲେଉଟି ଗଲେ । କିନ୍ତୁ ହଠାତ୍ ସେ ଜାହାଜରେ ନିଆଁ ଲାଗିଗଲା । ସେମାନେ ସମସ୍ତେ ମଲେ ।

ସକାଳେ ଯୁବକ ଭାବିଲା – ସେମିତି ସୁଡ଼ଙ୍ଗ ସତରେ ଥାଆନ୍ତା ହେଲେ ! ତା'ର କୌତୂହଳ ହେଲା । ସେ ଗୁମ୍ଫାଟିର ଶେଷ ପ୍ରାନ୍ତକୁ ଯାଇ ଉଙ୍କିମାରି ଦେଖିଲା, ସୁଡ଼ଙ୍ଗଟାଏ ଲମ୍ବିଯାଇଛି । ଧୀରେ ଧୀରେ ଭିତରେ ପଶି ସେ ପାଇଗଲା ବସ୍ତା ବସ୍ତା ସୁନାଚେକାର ସନ୍ଧାନ ।

ଏହାପରେ ସେ ଏଣେ ତେଣେ ବୁଲି ଫଳମୂଳ ସଂଗ୍ରହ କରି ନିଜ କ୍ଷୁଧା ନିବାରଣ କରିବା ସଙ୍ଗେ ସଙ୍ଗେ ବୁଝିଲା ଯେ ସେ ଦ୍ୱୀପରେ କୌଣସି ଜନବସତି ନାହିଁ ।

ତା' ସନ୍ଧାନରେ ଯେତିକି ସୁନା ରହିଛି, ତାହା ଦ୍ୱାରା ସେ ଦୁନିଆର ଅନ୍ୟତମ ଧନୀ ଲୋକ ରୂପେ ପରିଗଣିତ ହେବା କଥା । କିନ୍ତୁ ସେ ସୁନାର ମୂଲ୍ୟ କ'ଣ ଏ ନିର୍ଜନ ଦ୍ୱୀପରେ ?

ଦୁଇ ବର୍ଷ ବିତିଗଲା । କ୍ରମେ ସେ ବିଷାଦ ଅନୁଭବ କଲା । କେତେଦିନ ଏଇ ଜନଶୂନ୍ୟ ଦ୍ୱୀପରେ ସେ ରହିଥିବ ? ଦିନେ ଦୂରରୁ ଗୋଟାଏ ଜାହାଜ ଯାଉଥିବାର ଦେଖି ସେ ପଥର ସହ ପଥର ଘଷି ନିଆଁ ଜାଳି ସେ ଜାହାଜର ଦୃଷ୍ଟି ଆକର୍ଷଣ କଲା । ଜାହାଜଟି ପାଖକୁ ଆସିଲା । ସେ ଗୋଟିକ ଇସ୍ରାଏଲରୁହିଁ ଆସିଥାଏ । ସେ ଦେଶରେ ଅନାବୃଷ୍ଟି ଯୋଗୁଁ ଦୁର୍ଭିକ୍ଷ ପଡ଼ିଥାଏ । ତେଣୁ ସେହି ଜାହାଜ ଯୋଗେ କେତୋଟି ପରିବାର ଅନ୍ୟ କୌଣସି ଦେଶରେ ଯାଇ ରହିବା ନିମନ୍ତେ ବାହାରିଥା'ନ୍ତି । ଯୁବକ ସେମାନଙ୍କୁ କିଛି ସୁନା ଦେଇ ପ୍ରଚୁର ଖାଦ୍ୟଶସ୍ୟ ଧରି ସେହି ଦ୍ୱୀପକୁ ଫେରି ଆସିବାକୁ କହିଲା । ସେମାନେ ତାହାହିଁ କଲେ । ସେମାନଙ୍କ ସାହାଯ୍ୟରେ ଯୁବକ ଦ୍ୱୀପରେ ଶସ୍ୟ ଉପୁଜାଇଲା । କ୍ରମେ ଆହୁରି ଅଧିକ ଲୋକ ଆସିଲେ । ଦ୍ୱୀପ ଏକ ରାଜ୍ୟରେ ପରିଣତ ହେଲା । ଯୁବକଟି ହେଲା ରାଜା । ନିଜ ଗୁମ୍ଫାକୁ ଲାଗି ସେ ନିଜ ପାଇଁ ପ୍ରାସାଦ ବନାଇଲା ।

ଦଶ ବର୍ଷ ବିତିଗଲା । ସେ ଦ୍ୱୀପର ଉପକୂଳରେ କ୍ରମେ ଗୋଟାଏ ଜଣାଶୁଣା ବନ୍ଦର ଗଢ଼ିଉଠିଲା । ଜାହାଜମାନେ ସେଠାରେ ଅଟକିବାକୁ ଲାଗିଲେ ।

ଆମ ଯୁବକ ବର୍ତ୍ତମାନ ଜଣେ ପ୍ରଭାବଶାଳୀ ରାଜା । ଦିନେ ଜଣେ ତରୁଣ ଆସି ତାଙ୍କୁ ଭେଟି କୌଣସି ଚାକିରି ପାଇଁ ଅନୁରୋଧ ଜଣାଇଲା । ରାଜା ତାକୁ ଦେଖିବା ମାତ୍ରେ ତା' ପ୍ରତି ସ୍ନେହ ଅନୁଭବ କଲେ ଏବଂ ତାକୁ ନିଜର ସେବକ ରୂପେ ରଖିଲେ । କିଛି ଦିନ ପରେ ଆଉ ଏକ ଜାହାଜ ଯୋଗେ ଆସିଥିବା ତରୁଣଟିଏ ରାଜାଙ୍କୁ କହିଲା କି ଏ ଦ୍ୱୀପଟି ତା'କୁ ବହୁତ ଭଲ ଲାଗୁଛି ଏବଂ ସେ ମଧ୍ୟ ରହିବାକୁ ଚାହେଁ । ରାଜା ତାକୁ ମଧ୍ୟ ସ୍ନେହ କରି ନିଜ ପାଖରେ ରଖିଲେ ।

ଦିନେ ଜଣେ ବଣିକ ରାଜାଙ୍କୁ କେତେକ ନୂତନ ଔଷଧ ଚାରା ଦେଖାଇଲେ ଏବଂ ସେ ଦ୍ୱୀପରେ ସେସବୁ ଭଲ ଭାବରେ ବଢ଼ିବ ବୋଲି କହିଲେ । ରାଜା ସେଥିରେ ବେଶ୍ ଆଗ୍ରହ ଦେଖାଇଲେ । ''ରାତିରେ ଗପସପ ହେବା । ଆପଣ ଜାହାଜକୁ ନଯାଇ ମୋ'ରି ପ୍ରାସାଦରେ ରହନ୍ତୁ'' ବୋଲି ରାଜା ବଣିକକୁ କହିଲେ । କିନ୍ତୁ ବଣିକ ଜଣାଇଲେ କି ତାଙ୍କ ଜାହାଜରେ ଜଣେ ସାଧ୍ୱୀ ମହିଳା ଅଛନ୍ତି । ତାଙ୍କୁ ସେ ତାଙ୍କର ଭଉଣୀ ତଥା ଗୁରୁ ଭଳି ମାନ୍ୟ କରନ୍ତି । ଦିନେ ସେ ତାଙ୍କୁ ସମୁଦ୍ରରେ ବୁଡ଼ିଯାଉଥିବା ଗୋଟାଏ ଜାହାଜରୁ ଉଦ୍ଧାର କରିଥିଲେ । ସେ ମହିଳା ଆସିବା ଦିନରୁହିଁ ତାଙ୍କର ଉନ୍ନତି ଘଟିଚାଲିଛି । ତାଙ୍କ ସୁରକ୍ଷା ଦୃଷ୍ଟିରୁ ସେ ରାତିରେ ଜାହାଜ ବାହାରେ ରହିବା ଠିକ୍ ହେବ ନାହିଁ । ରାଜା କହିଲେ, ''ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ମୋର ସବୁଠାରୁ ଦୁଇ ବିଶ୍ୱସ୍ତ ତରୁଣ ସେବକଙ୍କୁ ଜାହାଜକୁ ପଠାଇ ଦେଉଛି । ସେ ଦୁହେଁ ଯେତିକି ବୁଦ୍ଧିମାନ୍ ଓ ବିବେକୀ, ସେତିକି ସାହସୀ ।''

ବଣିକ ରାଜି ହେଲେ । ଦୁଇ ତରୁଣ ଯାଇ ଜାହାଜରେ ସାଧ୍ୱୀ ମହିଳାଙ୍କୁ ଜଗିଲେ ।

ସାନ ତରୁଣଟି ବଡ଼ ତରୁଣକୁ କହିଲା, ''ଗୋଟାଏ କାହାଣୀ କୁହନା । ତା'ହେଲେ ମୋତେ ନିଦ ଲାଗିବ ନାହିଁ ।''

ବଡ଼ କହିଲା, ''ଆରେ ଭାଇ, ମୋ ଜୀବନ-କାହାଣୀ ଛଡ଼ା ମୋତେ ଆଉ କୌଣସି କାହାଣୀ ଜଣା ନାହିଁ ।'' ଏହା କହି ସେ କେମିତି ଏକ ଝଡ଼ରାତିରେ ଜାହାଜ-ଡୁବିବା ଯୋଗୁଁ ପିତାମାତା ଓ ସାନ ଭାଇଠୁଁ ବିଚ୍ଛିନ୍ନ ହୋଇଗଲା ଏବଂ ଆଉ ଏକ ଜାହାଜ ତାକୁ ରକ୍ଷା କଲା, ସେ କାହାଣୀ ଗପିଗଲା ।

ସାନ ତରୁଣ ଏକାଗ୍ର ହୋଇ ଶୁଣୁଥାଏ । ସେ ପଚାରିଲା, ''ଆଚ୍ଛା, ତୁମ ବାପାଙ୍କ ନାମ ମନେ ଅଛି ?''

''ଆରେ, ମନେ ନ ରହିବ କିପରି ?'' ଏହା କହି ବଡ଼ ତରୁଣ ତା' ବାପାଙ୍କ ନାମ କହିବା ମାତ୍ରେ ସାନ ତରୁଣ ତାକୁ ଜଡ଼ାଇ ଧରି କହିଲା, ''ଭାଇ ମୋର ! ଏହି ଜଣକ

ତୁମର ସେଦିନର ହଜିଲା ସାନ ଭାଇ !'' ସାନ ଭାଇ ତା' କଥା ଗପିଲା । ତାକୁ ଉଦ୍ଧାର କରିଥିଲା ଆଉ ଏକ ଜାହାଜ । ଦୁଇ ଭାଇ ଆନନ୍ଦରେ କାନ୍ଦିଲେ । ସେମାନେ ବୁଝିପାରିଲେ ନାହିଁ ଯେ ଜାହାଜର କୋଠରି ଭିତରୁ ପର୍ଦାଦେଇ ସେମାନଙ୍କୁ ଦେଖୁଥିଲେ ଆଉ ଜଣେ ମଣିଷ ।

ସକାଳ ହୁଅନ୍ତେ ବଣିକ ଜାହାଜକୁ ଫେରିଗଲେ ଏବଂ ଦୁଇ ତରୁଣ ତାଙ୍କଠାରୁ ବିଦାୟ ନେଇ ରାଜାଙ୍କ ନଅରକୁ ଲେଉଟି ଆସିଲେ ।

ମାତ୍ର ଘଣ୍ଟାକ ପରେ ବଣିକ ଆସି ପୁଣି ରାଜାଙ୍କ ଆଗରେ ହାଜର ହୋଇ କହିଲେ, ''ମୋ ଭଉଣୀ ସେ ଦୁଇ ତରୁଣଙ୍କ ଠାରୁ କିଛି ଦାବି କରିବାକୁ ଚାହେଁ ।'' ମହିଳାଟି ମଧ ତାଙ୍କ ସାଙ୍ଗରେ ଆସିଥା'ନ୍ତି ।

''ଦାବି ?'' ଆଶ୍ଚର୍ଯ୍ୟ ହୋଇ ରାଜା ପଚାରିଲେ । ଓଢ଼ଣା ତଳୁ ମହିଳା ଜଣକ କହିଲେ, ''ରାଜନ ! ମୋର ଦାବି ହେଲା, ଦୁହେଁ ରାତିରେ ପରସ୍ପର ଯାହା ଗପିଥିଲେ, ଆଉ ଥରେ ତାହା ଗପନ୍ତୁ ! ନିଜ ବାପାଙ୍କ ନାମ ମଧ କୁହନ୍ତୁ ।''

ଦୁଇ ଭାଇ ସେ ଝଡ଼ରାତିର ଗପ ଗପି ସାରି ବାପାଙ୍କ ନାମ କହିବା ମାତ୍ରେ ରାଜା ସେମାନଙ୍କୁ କୁଣ୍ଢାଇ ପକାଇ କହିଲେ, ''ମୋ ପୁଅ ଦୁଇ ଜଣ !'' ସଙ୍ଗେ ସଙ୍ଗେ ଓଢ଼ଣା ଖୋଲି ସାଧ୍ୱୀ ମହିଳା ବି କହିଲେ, ''ମୋ ପୁଅ ଦୁଇ ଜଣ !!''

ତା'ପରେ କିଛି ସମୟ କେହି କୌଣସି ଶବ୍ଦ ଉଚ୍ଚାରଣ କରିପାରିଲେ ନାହିଁ । ବଣିକ ମଧ ନୀରବରେ ଆଖି ପୋଛିଲେ ।

ରାଜା ତାଙ୍କ ରାଣୀ ଏବଂ ଦୁଇ ପୁଅଙ୍କୁ ପାଇଛନ୍ତି ବୋଲି ରାଜ୍ୟଯାକ ଆନନ୍ଦର ଲହରି ଖେଳିଗଲା । କ୍ରମେ ସେ ଦ୍ୱୀପ ଏକ ଆଦର୍ଶ ରାଜ୍ୟରେ ପରିଣତ ହେଲା ।

('ମନୋଜ କିଶୋର ସାହିତ୍ୟ ସଙ୍କଳନ'ରୁ ସଂଗୃହୀତ, ପୃ. ୭୦୫ - ୭୧୦)

❑❑❑

## ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ହୋଲି ଶିବିର – ୨୦୨୪

ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ସଂପାଦକ, ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲି, ପୋ. ଜୟନ୍ତପୁର, ଜି. ସମ୍ବଲପୁର, ପିନ୍ - ୭୬୮ ୧୧୨, ମୋବାଇଲ୍ : ୯୪୩୭୨୬୩୮୦୭ ଜଣାଇଛନ୍ତି ଯେ ସମ୍ବଲପୁର ସହରରୁ ୧୩ କି. ମି. ଦୂରରେ ଦେବଗଡ଼ ରାସ୍ତାରେ କେନ୍ଦୁଘାଟି ଛକଠାରୁ ୨.୫ କି.ମି. ଦୂରତାରେ ଅବସ୍ଥିତ ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲିଠାରେ ସବୁ ବର୍ଷ ପରି ଏବର୍ଷ (୨୦୨୪ରେ) ମଧ ଆସନ୍ତା **ମାର୍ଚ୍ଚ ୨୪, ୨୫ ଓ ୨୬** ଏହି ତିନି ଦିନ ଧରି ୫୧ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ହୋଲି ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ସର୍ବଶ୍ରୀ ପ୍ରସାଦ ତ୍ରିପାଠୀ, ଡା. ବିରଞ୍ଚି ନାରାୟଣ ମହାପାତ୍ର, ଭାଗୀରଥି ମହାପାତ୍ର, ଭବେଶ ଚନ୍ଦ୍ର ସାହୁ ତଥା ଓଡ଼ିଶାର ଅନ୍ୟାନ୍ୟ ବିଶିଷ୍ଟ ମାତୃପ୍ରେମୀ ବକ୍ତାମାନେ ଉଦ୍‌ବୋଧନ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିରେ ଯୋଗଦାନକାରୀଙ୍କ ଲାଗି ସହଯୋଗ ରାଶି ୩୦.୦୦ ଟଙ୍କା ରଖାଯାଇଛି । ସବିଶେଷ ବିବରଣୀ ପାଇଁ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବା ଲାଗି ଅନୁରୋଧ ।

ଉଦୀୟମାନ ମାତୃକ୍ଷେତ୍ରର ମୋବାଇଲ ନମ୍ବର : **୮୨୮୦୧୬୦୪୩୫**

# ବୃକ୍ଷ ଅନ୍ତରର ଭାଷା

## ବନମାଳୀ ଆଚାର୍ଯ୍ୟ

ଅମୃତ ହେଉଛି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରୁଥିବା ଜଣେ ପଞ୍ଚମ ଶ୍ରେଣୀର ଛାତ୍ର । ଶ୍ରେଣୀ କୋଠରି ମଧ୍ୟକୁ ପ୍ରବେଶ କରିବା ସମୟରେ ସାମନା କଳାପଟାରେ ଉଲ୍ଲେଖ ଥିବା ଦିବ୍ୟଜନନୀ ଶ୍ରୀମା'ଙ୍କ ବାଣୀ ଉପରେ ତା'ର ନଜର ପଡ଼ିଲା । ଶାନ୍ତ ଓ ସ୍ଥିର ଭାବରେ ଠିଆହୋଇ ସେ ତାହାକୁ ପାଠ କଲା । ସେଥିରେ ଲେଖାଥିଲା – ''ମନୁଷ୍ୟ କହୁଥିବା କଥାର ଶବ୍ଦରେ ସମଗ୍ର ଜଗତ୍ ସତେ ଅବା ବଧିରା ହୋଇ ଯାଉଥିବା ପରି ମନେହୁଏ ଏବଂ ସେଥିଲାଗି ଅନେକ ସମୟରେ ଉଦ୍ଭିଦ ଜଗତର ସୌଷମ୍ୟମୟ ନୀରବତାଟି ମଧ୍ୟ ଆମର ପ୍ରାୟ ଶ୍ରୁତିଗୋଚର ହୋଇପାରେ ନାହିଁ ।'' କେହି ଜଣେ ଏହାକୁ ଶ୍ରୀମା'ଙ୍କର ଶିକ୍ଷା ପୁସ୍ତକରୁ ଉଦ୍ଧାର କରି ଲେଖିଥିଲେ । ଛାତ୍ରଛାତ୍ରୀମାନଙ୍କର ଏହା ଅଧିକ ବୋଧଗମ୍ୟ ହୋଇ ପାରିବା ଉଦ୍ଦେଶ୍ୟରେ ସେଦିନ ଶ୍ରେଣୀ ଶିକ୍ଷକ ଏକ ପ୍ରାସଙ୍ଗିକ କାହାଣୀ ସେମାନଙ୍କୁ ଶୁଣାଇଥିଲେ । କାହାଣୀଟି ଏହିପରି :

ଅନୁପ ଓ ଆଶିଷ ଦୁଇ ଜଣ ବନ୍ଧୁ । ଥରେ ଦୁହେଁ କୌଣସି କାମରେ ଦୂରାନ୍ତକୁ ଯାତ୍ରା କରୁଥିଲେ । ପଥ ମଧ୍ୟରେ ଗୋଟିଏ ନିର୍ଜନ ସ୍ଥାନରେ ସନ୍ଧ୍ୟା ହୋଇ ଆସିବାରୁ ଅନୁପ ଆଶିଷକୁ କହିଲା, ''ପଡ଼ିଆରେ ଥିବା ସେହି ବଡ଼ ଆମ୍ବଗଛଟିକୁ ଦେଖିପାରୁଛ ? ଆମେ ସେହି ଗଛ ତଳେ ବିଶ୍ରାମ ନେଲେ ଭଲ ହେବ । ଦିନ ସରି ଆସିଲାଣି । ନିକଟରେ କୌଣସି ଗାଁ ଦେଖାଯାଉ ନାହିଁ । ବିସ୍ତୀର୍ଣ୍ଣ ଖୋଲା ପଡ଼ିଆ । ବୃକ୍ଷଟି ପ୍ରତି ମୁଁ ଏକ ଅହେତୁକ ଆନ୍ତରିକ ଆକର୍ଷଣ ଅନୁଭବ କରୁଛି । ଅରଣ୍ୟ ଆମର ବହୁ ପଛରେ ରହି ଗଲାଣି । ହିଂସ୍ରଜନ୍ତୁ ଭୟର କୌଣସି କାରଣ ଆଉ ନାହିଁ ।'' ଆଶିଷ ମଧ୍ୟ ବିଶ୍ରାମ ଆବଶ୍ୟକ କରୁଥିଲା ଏବଂ ଅନୁପର କଥାରେ ନୀରବ ସମ୍ମତି ଜଣାଇଲା । ସାଇକେଲ ଚଳାଇ ସେମାନେ ଦୀର୍ଘପଥ ଅତିକ୍ରମ କରିଥିବାରୁ କ୍ଳାନ୍ତ ହୋଇ ପଡ଼ିଥିଲେ । ସାଇକେଲ ଦୁଇଟିକୁ କିଛି ଦୂରରେ ଠିଆ କରାଇ ସେମାନେ ବୃକ୍ଷତଳର ଶକ୍ତ ଚଟାଣ ଉପରେ ଚିତ୍ ହୋଇ ପଡ଼ି ରହିଲେ । ବୃକ୍ଷର ଗଣ୍ଡିଟି ବଡ଼ ଓ ଗୋଲାକାର ଥିଲା, ଠିକ୍ କେଉଁ ଅଜ୍ଞାତ ସ୍ଥପତିର କାରୁକାର୍ଯ୍ୟ ଭଳି । ଶାଖାଗୁଡ଼ିକ ବିସ୍ତୃତ ଓ ପତ୍ରଭରା ଥିଲା । ସେସମୟରେ ନୀରବ ରହିବାକୁ ଉଭୟ ଅଧିକ ପସନ୍ଦ କରୁଥିଲେ । ସେମାନଙ୍କୁ ନିଦ ଲାଗିଗଲା । ନିର୍ଜୀବ ସାଇକେଲ ଦୁଇଟି ଆରୋହୀଙ୍କ ଜାଗ୍ରତ୍ ହେବା ସମୟକୁ ପ୍ରତୀକ୍ଷା କରି ରହିଲେ ।

ସନ୍ଧ୍ୟା ପରେ ରାତ୍ରି ଆସିଲା । ତାରକାଖଚିତ ଆକାଶ ତଳେ ସ୍ଥାନଟି ଏକ ବିସ୍ମୟକର ନୀରବତା ଭିତରେ ବୁଡ଼ି ରହିଲା । ଅନୁପ ଏକ ସ୍ୱପ୍ନ ଦେଖିଲା । ବୃକ୍ଷର ଗୋଲାକାର ଗଣ୍ଡିଦେହରେ ମନୁଷ୍ୟର ମୁଖମଣ୍ଡଳ ଭଳି କିଛି ଦୃଶ୍ୟମାନ ହେଉଥିଲା । ମୁଖଟି କିଛି କହୁଥିବାର ଅନୁପ ଶୁଣିଲା । ବୃକ୍ଷ କହୁଥିଲା, ''ହେ ବାଳକ, ମୁଁ ତୁମକୁ ତୁମ ନିଜଠାରୁ ଅଧିକ ଭଲ ଭାବରେ ଜାଣେ । ତୁମର ଜଣେ ଯୁବକ ହେବାର ସମୟ ଏପର୍ଯ୍ୟନ୍ତ ଆସି ନାହିଁ । ମାତ୍ର ମୁଁ ଏଠାରେ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଠିଆହୋଇ ଘଟି ଚାଲିଥିବା ଘଟଣାବଳିକୁ ଜଣେ ମୂକସାକ୍ଷୀ ଭଳି ଦେଖିଆସୁଛି । ସ୍ଥାନୀୟ ଇତିହାସଠାରୁ ମୁଁ କୌଣସି ଭାବରେ କମ୍ ଜ୍ଞାନୀ ନୁହେଁ । ସ୍ୱପ୍ନ ଭିତରେ ବୃକ୍ଷର ନରମ କଥା ଅନୁପର ହୃଦୟକୁ ସ୍ପର୍ଶ କରୁଥିଲା । ସେ ତା'ର କଥା ଶୁଣିବାକୁ ଅନାବଶ୍ୟକ ମନେ କଲା ନାହିଁ । ବୃକ୍ଷ ଉଦ୍ଦେଶ୍ୟରେ ସେ କହିଲା, ''ମୁଁ ତୁମର କେଉଁ ସେବା କରିପାରେ ?''

ବିନମ୍ର ଭାବରେ ବୃକ୍ଷ ଉତ୍ତର ଦେଲା, ''ମୁଁ ଯାହା ଚାହେଁ ତାହା ହେଲା, ତୁମେ ମୋ କଥା ମନଦେଇ ଶୁଣ । କେବେହେଲେ କେହି ଜଣେ ମୋ କଥା ଶୁଣିବାକୁ ଆଗ୍ରହ ପ୍ରକାଶ କରି ନାହାନ୍ତି । ତୁମେ ସେମାନଙ୍କ ଭଳି ହେବ ନାହିଁ ବୋଲି ମୁଁ ଭାବୁଛି । ଦୀର୍ଘଦିନ ପ୍ରତୀକ୍ଷା କରି କରି ମୁଁ କ୍ଳାନ୍ତ ହୋଇପଡ଼ିଛି । ତୁମେ ଜଣେ ଉତ୍ତମ ବାଳକ ଏବଂ ତୁମର ଅତି ସୁନ୍ଦର ହୃଦୟଟିଏ ଅଛି । ମୋତେ ଯେତେବେଳେ ପାଖାପାଖି ତିରିଶ ଚାଲୁଥିଲା ଏବଂ ମୁଁ ଯୌବନର ଉଦ୍ଦାମତାକୁ ଅନୁଭବ କରିପାରୁଥିଲି ସେତେବେଳେ ମୁଁ ଆକାରରେ ଯଥେଷ୍ଟ ବଡ଼ ଓ ଘଞ୍ଚ ଥିଲି । ମୋ ଚତୁଃପାର୍ଶ୍ୱରେ ଥିବା ପ୍ରାନ୍ତରଟି ବୁଦା ଓ ବୃକ୍ଷରାଜିରେ ପୂର୍ଣ୍ଣ ଥିଲା । ନାନା ଜାତିର ପଶୁ, ପକ୍ଷୀ ଓ ସରୀସୃପମାନଙ୍କର ଏହା ନିବାସସ୍ଥଳୀ ଥିଲା । ଅକ୍ଟୋବର ମାସର ଏକ ଭୟାବହ ବାତ୍ୟାର ଅପ୍ରତ୍ୟାଶିତ ତାଣ୍ଡବରେ ମୋ

ସହିତ କେତେକକୁ ବାଦ୍ ଦେଲେ ଅନ୍ୟ ବୃକ୍ଷସବୁ ଧରାଶାୟୀ ହୋଇଗଲେ । ଦୁର୍ଭାଗ୍ୟ ଯେତେବେଳେ ଆସେ, ସାଙ୍ଗ ସାଥୀ ଧରି ଆସେ । ପରଦିନ କେତେକ ବ୍ୟକ୍ତି କୁରାଢ଼ି ଧରି ତଳେ ପଡ଼ିଥିବା ବୃକ୍ଷଗୁଡ଼ିକୁ କାଟିବାରେ ଲାଗିଲେ । ଅଧିକ କାଠ ସଂଗ୍ରହର ଲୋଭ ସେମାନଙ୍କୁ ଅନ୍ଧ କରି ଦେଇଥିଲା । ସେମାନେ ଅସହାୟ ଅବସ୍ଥାରେ ଠିଆ ହୋଇ ରହିଥିବା ବୃକ୍ଷଗୁଡ଼ିକୁ ମଧ କାଟି ଚାଲିଲେ । ମାତ୍ର ସୌଭାଗ୍ୟବଶତଃ, ଜଣେ ହୃଦୟବାନ୍ ବ୍ୟକ୍ତିଙ୍କ ହସ୍ତକ୍ଷେପ କାରଣରୁ ମୁଁ ବର୍ତ୍ତିଗଲି । ଗୋଟିଏ କଥା ମୁଁ ବୁଝି ନପାରି ବାରଂବାର କଷ୍ଟ ପାଉଛି । ମନୁଷ୍ୟମାନେ ବୃକ୍ଷ ପ୍ରତି ଏତେ ନିଷ୍ଠୁର କାହିଁକି ? ଆମ ଦୁର୍ଦ୍ଦିନରେ କାହିଁକି ସେମାନେ ଆମକୁ ରକ୍ଷା କଲେ ନାହିଁ ? ସେମାନେ କ'ଣ ବୃକ୍ଷକୁ ଭଲ ପାଇ ପାରିବେ ନାହିଁ ?''

ଅନୁପର ନିଦ ଭାଙ୍ଗିଗଲା । ସମୟ ମଧରାତ୍ର । ଆଶିଷର ଘୁଙ୍ଗୁଡ଼ି ଶବ୍ଦ ସେ ଶୁଣି ପାରୁଥିଲା । ବୃକ୍ଷ ନିକଟକୁ ଆସି ତା'ର ଗଣ୍ଡିକୁ ଆଉଜି ବସିଲା । ସେ ଭାବୁଥିଲା, ସ୍ୱପ୍ନ କେବେ ସତ ହୋଇ ନପାରେ । ଭାବନା ଭିତରେ ତାକୁ ନିଦ ଲାଗିଗଲା । ସ୍ୱପ୍ନରେ ବୃକ୍ଷ ତାକୁ କହିଚାଲିଲା, ''ନିଜକୁ ଶାନ୍ତ ରଖ । ଭୟ କର ନାହିଁ । ମୁଁ ତୁମ ଦୁଇଜଣଙ୍କୁ ଜଗି ରହିଛି । ମୋ କଥା ସରି ନାହିଁ । ଗୋଟିଏ ନିସ୍ତବ୍ଧ ରାତିର କଥା । ତିନିଜଣ ବଳଶାଳୀ ଲୋକ ମୋ ତଳେ ବିଶ୍ରାମ ନେବାକୁ ଅଶ୍ୱ ପିଠିରୁ ଓହ୍ଲାଇଲେ । ସେମାନେ ଅଦ୍ଭୁତ ପୋଷାକ ପିନ୍ଧିଥିଲେ । ସେମାନଙ୍କ ହାତରେ ବନ୍ଧୁକ ଓ କୃପାଣ ଥିଲା । ସେମାନେ ମୋ ଦେହକୁ ଆଉଜି ବସି ମାଂସଖଣ୍ଡସବୁ ଚୋବାଇ ଖାଇଲେ ଏବଂ ମାତାଲ ହେବା ପର୍ଯ୍ୟନ୍ତ ମଦ୍ୟପାନ କଲେ । ଚୋରି କରି ଆଣିଥିବା ସୁନାକୁ ନିଜ ଭିତରେ ବାଣ୍ଟି ନେବାକୁ ଉଦ୍ୟମ କଲେ । ଅଣାୟତ୍ତ ଅବସ୍ଥାରେ ଥିବାରୁ ସେମାନଙ୍କ ମଧରେ କଳି ଏବଂ ଦ୍ୱନ୍ଦ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ଅନ୍ତିମ ପରିଣାମଟି ଅତୀବ ଦୁର୍ଭାଗ୍ୟଜନକ ଥିଲା । ଜଣେ ଅନ୍ୟ ଦୁଇଜଣଙ୍କୁ କୃପାଣରେ ହତ୍ୟାକଲା ଏବଂ ଚୋରି ସୁନାକୁ ନେଇ ଅଶ୍ୱଛୁଟାଇ ପଳାୟନ କଲା । ମୁଁ ଭାବିପାରୁ ନାହିଁ, ମନୁଷ୍ୟର ହୃଦୟ କିପରି ପ୍ରେମ ଓ ଅନୁକମ୍ପା ବିବର୍ଜିତ ହୋଇ ଶୁଷ୍କ ହୋଇ ଯାଇପାରେ । ଜୀବନର ଗତି କ'ଣ କେବଳ ପତନ ଆଡ଼କୁ ?''

ଅସ୍ଥିର ଅବସ୍ଥାରେ ଅନୁପର ନିଦ ଭାଙ୍ଗିଗଲା । ଅଦୂରରେ ଏକ ଅସ୍ପଷ୍ଟ ଛାୟାରୂପ ବୃକ୍ଷ ସହ ମିଶିଯିବା ଭଳି ତା'ର ଅନୁଭବ ହେଲା । ରାତ୍ରିର ଅନ୍ଧକାର କ୍ରମଶଃ ବହଳ ହେଉଥିଲା । କ୍ଳାନ୍ତ ଅନୁପ ବୃକ୍ଷକୁ ଜାବୁଡ଼ିଧରି ଶୋଇ ପଡ଼ିଲା । ସ୍ୱପ୍ନରେ ବୃକ୍ଷ ଅନୁପକୁ କହିଲା, ''ଏକ ଅପରାହ୍ଣରେ ଦୁଇଜଣ ବ୍ୟକ୍ତି ମୋ ଶାଖାତଳେ ଠିଆ ହୋଇ ଏହି ଜଙ୍ଗଲ ଜମିରେ ଶସ୍ୟ ଉତ୍ପାଦନ କରିବାର ଯୋଜନା କରୁଥିଲେ । ପରଦିନ ସାରା ବନଭୂମିରେ ସେମାନେ ଅଗ୍ନି ସଂଯୋଗ କଲେ । ବୁଦାସବୁ ଜଳିଗଲା । ଅସଂଖ୍ୟ ଜୀବ ଜୀବନ୍ତ ଦଗ୍ଧ ହୋଇଗଲେ । ମୋ ଆନନ୍ଦର ଉତ୍ସଗୁଡ଼ିକ ପାଉଁଶ ହୋଇଗଲା ଏବଂ ମୋ ହୃଦୟଟି ଭାଙ୍ଗିଗଲା । ଆହୁରି ଆଶ୍ଚର୍ଯ୍ୟର କଥା, ସେମାନେ ଏ ସ୍ଥାନକୁ ଆଉ କେବେ ମଧ ଆସିଲେ ନାହିଁ ବା ଫସଲ ଫଳାଇଲେ ନାହିଁ । କାହିଁକି ମନୁଷ୍ୟ ତରବରରେ ଭୁଲ୍ ନିଷ୍ପତ୍ତି ନିଏ ? ସେ କାହିଁକି ହୃଦୟରୁ ବିଚାର କରେ ନାହିଁ ? ସେ କାହିଁକି ଛୋଟ ଜୀବ ବା ବୃକ୍ଷ ବିଷୟରେ କିଛି ଅନୁଭବ କରିପାରେ ନାହିଁ ?''

ସ୍ୱପ୍ନ ଭିତରେ ଅନୁପର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ବୃକ୍ଷ ପ୍ରତି ମନୁଷ୍ୟର ଶ୍ରଦ୍ଧା ଓ ଭଲ ପାଇବାରେ ଅଭାବ ରହି ଆସିଛି ଭାବି ସେ କାନ୍ଦି ପକାଇଲା । ସେ ବୃକ୍ଷକୁ ସାନ୍ତ୍ୱନା-ଦାୟକ ସ୍ୱରରେ କହିଲା – ''ଧରାପୃଷ୍ଠରେ ସମସ୍ତ ଜୀବସତ୍ତାଙ୍କର ତୁମେ ପୂର୍ବପୁରୁଷ । ଏପରିକି ମନୁଷ୍ୟ ବି ତୁମର ବଂଶଧର । ଯୁଗ ଯୁଗ ଧରି ମନୁଷ୍ୟ ତୁମକୁ ଅବହେଳା କରି ଆସିଛି ଏବଂ ତୁମେ ସେ ସମସ୍ତ କିଛି ସହ୍ୟ କରି ଆସିଛ । ସେ ତୁମର ସାହାଯ୍ୟକୁ କେବେହେଲେ ହୃଦୟଙ୍ଗମ କରିପାରି ନାହିଁ ବା ଏଥିସକାଶେ ତୁମ ପ୍ରତି କୃତଜ୍ଞତା ପ୍ରକାଶ କରି ନାହିଁ । ତଥାପି ଜଣେ ପୂର୍ବପୁରୁଷ ଭାବରେ ତୁମେ ମନୁଷ୍ୟକୁ ପୂର୍ବ ଭଳି ସାହାଯ୍ୟ କରିଚାଲ । ସେଥିରେ ତୁମର ମହାନତା ରହିଛି । ଆଗାମୀ ଦିନମାନଙ୍କରେ ବି ତୁମେ ମହାନ୍ ରହିବ ।'' ବୃକ୍ଷର ବେଦନାବିଜଡ଼ିତ କଣ୍ଠସ୍ୱର ଅନୁପକୁ ଶୁଭୁଥିଲା – ''ବୃକ୍ଷର କ'ଣ ବଞ୍ଚିବାର ଅଧିକାର ନାହିଁ ? ମନୁଷ୍ୟ କାହିଁକି ତା' ପ୍ରତି ଶତ୍ରୁଭାବ ଦେଖାଉଛି ? ଜଙ୍ଗଲର କ୍ଷୟ ବଢ଼ି ଚାଲିଛି । ସବୁଜ ପୃଥିବୀ ଧୂସର ପାଲଟୁଛି । ମନୁଷ୍ୟ ତାହାର ସ୍ୱାର୍ଥ ଓ ଅହଂକୁ ଛାଡ଼ି ପାରୁ ନାହିଁ, ଯାହା ତାହାକୁ ବିପଥଗାମୀ କରାଇ ଆସୁଛି । ତୁମେ ଚେଷ୍ଟା କଲେ ଏଥିରେ କ'ଣ ପରିବର୍ତ୍ତନ ଆସିବ ନାହିଁ ?''

ଅଧିକ ମନସ୍ତାପ କାରଣରୁ ଅନୁପର ନିଦ ଭାଙ୍ଗିଗଲା । ସକାଳ ହୋଇ ଆସୁଥିଲା । ସେ ଅନୁଭବ କଲା, ସ୍ୱପ୍ନରେ ବୃକ୍ଷ ଯାହାସବୁ କହୁଥିଲା, କେବଳ ସତକଥାହିଁ କହୁଥିଲା । ମାତ୍ର ସେ ଅନ୍ୟମାନଙ୍କୁ କିପରି ବୁଝାଇବ ଯେ ନୀରବତା ଭିତରେ ବୃକ୍ଷର ଭାଷା ବା କମ୍ପନକୁ ଏକ ଶ୍ରଦ୍ଧାପୂର୍ଣ୍ଣ ସରଳ

ହୃଦୟ ଠିକ୍ ଭାବରେ ଶୁଣିପାରେ ଓ ବୁଝିପାରେ ଏବଂ ବୃକ୍ଷ ସେହି ବନ୍ଧୁ ଯିଏ ମନୁଷ୍ୟଠାରୁ କିଛି ବି ଆଶାକରେ ନାହିଁ ବା ତାହାର କୌଣସି କ୍ଷତି ଘଟାଏ ନାହିଁ ।

କାହାଣୀଟିରେ ବୃକ୍ଷ ମନୁଷ୍ୟର ଦୋଷ ଦୁର୍ବଳତାକୁ ଦେଖି ପାରୁଛି ଏବଂ ସେସବୁର ପରିବର୍ତ୍ତନ ସକାଶେ ଉଦ୍ୟମ କରିବାକୁ ଅନୁପକୁ ଉତ୍ସାହିତ କରୁଛି । ମନୁଷ୍ୟ ଯାହାକିଛି କରେ, ତାହାର ପ୍ରକୃତିବଶରେ କରେ । ତା'ର ପ୍ରକୃତି ତାହାହିଁ କରି ଥାଏ ଯାହା ତାହାର ଚେତନା ଭିତରେ ରହିଥାଏ । ସାଧାରଣ ଚେତନାରେ ବାସ କରୁଥିବା ମନୁଷ୍ୟ ନିଜର ଅହଂ ଭିତରୁ ବାହାରି ଆସି ନଥାଏ । ନିମ୍ନ ପ୍ରକୃତି ତା'ର ଅହଂକୁ ମାଧ୍ୟମ କରି ତା' ଭିତରେ କାର୍ଯ୍ୟ କରେ । ମନୁଷ୍ୟ କେବଳ ଅଜ୍ଞାନତା ଓ ଦୁଃଖ ଭିତରେ ରହିଯାଏ । ନିଜକୁ ଓ ଅନ୍ୟକୁ ଠିକ୍ ଭାବରେ ଜାଣି ପାରେ ନାହିଁ ।

ପୂର୍ଣ୍ଣଯୋଗରେ ଦିବ୍ୟଜନନୀ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦ 'ଚେତନାର ପରିବର୍ତ୍ତନ' ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାର ଅର୍ଥ ହେଲା ମନୁଷ୍ୟ ଯେଉଁ ସାଧାରଣ ଚେତନାରେ ବାସ କରି ଆସୁଛି, ତାହାର ଊର୍ଦ୍ଧ୍ୱକୁ ଉଠିଯିବା ଏବଂ ଉଚ୍ଚତର ଚେତନା ବା ଭାଗବତ ଚେତନା ମଧ୍ୟକୁ ଆରୋହଣ କରିବା । ମା'ଙ୍କ ଶକ୍ତି ପ୍ରତି ଜଣେ ଉନ୍ମୁକ୍ତ ରହିଲେ, ତାହା ଆଧାରର ସକଳ ଆବରଣକୁ ଛିନ୍ନ କରି ଦେଇପାରେ ଏବଂ ଅତିମାନସ ସାଧନା ପାଇଁ ଆଧାରକୁ ପ୍ରସ୍ତୁତ କରେ । ଉନ୍ମୁକ୍ତ ରହିବାର ଅର୍ଥ ହେଲା ମା'ଙ୍କର ଶକ୍ତିକୁ ନିଜ ଭିତରେ କାର୍ଯ୍ୟ କରିବାକୁ ଦେବା ଏବଂ ସେଥିରେ କୌଣସି ବାଧା ସୃଷ୍ଟି ନକରିବା । ଊର୍ଦ୍ଧ୍ୱସ୍ଥ ଦିବ୍ୟ ଅତିମାନସ ଚେତନା, ଆଲୋକ ଓ ଶକ୍ତି ନିମ୍ନ ପ୍ରକୃତି ଅଧୀନରେ ଥିବା ମନ, ପ୍ରାଣ ଓ ଦେହ ମଧ୍ୟକୁ ପୂର୍ଣ୍ଣସତ୍ୟ ଅବତରଣ କରି ଧରାରେ କାର୍ଯ୍ୟ କରନ୍ତି ଏବଂ ସେସମସ୍ତକୁ ଭାଗବତ ଦିବ୍ୟ ତତ୍ତ୍ୱରେ ଗଠନ କରନ୍ତି । ଆମ ହୃଦୟର ଗଭୀରରେ ଚୈତ୍ୟସତ୍ତାଙ୍କ ସ୍ଥାନ । ଚେତନା ଯଦି ଗଭୀରକୁ ଯାଏ, ତାହା ଚୈତ୍ୟସତ୍ତାଙ୍କ ସହ ଯୁକ୍ତ ହୁଏ । ଚୈତ୍ୟସତ୍ତା ପ୍ରତିକ୍ଷଣ ମା'ଙ୍କ ପ୍ରତି ଉନ୍ମୁକ୍ତ ଥାଏ । ମସ୍ତକର ଊର୍ଦ୍ଧ୍ୱରେ ଥିବା ସହସ୍ରାର ଚେତନା ଯୁକ୍ତ ହେଲେ ତାହା ବ୍ୟାପକ ହୁଏ । ସର୍ବତ୍ର ଓ ସବୁରି ଭିତରେ ଭଗବାନଙ୍କ ଏକତ୍ୱକୁ ଉପଲବ୍ଧି କରେ । ସୀମାବଦ୍ଧ ବ୍ୟକ୍ତିର ଚେତନା ସମ୍ପ୍ରସାରିତ ହୋଇ ଅସୀମ ହୋଇଯାଏ । ଚେତନା ବହୁ ଊର୍ଦ୍ଧ୍ୱକୁ ଉଠି ଲୋକୋତ୍ତର ଅତିମାନସ ଚେତନା, ଆଲୋକ, ଶକ୍ତି ଓ ଜ୍ଞାନ ଉପଲବ୍ଧି କରେ ଏବଂ ଊର୍ଦ୍ଧ୍ୱରୁ ସେସମସ୍ତର ଅବତରଣ ଫଳରେ ନିମ୍ନପ୍ରକୃତି ମଧ୍ୟରେ ରୂପାନ୍ତର ସାଧନା ଚାଲେ । କେବଳ ମା'ଙ୍କର ଦିବ୍ୟକୃପାରେ ଏବଂ ତାଙ୍କର ଦିବ୍ୟଶକ୍ତିରେ ଏହା ସମ୍ଭବ ହୋଇଥାଏ, କୌଣସି ମାନୁଷୀ ଧାରାରେ ନୁହେଁ । ଦିବ୍ୟଜନନୀ ଶ୍ରୀମା ଏବଂ ପରମପ୍ରଭୁ ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗ ମାଧ୍ୟମରେ ଏହି ଶିକ୍ଷା ଜଗତକୁ ଦେଇଛନ୍ତି, ବାଟ ଦେଖାଇଛନ୍ତି ଏବଂ ନିରନ୍ତର ତାହା କରି ଚାଲିଛନ୍ତି ମଧ୍ୟ । ❑

ଚେତନାର ଏହି ପରିବର୍ତ୍ତନ ଓ ଏଥିଲାଗି ପ୍ରସ୍ତୁତି ଅଧିକାଂଶ ସମୟରେ ଏକ ଅଣ୍ଡା ମଧ୍ୟରେ କୁକୁଡ଼ା ଛୁଆ ଗଠିତ ହେବା ସହିତ ତୁଳନା କରାଯାଏ : ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅଣ୍ଡା ସେଇ ଏକାଭଳି ରହେ, ସେଥିରେ କୌଣସି ପରିବର୍ତ୍ତନ ହୁଏ ନାହିଁ, କେବଳ କୁକୁଡ଼ା ଛୁଆ ଯେତେବେଳେ ପୂର୍ଣ୍ଣରୂପେ ଆକାର ଧାରଣ କରେ, ସମ୍ପୂର୍ଣ୍ଣ ସତେଜ ଥାଏ, ସେତେବେଳେ ଏହା ନିଜେ ସେଇ ଖୋଳକୁ ଏହାର ଛୋଟ ଥଣ୍ଟଦେଇ କଣାକରେ ଏବଂ ସେଥିରୁ ବାହାରି ଆସେ । ଚେତନାର ପରିବର୍ତ୍ତନ ସମୟରେ ଠିକ୍ ସେହିପରି କିଛି ଘଟିଥାଏ । ଅନେକ ସମୟ ପର୍ଯ୍ୟନ୍ତ ତୁମର ଧାରଣା ହୁଏ ଯେ କିଛି ବି ହେଉ ନାହିଁ, ତୁମର ଚେତନା ଯେପରି ଥିଲା ସେହିପରି ରହିଛି; ଏପରିକି ତୁମର ଯଦି ଏକ ତୀବ୍ର ଆସ୍ପୃହା ଥାଏ ତେବେ ମଧ୍ୟ ତୁମେ ଏକ ପ୍ରତିରୋଧ ଅନୁଭବ କରିପାର, ଯେପରି ଘୁଞ୍ଚୁ ନ ଥିବା ଏକ କାନ୍ଥ ଉପରେ ତୁମେ ଧକ୍କା ମାରୁଛ । କିନ୍ତୁ ଯେତେବେଳେ ଭିତରେ ଭିତରେ ତୁମେ ପ୍ରସ୍ତୁତ ହୋଇ ସାରିଛ, ଏକ ଶେଷ ପ୍ରଚେଷ୍ଟାରେ ତୁମ ସତ୍ତାର ଖୋଳ ଉପରେ ଖୁମ୍ପି ଦିଅ, ସବୁ ଜିନିଷ ଖୋଲିଯାଏ ଏବଂ ତୁମେ ଅନ୍ୟ ଏକ ଚେତନାକୁ ଉଦ୍‌ଗତ ହୋଇଯାଅ ।

— ଶ୍ରୀମା

**ଗୁଜରାଟୀ ଶିଶୁ ଗଳ୍ପ :**

# ରାମରାଜ୍ୟର ମୋତି

## ରମଣଲାଲ ସୋନି

ହସ୍ତିନାପୁରର ରାଜା ଦରବାରରେ ଉପବେଶନ କରି-ଥାଆନ୍ତି; ଏହି ସମୟରେ ଭାଟଟିଏ ସେଠାରେ ପ୍ରବେଶ କଲା ଓ ରାଜାଙ୍କର ସ୍ତୁତିଗାନ କରି ଗୀତଟିଏ ଗାଇଲା :

ଧନ୍ୟ ଧନ୍ୟ ରାଜା, ଧନ୍ୟ ତୁମ ଭାଇ,
ରାମ-ଲକ୍ଷ୍ମଣଙ୍କ ଯୋଡ଼ି ସତେକି ।
ଧନ୍ୟ ଏହି ଦରବାର, ଧନ୍ୟ ଦରବାରୀଗଣ,
ଅପୂର୍ବ ଏ ଦରବାର ସତେକି ।

ସମସ୍ତେ ଭାରି ଖୁସୀ ହେଲେ । ଭାଟ ପୁଣି ଆହୁରି ଗାଇଲା :

ଧନ୍ୟ ଏହି ବ୍ରାହ୍ମଣ, ଧନ୍ୟ ଏହି କ୍ଷତ୍ରିୟ,
ଧନ୍ୟ ପୃଥିବୀର ଏଭଳି ସୃଷ୍ଟି ।
ଧନ୍ୟ ରାଜା ତୁମ ରାଜ୍ୟେ ସଭିଏଁ ସୁଖୀ,
ଚାହିଁଲା କ୍ଷଣି ହୁଏ ମେଘ ବୃଷ୍ଟି ।

ଭାଟର ଗୀତ ଶୁଣି ସମସ୍ତେ 'ବାହା', 'ବାହା' କଲେ । ସେତିକିବେଳେ ସେଠାକୁ କାଉଟିଏ କେଉଁଠୁ ଉଡ଼ି ଆସିଲା ଏବଂ ଭାଟର ପଗଡ଼ି ଉପରେ ମଳତ୍ୟାଗ କରିଦେଇ କହିଲା; ''ମିଛୁଆ ମୁଣ୍ଡ ଉପରେ 'ଛି' !''

ତା'ପରେ କାଉ କହିଲା : ''ହେ ରାଜା, ତୁମେ ରାମ ନୁହଁ, ତୁମର ରାଜ୍ୟ ରାମରାଜ୍ୟ ନୁହେଁ, ଏଠି ଚାହିଁଲେ ବର୍ଷା ହେଉ ନାହିଁ କି ଏଠାରେ ସମସ୍ତେ ସୁଖୀ ନୁହନ୍ତି ।''

ଭାଟ କହିଲା : ''ମହାରାଜ, ଏଟା ତ କବିତାଟିଏ, ଏହି କାଉଟି କବିତା କହିଲେ କ'ଣ ବୁଝିବ ଯେ ?''

କାଉ କହିଲା : ''କାଉ କବିତା ବୁଝେ ନାହିଁ, କିନ୍ତୁ ରାମରାଜ୍ୟ କ'ଣ ସେକଥା ଭଲ ଭାବରେ ବୁଝିଛି ।''

ରାଜା କହିଲେ : ''କ'ଣ ବୁଝିଛୁ କହିଲୁ ।''

କାଉ କହିଲା : ''ମୁହଁରେ କହି ଲାଭ କ'ଣ ? ଆଖିରେ ଦେଖେଇ ଦେବି ! ଆପଣଙ୍କ ରାଜ୍ୟରୁ ଚାରିଜଣ ଉତ୍ତମ ଲୋକଙ୍କୁ ମୋ ସାଙ୍ଗରେ ପଠାନ୍ତୁ !''

ରାଜା ତତ୍‌କ୍ଷଣାତ୍ ରାଜପୁରୋହିତ, ସେନାପତି, ନଗର ଶେଠ ଏବଂ ରାଜସେବକ — ଏଭଳି ଚାରି ଜଣଙ୍କୁ ବାଛି କାଉ ସାଙ୍ଗରେ ପଠାଇଲେ । ସେମାନେ ଚାରିଜଣ ଘୋଡ଼ା ଚଢ଼ି କାଉ ପଛେ ପଛେ ଗଲେ । କିଛିଦିନ ଘୋଡ଼ାରେ ଚଢ଼ି ଗଲା ପରେ ସେମାନେ ସରଯୂ ନଦୀ କୂଳରେ ଅଯୋଧ୍ୟା ନଗରୀରେ ପହଞ୍ଚିଲେ । ସେଠାରେ ଗୋଟିଏ ନିକାଞ୍ଚନ ଛୋଟ ପାହାଡ଼ ଉପରେ ବିରାଟ ବଟ ବୃକ୍ଷଟିଏ ଥିଲା । କାଉ ସେଠାରେ ଗୋଟିଏ ଜାଗା ଦେଖାଇ କହିଲା : ''ହେ ଭଦ୍ରବ୍ୟକ୍ତିମାନେ ! ଏହି ଜାଗାଟିକୁ ଖୋଳ ।''

ମାଟି ଖୋଳୁ ଖୋଳୁ ଘଣ୍ଟଟିଏ ଦିଶିଲା । ଚାରିଜଣଯାକ ବଳ ପ୍ରୟୋଗ କରି ଘଣ୍ଟଟିକୁ ଉଠାଇବାରୁ ତା' ତଳେ ସୁନା ଥାଳିଆଟିଏ ଏବଂ ସେହି ଥାଳିଆରେ ବରକୋଳି ଭଳି ବଡ଼ ବଡ଼ ମୋତି ଥିବାର ଦେଖିଲେ । ଗଣିଲାରୁ ପୂରା ଅଠରଟି ମୋତି ! କାଉ କହିଲା : ''ମୋତିଗୁଡ଼ିକ ସହ ଥାଳିଆଟିକୁ ସାଥିରେ ଧରନ୍ତୁ । ଏବେ ଆମେ ତାହା ରାଜାଙ୍କ ପାଖକୁ ନେଇଯିବା ।''

କ୍ଷଣକ ଭିତରେ ଚାରିଜଣଯାକ ଭଦ୍ରବ୍ୟକ୍ତି ଠରାଠରି ହୋଇ ଗୋଟିଏ ଗୋଟିଏ ମୋତି ନେଇ ନିଜ ପୋଷାକ ଭିତରେ ଲୁଚାଇ ଦେଲେ । ପରେ ଅବଶିଷ୍ଟ ମୋତି ସହ ଥାଳିଆଟିକୁ ସଯତ୍ନରେ ରଖି କାଉ ପଛରେ ଚାଲିଲେ ।

ହସ୍ତିନାପୁରର ରାଜା ଦରବାରରେ ବସିଥାଆନ୍ତି । ଏହି ଚାରିଜଣ ସେଠାରେ ଉପସ୍ଥିତ ହୋଇ ମୋତିଭରା ସୁନା ଥାଳିଆଟି ରାଜାଙ୍କ ସମ୍ମୁଖରେ ଉପସ୍ଥାପନ କଲେ । ତାହା ଦେଖି ରାଜାଙ୍କ ଆଖି ଝଲସି ଗଲା । ମାତ୍ର ଏତେସବୁ ମୋତି ତଥା ସୁନା ଥାଳିଆଟି କାହାର, କେଉଁଠୁ ଆସିଲା, କ'ଣ ପାଇଁ ଏଠାକୁ ଅଣାଯାଇଛି — ରାଜା କିଛି ନ ପଚାରି ମନ୍ତ୍ରୀଙ୍କୁ ସିଧା ହୁକୁମ ଦେଲେ, ''ମୋତି ଥାଳିଆଟି ମୋର ବ୍ୟକ୍ତିଗତ ରାଜକୋଷରେ ରଖିଦିଅ ।''

ମନ୍ତ୍ରୀ ଥାଳିଆଟି ଧରି ରାଜାଙ୍କ ଆଜ୍ଞା ପାଳନ ଉଦ୍ଦେଶ୍ୟରେ ଚାଲିଲେ । ସେତିକିବେଳେ ରାଜାଙ୍କର ସାନଭାଇ ତାଙ୍କର ଅନୁସରଣ କଲେ ଓ କହିଲେ : ''ଚାରିଗୋଟି ମୋତି ମୋତେ ଦେଇଦିଅ ! ନହେଲେ ଦେଖୁଛ ତ ଏହି ତରବାରି ...''

ମନ୍ତ୍ରୀ ସାଙ୍ଗେ ସାଙ୍ଗେ ଚାରିଗୋଟି ମୋତି ତାଙ୍କୁ ଦେଇ ଦେଲେ । ସେତିକିବେଳେ ପ୍ରାଙ୍ଗଣରେ ବୁଲୁଥିବା ମହାରାଣୀଙ୍କର

ନଜର ପଡ଼ିଲା ମୋତି ଥିବା ଥାଳିଆଟି ଉପରେ । ସେ ସଙ୍ଗେ ସଙ୍ଗେ ହୁକୁମ କଲେ; ''ସେହି ସୁନା ଥାଳିଆ ସହ ମୋତିଗୁଡ଼ିକ ମୋତେ ଦିଆଯାଉ ।''

ମନ୍ତ୍ରୀ ରାଣୀଙ୍କ ଆଦେଶ ମୁତାବକ ଥାଳିଆ ସହ ଅବଶିଷ୍ଟ ମୋତି ରାଣୀଙ୍କ ଛାମୁରେ ଜମା କରି ରାଜଦରବାରକୁ ଲେଉଟି ଗଲେ ।

ରାଣୀଙ୍କୁ ମୋତିଗୁଡ଼ିକ ଏତେ ଭଲଲାଗିଲା ଯେ ସେ ସାଙ୍ଗେ ସାଙ୍ଗେ ସୁନାରିକୁ ଡାକି ତହିଁରେ ହାରଟିଏ ତିଆରି କରିଦେବା ପାଇଁ ଆଦେଶ ଦେଲେ । ସୁନାରି ମୋତିକୁ ଦେଖୁ ଦେଖୁ କହିଲା : ''ମହାରାଣୀ, ହାର ପାଇଁ ପୂରା ଅଠରଟି ମୋତି ଦରକାର ।''

ରାଣୀ ସଙ୍ଗେ ସଙ୍ଗେ ରାଜାଙ୍କ ନିକଟରେ ଗୁହାରି କଲେ : ''ଯେଉଁଠୁ ଏହି ଆଠଟି ମୋତି ଆସିଛି, ସେଇଠୁ ଆଉ ଦଶଟି ମୋତି ମୋ ପାଇଁ ମଗେଇ ଦିଅନ୍ତୁ । ମୁଁ ତହିଁରେ ହାରଟିଏ କରି ପିନ୍ଧିବି ।''

ରାଜା ଆଶ୍ଚର୍ଯ୍ୟ ହୋଇ କହିଲେ : ''ଆରେ, ଆଠଟି କ'ଣ, ଥାଳିଆରେ ତ ଚଉଦଟି ମୋତି ଥିଲା ।''

ରାଣୀ କହିଲେ : ''ନା, ମାତ୍ର ଆଠଟି ମୋତି ଥିଲା ।''

ରାଜା ମନ୍ତ୍ରୀଙ୍କୁ ଡାକି ପଚାରିଲେ : ''ଆଉ ଛଅଟି ମୋତି କୁଆଡ଼େ ଗଲା ?''

ମନ୍ତ୍ରୀ ଦୋଷମୁକ୍ତ ହେବା ପାଇଁ କହିଲେ : ''ଆପଣଙ୍କ ଭାଇ – ମୋତେ ତରବାରି ଦେଖାଇ କିଛି ମୋତି ନେଇଯାଇଛନ୍ତି ।''

ରାଜାଙ୍କର ଭାଇ ଦେଖିଲେ ଯେ ଦୋଷ ତାଙ୍କ ମୁଣ୍ଡକୁ ଆସିଲାଣି । ସେ ସଙ୍ଗେସଙ୍ଗେ କହିଲେ, ''ମୁଁ ତ ଖାଲି ଚାରୋଟି ମୋତି ନେଇଛି ! ହେଇ ନିଅନ୍ତୁ !''

ଏଥର ରାଜା ନାଲି ଆଖି କରି ମନ୍ତ୍ରୀଙ୍କୁ କହିଲେ : ''ଚାରୋଟି ନା ଛଅଟି ?''

ସାଙ୍ଗେ ସାଙ୍ଗେ ମନ୍ତ୍ରୀ ନିଜ ପାଖରୁ ଦୁଇଟି ମୋତି କାଢ଼ି ଦେଇଦେଲେ : ''ଚାରି ଏବଂ ଏହି ଦୁଇଟି !''

ରାଣୀ କହିଲେ : ''ଏବେ ମାତ୍ର ଚାରୋଟି ମୋତି ଦରକାର !''

କାଉ କହିଲା : ''ତାହା ମଧ୍ୟ ମିଳିଯିବ !''

ରାଜା କହିଲେ : ''କେମିତି ମିଳିବ ? ଥାଳିଆରେ ତ ପ୍ରଥମରୁହିଁ ଚଉଦଟି ମୋତି ଥିଲା । ମୁଁ ଭଲ କରି ଗଣିଥିଲି ।''

କାଉ କହିଲା :''ଏହା ପୂର୍ବରୁ ଆପଣ ପଠାଇଥିବା ଚାରିଜଣ ଭଦ୍ରଲୋକ ଗଣିଥିଲେ, ଥାଳିଆରେ ଅଠରଟି ମୋତି ଥିଲା ।''

ଏହା ଶୁଣି ଭଦ୍ରବ୍ୟକ୍ତି ଚାରିଜଣଙ୍କର ମୁହଁ କଳା ପଡ଼ିଗଲା ।

ରାଜା ଲାଲ ଆଖି କରି ସେମାନଙ୍କ ଆଡ଼କୁ ଚାହିଁଲେ । ଚାରିଜଣଯାକ ଡରି ଯାଇ ନିଜ ପୋଷାକରେ ଲୁଚାଇଥିବା ମୋତି କାଢ଼ି ରାଜାଙ୍କୁ ଦେଇଦେଲେ ।

ରାଣୀ କହିଲେ : ''ବାଃ ! ଏଣିକି ଅଠରଟି ମୋତି ହୋଇଗଲା । ମୋ ପାଇଁ ସୁନ୍ଦର ହାରଟିଏ ତିଆରି ହୋଇପାରିବ !''

କାଉ କହିଲା : ''ମହାରାଜ ! ଦେଖିଲେ ତ ? ଆପଣଙ୍କର ସର୍ବୋତ୍ତମ ଭଦ୍ରଲୋକଙ୍କୁ ! ମନ୍ତ୍ରୀଙ୍କୁ ! ଆପଣାର ଭାଇଙ୍କୁ ! ରାଣୀ ତଥା ନିଜକୁ... !''

ରାଜା କହିଲେ : ''ମୁଁ ନିଜେ ମାନେ କ'ଣ ? ମୁଁ ବା କ'ଣ କରିଛି ?''

କାଉ କହିଲା : ''ତାହା ଜାଣିବା ପାଇଁ ମୋତେ ଆପଣଙ୍କୁ ମୋତିର କାହାଣୀଟି କହିବାକୁ ପଡ଼ିବ । ଏଥର ଶୁଣନ୍ତୁ :

''ସେକାଳର କଥା । ଅଯୋଧ୍ୟାରେ ରାଜା ଶ୍ରୀରାମ ରାଜୁତି କରୁଥିଲେ । ଥରେ ଗୋଟିଏ ଗ୍ରାମରେ ଶେଠଙ୍କର ପୁତ୍ରବଧୂ ଏକ କଠିନ ଉପବାସ-ବ୍ରତ ପାଳନ କରିଥାଏ । ଏହି ବ୍ରତ ଉଦ୍‌ଯାପନ ବେଳେ ସେ ଜିଦ୍ ଧରିଲା ଯେ, 'ମାତା ସୀତା ନିଜ ହାତରେ ମୋତେ ଖୁଆଇଲେହିଁ ମୁଁ ଖାଇବି ।' ଶେଠ ଯାଇ ସୀତାଙ୍କୁ ଗୁହାରି କଲେ ଯେ ମୋର ପୁତ୍ରବଧୂ ବାୟାଣୀଟିଏ । ସେ ଏଭଳି ଅଳି କରି ବସିଛି; କ'ଣ କରିବି ? ଏହା ଶୁଣି ଦେବୀ ସୀତା କହିଲେ : 'ଝିଅ ମାଆ ପାଖରେ ଅଳି ନକଲେ କାହା ପାଖରେ କରିବ ? ଚାଲ, ମୁଁ ତୁମ ସହିତ ଯିବି ।' ଏହା କହି ସେ ସାଙ୍ଗେ ସାଙ୍ଗେ ଶେଠଙ୍କ ଘରକୁ ଯାଇ ବୋହୂଟିକୁ କୋଳରେ ବସାଇ ନିଜ ହାତରେ ଖୁଆଇ ଦେଲେ । ପରେ ରାଜଉଆସକୁ ଫେରିଲା ବେଳେ ଶେଠ ମହୋଦୟ ସୁନା ଥାଳିଆରେ ଅଠରଟି ମୋତି ତାଙ୍କୁ ଭେଟି ଦେବାକୁ ଚାହିଁଲେ । ମାଆ ସୀତା କହିଲେ : 'ଝିଅ ଘର ଜିନିଷ ମୁଁ ନେବା କଥା ନୁହେଁ ।' ଏତିକି କହି ସେ ରଥ ଚଢ଼ି ଚାଲିଗଲେ । ହାତରେ ଥାଳିଆ ଧରି ଶେଠ 'ମାଆ' 'ମାଆ' କହି ତାଙ୍କୁ ଅନୁସରଣ କଲେ । କିନ୍ତୁ ସୀତାଦେବୀଙ୍କର ମହଲର ଦ୍ୱାର ବନ୍ଦ ଦେଖି

ମୋତିଭରା ଥାଳିଆଟି ଅଗଣାରେ ସଯତ୍ନରେ ରଖି ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଶେଠ ବାହୁଡ଼ି ଗଲେ । ତା'ପରେ କେତେ ଯେ ଲୋକ ସେ ବାଟଦେଇ ଗଲେ, କେହି ଜଣେହେଲେ ସେ ଥାଳିଆକୁ ଛୁଇଁଲେ ନାହିଁ ।

''ରାତିରେ ପ୍ରହରୀ ଅଗଣାରେ ପହରା ଦେଉଥାଏ । ଏହି ଥାଳିଆଟି ଦେଖି ଗୋଟିଏ ବଡ଼ ଘଣ୍ଟ ଆଣି ସେ ତା' ଉପରେ ଘୋଡ଼ାଇ ଦେଲା । ବାସ୍ ! ସେହିଦିନଠୁ ମୋତି ଥାଳିଆଟି ଘଣ୍ଟତଳେହିଁ ପଡ଼ିରହିଲା । କେହି ଘଣ୍ଟ ଟେକି ଦେଖିଲେ ନାହିଁ ତାହା ତଳେ କ'ଣ ଅଛି, ନା କେହି ତା' ବିଷୟରେ କିଛି ପଚାରିଲେ । ଅନେକ ବର୍ଷ ବିତିଗଲା, ଅନେକ ଯୁଗ ଗଡ଼ିଗଲା, ଘଣ୍ଟ ପୋତି ହୋଇଗଲା । ସେହି ଜାଗାରେ ଆଜି ଗୋଟିଏ ବିଶାଳ ବଟବୃକ୍ଷ ଛିଡ଼ା ହୋଇଛି ।''

ରାଜା ପଚାରିଲେ : ''କିନ୍ତୁ କାକ ! ତୁ ଏକଥା କିପରି ଜାଣିଲୁ ? ତୁ ତ ମାତ୍ର କାକ ପକ୍ଷୀଟିଏ !''

କାଉ ହସି ଦେଇ କହିଲା : ''ମହାରାଜ ! କଥା କହି ପାରୁଥିବା ମଣିଷଙ୍କର ମୂକ ପଶୁପକ୍ଷୀମାନଙ୍କ ପାଖରୁ ଅନେକ କଥା ଜାଣିବାର, ଶିଖିବାର ଅଛି । ଭୂଷଣ୍ଡ କାକର ନାମ ତ ଆପଣ ଶୁଣିଥିବେ ! ମୁଁ ସେହି ମହାଯୋଗୀ ଭକ୍ତ ଭୂଷଣ୍ଡ କାକଙ୍କର ବଂଶଧର ଅଟେ । ମୋ ବଂଶରେ ହଜାର ହଜାର ବର୍ଷ ତଳରୁ ରାମରାଜ୍ୟର ମୋତି କଥା ସମସ୍ତେ ଜାଣନ୍ତି । ପୃଥିବୀ ଆଗକୁ ବଢ଼ିଛି କି ପଛକୁ ଗଡ଼ିଛି ତାହା ମାପିବା ପାଇଁ ଏହା ଆମର ଏକ ପ୍ରକାର ମାପକାଠି । ଦେଖନ୍ତୁ ତ ରାମରାଜ୍ୟର ଏହି ମୋତି ଥାଳିଆ ପଡ଼ିଛି, କିନ୍ତୁ କେହି ତାହା ଆଡ଼କୁ ଅନାଉ ନାହିଁ । ପ୍ରହରୀ ଭଳି ସାମାନ୍ୟ ଲୋକ ମଧ୍ୟ ଲୋଭ କରୁ ନାହିଁ । କିନ୍ତୁ ଆପଣଙ୍କର ଚାରୋଟି ଉତ୍ତମ ପୁରୁଷ ସେଥିରୁ ଗୋଟିଏ ଗୋଟିଏ ମୋତି ଚୋରି କରି ନେଇଥିଲେ । ମନ୍ତ୍ରୀ ଦୁଇଟି ଏବଂ ଆପଣଙ୍କର ଭାଇ ତରବାରି ଦେଖାଇ ଚାରିଗୋଟି ମୋତି ନେଇ ଯାଇଥିଲେ । ରାଣୀ ଆଠଟି ମୋତି ନେଇଛନ୍ତି ଏବଂ ଆଉ ଦଶଟି ମୋତି ପାଇଁ ଜିଦ୍ କରିଥିଲେ ଏବଂ ଆପଣ ମଧ୍ୟ ମୋତି କାହାର ଏବଂ କ'ଣ ପାଇଁ ଆସିଛି କିଛି ନ ପଚାରି ସିଧା ବ୍ୟକ୍ତିଗତ ରାଜକୋଷରେ ରଖିଦେବା ପାଇଁ କହିଥିଲେ ।''

ତା'ପରେ ଭାଟକୁ ଚାହିଁ କାଉଟି କହିଲା : ''କୁହ କବି, ଏହାକୁ ରାମରାଜ୍ୟ କୁହାଯାଇ ପାରିବ ? ଏହା ରାଜା ରାମଙ୍କର ଦରବାର ଅଟେ କି ?''

କେହି କିଛି କହିଲେ ନାହିଁ ।

ରାଜା ଦେଖିଲେ ମୋତିଭରା ଥାଳିଆ ସେଠି ନାହିଁ । ସେ ପାଟି କଲେ : ''ଆରେ, ଥାଳିଆ ଗଲା କୁଆଡ଼େ ? ମୋତି କୁଆଡ଼େ ଉଭେଇ ଗଲା !''

କାଉ ହସି ଦେଇ, କହିଲା : ''ରାଜା, ସେଗୁଡ଼ିକ ରାମରାଜ୍ୟର ମୋତି ଥିଲା । ଲୋଭର ସ୍ପର୍ଶ ପାଇ ଉଭେଇ ଗଲା ।'' ଏତିକି କହି କାଉ ଉଡ଼ିଗଲା ।

ଅନୁସୃଜନ : ଡଃ ରେଣୁକା ଶ୍ରୀରାମ ସୋନି ❑

### ଭ୍ରମ ସଂଶୋଧନ

ବିଗତବର୍ଷ ଡିସେମ୍ବର, ୨୦୨୩ ନବପ୍ରକାଶ ସଂଖ୍ୟାର 'ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ' ଶୀର୍ଷକ ପ୍ରବନ୍ଧରେ ପୃଷ୍ଠା ୯ ର ପ୍ରଥମ ସ୍ତମ୍ଭ, ଦ୍ୱିତୀୟ ପାରାରେ 'ମନୁଷ୍ୟ ଯେପରି ଆପଣା ଯଥାର୍ଥ ସତ୍ତା ବିଷୟରେ ଅଧିକରୁ ଅଧିକ ସଚେତନ ହେବ ଏବଂ ତା'ର ଜୀବନର ମାନରେ ଯେପରି ଅଭିବୃଦ୍ଧି ଘଟିବ ସେ ଦିଗରେ ଅନୁକୂଳ ପରିବେଶମାନ ଯୋଗାଇ ଦିଆଯିବା ଉଚିତ ।' – ଏହି ବାକ୍ୟଟିରେ ରେଖାଙ୍କିତ ଅଂଶଟି ବାଦ୍ ପଡ଼ି ଯାଇଛି । ଏହାକୁ ସଂଶୋଧନ କରି ପଢ଼ିବାକୁ ଅନୁରୋଧ । ମୁଦ୍ରଣ ଜନିତ ତ୍ରୁଟି ମାର୍ଜନୀୟ ।

# ଜନ୍ମାନ୍ତର ପ୍ରହେଳିକା

(**ମନୋଜ ଦାସ**ଙ୍କ ସହ ପ୍ରଶ୍ନୋତ୍ତର)

• **ପ୍ରଶ୍ନ :** ମଣିଷ ପଶୁ ରୂପେ ପୁନର୍ଜନ୍ମ ଗ୍ରହଣ କରିପାରେ କି ?

*ପ୍ରଥମ ଜିଜ୍ଞାସୁ : ଆପଣ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ବୋଲି ଆମେ ଜାଣୁ । ମୁଁ ମଧ୍ୟ ବିଶ୍ୱାସ କରେ । କିନ୍ତୁ ସତକଥା କହିଲେ ମୋ ବିଶ୍ୱାସ ମଝେ ମଝେ ଉଭେଇଯାଏ । ପୁନର୍ଜନ୍ମ ଅଛି ବୋଲି କିଛି ପ୍ରମାଣ ମିଳନ୍ତା ନାହିଁ ?*

**ଉତ୍ତର :** ଯାହା ପ୍ରକୃତ ବିଶ୍ୱାସ, ତାହା ପ୍ରମାଣ-ସାପେକ୍ଷ ନୁହେଁ । ଯେଉଁ ବିଶ୍ୱାସ ମଝେ ମଝେ ଉଭେଇଯାଇ ପାରେ, ତାହା ହାଲୁକା, ମାନସିକ ବିଶ୍ୱାସ ।

*ଉପପ୍ରଶ୍ନ : ବିଶ୍ୱାସର ବି ପ୍ରକାର ଭେଦ ଅଛି ?*

ଉତ୍ତର : ଅବଶ୍ୟ ଅଛି । ବିଶ୍ୱାସର ବହୁ ସ୍ତର ରହିଛି; ସବୁ ବିଶ୍ୱାସର ଭିତ୍ତି ମଧ୍ୟ ସମାନ ନୁହେଁ । ତାହା ଏକ ଭିନ୍ନ ଏବଂ ବ୍ୟାପକ ବିଷୟ । ଆପଣ ପୁନର୍ଜନ୍ମ ପ୍ରସଙ୍ଗର ଅବତାରଣା କରିଛନ୍ତି । ସେହି ପରିପ୍ରେକ୍ଷୀରେ ମୁଁ ମାତ୍ର ଦୁଇ ପ୍ରକାର ବିଶ୍ୱାସ କଥା କହୁଛି; ପ୍ରକୃତ ବା ଆତ୍ମିକ ବିଶ୍ୱାସ ଏବଂ ଅସ୍ଥାୟୀ ମାନସିକ ବିଶ୍ୱାସ ।

ଅସ୍ଥାୟୀ ମାନସିକ ବିଶ୍ୱାସ ଏକ ସାଧାରଣ ଅଭିଜ୍ଞତା । ବର୍ଷକ ତଳେ ଜଣକୁ ଆପଣ ସାଧୁ ସଜ୍ଜନ ଭାବରେ ବିଶ୍ୱାସ କରୁଥିବେ; ଆଜି ଦେଖିବେ ସେ ସଇତାନ ଗୋଷ୍ଠୀର ସଦସ୍ୟଟିଏ । ଆପଣଙ୍କ ବିଶ୍ୱାସ ବଦଳିଯିବ । ମନ, ବୁଦ୍ଧି, ଆବେଗ, ଏପରିକି ଗଭୀର ଅନୁସନ୍ଧାନ ମାଧ୍ୟମରେ ମଧ୍ୟ ଆପଣ ଯେଉଁ ବିଶ୍ୱାସରେ ଉପନୀତ ହୋଇଥିବେ, ତାହା ଭୁଲ୍ ବୋଲି ମୁହୂର୍ତ୍ତକ ଭିତରେ ପ୍ରମାଣ ହୋଇଯାଇ ପାରେ ।

କିନ୍ତୁ ପ୍ରକୃତ ବା ଆତ୍ମିକ ବିଶ୍ୱାସର ଚରିତ୍ର ଭିନ୍ନ । ତାହା ସ୍ୱୟଂସିଦ୍ଧ । ଶିଶୁର ଚେତନାରେ ନିଜ ମାଆ ଉପରେ ବିଧିଦତ୍ତ ଯେଉଁ ପରିପୂର୍ଣ୍ଣ ଆସ୍ଥା, ତାହାରି ସମତୁଲ ବିଶ୍ୱାସ ହେଲା ଆତ୍ମିକ ବିଶ୍ୱାସ । ମାଆ ଉପରେ ଶିଶୁର ବିଶ୍ୱାସ ସହଜାତ ପ୍ରବୃତ୍ତି; ଶିଶୁର ସର୍ବନିମ୍ନ ବିକାଶ ନିମନ୍ତେ ସେ ବିଶ୍ୱାସ ଅପରିହାର୍ଯ୍ୟ । କିନ୍ତୁ ସେହି ପର୍ଯ୍ୟାୟର ବିଶ୍ୱାସ ପୂର୍ବଜନ୍ମାର୍ଜିତ ଅଭିଜ୍ଞତାର ଫଳ ହୋଇଥାଇ ପାରେ । ଆପଣ ଭଗବାନ୍ କୁହନ୍ତୁ, ଈଶ୍ୱର କୁହନ୍ତୁ ବା ଅନ୍ୟ ଯେକୌଣସି ଶବ୍ଦ ବ୍ୟବହାର କରନ୍ତୁ, ଏକ ସଚେତନ ମହାଶକ୍ତି, ଏକ ଅମାପ, ଅନିର୍ବଚନୀୟ ଚେତନା ଏ ସମଗ୍ର ସୃଷ୍ଟି ପଶ୍ଚାତରେ ବିଦ୍ୟମାନ, ପୁଣି ଓତପ୍ରୋତ ଭାବେ ସୃଷ୍ଟି ଭିତରେ ନିହିତ – ଯଦି ଏହି ବିଶ୍ୱାସ ଆପଣଙ୍କର ଅଛି ବୋଲି ଆପଣ ଜାଣନ୍ତି, ତେବେ ତାହା ପୂର୍ବଜନ୍ମ ସମୂହର ଅଭିଜ୍ଞତାର ନିର୍ଯାସ ହୋଇପାରେ ।

ବର୍ତ୍ତମାନ ଆପଣଙ୍କ ମୂଳ ପ୍ରଶ୍ନକୁ ଆସିବା । ପୁନର୍ଜନ୍ମରେ ବିଶ୍ୱାସ ସେହିଭଳି ଏକ ସ୍ୱତଃସ୍ଫୂର୍ତ୍ତ, ପୂର୍ବାର୍ଜିତ ବିଶ୍ୱାସ । ତାହା ପ୍ରମାଣ ଉପରେ ବା ଯୁକ୍ତି ଉପରେ ନିର୍ଭର କରେନା । ଯୁକ୍ତି ଅବଶ୍ୟ ଅଛି; ମୋର ବୁଦ୍ଧି ଆପଣଙ୍କଠାରୁ କମ୍ କାହିଁକି, କିନ୍ତୁ ମୋର ଅନୁଭବ ଶକ୍ତି ଆପଣଙ୍କଠୁଁ ଅଧିକ ପ୍ରଖର କାହିଁକି ? ଆପଣ କାହିଁକି ସାହସୀ, ମୁଁ କାହିଁକି ନୁହେଁ ? ପୂର୍ବଜନ୍ମ ବା ଜନ୍ମ ଜନ୍ମାନ୍ତର ବ୍ୟାପୀ ଅବ୍ୟାହତ ଭିନ୍ନ ଭିନ୍ନ ବିକାଶ ଧାରାର ଭୂମିକା ବିନା ଏହା ବୁଝାଇ ହେବ ନାହିଁ । କିନ୍ତୁ ଜଣେ ଯଦି ଯୁକ୍ତି ପାଇଁ ଯୁକ୍ତି କରିବ, ତେବେ ସେ ଏହି ସାଧାରଣ ଜ୍ଞାନ-ସମ୍ମତ ତତ୍ତ୍ୱକୁ ମଧ୍ୟ ଖଣ୍ଡନ କରିପାରେ ।

*ଦ୍ୱିତୀୟ ଜିଜ୍ଞାସୁ : ମନେ ପଡୁଛି, ଆମ ମୂଳକରେ ଜଣେ ଧନୀ ଅଥଚ ଭୀଷଣ କୃପଣ ବ୍ୟକ୍ତି ଥିଲା । ସେ ଯେଉଁଦିନ ମଲା, ସେହିଦିନ ତା' କୁକୁରୀର ଛୁଆ ହେଲା । ଟିକିଏ ବଡ଼ ହେବା ପରେ ସେ କୁକୁର ଛୁଆ ଘରର ଗୋଟାଏ କୋଣରେ ଯାଇ ଶୋଇ ରହେ । ଯେତେ ତଡ଼ିଲେ ମଧ୍ୟ ସେ ବାରଂବାର ସେହି ସ୍ଥାନକୁ ପଳେଇବ । ସେଇଠି କୁଆଡ଼େ କୃପଣଟି ବହୁତ ଟଙ୍କା ପୋତି ରଖିଥିଲା । କୁକୁର ରୂପେ ଜନ୍ମ ହୋଇ ସେ ସେହି ଟଙ୍କା ଜଗିବାକୁ ଉତ୍ସୁକ ଥାଏ । ଏହା ସତ ହୋଇପାରେ ?*

**ଉତ୍ତର :** ଆପଣ ଗୋଟାଏ ଜନପ୍ରିୟ ଲୋକକଥାର ଅପଭ୍ରଂଶ ଶୁଣିଛନ୍ତି ବୋଲି ମୋର ମନେହୁଏ । ସଂକ୍ଷେପରେ : ଜଣେ ଗୁରୁଙ୍କ ପାଖରେ ରହୁଥିଲେ କେତେଜଣ ଯୋଗ-ଶିକ୍ଷାର୍ଥୀ । ଜଣକର ନାମ ଧରନ୍ତୁ ସୁଜନ । ଗୁରୁ ତା' ଭିତରେ ବେଶ୍ ପ୍ରତିଶ୍ରୁତି ନିହିତ ଥିବାର ଲକ୍ଷ୍ୟ କରୁଥିଲେ । ସେ ଯୁବକ

ମଧ୍ୟ ତା' ଜୀବନ ସାଧନାରେ ଉତ୍ସର୍ଗ କରି ଗୁରୁଙ୍କ ଆଶ୍ରମରେହିଁ ରହିବ ବୋଲି ସିଦ୍ଧାନ୍ତ ନେଇଥାଏ ।

ହଠାତ୍ ଖବର ମିଳିଲା ତା' ମାଆ ମୃତ୍ୟୁଶଯ୍ୟାରେ । ସୁଜନ ଘରକୁ ଗଲା, କିନ୍ତୁ କେଇମାସ ପରେ ଖବର ପଠାଇଲା କି ମାଆର ଶେଷ ଇଚ୍ଛା ପୂରଣ ଦିଗରେ ତା'ର କର୍ତ୍ତବ୍ୟ ଦୃଷ୍ଟିରୁ ସେ ବିଭା ହେବାକୁ ବାଧ୍ୟ ହୋଇଛି । ମାଆ କିନ୍ତୁ ରୋଗଶଯ୍ୟାରୁ ଉତ୍ତୀର୍ଣ୍ଣ ହେଲେ ନାତି ମୁହଁ ଦେଖି ତତ୍ପରେ ଆଖି ବୁଜିବେ ବୋଲି ନୂତନ ଇଚ୍ଛା ବ୍ୟକ୍ତ କଲେ । ଅଗତ୍ୟା ସୁଜନ ଗୁରୁଙ୍କ ପାଖକୁ ସନ୍ଦେଶ ପଠାଇଲା : ମାଆ ଶେଷ ନିଃଶ୍ୱାସ ତ୍ୟାଗ କରିବା ମାତ୍ରେ ସେ ସ୍ତ୍ରୀ ହାତରେ ଘର ସମର୍ପି ଦେଇ ଆଶ୍ରମ ଚାଲିଯିବ । ବିତିଗଲା ଆଉ ଛଅ ମାସ । ଗୁରୁ ତାଙ୍କ ପଟ୍ଟଶିଷ୍ୟ ଆନନ୍ଦାନନ୍ଦଙ୍କୁ ପଠାଇଲେ ତାକୁ ନେଇ ଆସିବା ପାଇଁ । କିନ୍ତୁ ସେତେବେଳକୁ ତା'ର ସ୍ତ୍ରୀ ଅନ୍ତଃସତ୍ତ୍ୱା । ସେ ଜବାବ ଦେଲା ସନ୍ତାନଟି ନିରାପଦରେ ଜନ୍ମ ହେବା ମାତ୍ରେ ସେ ଚାଲିଯିବ । ପରେ ପରେ ତା' ମାଆ ଏବଂ ତେଣେ ଗୁରୁ ଉଭୟେ ପରଲୋକ ଗଲେ । କିନ୍ତୁ ଗୁରୁ ଆନନ୍ଦାନନ୍ଦଙ୍କୁ କହିଗଲେ, ''ବାବା, ସୁଜନର ଚେତନା ଗୋଟାଏ ଦିଗରୁ ଖୁବ୍ ବିକଶିତ । ତାକୁ ପାଶୋରି ଦେବୁ ନାହିଁ । ଦିନେ ନା ଦିନେ ସେ ମୋହମୁକ୍ତ ହେବା ଚାହି ।''

ଦୁଇ ବର୍ଷ ପରେ ତୀର୍ଥରୁ ଫେରିବା ପଥରେ ଆନନ୍ଦାନନ୍ଦ ସୁଜନ ଘରେ ଅଟକିଲେ । ସୁଜନର ଆନନ୍ଦର ସୀମା ନାହିଁ କି ଗ୍ଲାନିବୋଧର ସୀମା ନାହିଁ । ଆନନ୍ଦର ଦୁଇଟି ହେତୁ; ତା'ର ଏକ ପୁତ୍ର ସନ୍ତାନ ହୋଇଛି, ତାହା ପ୍ରଥମ ହେତୁ । ସନ୍ନ୍ୟାସୀ ଆନନ୍ଦାନନ୍ଦ ତାକୁ ଆଶୀର୍ବାଦ କରିବେ, ତାହା ଦ୍ୱିତୀୟ ହେତୁ । ଗୁରୁଭାଇଙ୍କ ସହ ଦେଖା ହେବାର ଆନନ୍ଦ ଅବଶ୍ୟ ଥିଲା, କିନ୍ତୁ ସେ ଆନନ୍ଦକୁ ମ୍ଳାନ କରି ଦେଇଥିଲା ଗ୍ଲାନିବୋଧ — ସେ ନିଜେ ସନ୍ନ୍ୟାସ ଜୀବନରୁ ଓହରି ଆସିଥିବା ଯୋଗୁଁ ଏବଂ ଗୁରୁଙ୍କୁ ଦେଇଥିବା ପ୍ରତିଶ୍ରୁତି ଭଙ୍ଗ କରିଥିବା ଯୋଗୁଁ ।

''ଭାଇ ଆନନ୍ଦାନନ୍ଦ, ମୋତେ ଆଉ କିଛିଦିନ ସମୟ ଦିଅ । ପୁଅକୁ ଯେତେବେଳେ ସଂସାରକୁ ଆଣିଛି, ସେ ଟିକିଏ ବଡ଼ ନ ହେଲେ ତାକୁ ଛାଡ଼ିଯିବା ଅନ୍ୟାୟ ହେବ ।'' ଯୁକ୍ତି ଦେଲା ସୁଜନ ।

ଆନନ୍ଦାନନ୍ଦ ଦୀର୍ଘଶ୍ୱାସ ଛାଡ଼ି ବିଦାୟ ନେଲେ । ଦଶ ବର୍ଷ ପରେ ସେ ଜଣେ ଦୂତ ପଠାଇଲେ । ସୁଜନ ସେତେବେଳକୁ ଏକ କନ୍ୟା-ପିତା ମଧ୍ୟ ।

''ଆନନ୍ଦାନନ୍ଦଙ୍କୁ ଜଣାଇବ, କନ୍ୟା ଜନ୍ମ ଯେତେବେଳେ ଦେଇଛି, ସେତେବେଳେ ତାକୁ ବିଭା ନ ଦେଇ ଚାଲିଯିବା ଘୋର ଅଧର୍ମ ହେବ ।'' ସେ ନମ୍ର ଭାବରେ ଜଣାଇଲା । ସେତେବେଳକୁ ସେ ବ୍ୟବସାୟ କରି ବଡ଼ କୋଠା ମଧ୍ୟ ତୋଳି ସାରିଲାଣି ।

ବିତିଗଲା ଆଉ ଏକ ଦଶନ୍ଧି । ପୁନର୍ବାର ତୀର୍ଥ-ପ୍ରତ୍ୟାବର୍ତ୍ତନ ପଥରେ ସ୍ୱୟଂ ଆନନ୍ଦାନନ୍ଦ ଆସି ସୁଜନ ଘରେ ପହଞ୍ଚିଲେ । କିନ୍ତୁ ସେତେବେଳକୁ ସୁଜନ ପରପାରିକୁ ଗଲାଣି । ପୁଅ ଯୁବକ ଏବଂ ସମୃଦ୍ଧ । ବାପାଙ୍କଠୁଁ ତାଙ୍କ ପ୍ରାକ୍-ବୈବାହିକ ଜୀବନର ବୃତ୍ତାନ୍ତ ତଥା ବାପା ଯଥାଶୀଘ୍ର ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବାରବାଂର କହୁଥିବାର ମଧ୍ୟ ସେ ଶୁଣିଛି । ସେ ଆନନ୍ଦାନନ୍ଦଙ୍କୁ ବିପୁଳ ସମ୍ମାନ ସହକାରେ ଅଭ୍ୟର୍ଥନା କଲେ ।

ଆନନ୍ଦାନନ୍ଦ ବିମର୍ଷ ଅନୁଭବ କରୁଥା'ନ୍ତି — ଯେହେତୁ ସେ ଗୁରୁଙ୍କ ଇଚ୍ଛା ପୂରଣ କରିପାରିଲେ ନାହିଁ । ସୁଜନକୁ ଆଶ୍ରମକୁ ଫେରାଇ ନେଇ ପାରିଲେ ନାହିଁ । କିନ୍ତୁ ସେ ଲକ୍ଷ୍ୟ କଲେ, ସେ ପହଞ୍ଚିବା ମାତ୍ରେ କୁକୁରଟିଏ ଭାରି ସରାଗରେ ଉଦ୍ଦାମ ରୀତିରେ ଲାଞ୍ଜ ଆନ୍ଦୋଳନ କରି ତାଙ୍କ ସାନ୍ନିଧ୍ୟ ଲୋଡ଼ୁଥାଏ । ଗୃହସ୍ଥ ତାକୁ ତଡ଼ିଲେ ମଧ୍ୟ ସେ ଯାଉ ନଥାଏ ।

ଜଣେ ସନ୍ନ୍ୟାସୀ ଗୃହସ୍ଥର ଘର ଭିତରେ ଶୋଇବା ପରମ୍ପରା ବିରୋଧୀ ବୋଲି ଆନନ୍ଦାନନ୍ଦଙ୍କ ପାଇଁ ବାରନ୍ଦାରେ ଖଟ ପକାଇ ବିଶ୍ରାମର ବ୍ୟବସ୍ଥା କରାଗଲା । କୁକୁର ମଧ୍ୟ ଖଟ ତଳେ ଶୋଇଲା ।

ଧ୍ୟାନ-ନିଦ୍ରାରେ ଆନନ୍ଦାନନ୍ଦ ସେ କୁକୁରର ପରିଚୟ ପାଇଲେ । ସୁଜନହିଁ ମୃତ୍ୟୁ ପରେ କୁକୁର ଜନ୍ମ ନେଇ ତା' ସମୃଦ୍ଧ ପୁତ୍ରର ସମ୍ପତ୍ତି ଜଗିଛି !

କେଇ ବର୍ଷ ଉତ୍ତାରୁ ଆନନ୍ଦାନନ୍ଦ ତୀର୍ଥାଟନ ଅନ୍ତେ ପୁଣି ସେହି ରାସ୍ତାରେ ଫେରୁଥା'ନ୍ତି । ପରଲୋକଗତ ଗୁରୁ-ଭାଇ ଘରକୁ ଯିବାର ଆଗ୍ରହ ତାଙ୍କର ନଥିଲା । ତେବେ ବାଟରେ ସୁଜନ-ପୁତ୍ରଟି ସହ ସାକ୍ଷାତ୍ ହୋଇଗଲା ଏବଂ ଯୁବକର ଅନୁରୋଧ ଏଡ଼ାଇ ନପାରି ସେ ତାହା ଘରେ ରାତ୍ରିଯାପନ କଲେ । ଶୁଣିଲେ, କୁକୁରଟି ମରିଗଲାଣି ।

ତାଙ୍କର କୌତୂହଳ ହେଲା ଅଦମ୍ୟ । କୁକୁର ଜନ୍ମ ଅନ୍ତେ ସୁଜନର ସତ୍ତାର ହେଲା କ'ଣ ? ସେ ଧ୍ୟାନସ୍ଥ ହେଲେ । ଜାଣିଲେ, ଗୋଟାଏ ବିଷାକ୍ତ ଗୋଖର ରୂପେ ଜନ୍ମନେଇ ସେ

ପୁଅର ସିନ୍ଦୁକ ଭିତରେ ରହିଛି — ତହିଁ ସ୍ଥାନିତ ବିତ୍ତକୁ ସମ୍ଭାବ୍ୟ ଚୋର କବଳରୁ ରକ୍ଷା କରିବା ନିମନ୍ତେ ।

ପ୍ରଭାତ ହୁଅନ୍ତେ ଆନନ୍ଦାନନ୍ଦ ସୁଜନ-ପୁତ୍ରକୁ କହିଦେଲେ — ଘର ସିନ୍ଦୁକ ଭିତରେ ରହିଛି ଭୟାବହ ବିପଦ । ଯୁବକ ଲୋକବାକ ଠୁଳ କରି ସତର୍କଭାବେ ସିନ୍ଦୁକ ଖୋଲି ଗୋଖରଟିକୁ ନିଧନ କରୁଥା'ନ୍ତି, ଏଣେ ଆନନ୍ଦାନନ୍ଦ ଧ୍ୟାନରେ ବସି ତା'ର ସଦ୍‌ଗତିର ବ୍ୟବସ୍ଥା କରୁଥା'ନ୍ତି — ଯେମିତିକି ପୁନର୍ବାର ମନୁଷ୍ୟ ଜନ୍ମ ପାଇ ସେ ତା'ର ଅପୂର୍ଣ୍ଣ ଆଧ୍ୟାତ୍ମିକ ଅଭୀପ୍ସା ଅନୁସରଣ କରିବ ।

କାହାଣୀଟିର ଦୁଇ ତିନୋଟି କିଞ୍ଚିତ୍ ଭିନ୍ନ ରୂପ ରହିଛି — କିନ୍ତୁ ମର୍ମ ଅଭିନ୍ନ ।

*ଜିଜ୍ଞାସୁମାନେ : ଆପଣଙ୍କଠାରୁ କାହାଣୀଟିଏ ଆଦାୟ କରି ନେଲୁଁ । ଆମେ କୃତଜ୍ଞ । ତେବେ ଏହା ସମ୍ଭବ ?*

**ଉତ୍ତର :** କେଉଁ ସମ୍ଭାବନା କଥା କହୁଛନ୍ତି ?

*ପ୍ରଥମ ଜିଜ୍ଞାସୁ : ମାନେ — ଯାହା ଘଟିଲା — ସୁଜନ କୁକୁର ଏବଂ ପରେ ଗୋଖର ରୂପେ ଜନ୍ମ ଗ୍ରହଣ କଲା । ଏହା ସମ୍ଭବ ?*

*ଅନ୍ୟ ଜଣେ ଜିଜ୍ଞାସୁ : ମୋର ପ୍ରଶ୍ନ ଭିନ୍ନ । ସୁଜନ ଭିତରେ ଆଧ୍ୟାତ୍ମିକ ଚେତନା ଥିଲା ବୋଲି ଗୁରୁ ତାକୁ ଆଦର କରୁଥିଲେ — ତା' ପ୍ରତି ତାଙ୍କର ଦାୟିତ୍ୱ ଅଛି ବୋଲି ମନେକରୁ ଥିଲେ । ସେମିତି ଚେତନା ଥାଇ ଜଣେ ପଛକୁ ଫେରି ମାମୁଲି ଜୀବନ ଆଦରି ନେଲା । ଏହା ସମ୍ଭବ ?*

**ଉତ୍ତର :** ପ୍ରଥମ ପ୍ରଶ୍ନର ଉତ୍ତର ହେଲା — ନା, ସମ୍ଭବ ନୁହେଁ । ଦ୍ୱିତୀୟ ପ୍ରଶ୍ନର ଉତ୍ତର — ଅବଶ୍ୟ ସମ୍ଭବ । ଥରେ ମଣିଷ ଜନ୍ମ ପାଇବା ପରେ ଜଣକର ପ୍ରକୃତ ସତ୍ତା ପଶୁଜନ୍ମ ଗ୍ରହଣ କରିବା ଅସମ୍ଭବ । ତେବେ ନିଜକୁ ସଂଶୋଧନ କରି ନେଉଛି — ଏ ବ୍ୟାପକ ଅଜଣା ଜଗତରେ ଅସମ୍ଭବ ବୋଲି ବୋଧହୁଏ କିଛି ନାହିଁ । ଭୌତିକ ସୃଷ୍ଟି ସମ୍ପର୍କରେ ଆମେ ସାମାନ୍ୟ କିଛି ଜ୍ଞାନ ଆହରଣ କରିଥାଇଁପାରୁ, କିନ୍ତୁ ଅତିଭୌତିକ, ଅଧିଜୈବିକ ଏବଂ ଅତୀନ୍ଦ୍ରିୟ ଜଗତ୍ ସମ୍ପର୍କରେ ଆମେ କେତେ କ'ଣ ଜାଣୁଁ ?

ସେ ଯାହାହେଉ ପ୍ରଥମ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦଙ୍କ ଲିଖିତ ଚିଠିପତ୍ରରୁ ଯାହା ଜାଣିଛି ତାହା କହୁଛି । ମଣିଷଟିଏ ପଶୁ ରୂପେ ପୁନର୍ଜନ୍ମ ନେବାର ସମ୍ଭାବନା ନାହିଁ । ଅନ୍ୟ ପ୍ରକାର କହିଲେ, ବିକଶିତ ମାନବାତ୍ମା ପୁଣି ପଶୁ କଳେବର ଗ୍ରହଣ କରିବ ନାହିଁ । କିନ୍ତୁ ଆପଣମାନଙ୍କୁ ତ ଅଜଣା ନଥିବ — ଆମ ସମଗ୍ର ଚେତନାର ଏକ ଅଂଶ ବା ଉପାଦାନ ହେଲା ଆତ୍ମା । ତାହାହିଁ ଆମ ଚେତନାରେ ସଚେତନ ଦିବ୍ୟ ସତ୍ତା । ହଁ — ସଚେତନ ଦିବ୍ୟ ସତ୍ତା । ସବୁ କିଛିହିଁ ଦିବ୍ୟ, କିନ୍ତୁ ସବୁକିଛି ସଚେତନ ନୁହନ୍ତି । ଆତ୍ମାହିଁ ଆମର ପ୍ରକୃତ ସତ୍ତା । ଯାହା ବୁଝାଇବାକୁ ଚାହୁଁଥିଲି, ଆତ୍ମା ବ୍ୟତୀତ ମଧ୍ୟ ଚେତନାରେ ସନ୍ନିବିଷ୍ଟ ମୁଖ୍ୟତଃ ପ୍ରାଣ ଏବଂ ମନ । ମୃତ୍ୟୁ ପରେ ପ୍ରାଣ ସତ୍ତାଟି କିଛି କାଳ ତା'ର ପରିଚିତ ଅନ୍ତରଙ୍ଗ ବାତାବରଣରେ ରହେ । ଯେଉଁ ପ୍ରାଣସତ୍ତା ଅତ୍ୟନ୍ତ ଅବିକଶିତ, ଲୋଭ ଏବଂ ଆସକ୍ତି-ଜର୍ଜରିତ, ସେ ପ୍ରାଣସତ୍ତା ଅବସ୍ଥା ବିଶେଷରେ କୌଣସି ପଶୁର ଚେତନାରେ ପ୍ରବିଷ୍ଟ ହୋଇ ନିଜର ପଶୁସୁଲଭ ବାସନା ଚରିତାର୍ଥ ଦିଗରେ ପ୍ରୟାସୀ ହୋଇପାରେ । ତେବେ ଖୁବ୍ ବେଶୀ ଦିନ ପାଇଁ ନୁହେଁ ।

ପ୍ରଚଣ୍ଡ ଲୋଭୀ ଲୋକଟିଏ ମୃତ୍ୟୁ ପରେ ସାପ ହୋଇ ଜନ୍ମଗ୍ରହଣ କରେ ବୋଲି ଗୋଟାଏ ବିଶ୍ୱାସ ପ୍ରଚଳିତ ଅଛି । ତାହା ଅନ୍ଧବିଶ୍ୱାସ ବୋଲି ଶ୍ରୀଅରବିନ୍ଦ ଜଣେ ସନ୍ଧିତ୍ସୁର ପତ୍ରର ଉତ୍ତରରେ ସ୍ପଷ୍ଟ ଭାବରେ ଲେଖିଛନ୍ତି । ସାଧୁ, ସନ୍ଥ କଥିତ ଅନେକ କାହାଣୀ ଭଳି ଏ କାହାଣୀଟି ମଧ୍ୟ ପ୍ରତୀକାତ୍ମକ ।

('ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର'ରୁ ସଂଗୃହୀତ, ପୃ. ୨୧-୨୬) ❑

ଏକ ଅବିଚଳିତ ବିଶ୍ୱାସ ହେଉଛି ଦିବ୍ୟ ସଂକଳ୍ପର ଉପସ୍ଥିତିର ଏକ ନିଦର୍ଶନ, ଯାହା ଘଟିବ ତା'ର ଏକ ପ୍ରମାଣ ।

— ଶ୍ରୀମା

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646


Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 2**
Navaprakash (Monthly), February, 2024
**Date of Posting : 7th, 8th of every month**

**R.N.I. No. 18163/70.**
Registration No. PY/51/2024-26
**Licenced to Post without prepayment**
TN/PMG(CCR)/WPP-63/2024-26

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One and Two) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପୂର୍ବାର୍ଦ୍ଧ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୪୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୫୦୦/-** ରଖାଯାଇଛି ।

### ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**